
ଅକ୍ଟୋବର - ୧୦ - ୨୦୨୧
ପ୍ରଥମ - ସଂକଳନ
ମହ୍ଲାର
ଇ-ପତ୍ରିକା
ସଂକଳକ
ଶିଶିର କୁମାର ସାମଲ
Www.MalharOdia.Info



**ୟା ଦେବୀ ସର୍ବ ଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା,**
**ନମଃ ତସ୍ତୈୟା, ନମଃ ତସ୍ତୈୟା ନମଃ ତସ୍ତୈୟା ନମୋ ନମ୍ହା**

## ' ମହ୍ଲାର ଇ -ପତ୍ରିକା ' ତରଫରୁ ଶାରଦୀୟ ଦୁର୍ଗାପୂଜା ର ହାର୍ଦ୍ଦିକ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା



ଶିଶିର କୁମାର ସାମଲ
( ମୁଖ୍ୟ ସମ୍ପାଦକ - "ମହ୍ଲାର ଇ-ପତ୍ରିକା" )



ସୁପ୍ରିୟା ପରିଡ଼ା
( ସହ ସମ୍ପାଦିକା - "ମହ୍ଲାର ଇ-ପତ୍ରିକା" )

# ମହ୍ଲାର

'**ମହ୍ଲାର**' ଏହା ଏକ ସମ୍ପୂର୍ଣ୍ଣ ଓଡ଼ିଆ ପତ୍ରିକା ,

ଓଡିଶା ତଥା ଓଡ଼ିଶା ବାହାରେ ରହୁଥିବା ସମସ୍ତ ଓଡ଼ିଆ ପ୍ରେମୀ ମାନଙ୍କ ନିମନ୍ତେ ଏହା ଇ-ବୁକ/ ପି.ଡି.ଏଫ ଫର୍ମାଟରେ ଉପଲବ୍ଧ ..

ଓଡ଼ିଶାରେ ଏମିତିବି କିଛି ଲେଖକ / ଲେଖିକା ଅଛନ୍ତି , ଯେଉଁମାନଙ୍କ ଇଚ୍ଛାଶକ୍ତି ଅର୍ଥ ଆଗରେ ହାର ମାନୁଛି , ସେମାନଙ୍କ ଇଛା ଶକ୍ତିକୁ ସମ୍ମାନ ଜଣେଇ ଆମେ ସେମାନଙ୍କ ନିକଟରେ ଆମର ଏ ଛୋଟ ପ୍ରୟାଶ ' ମହ୍ଲାର ' କୁ ଭେଟି ଦେଉଛୁ ..

ଏହା ସମ୍ପୂର୍ଣ ମାଗଣା , ଏଥିପାଇଁ ଆପଣଙ୍କୁ କିଛି ବି ଅର୍ଥ ଦେବାକୁ ପଡ଼ିବନି ପ୍ରତିମାସ ଏହାର ଗୁଗଲ-ଫର୍ମ ଟି ଆପଣଙ୍କୁ ପଠେଇ ଦିଆଯିବ.. ସେହି ଫର୍ମାଟ ମାଧମରେ ଆପଣ ଆପଣଙ୍କ ଲେଖାକୁ ଆମ ନିକଟକୁ ପଠାଇ ପାରିବା ସହ ଆପଣଙ୍କ ପ୍ରିୟଜନଙ୍କ ଲେଖାକୁ ମଧ୍ୟ ଆମ ନିକଟକୁ ପଠେଇବାରେ ସହାୟକ ହେବେ ....

ଆମେ ଆପଣଙ୍କ ଲେଖାକୁ ସମସ୍ତ ଓଡ଼ିଆ ପାଠକ /ପାଠିକା ଙ୍କ ନିକଟରେ ବିନା ମୂଲ୍ୟରେ ପହଁଚାଇ ଆପଣଙ୍କୁ ଜଣେ ଲୋକପ୍ରିୟ ଲେଖକ / ଲେଖିକା ର ସ୍ଥାନ ଦେବା ହିଁ ଆମର ମୁଖ୍ୟ ଉଦ୍ୟେଶ ....


**<u>ଯୋଗାଯୋଗ :</u>**

**ପ୍ଲଟ ନଂ – ୧୭୪, ଡିଷ୍ଟ୍ରିକସେଣ୍ଟର , ଚନ୍ଦ୍ରଶେଖରପୁର**

**ଭୁବନେଶ୍ୱର, ଓଡ଼ିଶା , ୭୫୧୦୧୬**

**ଫୋନ :** +୯୧ ୮୪୮୦୧୭୬୩୮୮

**ଇ-ମେଲ : Malharmagazine@gmail.com**

**ୱେବ-ସାଇଟ : Www.MalharOdia.Info**

# ସୂଚୀ ପତ୍ର


| | | | |
|---|---|---|---|
| ୧) | ରାକେଶ କୁମାର ସାହୁ | ରାକ୍ଷୀ ଭିଜି ଗଲା ଆଖି ଲୁହରେ | (କବିତା) |
| ୨) | ନିହାର ରଞ୍ଜନ ପ୍ରଧାନ | ପ୍ରତିଲିପିର ପାଦଚିହ୍ନ | (ଗଳ୍ପ, କାହାଣୀ) |
| ୩) | ନିହାର ରଞ୍ଜନ ପ୍ରଧାନ | ବାରିପଟ ଝର୍କା | (ଗଳ୍ପ, କାହାଣୀ) |
| ୪) | ଦୀପଙ୍କର ଦାସ | କଳଙ୍କିନୀ | (ଗଳ୍ପ, କାହାଣୀ) |
| ୫) | ବନ୍ଦିତା ମହାନ୍ତି | କୃଷ୍ଣ ପ୍ରେମେ | (କବିତା) |
| ୬) | ଜ୍ଞାନ ରାଉଳ | ଶ୍ୱେତା | (ଗଳ୍ପ, କାହାଣୀ) |
| ୭) | ସ୍ମୃତିରେଖା ସ୍ୱାଇଁ | ସାବାସ ରାଜୁ | (ଶିଶୁ ସାହିତ୍ୟ) |
| ୮) | ଯଶୋଶ୍ରୀ ବେହେରା | ବୋଉ ଲୋ!ମୁଁ ଭଲ ରେ ଅଛି | (ଗଳ୍ପ, କାହାଣୀ) |
| ୯) | ଚିରନ୍‌ଜିବି ସାହୁ | ଅମୃତର ସନ୍ଧାନେ | (ଗଳ୍ପ, କାହାଣୀ) |
| ୧୦) | ଭାବଗ୍ରାହୀ ତ୍ରିପାଠୀ | ମୌସୁମୀ ଦେଇଛି ଚିଠି | (କବିତା) |
| ୧୧) | ସିଦ୍ଧିପ୍ରସାଦ ସାହୁ | ସାରସ୍ୱତ ସମ୍ପର୍କ | (ଗଳ୍ପ, କାହାଣୀ) |
| ୧୨) | ଡ.ପ୍ରିୟବ୍ରତ ସେଠୀ | ପ୍ରିୟକି ହେଲା ଅଯୋଗ୍ୟ | (କବିତା) |
| ୧୩) | ମୃତ୍ୟୁଞ୍ଜୟ ଦାସ | ମୋ ବାଲିଘରେ ତୁଇ ରେ ଜଗନ୍ନାଥ | (କବିତା) |
| ୧୪) | ଡ.ପ୍ରିୟବ୍ରତ ସେଠୀ | ଝିଅ ସେ ସୁଲଭ ଶସ୍ତା ତାର ମନକକ୍ଷ | (କବିତା) |
| ୧୫) | କିଶୋର ଚନ୍ଦ୍ର ଗିରି | ମହାମନ୍ତ୍ର | (କବିତା) |
| ୧୬) | କନକ ମଞ୍ଜରୀ ପଟନାୟକ | କୃଷକ ଭାଇ | (କବିତା) |
| ୧୭) | ନିକୁଞ୍ଜ କୁମାର ଘୋଷ | ଜଙ୍ଗଲ ସୁରକ୍ଷା | (କବିତା) |
| ୧୮) | ଇତୁସ୍ମିତା ବେହେରା | ମୋ ପାଖ ରୁ ତମ ପାଖ ସମ୍ଭବ କି? | (କବିତା) |
| ୧୯) | ଜୀବନ ପ୍ରଦୀପ ପ୍ରଧାନ | ବିରହ | (କବିତା) |
| ୨୦) | ଶରତ ଚନ୍ଦ୍ର ପଣ୍ଡା | ଶରତ | (କବିତା) |
| ୨୧) | ସତ୍ୟରଞ୍ଜନ ସ୍ୱାଇଁ | ଲୁହ | (କବିତା) |

| | | | |
|---|---|---|---|
| ୨୨) | ଲକ୍ଷ୍ମୀଧର ସାହୁ | ସୁଇସାଇଡ ନୋଟ | (ଗଳ୍ପ, କାହାଣୀ) |
| ୨୩) | ନିକୁଞ୍ଜ କୁମାର ଘୋଷ | ମାନବ ସେବା ହିଁ ମାଧବ ସେବା | (କବିତା) |
| ୨୪) | ଜୀବନ ପ୍ରଦୀପ ପ୍ରଧାନ | ଆଜି ମୁଁ ବୋଝ ନୁହେଁ ! | (ଗଳ୍ପ, କାହାଣୀ) |
| ୨୫) | କୃଷ୍ଣ ଚନ୍ଦ୍ର ବାରିକ | ଆସ ବର୍ଷା | (ଗଳ୍ପ, କାହାଣୀ) |
| ୨୬) | ନାରାୟଣ ସେଠି | ସମୟ ସୁଅରେ ନିରୀହ ଜୀବନ | (ଗଳ୍ପ, କାହାଣୀ) |
| ୨୭) | ଅନୀତା ବିଶ୍ୱାଳ | ତୁମେ ଆସ ଫେରି | (କବିତା) |
| ୨୮) | ଜୟଶ୍ରୀ ମହାରଣା | ବାରତା ଦେବୁ | (କବିତା) |
| ୨୯) | ସୁହାଶିନି ପଟନାୟକ | ଏବେ ଏକା ବେସାହାରା | (କବିତା) |
| ୩୦) | ପୂଜା ବାରିକ | ମଶାଣି | (କବିତା) |
| ୩୧) | ନର୍ମଦା ନାୟକ | ଦ୍ୱିତୀୟ ଈଶ୍ୱର | (କବିତା) |
| ୩୨) | ସ୍ମୃତିରାଣୀ ନାୟକ | ଗୁରୁ | (କବିତା) |
| ୩୩) | ସାଗର ସାହୁ | ନିଦହୀନ ରାତି | (ଗଳ୍ପ, କାହାଣୀ) |
| ୩୪) | ଜଗଦୀଶ ଶତପଥୀ | ଆକାଶ | (କବିତା) |
| ୩୫) | ଇତିଶ୍ରୀ ଜାନା | ମାନବିକତା | (ଗଳ୍ପ, କାହାଣୀ) |
| ୩୬) | ଐଶ୍ୱରିୟା ମହାରଣା | ଧରାବତରଣ | (କବିତା) |
| ୩୭) | ସଂଘମିତ୍ରା ପୃଷ୍ଟି | ମୋହିନୀ ଚନ୍ଦ୍ରିକା | (କବିତା) |
| ୩୮) | କ୍ଷିରାବ୍ଧି ଦାଶ | ପୋଡ଼ା ମନର ଗନ୍ଧ | (ଗଳ୍ପ, କାହାଣୀ) |
| ୩୯) | ବାବାଜୀ ଚରଣ ସାହୁ | ଲହରୀ | (କବିତା) |
| ୪୦) | ବିଭୂତି କୁମାର ପଣ୍ଡା | ପ୍ରଥମ ପ୍ରେମ | (ଗଳ୍ପ, କାହାଣୀ) |
| ୪୧) | ଆଦିତ୍ୟ ନାରାୟଣ ପତି | ବୟସର ଅପରାହ୍ନରେ | (ଗଳ୍ପ, କାହାଣୀ) |
| ୪୨) | ରବିନ୍ଦ୍ର ନାଥ ସାହୁ | ଜୀବନ | (କବିତା) |
| ୪୩) | ଅର୍ଚ୍ଚନା ସାହୁ | ନୂଆ ଜୋତା | (ଗଳ୍ପ, କାହାଣୀ) |

| | | | |
|---|---|---|---|
| ୪୪) | ତୋଷାରାଣୀ ସାହୁ | ପ୍ରେମଭରା ରାତି | (ଗଳ୍ପ, କାହାଣୀ) |
| ୪୫) | ସୁଶ୍ରୀୟା ପରିଡା | ଅକୃତଜ୍ଞ ବୁଢା | (ଗଳ୍ପ, କାହାଣୀ |
| ୪୬) | ଯାମିନୀ ଜ୍ୟୋତି ଜେନା | ଅଧା ଲେଖା ଚିଠି | (ଗଳ୍ପ, କାହାଣୀ) |
| ୪୭) | ଶିଶିର କୁମାର ସାମଲ | ଜଗଧାତ୍ରୀ | (କବିତା) |
| ୪୮) | ଯାମିନୀ ଜ୍ୟୋତି ଜେନା | ଅପେକ୍ଷା ରେ | (କବିତା) |
| ୪୯) | ସୁଶ୍ରୀୟା ପରିଡା | ପ୍ରୀତି ପାର୍ବଣ | (କବିତା) |
| ୫୦) | ସଂଘମିତ୍ରା ପୃଷ୍ଟି | ମେଘପୁଷ୍ପ | (କବିତା) |
| ୫୧) | ଅମରଜୀତ ସାହୁ | ଅନୁଭବ ଓ ତୁମେ | (ଗଳ୍ପ, କାହାଣୀ) |
| ୫୨) | ବାବାଜୀ ଚରଣ ସାହୁ | ସମୟ ତମେ | (କବିତା) |
| ୫୨) | ଅମରଜୀତ ସାହୁ | ପ୍ରେମର ଦୁଇଟି ରଙ୍ଗ | (ଗଳ୍ପ, କାହାଣୀ) |
| ୫୩) | ସୁମିତ୍ରା ନାୟକ | ସମୟ ର ବେଗ | (କବିତା) |
| ୫୪) | ରୋଜି ଭୋଇ ପ୍ରଧାନ | ଫେରେଇ ପାରିବ କିଏ ? | (କବିତା) |
| ୫୫) | ଶିଶିର କୁମାର ସାମଲ | ଆସିଣ ଆସିଛି | (କବିତା) |
| ୫୬) | କବି ଛନ୍ଦବାକ୍ ଶ୍ରୀ ନନ୍ଦକିଶୋର ପ୍ରଧାନ | ଏ ସଂସାର ପାଠଶାଳା | (କବିତା) |
| ୫୬) | ହିମାଳିନୀ ହୋତା | ଅଷ୍ଟକଳା ନାଗ | (ଗଳ୍ପ, କାହାଣୀ) |
| ୫୭) | ରୀନା ପରିଡ଼ା | ଯଶୋଦା ଙ୍କ ଶୋକ | (କବିତା) |


ମହ୍ଲାର

# ସଂପାଦକୀୟ

ଶିଶିର କୁମାର ସାମଲ.

( ମୁଖ୍ୟ ସଂପାଦକ : 'ମହ୍ଲାର' ଇ-ପତ୍ରିକା )

କଣ୍ଟିପୁର, ବିଂଝାରପୁର,ଯାଜପୁର )

**ସା**ମ୍ପ୍ରତିକ ସମାଜର ଘଟଣା ପ୍ରବାହ ଭିତରେ ଅସ୍ତିତ୍ୱ ହରାଇ ଥାଏ "ଶରତ " | ଶୁଭ୍ର ଜହ୍ନର ପୁଲକ ଭରା ସ୍ପର୍ଶ ଆଉ ଆଗପରି ଆଲୋଡନ ସୃଷ୍ଟି କରେନି ହୃଦୟରେ | ବାସ୍ତବ ବହୁଳ ଜୀବନର ଅନ୍ତରାଳରେ ମେଳେଇ ଯାଇଥାଏ ଆମ ପର୍ବ ପର୍ବାଣି ର ତାତ୍ୱିକ ଉଦ୍ୟେଶ | ଆଜିର ମାତୃ-ପୂଜା ପାଲଟିଥାଏ ଏକ ନୈତିକ ପ୍ରହସନ , ସାମାଜିକ ଛଳନା | ବଞ୍ଚିବାର ଅଣନିଃଶ୍ୱାସି ଦୌଡିରେ ହଜିଯାଇଥାଏ ଜୀବନର ସମସ୍ତ ମୂଲ୍ୟବୋଧ | ଅବସର ନଥାଏ ଆଧାତ୍ମିକ ଜିଂଜ୍ଞାସାରେ ପରିତୃପ୍ତି ପାଇଁ , ପରମ ସତ୍ୟର ଉପଲବ୍ଧି ପାଇଁ | ଏବେ ଖାଲି ସୁଖଦ ଅନୁଭବ ରହିଯାଏ ସରକାରୀ ବିଜ୍ଞାପନରେ | ଏହାର କୌଣସି ସମ୍ପର୍କ ନ'ଥାଏ ବାସ୍ତବ ଅଭିଜ୍ଞତାରେ ।

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ କେତେଦୂର ସଫଳ ହୋଇଛି ତା'ର ସାମାଜିକ ଅଙ୍ଗିକାର ବଦ୍ଧତାକୁ ନେଇ ? କେତେଦୂର ସଫଳ ହୋଇଛି ସ୍ୱପ୍ନ ଦେଖିବାରେ ଗୋଟେ ନିରାମୟ ଶୃଙ୍ଖଳିତ ସମାଜର ? ସେ କ'ଣ ବୁହାଇ ପାରିଛି ଗୋଟେ ନିରାଶା ଜୀବନରେ ଆଶାର ଅମୃତ ନିର୍ଝର ?

ବୋଧହୁଏ ହାତ ଆଙ୍ଗୁଠି ପରି କିଛି ମାନବୀୟ ସ୍ରଷ୍ଟାଙ୍କୁ ବାଦଦେଲେ ଆଜିର ଓଡ଼ିଆ ସାହିତ୍ୟ କାହିଁକି କେଜାଣି ଅନୁଭବ କାଙ୍ଗାଳ ପରି ମନେହୁଏ ।

ଏକଥା ସତ୍ୟ ଯେ ଆତ୍ମସୁଖ ପାଇଁ ନୁହେଁ , ସମାଜର ସାମଗ୍ରିକ କଲ୍ୟାଣ ସାଧନ ହିଁ ସାହିତ୍ୟର ଲକ୍ଷ । ପ୍ରତିଦ୍ୱନ୍ଦିତା ମାଧମରେ ନୁହିଁ , ସହଯୋଗିତା ଦ୍ୱାରା ହିଁ ମଣିଷ ଚେତନା ର ଅନ୍ଧ ଦିଗନ୍ତ ଗୁଡିକ ଆଲୋକଦୀପ୍ତ ହୋଇଉଠେ ନିଜ ଭିତର ଅଂହକାର ଓ ଅନୁଚିତ ଦୂରାକାଂକ୍ଷାକୁ ଦୂର କରିପାରିଲେ ହିଁ ମଣିଷର ଅନ୍ତଃସତ୍ୱା ସ୍ୱଛ ହୋଇଉଠେ ଚେତନାରେ ସୌର ରଶ୍ମିର ପ୍ରବେଶ ହିଁ ଯୁଗାବଧିର ଅଜ୍ଞାନ ଅନ୍ଧକାରକୁ ଦୂରକାରୀ ଘଟେଇପାରେ ନୂତନ ସୂର୍ଯ୍ୟୋଦୟ ।

ଆଜିର ସାହିତ୍ୟକୁ ଗୋଟିଏପାଦ ଆଗକୁ ବୁହକ୍ଷଇନେବାରେ ଆମର ଏହି ଛୋଟ ପ୍ରୟାସ ' ମହ୍ଲାର ' ଇ-ପତ୍ରିକାଟି ଏକ ବିଶେଷ ଭୂମିକା ଗ୍ରହଣ କରିବ ବୋଲି ଆଶା ଓ ବିଶ୍ୱାସ ।

ଏଥିଲାଗି ଶାରଦୀୟ ଦୁର୍ଗାପୂଜା ଅବସରରେ, ଜଗତ ଜନନୀ ମା' ଦୁର୍ଗାଙ୍କ ନିକଟରେ ଆମର ସମବେତ ପ୍ରାର୍ଥନା :-

ମଣିଷର ଆସ୍ପୃହା ସଂକଳ୍ପ ଓ ସାଧନା ଗଭୀର ହେଉ, ବ୍ୟକ୍ତି ଓ ସମଷ୍ଟିର ଅନ୍ତସତ୍ତାରେ ପ୍ରତିଷ୍ଠିତ ହେଉ ଆଧାତ୍ମ ସଂହତ



# ରାକ୍ଷୀ ଭିଜି ଗଲା ଆଖି ଲୁହରେ......

ରାକେଶ କୁମାର ସାହୁ
(ପିଙ୍ଗୁଅ,ନିହାଲପ୍ରସାଦ,ଢେଙ୍କାନାଳ)

କେତେ ଆଶା ନେଇ ମୋର ବାପା ଭାଇ କଲେ ମୋର ବିଭାଘର,

ସାତ ସିନ୍ଧୁ ତେର ଦରିଆ ପାରିରୁ ଖୋଜିକି ରାଜକୁମାର ।.........(୧)

ଶୁଭ ବେଳା ଶୁଭ ଲଗନ ଗଣନେ ବିଭାଘର ସମାପନ,

ସବାରୀ ଚଢନ୍ତେ ମୋ ଗେହ୍ଲା ଭାଇର ନୟନେ ଲୋତକ ପୂର୍ଣ୍ଣ ।.........(୨)

ଦିନ ଗୋଟି ନାହିଁ ମୋର ସୁନା ଭାଇ ଖାଇଛି ଖାଦ୍ୟ ମୋ ବିନା,

ମୋ ହାତେ ଖୁଆଇ ଦେଲେ ତାକୁ ଧୋଇ ପେଟ ପୂରେ ତା'ର ସିନା ।.........(୩)

ଭାଇ ଭଉଣୀଙ୍କ ପବିତ୍ର ସମ୍ପର୍କ ଦୃଷ୍ଟାନ୍ତ ଯେ ଥିଲୁ ଦୁହିଁ,

କେ କାହାକୁ ଦିନେ ନ ଦେଖି ନୟନେ ପାରି ତ' ନଥିଲୁ ରହି ।.........(୪)

ମୋର ଶାଶୁ ଘର ସେତ ଯମ ପୁର କାନ୍ଦି କାନ୍ଦି ସରେ ଦିନ,

ବୋହୁ ମୁଁ ହୋଇଲି ସ୍ନେହ ନ ପାଇଲି ମିଳେ ମୋତେ ଅପମାନ।.........(୫)

ଭିନୀ ଡଙ୍କୁଣୀ ହୀନା ଚଣ୍ଡାଳୁଣୀ ଅଟେ କାଳେ ମୋର ମାଆ,

ବଡ ଘର ଦେଖି ମନ୍ତ୍ର ତନ୍ତ୍ର ପେଷି କରି ଦେଲା ମୋର ବାହା ।.........(୬)

ମୋ ବାପା ନିରୀହ ଦରଦୀ ହୃଦୟ ମାଆ 'ସ୍ନେହ ବାରିଧାରା'

ଦେବୀ ଦେବତାଙ୍କୁ ମିଳେ ଅପମାନ ଶାଶୁ ଘରେ ମୋର ପରା ।.........(୭)

ନାନା ଦୁଃଖ ସହି ଦିନ ଯାଏ ବିତି ଆଣେ ନାହିଁ ମନେ ଗ୍ଲାନି,

ବାପା,ମା',ଭାଇଙ୍କୁ ଜଣାଏ ନାହିଁ ମୁଁ ମୋ ଶାଶୁଘରଚଳଣୀ।.........(୮)

ଗଲା କିଛି ଦିନ ହେଲା ଅବତିର୍ଣ୍ଣ ଶ୍ରାବଣ ମାସ ପୂର୍ଣ୍ଣୀମା,

ମୋ ବୋଉର ପାଦ ଭୂମିରେ ଚାଲୁନି ତା ଖୁସିର ନାହିଁ ସୀମା ।.........(୯)

ମୋ ଭାଇ ହାତରେ ଭାର ଥୋର ଦେଇ ପଠାଇଛି ମୋର ଘର,

ଭାଇ ମୋ ଆଣିଛି ସ୍ନେହ ସୂତ୍ର ରାକ୍ଷୀ ବାନ୍ଧିବି ଯେଣୁ ହାତର ।.........(୯)

ପହଞ୍ଚି ସହସା ଦେଖି ମୋ ଦୁର୍ଦ୍ଦଶା ଭାଇ ହୁଏ ମ୍ରିୟମାଣ,

ଶାଶୁ ଘରେ ମୁହିଁ ଚାକରାଣୀ ହୋଇ ଦୁଃଖରେ ବିତାଏ ଦିନ ।.........(୧୦)

ଭାତ ବଦଳରେ ନିନ୍ଦା,ଅପବାଦ ଖାଏ ପୁଣି ମାଡ ଗାଳି,

ବେନି ନେତ୍ର ଅଶ୍ରୁ ଅଧର ପିଅଇ ଭାଗ୍ୟ ମୋ ଯାଇଛି ଜଳି ।.........(୧୧)

ମୋ ଦେହେ ଫୁଟିଲେ ଅବା କଣ୍ଟାଟିଏ ଭାଇକୁମୋ ହୁଏ କଷ୍ଟ,

ସ୍ୱ-ନେତ୍ରେ ଦେଖିଲା (ମୋ)କାରୁଣ୍ୟ କାହାଣୀ ହୃଦ ତା'ର ବିଖଣ୍ଡିତ।.........(୧୨)

ବାନ୍ଧି ହାତରେ ରାକ୍ଷୀ,
ରାକ୍ଷୀକୁ ଫେରାଇ ଗଲା ଘରୁ ଚାଲି ଧର୍ମକୁ ରଖିକି ସାକ୍ଷୀ ।.........(୧୩)

ଲୋତକ ନୟନେ ବିଖଣ୍ଡିତ ମନେ ନ
ବ୍ୟସ୍ତ ବିଚଳିତ ମୋ ଭାଇ ମସ୍ତକ ହରାଇଲା ଭାରସାମ୍ୟ,
କିଛି ମାତ୍ର କୋଶେ ଦୁର୍ଘଟଣା ହସ୍ତେ ଧରି ନେଲା ତାକୁ ଯମ ।.........(୧୪)
କେତେ ଆଶା ନେଇ ଆସି ଥିଲା ଧାଇଁ ହାତେ ବାନ୍ଧିବାକୁ ରାକ୍ଷୀ
ରକ୍ତେ ପରିପୂର୍ଣ୍ଣ ମୋ ଭାଇ ଶରୀର କେମିତି ପାରିବି ଦେଖି ?.........(୧୫)
ରାକ୍ଷୀକୁ ସେମିତି ରଖିଛି ସାଇତି ମୁଣା ମଧ୍ୟେ କରି ଯତ୍ନ,
ଭଉଣୀ କାନ୍ଦଇ ଭାଇ ଗୁଣ ଗାଇ ଧିକ ମୋର ଭଗ୍ନୀ ଜନ୍ମ।.........(୧୬
ଭାଇ ପାଶେ ରାକ୍ଷୀ ଯେବେ ଦେଲା ଦେଖି ଭଉଣୀ ମନ ଅଧିର,
ପୂର୍ବ ଦିନ ସ୍ମୃତି ନାଚେ ଗୋଟି ଗୋଟି ଭଉଣୀ ନେତ୍ର ଆଗର ।.........(୧୭)
ଭଗ୍ନୀ କାନ୍ଦି କାନ୍ଦି ହୋଇ ଗଲା ଛନ୍ଦି ଜନମ ମରଣ ଫାଶେ
ସତେ କ୍ରୁର କାଳ ଦେଖେ ପାଞ୍ଜି ପତ୍ର ଭଗ୍ନୀ ଚଳେ ମୃତ୍ୟୁ ଦେଶେ ।.........(୧୮)
ହାୟରେ ଦାରୁଣ ଦଇବ ନିଷ୍ଠୁର ତୋର ଏ କି ଅବିଚାର
ଭାଇ ଓ ଭଉଣୀ ଦୁହେଁ ଗଲେ ଚାଲି ଏକା ବେଳେ ଯମ ପୁର ।.........(୧୯)
ରହିଲାନି କିଛି ଭାତୃ-ଭଗ୍ନୀ ସ୍ମୃତି କିଏ କାହାକୁ ପଚାରେ ? '
ଭାଇ ଭଉଣୀଙ୍କ ପ୍ରେମ ପୂର୍ଣ୍ଣ ରାକ୍ଷୀ' ଭିଜିଲା ଆଖି ଲୁହରେ ।.........(୨୦)

***ସମସ୍ତ ଅଭିରୁଚି ଓ ସିମୀତତାର ଊର୍ଦ୍ଧରେ ରହିଛି ଏକ ପାରସ୍ପରିକ ବୁଝାମଣାର କ୍ଷେତ୍ର, ଯେଉଁଠାରେ ସମସ୍ତେ ସମ୍ମିଳିତ ହୋଇପାରନ୍ତି ଏବଂ ସେମାନଙ୍କର ସଂଗତିର ସନ୍ଧାନ ପାଇପାରନ୍ତି : ତାହା ହେଲା ଦିବ୍ୟ ଚେତନା ନିମନ୍ତେ ଅଭିପ୍ସା ।।***



*ନିହାର ରଞ୍ଜନ ପ୍ରଧାନ*
**ସନ୍ନ୍ୟାସପୁର, ପୁରୁଷୋତ୍ତମପୁର, କେନ୍ଦ୍ରାପଡ଼ା**

## *ପ୍ରତିଲିପିର ପାଦଚିହ୍ନ...*

**ସ**ମୟ ବେଳେବେଳେ ଝଡ଼ ନେଇଆସେ .. ପକୃତିର ଝଡ଼ ପଶୁପକ୍ଷୀଙ୍କ ଘର ଭାଙ୍ଗେ ଆଉ ଅଦୃଶ୍ୟର ଝଡ଼ ସମ୍ପର୍କ । ଯୁକ୍ତିତର୍କ ବର୍ତମାନକୁ ସିନା ସୁଧାରି ପାରେନି ହେଲେ ଭବିଷ୍ୟତକୁ ଧ୍ୱଂସ କରିଦିଏ । କାହା ଭରଷାରେ ଭାଗ୍ୟର ଭେଳାକୁ କେହିକେବେ କଣ ଭସେଇପାରେ ନା କୂଳର କାଳକୁ ଲଙ୍ଘିପାରେ ? କାହାର ଅନୁମତି ହେଉ ଅବା ସହମତି , ସ୍ୱାର୍ଥତାର ସଂଘର୍ଷ ସୃଜନଶିଳତାର ସେବାକୁ କେବେ ମନେରଖେନି । ଝଡ଼ର ଝୁଙ୍କରେ ବାୟାଚଢେଇର ବସା , ବନ୍ୟାରେ ବେଙ୍ଗାଫୁଲାର ଡହଳ ଡାକକୁ ଉଚ୍ଚପର୍ବତ ଉପରେ ବସିଥିବା ଡାମରା କାଉ ପାଖକୁ କେବେ କଣ ପହଞ୍ଚାଇ ପାରେ ନା ଡ୍ରାକୁଲାର ଗମ୍ଭିରା ଭିତରୁ ନିଜକୁ ମୁକ୍ତ କରାଇପାରେ ? ଶୀତଦିନରେ ଖରାର ଉଷୁମ ଛୁଆଁ ସିନା ଭଲ ଲାଗେ ହେଲେ ସେହି ଉଷୁମ ଛୁଆଁ ଗ୍ରୀଷ୍ମରେ ଗଙ୍ଗା ଉପରେ ଯେବେ ନିଜର ପ୍ରକୋପ ପରସି ଦିଏ ସେବେ ସଂସାରର ସାଗର ସୁଖିବାକୁ ସମୟ ଲାଗେନି । ଆକାଶେ କେବେ ରଙ୍ଗ ଲାଗେ କେବେ ଛାଡେ ସେକଥା ହୁଏତ ଆପଣମାନେ ଅବା ପକୃତି ଜାଣିଥିବ , ହେଲେ ମୋତେ ଜଣାପଡେନି ! କିନ୍ତୁ ମୃଗ ନୟନୀର ହାତର ମେହେନ୍ଦି ଯେବେ ମଦିରା ମାଡ଼ରେ ଲିଭିଯାଏ ସେବେସେବେ ଭଲଭାବେ ବଘରା ହୋଇ ତଟକା ଛୁଙ୍କ ଦିଆ ବାହାଘରର ଡାଲମା ଆମ୍ବିଳା ହେବାକୁ ସମୟ ଲାଗେନି ! ଛୁଙ୍କର ବାସ୍ନା ଛିଙ୍କ ହୋଇଗଲେ ବାହାଘରର ଛିଟା , ଅଳସି ଆଖିରେ ଶ୍ରାବଣର ସୁର ଗାଇବା ଆରମ୍ଭ କରିଦିଏ ।    ଆଜି ଆସନ୍ତୁ ତା ବୋପା ଭାଇ , ଯୌତୁକ ବାବଦରେ ଡବଲ ଡୋରର ଫ୍ରିଜ୍ , ବାରସହ ଚାରିଶି ଭୋଲ୍ଟର ଇନଭେଟର୍ , ବାର କେଜି ୱାସିଙ୍ଗ ମେସିନ୍ କଥା କଣ କହିବାକୁ ପଡିଥାନ୍ତା ? ଆମେ କଣ ଏଡ଼େ ନିର୍ଲଜ୍ଜୁକ ଯେ ମୁହଁ ପୁରାଇ ମାଗିଥାନ୍ତୁ ! ହଁ ଲୋ ମାଆ , ଚାଳଛପର ଘରର ଲୋକ ଗୁଡାକ କୁଆଡୁ ଜାଣିବେ ଏସବୁ ? ଭଲାକଥା , ଯୋଉଠି ବରଯାତ୍ରୀ ବାବଦକୁ ପାଞ୍ଚସହ ଲୋକ ଯାଇଥାନ୍ତେ ସେଠି ବର ଆଉ ମାରକୁଣ୍ଡିକୁ ମିଶାଇ ପଚାଶ ଗଲେ । ପଇସା ବଞ୍ଚିଲା କି ନାହିଁ ? ଆଜି ଆମେ ଚତୁର୍ଥୀ ପିଣ୍ଡ ପକାଇବୁ ବୋଲି ହଜାର ଲୋକଙ୍କ ଆୟୋଜନ । ଆମକୁ କଣ ଓଜାରୀ ପକାଇଥିଲେ ନା କଣ ଆମେ ଏତେ ଖର୍ଚ୍ଚ କରୁଛୁ । ହଉ ଚତୁର୍ଥୀ ପିଣ୍ଡ ପଡିବା ପୂର୍ବରୁ ବୋପା ଭାଇତ କେହି ଆସିବେ , ଯଦି ଏସବୁ ନମିଳେ ଚତୁର୍ଥୀ ପିଣ୍ଡ ପଡିବ ନା ସେ ଝିଅକୁ ନେଇ ପିଣ୍ଡାରେ ବସାଇବି ତମେ ସବୁ ସହି ଲୋକ ଦେଖିବନି ? ଏସବୁ କଥା ସ୍ୱଷ୍ଟ ଶୁଣିପାରୁଥିଲା ନୂଆ

ବାହା ହୋଇ ଆସିଥିବା ପ୍ରତିଲିପି । ସେ ବାପାଙ୍କୁ ବାରବାର ମନାକରିଥିଲା , ଏତେବଡ ଘରକୁ ବୋହୂ ହୋଇଯିବନି । ଅଗଣାରେ ଅରୁଆ ଚାଉଳ ପଡିଲେ ଚନ୍ଦ୍ର ରାଇଜକୁ ବି ବାସେ । ସେମିତି ପ୍ରତିଲିପିର ସୌନ୍ଦର୍ଯ୍ୟରେ ମୁଗ୍ଧହୋଇ ଦିବାକର ବାବୁ ଅନୁରୋଧ କରିଥିଲେ ପ୍ରତିଲିପିକୁ ବୋହୂ କରିବା ପାଇଁ । ହେଲେ ପ୍ରତିଲିପିର ଶାଶୁ ବସୁନ୍ଧରା ଦେବି ଯଥା ଦିବାକର ବାବୁଙ୍କ ସ୍ତ୍ରୀ କିନ୍ତୁ ପ୍ରତିଲିପି ପାଇଁ ଖୁସି ନୁହନ୍ତି । "" ଅରୁଆ ଚାଉଳ ଦୁବ, ଛୋଟ ଘରୁ ଝିଅ ଆଣିଛି ବଉଳ , ଦୁଃଖ ମୋର କିଏ ନେବ? ଏତିକ କହି ଯେତେବେଳେ ବସୁନ୍ଧରା ମୁହଁ ମୋଡି ଦିଅନ୍ତି , ଲାଗେ ବସୁଧା ଫାଟିଯିବ ଆଉ ପ୍ରତିଲିପି ସବୁଦିନ ପାଇଁ ତା"ଭିତରେ ଲୀନ ହୋଇଯିବ । ପ୍ରତିଲିପି ଭାବିଥିଲା ବଡ଼ଘରର ବିରି ଡାଲିକୁ ରସୁଣ ଛୁଙ୍କ ଦେଇ ଘର ମହକାଇ ଦେବ ହେଲେ ସିଏ ବା କାହୁଁ ଜାଣିବ ବଡ଼ ଘରର କାନ୍ଥର କୋଣବି କପଟ କରିବା କେବେଠୁ ଶିଖିସାରିଛି । ବାହାଘରର ଛୁଙ୍କକୁ ନିର୍ଯ୍ୟାତନାର ଚେଙ୍କ ହେବାକୁ ସମୟ କି ଲାଗିବ ? ବୋହୂ ପିଣ୍ଡାକୁ ଯିବା ପୂର୍ବରୁ ପାଞ୍ଚଲୋକ ବସିଲେ , ଭଲମନ୍ଦର ଚାରିବୁନ୍ଦା ରଙ୍ଗ ଛିଞ୍ଚାଡି ହୋଇ ପଡିଲା ବାସର ସେଜରେ । ମଧୁ , ମାଳତୀ ,ଚମ୍ପା , ଚାତୋକି ନିଜର ସର୍ତ୍ତକୁ ଅଜାଡିଦେଲେ ପ୍ରତିଲିପିର ବାପାଙ୍କ ଉପରେ । କଥା ହେଲା ସୁରୁଜର ମୁରୁଜ ପଡୁଥିବା ପିପିଲି ହାଟକୁ ଲାଗି ସମସ୍ତ ଦୁଇଏକର ସମ୍ପତି ଶଶୁର ଜ୍ୱାଇଁଙ୍କ ନାମରେ କରିବେ । ଏବେ ଦେଖିବାକୁ ବାକିଥିଲା ଶାଶୁ ବସୁନ୍ଧରାଙ୍କ ବସୁଧାରୁ ବାଲ୍ମୀକି ଜନ୍ମ ନା ରମଣୀୟ ରତ୍ନାକର ? ଫୁଲେଇ ପ୍ରେମର ପରଶ ଟିକକ ପାଇବା ପାଇଁ ପ୍ରତିଲିପିର ନିଦୁଆ ନୟନ ନଗ୍ନତାର ରୂପ ନେବା ଆଗରୁ ମଳୟର ମେଘୁଆ କୋଳରେ ଟିକେ ଆଉଜି ପଡିଥିଲା । ପୂରୁବ ଦିଗରେ କଳାହାଣ୍ଡିର କରୁର ତାଣ୍ଡବ ସ୍ପଷ୍ଟ ବାରି ହୋଇପଡୁଥିଲା । ମାଣ୍ଡିଆ କ୍ଷେତର ମଶାଣି ରାସ୍ତାରେ ପ୍ରତିଲିପିର ପାଦଚିହ୍ନକୁ ବାପା ଯେବେ ଅନୁସରଣ କରି ପହଂଚିଯାଉଥିଲେ , ସେତେବେଳେ ପ୍ରତିଲିପି ପାଣିକୁଆର ବସାରୁ ପାରସ ପଥର ଖୋଜିବାରେ ବ୍ୟସ୍ତ ଥାଏ । ଗପ ବହିରେ ପଢିଥିଲା ପାରସ ପଥରର ସ୍ପର୍ଶରେ ଲୁହା ଆସିଲେ କାଳେ ସୁନା ପାଲଟିଯାଏ ! ବାପା ଯଦି ସେହି ପଥର ଟିକକ ମିଳନ୍ତା ଆମର ସବୁ ଦୁଃଖ କୁଆଡେ ଚାଲିଯାଆନ୍ତା । ପ୍ରତିଲିପିର ପାଦକୁ ଛାତିରେ ଆଉଜି ବାପା କହୁଥିଲେ "" -- ନାଇଲୋ ହୁଣ୍ଡୀ ତୋ ପାଦ ଯୋଉଠି ପଡିବ ସେଇଟା ପରା ସୁନା ହୋଇଯିବ , ଆମର କଣ ହେବ ସେ ପାରସ ପଥର "" ? ହେଲେ ବୋଉ କହୁଥିଲା , "" ପିପିଲି ପାଖର ଜମିକୁ ଛାଡିଦେଲେ ଆମର ଆଉ ଯେ କଣ ଅଛି ? ଛାତିକୁ ଛେଲି ପୁରୁଣା ହୃଦୟଟା ବାହାର କରିଦେଇ ନୂଆଟା ଲଗେଇଦେଲେ କଣ ମୁଁ ବଞ୍ଚିବି ? ଛି , ତୁମେ ଛୁଆ ଦୁଇଟା ଆଉ ତୋ ବୋପାକୁ କୋଉଠୁ ପାଇବି ସେ ନୂଆ ହୃଦୟ ଭିତରେ ! ନା ଜମି ଥାଉ ମୁଁ ମଲେ ମରିବି " ! ଗହଳ ମାଣ୍ଡିଆ କ୍ଷେତରୁ ବାହାରି ଆସିଲା ପ୍ରତିଲିପି । ଆଖିର ଅଲିଭା ସ୍ମୃତିକୁ ମଳିମଳି ନିଜ ବୋଉକୁ ଭୁଲିଯିବାକୁ ଚେଷ୍ଟା କରୁଥିଲା ସେ । ଆଜି ମିଳନର ମଧୁର ରାତି । ସମୟ ଚାରିଟା ଦଶ ! ମାନେ ସକାଳ ହେବାକୁ ବସିଲାଣି । ଏପର୍ଯ୍ୟନ୍ତ ସେ ଆସିଲେନି କାହିଁକି ? ନା ମୋତେ ନଡାକି ଏଇଠି କୋଉଠି ସୋଇପଡିଛନ୍ତି ସେ ? ଭଲଭାବେ ଚାହିଁଲା ଚାରିଆଡ଼କୁ .. ନା କୋଉଠି ତ ନାହାନ୍ତି ? ନା ଅଛି ଚମ୍ପା ଚାତୋକିର ବାସ୍ନା , ନା ପିପିଲି ହାଟର ଜମି ନା ମୋ ବୋଉ ! ସମସ୍ତେ କାଳର କୋଳକୁ କେମିତି ଚାଲିଗଲେ ତାହା ଏବେବି ଏକ ପ୍ରଶ୍ନ ? ବାପା କହୁଥିଲେ ମୋ ସ୍ୱାମୀ ପ୍ରଶାନ୍ତ କୁଆଡୁ ବହୁତ ଶାନ୍ତଶିଷ୍ଟ ପିଲା । ଭାରି ସ୍ୱାଭିମାନୀ ସେ । ଯଦି ଏତେ ଭଲ ତେବେ ନିଜ ବୋଉକୁ କଣ

ପାଇଁ ଆମ ଜମିତକ ନେବାରୁ ରୋକିଲେଣି ? ସବୁ ଉପର ଦେଖାଣିଆ । ସକାଳ ହେବାକୁ ଆଉ ଅଳ୍ପ ସମୟ ବାକି । ଗହନ ଗହଳିଆ କ୍ଷେତରୁ ଭାଷିଆସୁଛି  କାହାର ମନ୍ତ୍ରିତ ମନ୍ତ୍ରମୁଗ୍ଧ ସ୍ୱର ? ସଂସାର ସାଗରର ସ୍ୱୟଂଚାଳିତ ସତ୍ତାରେ ହଜିଯିବା ପୂର୍ବରୁ ପ୍ରତିଲିପି ପବନର ଫାଙ୍କାରେ ନିଜ ତାରୁଣ୍ୟର ଉଦ୍ଦାମତା ସହ ସମର୍ପଣ ଭାବକୁ ଭଲଭାବେ ଭୁଲିଯିବାକୁ ଚାହୁଁଥିଲା । ଈଶ୍ୱରଙ୍କ ଫୁରସତ୍ ବେଳର ଅପରୂପା ସୃଷ୍ଟି ପ୍ରତିଲିପି । ପ୍ରେୟସୀ ଫଗୁଣ ପଲକର ଗୌରାଙ୍ଗ ଶରୀର , ତନ୍ୱ , ମନଜିଣା ରୂପ ଲାବଣ୍ୟ ଜାହିର କରିଦିଏ ଭାବନା ମୁକ୍ତ ଛନ୍ଦର ତଲ୍ଲୀନ କବିତା । ଯେଉଁଥିପାଇଁ ଆଜି ପ୍ରତିଲିପି ଏତେ ବଡ଼ ଘରର ବୋହୂ । ଅତୀତର ସୁରଭିତ ସ୍ମୃତି ପୁଲକିତ ସୁଗନ୍ଧର ଲୋଧ୍ରରେଣୁ ଭଳି ଖେଳି ବୁଲୁଥିଲା ପ୍ରତିଲିପିର ମାନସ ପଟରେ । ଆଲୋ ମେହେନ୍ଦିର ମୃଦ ମଇଳା ହେଲାଣି ! କୋଉ ବଡ଼ ଘରର ଝିଅକୁ ତୁ , ଦିନ ଦିଘଡି ଯାଏଁ ଶୋଇବୁ ? ବୋପା ଭାଇ କିଛି ଶିଖାଇଛନ୍ତି ନା ନାହିଁ ? ଲୁଗା ଖଣ୍ଡିଏ ପିନ୍ଧାଇ ମୋ ଘରକୁ ପଠାଇଦେଲେ ମ ! ସକାଳୁ ରାମୁକୁ ଖୋଜିଖୋଜି ହାଲିଆ ହେଲିଣି , ଟେଣ୍ଟବାଲା ଡିସ୍ ନେବବୋଲି ଦୁଇଥର କହିଗଲାଣି । ଏତେ ବଡ଼ବଡ଼ ଡ଼ିସ୍ କଣ ତୋ ବୁଢ଼ା ଶଶୁର ଧୋଇପାରିବେ ? ଯା" ନୂଆ ଶାଢ଼ୀଟା ବଦଳାଇ ଦେଇ ପୁରୁଣା ଖଣ୍ଡିଏ ପିନ୍ଧି କାମରେ ଲାଗିପଡ଼ । ହଁ ହାତରେ ଏତେ ଚୁଡ଼ି ରହିଲେ ଝୁଣ୍ଟୁଝୁଣ୍ଟୁ ହୋଇ ଭାଙ୍ଗିଯିବ । ଦୁଇଟା ଚୁଡ଼ି ହାତରେ ରହିଲେ ତୋ ଘଇତାକୁ ଯମ ନେଇଯିବନି କି ତୁ ଭିକାରୁଣୀର ଝିଅ ବୋଲି ବାହାରେ ବାଇଦ ବାଜିବନି । ଉପାୟ ନଥିଲା ପ୍ରତିଲିପି ପାଖରେ ।  ଅମା ରାତ୍ରିର ଘନକଳା କୁନ୍ତଳରେ କାଳିଜାଇର  କେତେ ଯେ ସ୍ୱପ୍ନ ବାଟମଣା ହୋଇଯାଇଥିଲା ତାହା କାହାକୁ ଅବା ଅଜଣା । ରସନାର ରସର ଉଜାଣି ସୁଅରେ ସେଦିନ କାଳିଜାଇ ଆଉ ଆଜି ପ୍ରତିଲିପି କାଳର କବର ନେବାକୁ ପ୍ରସ୍ତୁତ ହେଉଥିଲା । ଶୁଷ୍କ ହୃଦୟର ଅଂକୁର ଅଂଶକୁ ଜୀବନ୍ତ ରଖିବା ପାଇଁ ପ୍ରତିଲିପି ଆଟାଜିରୁ ନିଜ ମାଆର ଧଡ଼ିଚିରା ପୁରୁଣା ଲୁଗାଟିକୁ ପିନ୍ଧି ବେବୁନିୟାଦୀ ବଂଶର ବାସନକୁ ସଫା କରୁଥିଲା । କଜଳ ମିଶା ଆଖିର ଲୋତକ କଳା ପରିବର୍ତ୍ତେ ଲାଲ ଦିଶୁଥିଲା । ହେଲେ ଯାହା ଲାଗି ସେ ଆସିଛି ତାଙ୍କର ଅଭିବ୍ୟକ୍ତ ଅଭିବାଦନକୁ ସେ ଦେଖିବାକୁ ବ୍ୟଗ୍ର ଥିଲା ସ୍ୱାମୀ ପ୍ରଶାନ୍ତକୁ । ବେଳେବେଳେ ପ୍ରତିଲିପିକୁ ଅନୁଭବ ହୁଏ ସିଏ ସୃଷ୍ଟିର ପ୍ରଥମ ଏବଂ ଅନ୍ତିମ ନିରୁପଦ୍ରବ ମଣିଷ ସହ ସହଯାତ୍ରୀ ହେବାର ଯେଉଁ ଭୁଲ କରିଛି ତାହା ତାକୁ ଅକ୍ଷମଣୀୟ ଅପରାଧରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବନି ତ ? ସୌଭାଗ୍ୟର ସିନ୍ଦୁରରେ ସଜେଇଥିବା ମଣିଷର ମନ ମଳୟର ମୃଦୁ ହେବକି ମରଣର ମଶାଣି ତାହା କେବଳ ସମୟ କହିବ !  ବାସନ ମାଜି ସାରି ପ୍ରତିଲିପି ନିଜ ହାତକୁ ଦେଖିଲା , ମେହିନ୍ଦୀର ଚିହ୍ନବର୍ଣ ନଥିଲା । ନୋଟାଏ ପାଣି ଆଣି ଯେତେବେଳେ ଗୋଡ଼ ଉପରେ ପକାଇଲା , ଲୁଣିଆ ପାଣିର ପ୍ରଭାବରେ ପାଦର ପାର୍ବଣ ଫସରା ଫାଟିଯାଇଛି । ଛି , ସ୍ୱାମୀ ଦେଖିଲେ କଣ ଭାବିବେ ? ଘର କାମ କରିଦେଲେ କଣ ନିଜର ମାନ ହାନି ହୁଏ । ଯେବେ ପାଦରେ କଣ୍ଟାଟିଏ କି ଗୋଡିଟିଏ ଫୁଟିଯାଏ , ବାପାର ବେଲଗାମ୍ ହୃଦୟରୁ ବନ୍ୟା ବହେ । ହେଲେ ଆଜି କଥାଟା କିଛି ଅଲଗା । ଘରେ ସ୍ୱାମୀ ପ୍ରଶାନ୍ତକୁ ଭିଣେଇମାନଙ୍କ ଥଟ୍ଟାପରିହାସ କୁ ପ୍ରତିଲିପି ସ୍ପଷ୍ଟ ଶୁଣିପାରୁଥାଏ । ସତେ ଶରତର ସାଥି ହେବାକୁ କାଶତଣ୍ଡୀ କୃପା କରିଛି । ଭାବିଥିଲା ମୁହଁରେ ମଖା ବୋଳି କାଳିମାର କାଳଜୟୀ କୋପକୁ ବି ଗ୍ରାସ କରିଯିବ । ହେଲେ ନାଉରୀ ବିହୀନ ନୌକାକୁ ବି ନିଲାମ କରିବାକୁ ଠିକାଦାର ମିଳିଯିବ କିଏ ଅବା ଭାବିପାରେ । ଠକ ଠିକାଦାରର ଠିକଣାକୁ ଆସି

ଯେତେବେଳେ ପ୍ରତିଲିପି ଜାଣିବାକୁ ପାଇଲା ସକାଳେ କିଣାହୋଇଥିବା ନୌକାର ନିଲାମ ଚାଲିଛି , ପାଣିଫୋଟକାର ପାଦଚିହ୍ନ ଫଗୁଣର ପ୍ରେମକୁ ପର କରି ଅନ୍ୟର  ବିଛଣାକୁ ଠେଲି ଦେଉଛି । ସେ ସ୍ପଷ୍ଟ ବୁଝିପାରୁଥିଲା ସ୍ୱାମୀ ତାହାର ନପୁଂସକ । ଆଉ ତା ଦେହରେ ଦୈହିକ ସୁଖକୁ ବାହାଘରର ଘାଣ୍ଟ ତରକାରୀ ଭଳିଆ ସମସ୍ତେ ନିଜ ପତର କଡରେ ପାଇବା ପାଇଁ ବ୍ୟଗ୍ରଥିଲେ । ସତରେ ହୃଦୟରେ କେତେ ସ୍ୱପ୍ନ ରଙ୍ଗ ଭରି ଚିତ୍ରିତ ଜୀବନରେ ଚିତ୍ର ଆଙ୍କିବାର ଯେଉଁ ପାର୍ବଣ ପାଳିଥିଲା ତାହା କେବଳ ଲୋଭନୀୟ ସାହିତ୍ୟର ଶବ୍ଦକୋଷରେ ସୀମିତ ହୋଇ ରହିଯିବ ବୋଲି ସେ ଜାଣିନଥିଲା । ଘରକୁ ଫେରିଲେ କାହାକୁ କିପରି ବୁଝାଇବ ? ନିଜ ବାପାକୁ ଦୁନିଆ ଆଗରେ ଛୋଟ କରିବାକୁ ଚାହୁଁନଥିଲା ସେ ! ବୋଉ ଠିକ କହୁଥିଲା , "" ମୁଁ ମଲେ ମରିବି ମୋ ପିପିଲି ହାଟର ଜମି ସେମିତି ଥାଉ " .. ମୋହର ସତ୍ୱା ହଜିଗଲେ କି ମୁଁ ଜୀବନ ଯୁଦ୍ଧରେ ହାରିଗଲେ ଚଳିବ , ମୋ ଭାଇର ସଂସାର ସାଗରତ କୂଳରେ ଲାଗିବ ! ବାହାଘର ଛୁଙ୍କର ଚେମେଲୀ ହେବାକୁ ଚାହୁଁନଥିଲା ସେ । ଯେମିତି ଘରୁ ଆସିଥିଲା ଆଜି ସେମିତି ନିଜକୁ ସଜ କଲା । ଶାଶୁ ବସୁନ୍ଧରା ରଡି ଛାଡୁଥିଲେ ବାସନ ମାଜିବାକୁ । ଆସୁଛି କହି ଯୁ ମାରି,ଘର ବାହାରକୁ ଚାଲିଆସିଲା ପ୍ରତିଲିପି । ମାଣ୍ଡିଆ କ୍ଷେତରେ ମଳୟ ଆଜି ବି ସେମିତି ସ୍ଥିର ଥିଲା । ଦଣ୍ଡେ ଛିଡାହୋଇ ବାପାଙ୍କ କଥା ଭାବିଲା , ବୋଉ ସହିତ ତ ଆଉ କିଛି ସମୟ ପରେ ଦେଖାହେବ । ଦୟାର ଦକ୍ଷିଣା ଦେବାକୁ ସମୟ ସଂକୋଚିତ ଥିଲା । ମାଣ୍ଡିଆ କ୍ଷେତର ବାହାରେ ପ୍ରତିଲିପିର ପାଦଚିହ୍ନ ସ୍ପଷ୍ଟ ଦେଖା ଯାଉଥିଲା , ଆଉ ସେହି ପାଦ ଚିହ୍ନକୁ ଦେଖି ପ୍ରତିଲିପିର ବାପା ସକାଳୁ ସନ୍ଧ୍ୟା ଯାଏଁ ବସିରହେ ଝିଅର ଫେରିବା ବାଟକୁ ଚାହିଁ  ।

*ସମୟ ସହିତ ଚାଲିବ କିଛି ଜରୁରୀ ନୁହେଁ, ସତ୍ୟ ସହିତ ଚାଲନ୍ତୁ , ଲୋକେ ଆପଙ୍କ ବିଷୟରେ ଟିପ୍ପଣୀ କରନ୍ତି ସେତେବେଳେ ବିଚଳିତ ହୁଅନ୍ତୁ ନାହିଁ ||*

*ବାସ ଏତିକି ମନେରଖ ପ୍ରତ୍ୟକ ଖେଳରେ ଦର୍ଶକ ହିଁ ଟିଲାନ୍ତି, ଖେଳାଳି ନୁହେଁ ||*

# ବାରିପଟ ଝର୍କା...



ନିହାର ରଞ୍ଜନ ପ୍ରଧାନ
ସନ୍ନ୍ୟାସପୁର, ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା

**ଜୀ**ବନର ସଂଜ୍ଞା ବୋଧହୁଏ ଜନ୍ମ ଆଉ ମୃତ୍ୟୁ ମଧ୍ୟରେ ଅହରହ ଚାଲୁଥିବା କେତୋଟି ଅଣଦେଖା ନିରବ ନିଶ୍ୱାସ । ସମସ୍ତେ ଠିକ୍ ଏମିତି ଭାବନ୍ତି କି ନାହିଁ ମୁଁ ଜାଣେନି , କିନ୍ତୁ ମୋ ମାତାନୁମତ ଏହା ସପକ୍ଷରେ ! ଅଗ୍ନିର ବହ୍ନିରେ ଠଳମଳ ପାଦକୁ ବାହୁଡ଼ି ଯିବାକୁ କଣ ସମୟ ଲାଗିବ ? କାଳ ବୈଶାଖୀରେ ବେପୁରୁଆ ପଣତ କାନି ଉଡିଯିବ କି ଅଶାନ୍ତ ଅଗ୍ନିରେ ଜଳିଯିବ କିଏ କହିବ ? ହେଲେ ନୀରବତା ନିଶ୍ଚିନ୍ତ ! କାହାଲାଗି ଫଗୁଣ ଏଠି ପଶ୍ଚାତାପ କରେନି , ମଳୟ ମରେନି , ବସନ୍ତ ବାସି ହୁଏନି କି ସାତରଙ୍ଗ ନିଜ ସ୍ୱରର ରାଗ ଗାଇବା ବନ୍ଦ କରେନି ।   ପୁନେଇଁ ଜହ୍ନ ଆଜିବି ସେମିତି ଫୁଲେଇ ହୁଏ --.. ଅମାବାସ୍ୟାର ଅନ୍ଧାର କାହାଲାଗି , ବର୍ଷାର ବଜ୍ରପାତ କାହାଲାଗି ... ସେକଥା କିଏ କହିବ ?  ଯେମିତି ଚାଲିଆସୁଥିଲା ଆଜି ସେମିତି ଆଉ ଆଗଭଳି ନାହିଁ ନାହିଁ ! ପଙ୍କ ଗାଡ଼ିଆରୁ ଜଙ୍ଗଲି ଦଳ ବାହାର କରି କିଏ ଆଉ ଚେଙ୍ଗଗଡ଼ିଶା କି ସିଙ୍ଗି ମାଗୁର ଧରୁନି । ଧାନ କଟାପରେ ଖଳା କ୍ଷେତ ବି ନାହିଁ । ସବୁ ମୂଳରେ ବିଜ୍ଞାନ ! ବାଡ଼ି ପଛରେ କାହାର ଆଉ ନେଉଟିଆ ଶାଗ ବୁଣିବାକୁ ସମୟ ନାହିଁ କି ଘଷି ତାରିବାକୁ ତର ନାହିଁ ।  ଅନାବିଳତା ଅଗ୍ରଗତି ଚାରିଆଡେ ମାୟାବିସ୍ତାର କରିଛି ଯେମିତି । .....  ଆଜି ଚନ୍ଦ୍ରକାନ୍ତ ବାବୁ ଛପନ ବର୍ଷ ବୟସରେ ଉପନୀତ ହୋଇଛନ୍ତି । ସବୁ ବର୍ଷ ପରି ଆଜି ବି ପିଲାମାନେ ଗୋଟେ ବଡ଼ ଧରଣର କେକ୍ ଟିଏ କୁଆଡୁ ବରାଦ କରିଥିବେ ନିଶ୍ଚୟ ।   ହେ ଚନ୍ଦରା ... ସେ ଚନ୍ଦ୍ରକାନ୍ତ , ବାବୁ ତୁମମାନଙ୍କ ପାଇଁ ହେଲେ ବୋଉପାଇଁ ଚନ୍ଦରା , ଖାଲି ଚନ୍ଦରା । ଖବରଦାର୍ କରିଦେଉଛି .. ବାରିପଟରେ ଶୁଖୁଆ ଶୁଖାଇଛି ! ବଡ଼ ବୋଉ ତେଣେ ବାଧିକିଲାଣି , ମୁଁ ଏଇ ଖିରି ନେଇ ଯାଇଁ ତାକୁ ଦେଖିଆସେ । ଏଇ ଝର୍କାପଟୁ ଶୁଖିଆ ଦେଖୁଥିବୁ । ତୋ ବୋପା ଅଳପଇସା କୁ କେତେଥର କହିଥିଲି  , ବାରି ଚାରିପଟେ  ଅଟୁଳି କରି କେରା ବୁଲାଇବାକୁ ! ହେଲେ ମୋ କଥାକୁ ତାହାର ହେଜ ନାହିଁ ? କହିଲା ବାରିପଟେ ଝର୍କାଟିଏ କରିଦେଲେ ସବୁ ଆଡକୁ ପାଇବ । ଧାନ ଗଦାଠୁ ଆରମ୍ଭ କରି ମାଛ ଗଡିଆ ଆଉ ଶାଗ ପଟାଳି ଉପରେ ବି ନଜର ରହିବ ।  ଯିବା ଆସିବା ଲୋକଙ୍କୁ ଭୟ ଲାଗିବ ହାତ ମାରିବାକୁ । ହଉ ଯଦି କାଉ କୁକୁର ଶୁଖୁଆ ଖାଇଲେ ଝର୍କା ପାଖରୁ ବୁଲିକରି ଗଲାଠୁ , ଶୁଖୁଆ ଆଉ ଥିବଟି  ? ଦେଖ ଚନ୍ଦରା -- ଯଦି ଶୁଖିଆ ମୋହର ପାଣିରେ ଗଲା ଆଜି ଘରେ ନିଆଁ ଲାଗିଲେ ଲିଭାଇବାକୁ ପାଣି ମିଳିବନି ଯେ ? ଚନ୍ଦରା କାଗଜରେ ରକେଟ୍ କରି ଝର୍କାରୁ ବାରିପଟକୁ ଉଡାଇଦିଏ ଆଉ ବାରି ପଟରୁ ଝର୍କା ଭିତରକୁ । ଏହି ଦୌଡ଼ାଦୌଡ଼ି ଭିତରେ ଶୁଖିଆରେ ଗୋଡ଼ ପଡିଗଲେ ଚନ୍ଦରା ମାଆର ମାଡ ଭୟରେ ଟେକିରଖି ଦେଇ ବାରିରେ ସୁଖିଥିବା ମାଆର ଲୁଗା କାନିରେ ହାତ ପୋଛିଦିଏ ।  ହୂର୍ ହୂର୍ .... ହେସ୍ ହେସ୍ ....!! ଯା ଶଳା ! ଏ ବୁଲା ଷଣ୍ଢକୁ ଆଉ ପାରି ହେବନି । ହେ ଚନ୍ଦରା ! ଚନ୍ଦରାରେ ... ଆଣିଲୁ ସେ ଠେଙ୍ଗୁଲି , ଆଜି ବୁଢ଼ା ଷଣ୍ଢକୁ ତ୍ରାହି ନାହିଁ । ବାପାର ଡାକ ଶୁଣୁଶୁଣୁ

ଚନ୍ଦରା ଠେଙ୍ଗୁଲି ନେଇ ହାଜର । ବାପ ପୁଅ ମିଶି ଖରାବେଳ ଠୁ ସନ୍ଧ୍ୟା ଯାଏ ଷଣ୍ଢ ଘୋଡାଇବାରେ ବ୍ୟସ୍ତ ଥାଆନ୍ତି । ଶଳା ବାରିରେ ପଶିଲେ ଶାଗଗଛରେ ମୁହଁ ବୁଲାଇଦେବ , ଆଉ ଗୋଡ଼ାଇଲେ ଘଷି ପୁଳେ ନଷ୍ଟ କରିଦେବ । ଷଣ୍ଢଟା ସ୍ୱାମୀ ସ୍ତ୍ରୀଙ୍କ ମଝିରେ ପଶି ତାହାର ମାରଣା ସିଙ୍ଗକୁ ବୁଲାଇ ଝଗଡା ଆରମ୍ଭ କରିଦିଏ । ଯେତେବେଳେ ଆଣ୍ଠୁଏ ପଙ୍କରେ ପଶି ଚନ୍ଦରାର ବାପା ତାହାର ପଙ୍କମିଶା ମାଗୁର ଚିପନ୍ତି , ଉପରେ ଚନ୍ଦରା ଛିଡା ହୋଇ ବାପାକୁ ମାଛ ଉଠୁଥିବା ଜାଗା କହିଦିଏ । ବାପା ସେପଟେ , ବାପା ଏପଟେ । ହେଲେ ଗୋଟେ ମାଛଧରିବାକୁ ସକ୍ଷମ ହୁଅନ୍ତିନି ଚନ୍ଦ୍ରମଣିଙ୍କର ବାପା । ସ୍ୱାମିଙ୍କର ଅଯୋଗ୍ୟ ପଣିଆ ଦେଖି ଚନ୍ଦରାର ମାଆ ଲୁଗାକୁ ଟେକି ପଙ୍କ ଭିତରେ ପସିଯାଏ । ମାଛ ଧରିବା ବେଳେ କିନ୍ତୁ ଭାରି ହୁସିଆର --- ସାହି ପଡିଶା ଯେପରି ନଜାଣନ୍ତି । ଖାସ୍ କରି କାଳୀ ବଡ଼ ବୋଉ । ଜାଣିଲେ ରଖିବନି । ଦିନ ତମାମ କାଢ଼ିବ .... ତା ପଙ୍କ ଗାଡ଼ିଆକୁ କୁଆଡୁ ମୋ ଜେଜେ ଠିକିକରି ନେଇଆସିଥିଲେ ଦଶଅଣା ଛଅ" ହିସାବ ଦେଖାଇ ! ଯେବେଯେବେ ସେ ପଙ୍କଗଡିଆ ଶୁଖା ଯିବା କଥା ପଡେ , ବୋଉ ବାପାର ଝଗଡା ଆରମ୍ଭ ହୁଏ । ବୋଉ କୁହେ ଗୋଟେ ମାଛତ ଧରିପାରୁନୁ ଲଙ୍ଗପଙ୍ଗ ହୋଇ ଗଡିଆଟିକୁ ଶୁଖାଇ ମୋ କୋଷିଳା ଶାଗକୁ ଯାହା ମାରିଲୁ ! ଗଡିଆ ଶୁଖିଲେ ବୋଉ ମୁହଁ ଶୁଖିଯାଏ । ଉଦୁଉଦୁଆ ଖରାରେ ନେଉଟିଆ ଶାଗକୁ ପାଣି ମୁନ୍ଦେ ନମିଳିଲେ , ଗଛ ଜଳିଯାଏ । ହେଲେ ବାପା କୁହେ , "" ଶାଗ ନହେଲେ ନାହିଁ ମାଛ ଖାଇ କିଛି ଦିନ ବେଶ୍ ଆରାମରେ କଟିଯିବ "" ! ବାପା ମୋହର ଗଞ୍ଜେଇ ଟିକେ ନହେଲେ ଚୂନ ଦୋକଡି ନଖାଇଲେ ଶାନ୍ତିରେ ଶୋଇପାରେନି । ହେଲେ ବୋଉ ବାଟ ଜଗି ବସେ -- କୋଉ ବାଡ଼ିପଡ଼ା ଘରକୁ ଗଞ୍ଜେଇ ଆଣୁଟି ଆଣୁ ? ହେଲେ ସନାଜେଜେ ବାରିପଟ ଝର୍କା ପଟେ ନୁଚି କରି ବଢ଼େଇ ଦିଏ । ଯେତେକ ଚୋରିଛୁପା କାମ ସେହି ଝର୍କାପଟେ ହୁଏ । ସେହି ଝରକା ସବୁ ଦେଖେ ହେଲେ ବୋଉ ମୋହର କିଛି ଦେଖିପାରେନି ! ଅଧସେର ପଟାର ଫାଳିକିଆ କବାଟ । ଯେବେ ପବନରେ କବାଟ ବନ୍ଧରେ ପିଟିହୁଏ ସେତେବେଳେ ଛାତିରୁ କଣ ଗୋଟେ ଖସିପଡ଼େ ଭଳି ଲାଗେ । ଝରକାର ଝାଂଜିର କେବେଠୁ ହଜି ଗଲାଣି । ଅଖା ସୁତୁଲିରେ କଣ୍ଟାଟିଏ ଝୁଲୁଥାଏ । ବର୍ଷା ପାଣିପଡିଲେ କେବେକେବେ କବାଟ ବନ୍ଦ କରିବାରେ କାମରେ ଆସେ । ନହେଲେ ବର୍ଷ ତମାମ ଝରକା ଆଖି ଖୋଲା ରଖି ଆମ ବାରି ଜଗେ । ବୋଉ ମୋହର ସବୁବେଳେ କଟକଟ ହେଲେ କଣ ହେଲା , ଭାରି ଦରଦିଆ । ଗାଁରେ କାହା ଘରେ ମଢ଼ ପଡିଲେ ଆମ ଘରେ ଚୁଲି ଜଳେନି । ଗାଁ ମଶାଣି ଆମ ଝରକା ପାଖରୁ ବେଶ୍ ସ୍ପଷ୍ଟ ଦୃଶ୍ୟମାନ । ମଶାଣିରେ ଯୁଇ ଜଳିଲେ ବୋଉ ମୋହର ଝରକା ପାଖରୁ ଶହେ ଦଣ୍ଡବତ ମାରି ବାହୁନେ । ଯମକୁ କାଢ଼େ ---- ମୋତେ ଧରି ସପ୍ତମ ସ୍ୱରର ରାଗ ଯେତେବେଳେ ବାହାର କରେ , ମୋହର ଅମାନିଆ ଆଖିରୁ ବି ଦୁଇ ଟୋପା ଲୁହ ଝରିପଡେ । ବୋଉର କାନ୍ଦଣା ଦେଖି ବାପା ମୋହର ବିରକ୍ତ ହୋଇ କୁହନ୍ତି --- "" ଆରେ ଯିଏ ମଲା , ସିଏ ଆମର ବନ୍ଧୁବାନ୍ଧବ ନା ସାହି ପଡିଶା ? ଯିଏ ମଲେହଜିଲେ ୟାଆରି ଆଖିରୁ ଖାଲି ଲୁହ ନିଗିଡି ପଡୁଛି ! ଖାସ୍ ଏଇଥି ଲାଗି କି କଣ ... ବାପା ଥାଉଥାଉ ବୋଉ ମୋହର ଆଗେ ଚାଲିଗଲା । ବୋଉ ଆଗରେ ଯଦି ବାପା ଚାଲିଯାଇଥାନ୍ତେ ବୋଉକୁ ମୋହର କିଏ ସମ୍ଭାଳିଥାନ୍ତା ? ବୋଉର ଶବ ପଛରେ ବାପା ମୋହର ମଶାଣିକୁ ଗଲାଣି .... ବାରିପଟ ଝରକା ପାଖରୁ ବୋଉ

ଲାଗି ବହେ ବାହୁନିଲା ! ସେହିଦିନ ଠାରୁ ଆଉ ସେ ପଙ୍କ ଗାଡ଼ିଆକୁ କେବେ ଶୁଖାଇଲାଣି । ମନହେଲେ ଗଡିଆରୁ ପାଣି ଆଣି ନେଉଟିଆ ସାଗରେ ଦିଏ । ଝରକା ପାଖରେ ବସି ବାରିପଟରେ ହୋଇଥିବା ବୋଉର ସମାଧିକୁ ଦେଖେ । ଦଉଡି ଯାଇଁ ସମାଧିକୁ ଆଉଁସି ଦିଏ । କାଉ କି କୋଇଲି ଝାଡା କଲେ ହୁସ୍ ହୁସ୍ କରି ଗୋଡ଼ାଏ । ବୋଉ ଯିବାର ଦୁଇମାସ ଭିତରେ ବାପାବି ମୋହର ଚାଲିଗଲେ ।     " ହାପି ବାର୍ଥ ଡେ ଟୁ ପାପା " .... ଅନ୍ୟମନସ୍କ ଥିବା ଚନ୍ଦ୍ରକାନ୍ତ ବାବୁ ଚମକି ପଡିଲେ ! ବୋଉ ବଂଚିଥିଲେ ଘରେ ଆଜି ପିଠାପଣାରେ ଭାସିଥାନ୍ତା ହେଲେ ପିଲାମାନେ ଗୋଟେ ବଡ଼ ଧରଣର କେକ୍ ଟିଏ ଆଣିଥିଲେ । ବଡ଼ ପୁଅ କହିଲା ପାପା "" ସେ ଝରକା ପଟରୁ ବୋହୂ ତୁମର ଦୁଇଥର ଡରିଲାଣି । ଆଉ ବାରିପଟେ ଝରକା ହେବନି ।  କାଲି ଏ ବାରିପଟ ଘର ସହିତ ଏ ଝରକା ଭଙ୍ଗା ହୋଇ ନୂଆ ଘର ହେବ ... ସେ ପଙ୍କ ଗାଡ଼ିଆକୁ ମାଟି ପକାଇ ପୋତାହେବ ବୋଲି ମୁଁ ଟଙ୍କା ଆଡ଼ଭାନ୍ସ ଦେଇଆସିଛି । ନିଜ ପିଲାଙ୍କୁ ନା କହିବାକୁ ସାହସ ନଥିଲା ଚନ୍ଦ୍ରକାନ୍ତ ବାବୁଙ୍କର .....  ! ପରଦିନ ଘର ଭାଙ୍ଗିବାକୁ ବୋଲଡୋଜର ଆସିଲା । ଶେଷଥର ପାଇଁ  ଚନ୍ଦ୍ରକାନ୍ତ ବାବୁ ବାରିପଟ ଝରକାରୁ ବୋଉ ବାପାଙ୍କର ସମାଧିକୁ ଚାହିଁଲେ .... ସତେ ଯେମିତି ସମାଧି ଭିତରୁ ବାପାବୋଉ ତାଙ୍କର ଉଠି ଆସି କହୁଥିଲେ "" ଚନ୍ଦରାରେ ପିଲା ଯାହା କରୁଛନ୍ତି କରନ୍ତୁ , ତୁ  ଯମାରୁ ମନ ଦୁଃଖ କରେନି ... ଆଜିକାଲି କିଏ ଆଉ ବାରିପଟେ ଝରକା କରୁଛନ୍ତି ଯେ ତୋ ପିଲା କରିବେ ??  ଦେଖୁ ଦେଖୁ ବାରିପଟ ଝର୍କାର ଅଧସେରର ଫାଳିକିଆ କବାଟ ପଙ୍କଗଡିଆକୁ ଉଡ଼ିଗଲା  .... ଆଉ ଚନ୍ଦ୍ରମଣିର ଲୁହ ପଙ୍କଗଡିଆରେ ମାଗୁର ମାଛ ସହ ବାପାବୋଉଙ୍କ ସହିତ ସବୁଦିନ ପାଇଁ ସମାଧି ନେଇଗଲା !!

***ଆପଣାର ମାର୍ଗରେ ଆମେ ଯେତେ ଆଗକୁ ଯାଉଥିବା,***

***ଦିବ୍ୟ ପରମ ଉପସ୍ଥିତିର ଆବଶ୍ୟକତା ଅମ ଲାଗି***

***ସେତିକି ଅଧିକ ପରିମାଣରେ ଅବଶ୍ୟମ୍ଭାବୀ ଓ***

***ଅପରିହାର୍ଯ୍ୟ ହେବାରେ ଲାଗିଥିବା ।।***

# କଳଙ୍କିନୀ



ଦୀପଙ୍କର ଦାସ
Rajnagar, Jaleswar, Balasore

ସମୟ ରାତି ୧୨.୩୦ଟା ପାଖାପାଖି ଡାକ୍ତରଖାନା ର ଆବର୍ଜନା କୁଣ୍ଡରୁ ଗୋଟେ ଛୁଆର କାନ୍ଦ ଶୁଭୁଛି।ବଡ଼ ସବୁଜ ଆବର୍ଜନା କୁଣ୍ଡ ଭିତରେ ପଡ଼ିଥିବାରୁ କୁକୁର ମାନେ ଉପରକୁ ଉଠିପାରୁ ନାହାନ୍ତି।ନହେଲେ ଯେତେ କୁକୁର ଥିଲେ ଖାଇସାରନ୍ତେଣି ବୋଧେ। କାନ୍ଦଟା ଏମିତି ଯେମିତି ସେ ପ୍ରଶ୍ନ କରୁଛି ମୋର କଣ ଭୁଲ ରହିଲା। ହୁଏତ ସେ କୋଉ ଯୁବ ଯୁବତୀଙ୍କ ଯୌବନ ବିଳାସର ଚିହ୍ନ କିମ୍ବା ଅନାଥ । ବହୁତ କାନ୍ଦୁଛି ଧରିବାକୁ କେହି ଆସୁନାହାନ୍ତି। ମା ପିଲା କାନ୍ଦିଲେ ଥରେ ହିଁ ଖୁସି ହୋଇଥାଏ ଯେତେବେଳେ ସେ ଜନ୍ମ ହୁଏ,ସେଇ ଥରୁଟିଏ କାନ୍ଦିଲେ ମା ଅନେକ ଖୁସି ହୁଏ।ତାପରେ ନିଜ ଜୀବନ ଦେଇଦିଏ କିନ୍ତୁ ପିଲାକୁ କାନ୍ଦି ବାକୁ ଦିଏନି। ସେ ଗପ ଶୁଣିଥିବେ ବୋଧେ ସେକ୍ସପିଅରଙ୍କ ପ୍ରେମିକା କଥାରେ ପଡ଼ି ପୁଅ କେମିତି ମା କୁ ମାରିଦେଲା।ତଥାପି ମାର କଟା ଶବକୁ ନେଇ ପୁଅ ଯାଉଥିବା ବେଳେ ଝୁଣ୍ଟି ପଡ଼ିଲା।ମା ର କଟା ହୃଦୟଟା ଚିତ୍କାର କରି କହିଲା ଦେଖିକି ଚାଲ ବାପା ପଡ଼ିଯିବୁ।ଏମିତି ହେଉଛି ମା। କିନ୍ତୁ ମା ଏଠି କେମିତି ନିଷ୍ଠୁର ପାଲଟି ଯାଇଛି।ବୋଧେ ସମାଜକୁ ଡରି। ସଂଯୁକ୍ତାର ଦୁଇ ଜଣ ସାନ ଭାଇ ଆଉ ଜଣେ ସାନ ଭଉଣୀ।ବାପା କୋଇଲା ଖଣିରେ କାମ କରୁଥିଲେ । ମାଟିତଳେ କାମ କରୁ କରୁ  ଦୁର୍ଘଟଣାଟିଏ ଘଟି ଗଲା। ଅଣ୍ଟା ରେ ଅନେକ ଆଘାତ ଲାଗିଲା ।ତେଣୁ ଡକ୍ଟର କହିଛନ୍ତି କାମ କରିବା ମନା।ଔଷଧ ଚାଲିଛି ତେଣୁ ସଂଯୁକ୍ତାକୁ ପାଠ ଛାଡ଼ି କାମ ଖୋଜିବାକୁ ପଡ଼ିଲା। ଗୋଟେ ଆବାସିକ ବିଦ୍ୟାଳୟରେ ରିସପ୍ସନିଷ୍ଟ ଭାବେ ଯୋଗ ଦେଲା। ଅଭିଭାବକ ପିଲା ଆସିଲେ ତାଙ୍କୁ କେତେ କଥା ବୁଝାଏ । ଛୋଟ ଛୋଟ ଛୁଆ ଗୁଡା ବଡ଼ ବଡ଼ ଆଖି କରି ଦେଖନ୍ତି ତାକୁ,ଯେମିତି ସେ କଣ ଗୋଟେ ଅଜଣା କଥା କହୁଛି। ଦେଶ ବିଦେଶ,ପାଠ, ବିଦ୍ୟାଳୟ, ଶିକ୍ଷକ  ସମସ୍ତଙ୍କ କଥା ବୁଝାଇ କହିବାକୁ ପଡ଼େ। ଦିନେ ତାର ବି ସ୍ୱପ୍ନ ଥିଲା ପାଠ ପଢ଼ି ବଡ଼ ମଣିଷ ଟେ ହବ।କିନ୍ତୁ ଯଦି ସବୁ ଆଶା ଗୁଡ଼ିକ ଘୋଡ଼ା ହୁଅନ୍ତେ ନା ଭିକାରିବି ତାକୁ ଚଢ଼ନ୍ତେ। ସବୁ ଆଶା ଆଜି ତାର ଅତୀତ ପାଲଟି ଯାଇଛି। ସେଇ ବିଦ୍ୟାଳୟରେ ତାର ସହକର୍ମୀ ଥିଲେ ବିକାଶ ।ତେଣୁ ଗଢି ହୁଏ ବନ୍ଧୁତା ,ସବୁବେଳେ ଚୁପ୍ ଚାପ୍ ରହୁଥିବା ଝିଅଟା ତା ଆଗରେ କହିବୁଲେ ଅନେକ କଥା।ତାର ଅତୀତ ତାର ବର୍ତ୍ତମାନ ତାର ଭବିଷ୍ୟତ ସବୁ କହିଦିଏ। ବିକାଶ ବି କହେ ଅନେକ କଥା । ଦୁହେଁ ଦୁହିଁଙ୍କର ସୁଖ ଦୁଃଖ ବାଣ୍ଟନ୍ତି। ସତରେ ଗୋଟେ ଯବାନ ଝିଅ ଆଉ ପୁଅ କଣ ଖାଲି ସାଙ୍ଗ ହେଇରହିପାରନ୍ତି। ତୋଳା ହେଲା ଆଉ ଗୋଟେ ସମ୍ପର୍କ।ସମ୍ପର୍କ ନଇର ଅନ୍ୟନାମ ପ୍ରେମ ହେଲା,ଗୋଟେ ଡ଼ଙ୍ଗା ଦୁଇଟା ନାଉରୀ। ଟଳମଳ ପାଣିର ସୁଅରେ ମନ୍ଥର ଗତିରେ ଡ଼ଙ୍ଗା ଚାଲିଲା ପରିସ୍ଥିତିର ସବୁ ଲହରୀ ଭାଙ୍ଗି। ଅନେକ ବିଶ୍ୱାସ ଦୁହିଁ ଙ୍କ ମଧ୍ୟରେ । ଦୁହିଁଙ୍କ ଘରେ ବି ଜାଣିଗଲେ। ସ୍କୁଲ ଆଡ଼ମିଶନ ସମୟ କାମ ବଢି ଯାଇଛି ଫେରୁ ଫେରୁ ଡେରି ହୁଏ ସପ୍ତାହେ ହେଲା। ସହରରେ ଦୁହେଁ ରୁହନ୍ତି ଭଡ଼ା

ଘରେ।ସ୍କୁଲ ପାଖରୁ ବିକାଶ ଭଡ଼ା ଘର ପାଖରେ। ସେଦିନ ବହୁତ୍ ବର୍ଷା ଆଉ ଘଡ଼ଘଡି ହେଲା। କଳାହାଣ୍ଡିଆ ମେଘ।ବହୁତ୍ କଷ୍ଟରେ ଭିଜି ଭିଜି ବିକାଶ ଭଡ଼ା ଘର ପାଖରେ ପହଞ୍ଚି ପାରିଲେ ଦୁଇଜଣ। ଘର ଭିତରକୁ ଯାଇ ପୋଛା ପୋଛି ହେଲା ପରେ ସଂଯୁକ୍ତା ଦାନ୍ତ କଡମଡ ଶବ୍ଦ କଲା ।ବିକାଶ କହିଲା ରୁହ ଟିକେ  ଚାହା କରି ଆଣୁଛି। ବର୍ଷା ଥମିବାର ନା ଧରୁନି । ରାତିରେ ରହିବାକୁ ହେଲା। ଆଉ ଶରୀର ପ୍ରତିକ୍ରିୟା କଲା ,ଘଟିଗଲା ଘଟଣା। ସେ ଘଟଣା ସମ୍ପର୍କ ରଜ୍ଜୁରେ ବନ୍ଧା ଥିଲେ ହୁଏ ଘଟଣା ନହେଲେ  ଦୁର୍ଘଟଣା ।ତେଣୁ ଏଇଟା ହେଲା  ଦୁର୍ଘଟଣା। ବର୍ଷାର ମାଟିରେ ମଞ୍ଜି ପଡି ଅଙ୍କୁରୋଦଗମ ହେଲା।କଥାଟା ପରେ ଜଣା ପଡ଼ିଲା।ବିକାଶ କହିଲା ଏମିତି ଆମ ଘରେ ତୁମକୁ ଗ୍ରହଣ କରିବେନି। ପିଲାଟାକୁ ନଷ୍ଟ କରିଦିଅ।ଅନେକ ଚେଷ୍ଟା ପରେ ମଧ ଭ୍ରୁଣ ନଷ୍ଟ ହେଇ ପାରିଲାନି।ସମୟ ହେଲା ଜନ୍ମର। ସହର ବାହାରେ ଏକ ଘରୋଇ ଡାକ୍ତଖାନାରେ ୧୧ ଟା ରାତିରେ ଜନ୍ମ ନେଲା ଶିଶୁଟି। ସଂଯୁକ୍ତା ଅଚେତ୍ ଅବସ୍ଥାରେ ବିକାଶ ନେଇଯାଇ  ଶିଶୁଟିକୁ ଫୋପାଡି ଦେଇଆସିଲା ଆବର୍ଜନା କୁଣ୍ଡରେ । ସଂଯୁକ୍ତା ଚେତା ଫେରିଲା ସେ ପାଗଳ ପ୍ରାୟ ହୋଇ ପିଲା ଟାକୁ ଖୋଜିଲା ଜାଣିପାରିଲା ସବୁ କଥା। କାନ୍ଦି କାନ୍ଦି ଥକି ଯାଉଥିଲା ପିଲାଟି। ଦୌଡ଼ି ଦୌଡ଼ି ଯାଇ ସେ ରକ୍ତ ପୂଜ ଥିବା ଆବର୍ଜନା ଭିତରୁ ତାକୁ ବାହାରକୁ ଆଣିଲା। ହଁ ସେ କଳଙ୍କିନୀ ହେଲା କାରଣ କୁନ୍ତୀର ଆଖ୍ୟା ତାକୁ ମଞ୍ଜୁର ନଥିଲା।

*କାଳର କୌଣସି ଅପେକ୍ଷା ନକରି , ଦୂରତା ବିଷୟରେ ଆଦୌ କୌଣସି ନରଖି ଏବଂ ଉପସ୍ଥିତ ଅଗ୍ନି ପରୀକ୍ଷାର ଶିଖା ମଧ୍ୟରୁ ଶୁଦ୍ଧ ହୋଇ ବାହାରି ଆମେ ଆମର ଲକ୍ଷ ସେହି ଅତିମାନସ ବିଜୟର ଉପଲବ୍ଧି ଅଭିମୁଖରେ ଉଡି ଚାଲିଯିବୁ ଏବଂ ବାଟରେ ଆଦୌ କୌଣସି ଠାରେ ମଧ ଅଟକି ରହିବୁ ନାହିଁ....*

# କୃଷ୍ଣ ପ୍ରେମେ...



ବନ୍ଦିତା ମହାନ୍ତି
ବେଗୁନିଆପଡ଼ା, ଗଞ୍ଜାମ

କୃଷ୍ଣ ପ୍ରେମେ ବାଇ ହୋଇ ମୁଁ ଯେ ପ୍ରଫୁଲ୍ଲିତ,
ପ୍ରତିଦିନ ପ୍ରତିକ୍ଷଣେ ତାଙ୍କୁ ସମର୍ପିତ ।।

ହଜିଯାଏ ମଜିଯାଏ ତାଙ୍କରି ପ୍ରେମରେ,
ଦିବା ରାତ୍ର କାଳରେ ଯେ ତାଙ୍କୁ ହିଁ ତ ସ୍ମରେ ।।

ଅଗତିର ଗତି ସେହି ମୋ ମାର୍ଗ ଦର୍ଶକ ,
ଅବ୍ୟକ୍ତ ଠାକୁର ଅଟେ ସେ ନୀଳ କନ୍ଦର୍ପ ।।

ଅନନ୍ତ ମହିମା ଯା'ର କି ବର୍ଣ୍ଣିବି ମୁହଁ ,
ଆକାର ନାହିଁ ତା' ନିରାକାର ବ୍ରହ୍ମ ସେହି।।

ଘନନୀଳ ବର୍ଣ୍ଣ ତା'ର ଅଟେ ସୁଶୋଭିତ ,
ସେ ନୀଳ ବର୍ଣ୍ଣ ଯେ ସାରା ଜଗତେ ଗ୍ରାସିତ ।।
ଅପରୂପ ସୌନ୍ଦର୍ଯ୍ୟ ତା' ଦେଖି ଶୋଭା କାନ୍ତି ,
ହଜିଗଲି ତା' ପ୍ରେମରେ ଭୁଲି ମନ ଭ୍ରାନ୍ତି।।

ପ୍ରେମ ମାୟା ପ୍ରେମ କାୟା
ପ୍ରେମ ହିଁ ବନ୍ଧନ,
ପ୍ରେମ ବିନା ଜଗତ ଟା
ଅଟେ ମହା ଶୁନ୍ୟ।।

ପ୍ରେମ ଦୟା ପ୍ରେମ
ଛାୟା ପ୍ରେମ ହିଁ
ଜୀବନ ,
ପ୍ରେମ ବିନା ଛାର ଏଠି ଧନ ଯୌବନ।।

ପ୍ରେମ ପାଇଁ ହସେ ଏଠି ନଭେ ରବି ଶଶୀ,
ପ୍ରେମର ପରଶେ ମଲ୍ଲି ଫୁଟି ଉଠେ ବାସି।।

ତରୁ ଲତା ଗୀତ ଗାଏ ତାହାରି ପ୍ରେମରେ,
ଚାଲ ମଜିଯିବା ସର୍ବେ ତା'ର ଭଜନରେ।।

ନାମ ମୟ ପ୍ରେମମୟ ସେହି ଚକ୍ର ଧାରୀ ,
ସଭିଙ୍କ ମଙ୍ଗଳ କର ଏତିକି ଗୁହାରୀ।।

# ଶ୍ୱେତା....



ଜ୍ଞାନ ରାଉଳ
ବାଲେଶ୍ୱର, ଓଡିଶା

ଜୀବନ ର ମଧ୍ୟାହ୍ନ ରେ ପାଦ ଦେଇ ଥିବା ମୁଁ ସୌରଭ ମହାନ୍ତି।ଆଜି ବି ଅତୀତ ରେ ଘଟିଥିବା ସେଇ ପୁରୁଣା ପ୍ରେମ କୁ ଭୁଲାଇ ପାରିନି। ଆଜି ମୁଁ ସମାଜ ରେ ଜଣେ ବଡ ଶିଳ୍ପପତି।ପୁଣି ବିବାହିତ, ଗୀତାଞ୍ଜଳି ମୋର ପତ୍ନୀ ଯିଏ ମୋର ସବୁ ଦୁଃଖ ଓ ସୁଖ ରେ ସାଥୀ ହୋଇ ଆସିଛନ୍ତି।ଆମର ପୁଣି ଗୋଟେ ପୁଅ ତା ନା ଅବିନାଶ, ସେ ବି କେ.ଜି ରେ ପଢୁଛି। ଏଇ କିଛି ଦିନ ହେବ ତାର ଦେହ ଖରାପ ଥିଲା। ତାକୁ ସେଣ୍ଟ୍ରାଲ ହସ୍ପିଟାଲ୍ ର ଶିଶୁ ବିଶେଷଜ୍ଞ ପାଖକୁ ନବା ପାଇଁ ସ୍ଥିର  କଲି। ଡ଼.ଅନୁପ ଆମର ଘୋରୋଇ ଡାକ୍ତର ହେଲେ ତାଙ୍କ ର କେନ୍ଦ୍ରାପଡ଼ା କୁ ବଦଳି ହୋଇଯାଇ ଥିବାର ଶୁଣିଲି । ତାଙ୍କ ଜାଗା ରେ କିଏ ନୂଆ ଡାକ୍ତର ଆସିଥାନ୍ତି। ମୁଁ ପୁଅ କୁ ନେଇ କାର ରେ ବସିଲି ଡ୍ରାଇଭର କୁ ହସ୍ପିଟାଲ୍ ନେବା ପାଇଁ କହିଲି। ହସ୍ପିଟାଲ୍ ରେ ପହଞ୍ଚି ମୁଁ ଶିଶୁ ବିଭାଗ କୁ ପଶୁ ପଶୁ ଡାକ୍ତର ଙ୍କ ଜାଗା ରେ ଶ୍ୱେତା କୁ ସେଠି ଦେଖି ମୁଁ କିଛି ସମୟ ପାଇଁ ସ୍ତବ୍ଧ ରହିଗଲି । ସେ ବି ମତେ ଦେଖି ଆଶ୍ଚର୍ଯ୍ୟ ହୋଇଗଲା। ତାକୁ ଦେଖି ମୁ ଯେମତି ସେହି ପୁରୁଣା ଦିନ କୁ ଫେରି ଯାଉଥାଏ। ଶ୍ୱେତା ସାଥୀ ରେ ମୋର  ପ୍ରଥମ ଥର ପାଇଁ କଲେଜ ରେ ଦେଖା ହୋଇଥିଲା। ସମସ୍ତେ କୁହନ୍ତି ପ୍ରଥମ ଦେଖା ରେ ପ୍ରେମ ହୋଇଯାଏ,କିନ୍ତୁ ମୋର ସେମିତି କିଛି ହୋଇନଥିଲା। ତା ସହ ଧୀରେ ଧୀରେ ମିଶିବା ପରେ ମତେ ସେ ଭଲ ଲାଗିବା କୁ ଲାଗିଲା। ମୁଁ ଥିଲି ଧନୀ ଘର ର ପୁଅ ଆଉ ସେ ଜଣେ ହାଇସ୍କୁଲ ଶିକ୍ଷକ ଙ୍କ ଝିଅ । ହେଲେ ମତେ ତାର ଗୁଣ ତା ପ୍ରତି ବେଶି ଆକର୍ଷିତ କରୁଥାଏ। ସେ ସବୁ ଝିଅ ଙ୍କ ପରି ଏତେ କାହା ସହ ମିଶେନି ଅଧିକାଂଶ ସମୟ ପଢା ପଢି ରେ ବ୍ୟସ୍ତ ରୁହେ।ମୁଁ ତା ଠାରୁ ପୁରା ବିପରୀତ ମନେ ପୁରା  ବିନ୍ଦାସ୍ , ହେଲେ ତାକୁ ଭଲ ପାଇବା ପର ଠାରୁ ମୁଁ ଧୀରେ ଧୀରେ ବଦଳିବା କୁ ଲାଗିଲି। ମୁଁ  ମୋ ମନ କଥା ତାକୁ କହିବା ପାଇଁ ସ୍ଥିର କଲି। ଦିନେ କଲେଜ ସାରିବା ପରେ ତାକୁ ଡାକିଲି । ସେ ମୋ ପାଖକୁ ଆସି ପଚାରିଲା କଣ ହେଲା କୁହ ମୁଁ ଟ୍ୟୁସନ ପାଇଁ ଲେଟ୍ ହେଉଛି।ମୁଁ ଆଗରୁ କାହା କୁ କେବେ ପ୍ରୋପୋଜ୍ କରି ନଥିଲି। ସେଥିପାଇଁ ଟିକେ ନୋର୍ଭସ୍ ଲାଗୁଥିଲା, ତଣ୍ଟି ବି ଶୁଖିବା ଭଳିଆ ଲାଗୁଥିଲା,ହାତ ଗୋଡ ଥରିବା ଭଳିଆ ଲାଗୁଥିଲା। ତ ଯେମିତି ହେଉ ମୁ ତାକୁ ପ୍ରୋପୋଜ୍ କରିଦେଲି।ମତେ ଲାଗିଲା କି ସେ ମତେ ଗାଳି  ଦେବ।ହେଲେ ସେ ମତେ ପ୍ରଥମେ ମତେ ତା ପାଖରେ ବସିବା କୁ କହିଲା ।ମୁଁ ବସିଲି ସେ ମତେ କହିଲା ଦେଖ ତୁମ ପାଖରେ କୋଣସି କମି ନାହିଁ ତୁମକୁ କେହି ବି ଝିଅ ମିଳିଯିବ। ମୋର ଓ ମୋ ବାପା ଙ୍କ ର ଗୋଟେ ସପ୍ନ କି ମୁଁ ଡାକ୍ତର ଟେ ହେବି। ମୁଁ ତା ଛଡ଼ା ଅନ୍ୟ କୌଣସି ବିଷୟ ରେ ପଶିବା ପାଇଁ ଚାହୁଁ ନାହିଁ।ମୁଁ କହିଲି ଠିକ୍ ଅଛି ତୁମେ ତୁମ ସପ୍ନ ପୂରଣ କର,ମୁଁ ତୁମକୁ ଟିକେ ବି ଡିଷ୍ଟର୍ବ କରିବିନି।।ତୁମ ସପ୍ନ ପୂରଣ ହେବା ଯାଏଁ ଅପେକ୍ଷା କରିବି।ସେ ମୋ ସାଥୀ ରେ ଆଉ ବେଶି ଯୁକ୍ତି କରିପାରିଲା ନାହିଁ ।  ଠିକ୍ ଅଛି ମୁଁ ସେ ବିଷୟ ରେ ଭାବିବି ବୋଲି କହି ଚାଲିଗଲା ମୁଁ ତା ଯିବା ବାଟ କୁ

ସେମିତି ଚାହିଁ ରହିଥାଏ। ଏମିତି କିଛି ଦିନ ବିତିଗଲା ସେ କିଛି କହୁ ନ ଥାଏ,ଯେତେ ଦିନ ବିତୁଥାଏ ମୁଁ ସେତେ ଅଧର୍ଯ୍ୟ ହେଉଥାଏ । ମୁଁ ଆଉ ସହି ନ ପାରି ଦିନେ ରାଗିକି ତା ହାତ କୁ ଧରି ପଛ ପାଖକୁ ନେଇ ଗଲି। କହିଲି ଆଉ କେବେ ତୁମେ ମୋ ପ୍ରୋପୋଜ୍ ର ଉତ୍ତର ଦେବ। ମୁଁ ଆଉ ଅପେକ୍ଷା କରିପାରୁନି।ସେ କହିଲା ତୁମେ ତ କହିଥିଲ ମୋ ସପ୍ନ ପୂରଣ ହେବା ଯାଏଁ ଅପେକ୍ଷା କରିବ ଏବେ କଣ ହେଲା।ମୁଁ କହିଲି ହଁ କରିବି ହେଲେ ଥରେ ହଁ ତ କରିଦିଅ ମୁଁ ସାରା ଜୀବନ ଅପେକ୍ଷା କରିବି। ସେ ମତେ ସେଦିନ ହଁ କରିଦେଲା। ସେଦିନ ମୋ ମନ ର ଆକାଶ ରେ ବିନା ବର୍ଷା ରେ ସତେ ଇନ୍ଦ୍ରଧନୁ ଟେ ଖେଳିଗଲା। ସେ ଭଲ ପଢୁଥାଏ ସେଥି ପାଇଁ ଆଗ ରେ ବସେ ବାସ୍ ତାକୁ ଦେଖିବା ପାଇଁ ମୁଁ ବି ଆଗ ବେଞ୍ଚ ରେ ବସି ଗଲି। ଆମ ସାର ଯେତେବେଳେ ଆସିଲେ ମତେ ଆଗ ବେଞ୍ଚ ରେ ଦେଖି କହିଲେ ଆଛା ଆଜି ସୂର୍ଯ୍ୟ କଉ ଦିଗରୁ ବାହାରିଛି କି। ସେ ପାଠ ପ୍ରତି ପୁରା ଏକ୍ଟିଭ ତା ନଜର କଳାପଟା ଉପରୁ ହଟେନି ଆଉ ମୋର ତା ଉପରୁ। ସେ ପଢା ପଢି ରେ ବ୍ୟସ୍ତ ରହି ମତେ ବେଶି ଟାଇମ ଦେଇପରେନି ସତ କିନ୍ତୁ ପ୍ରତିଦିନ ସେ ମୋ ପାଇଁ ଯେମିତି ହେଲେ ଅଧ ଘଣ୍ଟାଏ ସମୟ କାଢି ନିଏ। ଆଉ ସେ ଘରୁ ଆଣିଥିବା ଟିଫିନ୍ ମତେ ନିଜ ହାତ ରେ ଖୁଆଇଦିଏ ।  ଏମିତି ରେ ଆମର କଲେଜ ବି ସରିଗଲା।ସେ ମେଡିକାଲ୍ ଟ୍ରେନିଂ ପାଇଁ ଭୁନେଶ୍ୱର ଚାଲିଗଲା, ମୁଁ ବିଜ୍ନେଶ୍ ଟ୍ରେନିଂ ପାଇଁ ଦିଲ୍ଲୀ ଚାଲିଆସିଲି। ତା ପରେ ଆମେ ଯାହା ଫୋନ୍ ରେ କଥା ହେଉ।ସେ ବେଳେ ବେଳେ ବ୍ୟସ୍ତ ରହି ଫୋନ କରିପାରେନି।।ଆମେ ଏତେ ଦୂର ରେ ଥିଲୁ ସତ ହେଲେ ଆମ ଦୁଇ ଜଣ ଙ୍କର ପ୍ରେମ ଟିକେ ହେଲେ ବି କମି ନଥିଲା। ଏମିତି ଦେଖୁ ଦେଖୁ ଗୋଟେ ବର୍ଷ କେମିତି ବିତିଗଲା ଜଣା ପଡିଲାନି। ଆଉ ମୋର ବି ଟ୍ରେନିଂ ସରି ଯାଇଥାଏ । ଆଉ ତାକୁ ବି ଭୁବନେଶ୍ୱର ସରକାରୀ ହସ୍ପିଟାଲ୍ ପୋଷ୍ଟ ମିଳି ଯାଇଥାଏ। ମୁଁ ଦିଲ୍ଲୀ ରୁ ସିଧା ଭୁବନେଶ୍ୱର ଫ୍ଲାଇଟ ରେ ବସିଲି।ମୁଁ ଚାହୁଁ ଥିଲି ତାକୁ ପ୍ରଥମେ ଦେଖା କରି ଘରକୁ ଯିବି। ମୁଁ ଆସୁଚି ବୋଲି ତାକୁ କିଛି କହି  ନଥାଏ।ତାକୁ ସରପ୍ରାଏଜ୍ ଦେବା ପାଇଁ ଚାହୁଁ ଥାଏ। ଭୁବନେଶ୍ୱର ରେ ଫ୍ଲାଇଟ ଲାଣ୍ଡ କଲା ମୁଁ ଡ୍ରାଇଭର କୁ ଆଗରୁ ଏଆରପୋଟ୍ କୁ ଆସିବା ପାଇଁ କହି ଦେଇଥାଏ। ସେଠୁ ଆମେ ସିଧା ଶ୍ୱେତା ର ହସ୍ପିଟାଲ୍ କୁ ଗଲୁ। ସେଠି ଯାଇ ମୁଁ ହସ୍ପିଟାଲ୍ ରେ ଜଣେ ନର୍ସ କୁ ପଚାରିଲି ମେମ୍ ଡକ୍ଟର.ଶ୍ୱେତା କୋଉଠି ମିଳିବେ କହି ପାରିବେ କି ? ସେ କହିଲେ ହଁ ତାଙ୍କର ଏବେ ଡିଉଟି ସରିଲା ସେ ଷ୍ଟାଫ୍ ରୁମ୍ ରେ ଥିବେ।ଆପଣ କଣ ତାଙ୍କର ସମ୍ପର୍କିୟ କି? ମୁଁ ହଁ ଭରିଲି ।ସେ ମତେ  ଷ୍ଟାଫ୍ ରୁମ୍ କୁ ରାସ୍ତା ଦେଖାଇ ଦେଲେ । ମୁଁ ଯିବା ବେଳ କୁ ଶ୍ୱେତା ଖାଉଥିଲା।ମତେ ଦେଖି ସେ ଏତେ ଖୁସି ହୋଇଗଲା ଯେମିତି ବହୁ ଦିନରୁ ମନ ଖୋଜୁଥିବା ଜିନିଷ ତାକୁ ମିଳିଗଲା।ସେ ଖାଇବା ଅଧା ରେ ଛାଡି ମୋ ପାଖ କୁ ଚାଲି ଆସିଲା।ମତେ ତାକୁ ଜୋର୍ କରି କୁଣ୍ଢାଇ ପକାଇ ଏତେ ଦିନ ର ବିରହ  କୁ ଦୁରେଇ ଦବା କୁ  ଇଛା ହେଉଥିଲା। ସମସ୍ତେ ଥିବାରୁ ମୁଁ ଖାଲି ତାକୁ ଦେଖି କରି ମନ ଶାନ୍ତ କରିନେଲି। ସେ ମତେ ପଚାରିଲା ତୁମେ ଆସୁଛ ବୋଲି କାହିଁ କହି ନ ଥିଲା। ଖାଇଛ କି ନାହିଁ? ମୁଁ କହିଲି ବାବା ମୁଁ ପ୍ଲେନ୍ ରେ ଖାଇ ଥିଲି ତୁମେ ବ୍ୟସ୍ତ ହୁଅନି।ତୁମେ ଖାଇ ସାର ଆମେ କଥା ହେବା।ସେ କହିଲା ତୁମେ କେତେ ବେଳେ ଖାଇ ଥିବ ମୋ ସହ ଖାଇ ବସ। ତା ହାତରୁ ଖାଇବା କୁ ଜାଣେନି କେତେ ଦିନ ହେଇଯିବ! ସବୁ ଷ୍ଟାଫ୍

ମନେ ଖାଇ କରି ବାହାରି ଗଲେଣି।ସେ ମୁଁ ଆଉ ଥାଉ ,ମୁଁ ହାତ ଧୋଇ ଆସି ଖାଇବା କୁ ଯାଉଛି ସେ କହିଲା ରୁହ ମୁ ଖୁଆଇ ଦେଉଚି।କଣ ହେଲା ଏଇଆ ଭାବୁଥିଲ ନା? ମୁଁ  ପଚାରଲି ତୁମେ କେମିତି ଜାଣିଲ? ମୁଁ ଏ କଥା ଭାବୁଥିଲି।ସେ ମତେ ଖୁଆଉ ଖୁଆଉ କହିଲା ତୁମ ମନ କଥା ମୁଁ ବୁଝିବିନି ତ ଆଉ କିଏ ବୁଝିବ,ତୁମେ ଆଉ କଥା ନ କହି ଖାଉ। ସତ ରେ ଏତେ ଦିନ ପରେ ମୁଁ ପେଟ ଭରି ଖାଉଥାଏ।ତାର ଡ଼ିଉଟି ସରି ଯାଇଥିବା ରୁ ମୁଁ ତା ସହ ସିଧା ତା ରୁମ୍ କୁ ଗଲି। ତା ରୁମ୍ ରେ ଟିକେ ରେଷ୍ଟ ନେଇ ଘର କୁ ବାହାରି ଗଲି।ଘରେ ପହଞ୍ଚିଲା  ବେଳକୁ ରାତି ଦଶଟା ପାଖା ପାଖି ହେଇ ଗଲା।ମୁଁ ଘରେ ପହଞ୍ଚିଲା ବେଳକୁ ମମି ମୋ ପାଇଁ ଖାଇବା ବାଢ଼ି ଅପେକ୍ଷା କରି  ବସିଥାନ୍ତି। ମୁଁ ଖାଇଦେଇ ଶୋଇପଡ଼ିଲି।  ଏ ଭିତରେ ଦୁଇ ବର୍ଷ ବିତିଗଲା ମୁଁ ଆମ ବିଜିନେଶ୍ କୁ ଟେକ୍ ଓଭର କରି ନେଇଥାଏ। ଏମିତି ସବୁ ଠିକ୍ ଠାକ୍ ଚାଲିଥାଏ। ମୁଁ ଘରେ ତା କଥା କହି ଦେବି ବୋଲି ଭାବୁଥିଲି ,ହେଲେ ଏତିକି ବେଳେ ଗୋଟେ ଅସୁବିଧା ହେଇଗଲା ମୋ ବଡ଼ଭାଇ କାହାକୁ କିଛି ନ କହି ମନ୍ଦିର ରେ ବାହା ହେଇ ଆସିଲେ। ବାପା ଙ୍କ ର ଭରଷା ମୋ ଠାରୁ ବେଶି ତାଙ୍କ ଉପରେ ଥିଲା।ହେଲେ ସେ ବାପା ଙ୍କ ମାନ୍ ସମ୍ମାନ କୁ ମାଟି ରେ ମିଶାଇ ଦେଇ ଚାଲିଗଲେ। ହେଲେ ମତେ ଏକ ବିକଟାଳ ସଙ୍କଟ ଦେଇଗଲେ। ମୁଁ ତା କଥା କହିବି ବୋଲି ଭାବୁଥିଲି ହେଲେ ଏ ସମୟ ରେ କେମିତି କହିବି ଭାବି ପାରୁ ନଥାଏ।ବାପା ବି ମୋ ପାଇଁ ଝିଅ ଖୋଜିବା ରେ ଲାଗି ପଡିଥାନ୍ତି । ବାପା ଙ୍କୁ ନ ହେଲେ ନାହିଁ ମୁଁ ମମି ଙ୍କୁ କହିବା ପାଇଁ ସ୍ଥିର କଲି।ମୋ ମମି କହିଲେ ତୁ ଯଦି ତା ସହ ସଂପର୍କ ରଖିବୁ ତା ହେଲେ ମୁଁ ବିଷ ପିଇ ଦେବି।ମୋର ଗୀତା ସାଥିରେ ବିବାହ ଠିକ୍ ହୋଇ ଗଲା। ମୁଁ ଭାଇ ଙ୍କ ପରି ଘରୁ ପଳେଇଯାଇ ଶ୍ୱେତା ସାଥିରେ ମନ୍ଦିର ରେ ବିବାହ କରିବା ପାଇଁ ସ୍ଥିର କଲି।ମୁଁ କଣ କରିବି ମୋ  ମୁଣ୍ଡ କାମ କରୁ ନଥାଏ। ବାହାଘର କୁ ଆଉ ମୋଟେ ଦୁଇ ଦିନ ଥାଏ। ମୁଁ କାହାରି କୁ କିଛି ନ କହି ଭୁବନେଶ୍ୱର ଯିବା ପାଇଁ ବାହାରିଲି। ତା ରୁମ୍ ରେ ପହଞ୍ଚିଲା ବେଳକୁ ସନ୍ଧ୍ୟା ହୋଇଯାଇ ଥିଲା। ସେ ମତେ ଏ ସମୟ ରେ ରୁମ୍ ରେ ଦେଖି ପଚାରିଲା ତୁମେ ଆସୁଛ ବୋଲି ମତେ କିଛି କହିଲନି, ହଉ ଭିତର କୁ ଆସ। ମୁଁ ତାକୁ କୁଣ୍ଢାଇ କେବଳ କାନ୍ଦିବା କୁ  ଲାଗିଲି,ସେ ମତେ କହିଲା ହଉ ହେଲା ବାବା ଏବେ କଣ ହେଇଛି କୁହ?ମୁଁ ତାକୁ  ସବୁ କଥା କହିଲି । ସେ ଏମିତି କଥା ଶୁଣିବ ବୋଲି କେବେ ବି ଭାବି ନ ଥିଲା। ସେ କିଛି ସମୟ ପାଇଁ ସ୍ତବ୍ଧ ରହିଗଲା।ମୁଁ ତାକୁ ଆମେ ମନ୍ଦିର ରେ ଯାଇ ବାହା ହୋଇଯିବା ବୋଲି କହିଲି । ସେ ପ୍ରଥମେ ନିଜ କୁ ସମ୍ଭାଳି ମତେ ବୁଝାଇବାକୁ ଲାଗିଲା। ମୁଁ ତାକୁ କହିଲି  ଦେଖ ମୁଁ ତୁମ ବିନା ଆଉ କାହା ସାଥୀରେ ଜୀବନ ଜିଇଁ ପାରିବିନି।ସେ କହିଲା ପ୍ରେମ ମାନେ ଖାଲି ଏ ନୁହେଁ କି ଦୁଇ ଜଣ ଦୁଇ ଜଣ ଙ୍କ ପାଖରେ ରହିବେ। ଆଉ ତୁମେ କେବଳ ନିଜ ପାଇଁ ଏତେ ସ୍ୱାର୍ଥପର କେମିତି ହେଇ ପାରୁଚ ଟିକେ ତାଙ୍କ କଥା ବି ତ ଭାବ ଯିଏ ତୁମକୁ ଛୋଟ ରୁ ବଡ କରିଛନ୍ତି ତୁମ ସପ୍ନ ପାଇଁ ନିଜ ରକ୍ତ କୁ ପାଣି କରି ଦେଇଛନ୍ତ। ସେମାନେ କେବେବି  ତୁମର ଖରାପ ଭାବିବେ ନାହିଁ। ଆଉ ତୁମ କୁ ମୋ ରାଣ ତୁମେ ଏ ବିବାହ କରିବା। ମୁଁ ସବୁ ବେଳେ ତୁମ ହୃଦୟ ରେ ମାନେ ତୁମ ପାଖରେ ରହିବି। ପ୍ରେମ ହୃଦୟ ରୁ ହୁଏ ଶରୀର ରୁ ନୁହେଁ ସେଥି ପାଇଁ ତୁମେ ତୁମ ବାପା ମା ଙ୍କ ପସନ୍ଦ ଝିଅ କୁ ବାହା ହେଇ ଯାଉ ମୋ ପାଖରେ ଆଉ କିଛି ଚାର ହିଁ ନଥାଏ । ମୁଁ କହିଲି

ହଉ ଠିକ୍ ଅଛି ତୁମ କଥା ମାନି ଏ ବିବାହ କରିବି ,ହେଲେ ତୁମେ ବି ମତେ କଥା ଦିଅ କି ତୁମେ କେବେ ବି ଆଉ ମୋ ସାମ୍ନା କୁ ଆସିବନି ନ ହେଲେ ମୁଁ ନିଜ କୁ ସମ୍ଭାଳି ପାରିବିନି।ମୁଁ ତାକୁ ଶେଷ ଥର ପାଇଁ ତା ହାତ ରେ ମତେ ଖୁଆଇ ଦେବା ପାଇଁ କହିଲି। ସେ ମୋ ପାଇଁ ମୋ ପସନ୍ଦ ର ମଟର ପନିର ଆଉ ରୁଟି ବନେଇ କି ନେଇ ଆସିଲା ଆଉ ନିଜ ହାତ ରେ ଖୁଆଇବା କୁ ଲାଗିଲା। ତା ହାତ ଥରୁ ଥାଏ ତଥାପି ସେ ମୋ ଆଖିରୁ ଲୁହ ପୋଛି ଦେଇ ଗୋଟେ ପରେ ଗୋଟେ ରୁଟି ମୋ ପାଟି ରେ ଭରି ଦେଉଥାଏ। ମୁଁ ସେଦିନ ତାକୁ ରୋକି ନଥିଲି ଜାଣିଥିଲି ଏଟା ତା ହାତ ରୁ ମୋର ଶେଷ ଖାଇବା। ମୁଁ ଖାଇସାରି ତା କୋଳ ରେ ମୁଣ୍ଡ ରଖି ଶୋଇବା କୁ ଲାଗିଲି। ସେ ମତେ ବୁଝାଉ ଥାଏ ଗୀତା କୁ ତା ଠାରୁ ବି ଅଧିକ ପ୍ରେମ ଦେବା ପାଇଁ ।ଆଉ ତାକୁ ମନ ରୁ ଭୁଲାଇ ଦେବା ପାଇଁ। ମତେ ତା କୋଳ ରେ ସବୁ ଦୁଃଖ ଭୁଲି ନିଦ ଧରିଗଲା। ସକାଳୁ ଉଠିବା ବେଳ କୁ ସେ ଡ଼ିଉଟି କୁ ବାହାରି ଯାଇଥାଏ,ମୋ ପାଇଁ ଖାଇବା ତିଆରି କରି ଦେଇ ଯାଇଥାଏ।ମୁଁ ଉଠି ନିତ୍ୟକର୍ମ ସାରି ଖାଇ ଦେଇ ତାକୁ ଦେଖା କରିବା କୁ ହସ୍ପିଟାଲ୍ ବାହାରିଲି।ସେ ରୋଗୀ ଦେଖୁଥାଏ ମତେ ଦେଖି ପାଖରେ ଥିବା ଜୁନିଅର୍ ଡକ୍ଟର ଙ୍କୁ ଟିକେ ସମ୍ଭାଳିବା ପାଇଁ କହି ମୋ ପାଖକୁ ଆସିଲା।ମତେ ତାକୁ ଦେଖି କାନ୍ଦ ମାଡୁଥାଏ।ସେ ମୋ ଲୁହ କଜେଇ ଆସୁଥିବା ଆଖି କୁ ଦେଖି କହିଲା କଣ ସମସ୍ତ ଙ୍କ ଆଗରେ କାନ୍ଦିବ। ମୁଁ ଟିକେ ହସି ଦେଲି। ଆଉ ତାକୁ ଶେଷ ବିଦାୟ ଜଣାଇ ଘରେ ପହଞ୍ଚିଲି।ଘରେ ମତେ ନ ପାଇ ସମସ୍ତେ ବ୍ୟସ୍ତ ହେଉଥାନ୍ତି ।ମତେ ଦେଖି ପଚାରିବା କୁ ଲାଗିଲେ ତୁ କୁଆଡେ ଯାଇ ଥିଲୁ ଆମେ ତତେ କେତେ ଖୋଜିଲୁଣି ତ ଫୋନ୍ ବି ସୁଇଚ୍ ଅଫ୍ ଦେଖାଉ ଥିଲା। ମୁଁ ଜଣେ ସାଙ୍ଗ କୁ ଦେଖା କରିବାକୁ ଯାଇଥିଲି ବୋଲି କହି କଥା ଟାଳି ଦେଲି। ଏମିତି ରେ ବିବାହ ସରିଗଲା। ସେ କଣ କରୁଥିବ ଭାବି ତାକୁ ଫୋନ୍ ଲଗେଇଲି। ସେ ବୋଧେ ଜାଣି ଥିଲା ମୁଁ ତାକୁ ଫୋନ ଲଗେଇବି ସେଥିପାଇଁ ସେ ସିମ୍ ବଦଳେଇ ଦେଇଥିଲା। ଆଉ ତା ପରେ ମଧୁରାତ୍ରି ରେ ମୁଁ ଗୀତା କୁ ସାମ୍ନା ରେ ପାଇ ମୋ କୋହ ର ବାଢ ଭାଙ୍ଗି ଗଲା। ମୁଁ ତାକୁ ସବୁ କଥା କହି କାନ୍ଦିବା କୁ ଲାଗିଲି।ସେ ମତେ ଶାନ୍ତ କରାଇ ପାଣି ପିଆଇଲା। ତ ଏମିତି କଥା ହେଉ ହେଉ ରାତି ବିତିଗଲା।ଏମିତି କିଛି ଦିନ ପରେ ସେ ମତେ ଭଲ ଲାଗିଲା। ମତେ ସେ ଟିକେ ହେଲେ ବି ଉଦାସ ହେବା କୁ ଦେଉନଥିଲା ।ମୋ ନିଜ ଠାରୁ ବି ବେଶି ସେ ମୋର ଯତ୍ନ ନେଉ ଥିଲା। ମୁଁ ବି ତାକୁ ଧୀରେ ଧୀରେ ମୋର ସମୟ,ପ୍ରେମ ଦେବାକୁ ଲାଗିଲି।ସେ ହିଁ ଧୀରେ ଧୀରେ ମୋ ଦୁନିଆ ହେବାକୁ ଲାଗିଲା। ତା ପରେ ଆମେ ଭୁବନେଶ୍ୱର ଶିଫ୍ଟ୍ ହେଇଗଲୁ। ମୁଁ ସେଠି ଶ୍ୱେତା କୁ ଦେଖା କରିବା ପାଇଁ ହସ୍ପିଟାଲ୍ ଗଲି ।ହେଲେ ସେଠି ଶ୍ୱେତା ନଥିଲା ପଚାରି ବୁଝିବାରୁ ତାର ବଦଳି ହୋଇଯାଇ ଥିବା ର ଜାଣିଲି ।ଏମିତି କିଛି ମାସ ପରେ ଗୀତା ପ୍ରେଗ୍ନେଟ୍ ଥିବା ର ଜାଣିଲି ।ତା ପରେ ଅବିନାଶ ଆମ ସହ ଯୋଡ଼ି ହେଇଗଲା। ହେଲେ ଏ ବିଧି ର ବିଧାନ ଦେଖ ତାକୁ ପୁଣି ଥରେ ଆଣି ମୋ ସାମ୍ନା ରେ ଠିଆ କରିଦେଲା। ନର୍ସ ର ମେଡାମ୍ ଡାକ ରେ ଆମେ ଦୁହେଁ ଭାବନା ରାଇଜ ରୁ ବାସ୍ତବିକତା କୁ ଫେରି ଆସିଲୁ।ସେ ନିଜେ ମୋ ପୁଅ ର ଚେକିଂ କରି ମେଡ଼ିସିନ୍ ଲେଖିଦେଲା।ବାହାରେ ଅପେକ୍ଷା କରିବ କୁ କହିଲା। ମୁଁ ମେଡ଼ିସିନ୍ ନେଇ ଆସି ଅପେକ୍ଷା କଲି।ସେ କିଛି ସମୟ ପରେ ତା ରାଉଣ୍ଡ ସାରି ଆସିଲା ମତେ କେବିନ୍ କୁ ଡାକିଲା।ମୁଁ ପୁଅକୁ କେବିନ୍

ବାହାରେ ବସେଇ ଦେଇ ଭିତର କୁ ଗଲି ।ଆମେ ଢେର ସମୟ ଯାଏଁ କଥା ହେଲୁ । କଥା କଥା ରେ ସେ କାହିଁ ଏତେ ଯାଏଁ ବାହା ହୋଇନାହିଁ ପଚାରିଲି।ସେ ମୋ କଥା କୁ ଏଡାଇ ଦେଲା। ତାକୁ ଘର ଠିକଣା ଦେଇ କେବେ ଆସିବ କୁ କହିଲି। ଏଇ ପରଦିନ ସନ୍ଧ୍ୟା ବେଳେ ମୁଁ ଚାହା ପିଉଥିବା ସମୟରେ କଲିଂ ବେଲ୍ ବାଜି ଉଠିଲା।ଗୀତା ଯାଇ କବାଟ ଖୋଲିଲେ। ଭିତରୁ ଅାବାଜ୍ ଶୁଭିଲା ଏଇଟା ସୌରଭ ମହାନ୍ତି ଙ୍କ ଘର ତ? ମତେ ଆବାଜ୍ ଶୁଣିଲା ଶୁଣିଲା ପରି ଲାଗିବା ରୁ ମୁଁ ଭିତର କୁ ଯାଇ କରି ଦେଖିବା ବେଳ କୁ ଶ୍ୱେତା ଦ୍ୱାର ପାଖରେ ଠିଆ ହୋଇ ଥାଏ । ମୁଁ ତାକୁ ଭିତରୁ କୁ ଆସିବ ପାଇଁ କହିଲି ।ତାକୁ ପତ୍ନୀ ଙ୍କ ସହ ଆଉ ପତ୍ନୀ ଙ୍କୁ ତା ସହ ପରିଚୟ କରାଇଦେଲି।ଦୁହେଁ ଦୁହିଁ ଙ୍କୁ ଦେଖି ଖୁସି ହେବା ଭଳି ଲାଗୁଥିଲେ । ତା ପରେ ପତ୍ନୀ ତାଙ୍କୁ ରୁମ୍ କୁ ନେଇ ଗଲେ। ସେମାନେ ବହୁତ ସମୟ ଯାଏଁ କଥା ହେଲେ।ମୁଁ ଏ ଭିତରେ ଦୁଇ କପ କଫି ନେଇ ରୁମ୍ କୁ ଗଲି ସେମାନେ ବେଡ଼୍ ରେ ବସି କଥା ହେଉଥାନ୍ତି।ମୁଁ କହିଲି ମେଡ଼ାମ୍ ଆପଣ ଙ୍କ ର ଯଦି ଗପିବା ସରି ଯାଇ ଥିବ ତେବେ କଫି ଥଣ୍ଡା ହେବା ଆଗରୁ ପିଇ ନିଅନ୍ତୁ।ସେମାନେ ମୋ କଥା ଶୁଣି ହସିପକାଇଲେ । ମୁଁ ଗୋଟେ କପ୍ ଶ୍ୱେତା ଙ୍କୁ ବଢେଇ ଆଉ ଗୋଟେ କପ୍ ଗୀତା ଙ୍କୁ ବଢାଇ ଦେଇ ତାଙ୍କ ପାଖରେ ବସି ପଡିଲି। ତା ପରେ ବହୁ ପୁରୁଣା କଥା ପଡ଼ିଲା ସେଦିନ ଆମେ ଝୁଙ୍କେ ହସିଲୁ।ସେ ଯିବା କୁ ବାହାରିଲା ବେଳକୁ ପତ୍ନୀ ତାଙ୍କୁ ରାତ୍ରୀ ଭୋଜନ କରି ଯିବା ପାଇଁ କହିଲେ।ସେ ଆଉ ଗୀତା କଥା ଟାଳି ନ ପାରି ଶେଷ ରେ ରାତ୍ରୀ ଭୋଜନ କରି ଗଲା। ତା ପରଠୁ କେତେ ବେଳେ ସମୟ ମିଳିଲେ ସେ ଆମ ଘର କୁ ଚାଲିଆସେ। କାହିଁକି କି କେଜାଣି ଆଜିବି ତାକୁ ଦେଖି ଛାତି ସେ କଲେଜ ଦିନ ପରି ଧଡକି ଉଠେ। ଆଉ ସବୁ କିଛି ପାଇବି ତାକୁ ନ ପାଇବା ର ଦୁଃଖ ସବୁ ଦିନ ପାଇଁ ମନ ରେ ରହିଯାଏ.........

| | | |
|---|---|---|
| | ***ଚାଲ ଆମେ ପ୍ରାର୍ଥନା ଅନୁରୂପ କର୍ମ କରିବା।<br>କାରଣ କର୍ମ ହେଲା ଯଥାର୍ଥରେ ଶରୀରର ଭଗବାନଙ୍କ ଉଦ୍ଦେଶ୍ୟରେ ସର୍ବଶ୍ରେଷ୍ଠ ପ୍ରାର୍ଥନା।<br><br>ଚାଲ ଆମେ ଆମର ସକାଳ କର୍ମ ଭଗବାନଙ୍କୁ ନିବେଦନ କରିବା: ଏହାହିଁ ଅଗ୍ରଗତି ନିମନ୍ତେ ନିଶ୍ଚିତ ପଦକ୍ଷେପ।।*** | |

# ସାବାସ ରାଜୁ...



ସ୍ମୃତିରେଖା ସ୍ୱାଇଁ
ଭୁବନେଶ୍ୱର

ରାଜୁ ଆଠବର୍ଷର ପିଲାଟିଏ । ସହର ତଳି ବସ୍ତିରେ ନିଜ ମା ' ଓ ସାନ ଭଉଣୀଙ୍କ ସହ ରହେ । ରାଜୁର ବାପା ମରି ଯାଇଥିବାରୁ ତା ପା ' ଲୋକମାନଙ୍କ ଘରେ କାମ କରି ଘର ଚଳାନ୍ତି । ସକାଳ ହେଲେ ରାଜୁ ଏକ ବଡ଼ ଅଖା କାନ୍ଧରେ ପକାଇ ବାହାରି ପଡ଼େ । ରାସ୍ତାରେ ପଡ଼ିଥିବା ପ୍ଲାଷ୍ଟିକ , ପଲିଥିନ୍ ଜରି , ଭଙ୍ଗା ଟିଣ , କାଚ ବୋତଲ ଇତ୍ୟାଦି ସଂଗ୍ରହ କରି କବାଡ଼ି ଦୋକାନରେ ବିକି କିଛି ପଇସା ଆଣେ । ପଇସାତକ ମା ' ହାତକୁ ବଢ଼ାଇ ଦିଏ । ରାଜୁର ପାଠ ପଢ଼ିବାକୁ ଖୁବ୍ ଇଛା । ଘର ପାଖରେ ଥିବା ଏକ ବଡ଼ ସ୍କୁଲ ଫାଟକ ଆଗରେ ଠିଆ ହୋଇ ତା ବୟସର ଛୋଟ ପିଲାମାନଙ୍କୁ ଲକ୍ଷ୍ୟ କରେ । ସେମାନଙ୍କ ଭଳି ସ୍କୁଲ ଡ୍ରେସ୍ ପିନ୍ଧି ବ୍ୟାଗ ଧରି ସେଇ ସ୍କୁଲରେ ପାଠ ପଢ଼ିବାକୁ ମନେ ମନେ ଚିନ୍ତାକଲେ । ତା ' ମା'କୁ ଆଉ କାହାଘରେ କାମ କରିବାକୁ ପଡ଼ନ୍ତା ନାହିଁ । ସାନଭଉଣୀ ବି ସ୍କୁଲ ପରେ ପରେ କଲେଜ ଯାଇ ପାଠପଢ଼ନ୍ତା । ସେଦିନ ଥାଏ ଅଗଷ୍ଟ ପନ୍ଦର । ସ୍ୱାଧୀନତା ଦିବସ ଉପଲକ୍ଷେ ସେହି ସ୍କୁଲରେ ଜାତୀୟ ପତାକା ଉତ୍ତୋଳନ ସହ କିଛି ସାଂସ୍କୃତିକ କାର୍ଯ୍ୟକ୍ରମ ହେବାର ଥାଏ । ଫୁଲ , ରଙ୍ଗିନ୍ କାଗଜ ଏବଂ ପତାକାରେ ସୁସଜ୍ଜିତ ହୋଇଥାଏ ବିଦ୍ୟାଳୟ । ପିଲାମାନେ ହାତରେ କାଗଜର ଛୋଟ ଛୋଟ ଜାତୀୟ ପତାକା ଧରି ହଲାଇ ହଲାଇ ସମସ୍ତଙ୍କୁ ସ୍ୱାଗତ କରୁଥାନ୍ତି । ସ୍କୁଲ ଜଗୁଆଳିମାନଙ୍କୁ ଡରିଡରି ରାଜୁ ପାଚେରୀ ଫାଙ୍କରେ ସବୁ ଦେଖୁଥାଏ । ପେଣ୍ଡାଲ ଉପରେ ସାଂସ୍କୃତିକକାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଥାଏ । ଗୋଟିଏ ପାଖରେ କ'ଣ ଖାଇବା ଜିନିଷ ବି ତିଆରି ଚାଲିଥାଏ । ତାକୁ ଦେଖି ରାଜୁର ପାଟିରୁ ଲାଳ ଗଡ଼ି ପଡୁଥାଏ । ହଠାତ୍ କିଛି ରଙ୍ଗୀନ୍ ଜିନିଷ ରାଜୁ ଆଖିରେ ପଡ଼ିଲା । ସେ ଆଉ ଧୈର୍ଯ୍ୟଧରି ରହିପାରିଲା ନାହିଁ । ଚୁପ୍‌ଚାପ୍ ରାଜୁ ପାଚେରୀ ଡେଇଁ ସ୍କୁଲ ହତା ଭିତରେ ପଶିଲା । ସେସବୁକୁ ନିଜ ହାତରେ ଗୋଟାଇବାକୁ ଲାଗିଲା । ଜଣେ ଜଗୁଆଳି ରାଜୁକୁ ଦେଖି ଦୌଡ଼ିଆସି ଧରିପକାଇ ମାରିବାକୁ ଯାଉଥିଲା । ଠିକ୍ ଏତିକିବେଳେ ଜଣେ ଶିକ୍ଷକ ଆସି ପହଞ୍ଚିଗଲେ । ଜଗୁଆଳିକୁ ଏଥିରୁ ବିରତ କରାଇ କହିଲେ , " ଆରେ ଛୋଟ ପିଲାଟା ତାକୁ ମାଡ଼ ଦେବା ଠିକ୍ ନୁହେଁ । ବରଂ ପ୍ରିନ୍ସିପାଲଙ୍କ ପାଖକୁ ନେଇଯା ' । ସେ ଯାହା କରିବେ । ଜଗୁଆଳି ରାଜୁର ହାତକୁ ଟାଣିଧରି ଅଳ୍ପ ଦୂରରେ ଥିବା ପ୍ରିନସିପାଲଙ୍କ ପାଖକୁ ନେଇଗଲା । କହିଲା , " ସାର୍ ଏ ପିଲାଟା ଚୋରି କରିବା ପାଇଁ ପାଚେରୀ ଡେଇଁ ସ୍କୁଲ ହତା ଭିତରେ ପଶିଥିଲା । " ଜଗୁଆଳିର ଅଭିଯୋଗ ଶୁଣି କାନ୍ଦି ପକାଇଲା ରାଜୁ । ତା ନିରୀହ ଓ ସରଳ ମୁହଁକୁ ଅନାଇ ପ୍ରିନସିପାଲ୍ କହିଲେ , " କାହାକୁ ନଡରି ସତକଥା କ'ଣ ହୋଇଛି , କୁହ । ତମ ନାଁ କ'ଣ ? ସ୍କୁଲ୍ ହତା ଭିତରେ କାହିଁକି ପଶିଥିଲ ? " ରାଜୁ ନିଜ ଆଖି ଲୁହ ପୋଛି , ମନରେ ସାହସ ବାନ୍ଧି ପ୍ରିନ୍ସିପାଲଙ୍କୁ କହିଲା , " ସାର , ଜାତୀୟ ପତାକା ଆମ ଦେଶର ଗୌରବ ଏବଂ ତାକୁ ସମ୍ମାନ ଦେବା ଆମ କର୍ତ୍ତବ୍ୟ ବୋଲି ମୋ ମା ' କହେ । ସ୍କୁଲ ପିଲାମାନେ ହତାରେ ଧରିଥିବା କାଗଜର ଏହି ଛୋଟ ଛୋଟ ଜାତୀୟ ପତାକା ସବୁ ତଳେ ପକାଇ ଦେଇଥିଲେ ।

ପବନରେ ସେସବୁ ଇଆଡ଼େ ସିଆଡ଼େ ଉଡୁଥିଲା । କାହା ପାଦରେ ବି କେତେବେଳେ ବାଜିଯାଇଥାନ୍ତା । ସେଥିପାଇଁ ମୁଁ ତଳେ ପଡ଼ିଥିବା ପତାକାସବୁକୁ ଗୋଟେଇ ରଖୁଥିଲି । ମୁଁ ଚୋରି କରୁନଥିଲି ସାର । ଆପଣ ମୋ ବସ୍ତା ଖୋଲି ଦେଖିପାରନ୍ତି ସାର୍ । ମୁଁ କିଛି ବି ସ୍କୁଲରୁ ନେଇ ନାହିଁ । ରାଜୁର ନିର୍ଭୀକ କଥା ଏବଂ ଜାତୀୟ ପତାକା ପ୍ରତି ଭଲପାଇବା ଦେଖି ଚମକୃତ ହେଲେ ଅଧକ୍ଷ ରାଜୁକୁ କୋଳେଇ ନେଇ ପେଣ୍ଡାଲ୍ ଉପରକୁ ନେଇଗଲେ । ମାଇରେ ସବୁକଥା ବର୍ଣ୍ଣନା କଲେ । ଏମିତି ଏଠି ସେଠି କେହି ପତାକା ଫିଙ୍ଗିଦେବା କିମ୍ଵା ଅସମ୍ମାନ କରି ଜାତୀୟ ପତାକା ନପକାଇବାକୁ ସମସ୍ତେ ଶପଥ କଲେ । ସବୁଠାରୁ ବଡ଼ କଥା ଘୋଷଣା କଲେ ଅଧକ୍ଷ ଯେ , ' ରାଜୁ ଏଣିକି ମାଗଣାରେ ତାଙ୍କ ସ୍କୁଲରେ ପଢ଼ିବ । ' ରାଜୁକୁ ଏସବୁ କଥା ସ୍ୱପ୍ନ ଭଳି ଲାଗୁଥିଲା । ଏଣେ ତା ' ମୁହଁରେ ଧୀରେ ଧୀରେ ହସ ଫୁଟିଉଠୁଥିଲା ।

*ମନୁଷ୍ୟ ଚେତନାର ଉର୍ଦ୍ଧରେ*
*ସମସ୍ତ ବାକ୍ୟର ଅତୀତ*
*ହେ ପରମ ଚେତନା*
*ଅଦିତୀୟ ସଦବସ୍ତୁ*
*ଦିବ୍ୟ ସତ୍ୟ ।।*

*ହେ ପରମପ୍ରଭୁ , ଆପଣଙ୍କଠାରେ ମୋର ପ୍ରାର୍ଥନା,*
*ମୋର ପାଦ ଗୁଡିକ ପରିଚାଳିତ କରନ୍ତୁ ; ମୋର ମନାସଭୂମିକୁ ସଂଦୀପିତ କରାନ୍ତୁ ; ଯେପରିକି ପ୍ରତ୍ୟକ ମୁହୁର୍ତରେ ଏବଂ ଯାବତୀୟ ବସ୍ତୁରେ, ମୁଁ ଯାହା କରେ ବୋଲି ଆପଣ ଇଛା କରୁଛନ୍ତି, ମୁଁ କେବଳ ତାହାହିଁ କରିବାକୁ ସମର୍ଥ ହୁଏ ।।*

# ବୋଉ ଲୋ! ମୁଁ ଭଲ ରେ ଅଛି...



ଯଶୋଶ୍ରୀ ବେହେରା
କଟକ, ଓଡିଶା

'ପ୍ରିୟ ବୋଉ, ଏତେ ଦିନ ପରେ ଆଜି ମୋର ତୋ କଥା ମନେ ପଡିଲା।ସେଥିପାଇଁ ଭାବିଲି ଖଣ୍ଡେ ଚିଠି ତୋ ପାଖକୁ ଲେଖିବି।ତୋ ପାଇଁ ଲେଖୁଥିବା ଚିଠି ରେ ନା ଉପକ୍ରମ ଅଛି ନା ଉପସହାଂର! ଝିଅ ବାହା କରିବ କହି କହି ପାଦ ତଳେ ଲାଗୁ ନଥିଲା ଦୁଇ ଜଣ ଙ୍କର।ବାପା ଙ୍କ ପେଜୁଆ ଲୁହ ବୁହା ଆଖି ରେ ପ୍ରଥମ କରି ଦେଖିଥିଲି ଖୁସି ର ଲୁହ।ବିଲ ରେ କାମ କରି କରି ନିଜ ରକ୍ତ କୁ ପାଣି କରିଥିବା ବାପା ମୋର ଝିଅ ପାଇଁ ଆଣିଥିଲେ ଜମିଦାର ଘର ର ପ୍ରସ୍ତାବ।ନାହାକ ର କଥା ଶୁଣି ତୁମେ ଭାବିଲ,ସେ ଥଟା କରୁଛି।ହେଲେ ଯେବେ ସତ ରେ ଖୋଦ ଜମିଦାର କହିଲେ,ସେବେ ହିଁ ତୁମେ ଦୁଇ ଜଣ ବିଶ୍ୱାସ କଲ।ବୋଉ ଲୋ,ସେଦିନ ରାତି ରେ ଯେବେ ତୁ ମୋତେ କୁଣ୍ଢେଇ ବାହୁନୁ ଥିଲୁ ସେବେ ମୋତେ ଲାଗୁଥାଏ,ଏ ମାଟି ଫାଟି ଯାଆନ୍ତା କି,ମୁଁ ତୋ ଠାରୁ ଦୁରେଇ ଯିବା ର କଷ୍ଟ ସହି ପାରିବିନି।ହେଲେ ମୋ ମୁଣ୍ଡ କୁ ଆଉଁସି ଦେଇ ତୁ କହିଲୁ,"ଝିଅ ଜନମ ତ ପର ଘର କୁ।ଏମିତି ମନା କଲେ କଣ ଭାଗ୍ୟ ବଦଳି ଯିବ କି?" ତୋ କଥା ର ଗଭୀରତା କୁ ମୁଁ ଠିକ ବୁଝି ପାରିଲି। ବୋଉ,ସେ ଦିନ ରାତି ରେ ମୁଁ ତୋର ସବୁ କଥା ଭାବି ଭାବି ସୋଇ ନଥିଲି।ତୋର ମନେ ଥିବ ନା ବୋଉ,ପଡିସା ଘର ସାରି ବଡ଼ ବୋଉ,ସବୁ ବେଳେ ଦାଣ୍ଡ ରେ ବୁଲୁଥିବ।ପର ଘର କଥା ଆଣି ଦାଣ୍ଡ ରେ ଗପୁ ଥିବ, ଯେବେ ଆମ ଘର ଅଗଣା ରେ ଟିକିଲି,ଝୁମ୍ପା,ସରିତା,ପାର ସବୁ ଖପରା କାତି ଖେଳୁ ଥିବେ,ଆଉ ସବୁ ଠାରୁ ଶେଷ ରେ ଥିବି ମୁଁ।।ହାରି ଗଲା ପରେ ଯେବେ ସେମାନେ ଚିଡାନ୍ତି, ଧାଇଁ ଆସି ତୋ ପଣତ ରେ କଇଁ କଇଁ ହେଇ କାନ୍ଦି ପକେଇବି ମୁଁ।ସେବେ ସାରି ବଡ଼ ବୋଉ ବୁଲି ବୁଲି ଆସି ଆମରି ଦୁଆରେ ହାଜିର ହୋଇ ଯିବ।ଆଉ ତୋତେ କହିବ,"ମଲା,ଏ ମାଇପି ଟାକୁ କାହିଁକି କୋଳ ରେ ପୁରେଇ ଏତେ ପ୍ରେମ କରୁଛୁ ବା! ଦେଖିବୁ ନାହିଁ ଦିନେ ନା ଦିନେ ତୋ ନାକ କଟେଇ କାହା ସହିତ ଚାଲି ଯିବ।" କିନ୍ତୁ ତୁ ତାକୁ ହସି ହସି ଉତ୍ତର ଦେଉ,"ମୋ ମାନି ଉପରେ ମୋର ଭରଷା ଅଛି।ସେ ତା ବୋଉ କୁ କେବେ ବି ଧୋକା ଦେଇ ଯିବ ନାହିଁ।"ବାସ ଏଇ ପଦ କଥା ରେ ସେ ଚାଲି ଯିବ ମୁହଁ ମୋଡି ଦେଇ ଆଉ କାହା ଦୁଆର କୁ। ବୋଉ,ତୁ ଜାଣିଛୁ ନା!ଆମ ସାହି ତଳ ଗାଡ଼ିଆ କୁ ସବୁ ଝିଅ ଝିଆଣି ମାନେ ପାଣି ଆଣିବାକୁ ଯାନ୍ତି।ହେଲେ ଦିନେ କାଳେ ତୁ ମୋତେ ଯିବା ପାଇଁ କହି ନାହୁଁ।ସବୁ ବେଳେ ନିଜେ ଯାଇ ପାଣି ଆଣୁ।ସେମିତି ରେ ତ କେବେ ବି ମୋତେ ତୁ ନଇ କୂଳ କୁ ବି ଗାଧେଇବା ପାଇଁ ଛାଡୁ ନାହିଁ।ବାଡ଼ି ମୂଳ ରେ କୂଅ ପାଖରେ ଅସ୍ଥାୟୀ ଗାଧୁଆ ଘର ବାପା ଙ୍କୁ କହି କରି ଦେଇଥିଲୁ।ଦିନେ ପଡିସା ଘର ସୁମା ଜେଜୀ ଯେବେ ମୋତେ କହିଲା,"ଏ ଟୋକି,ତୋ ମା ସେଠି କାମ କରୁଛି,ତୁ ଏଠି ଦାନ୍ତ ଦେଖେଇ ଫେଁ ଫେଁ ହଉଛୁ?" ଗରା କୁ ସେଇଠି ଫିଙ୍ଗି ଦେଇ ଝପକି ପଡ଼ିଲୁ ସେ ଜେଜୀ ଉପରେ।ସେଇ ଦିନ ରୁ ସେ ମୋତେ କଣ,କୋଉ ଝିଅ କୁ ବି ଦେଖେଇ କହେ ନାହିଁ।ଯିଏ ପଚାରିଲେ ତୁ କହୁ,"ଛୋଟ ଝିଅ ମୋର।ପାଣି ଆଣି ପାରିବ ନାହିଁ।" ବୋଉ

ଲୋ,ଆମ ଦୁଇ ବଖରା ଚାଳ ଘର ଆମ ପାଇଁ ସ୍ୱର୍ଗ ଥିଲା।ତୋ ପଣତ ଥିଲା ମୋ ପାଇଁ ସବୁଠାରୁ ସୁରକ୍ଷିତ ସ୍ଥାନ।ଯେଉଁଠି ମୁଁ ମନ ଖୋଲି ହସୁଥିଲି,ଆଉ କାନ୍ଦୁ ବି ଥିଲି।ତୁ ତ ମୋ ପ୍ରକୃତ ବନ୍ଧୁ ଥିଲୁ ବୋଉ।ତୋର ସେଇ ଝାଳ ଗନ୍ଧ ଶାଢ଼ୀ ର ମହକ ବି ଆଜି ଦାମୀ ଅତର ଭିତରେ ବି ମୁଁ ପାଉ ନାହିଁ। ମନେ ଅଛି ନା,ସେ ନାୟକ ଘର ଟୋକା ମୋ ପଛ ରେ ପଡିଥିଲା।ତା ବାପ କୁ ଏମିତି ଶୁଣେଇଲୁ,ମୋତେ ସେ ଯେଉଁଠି ଦେଖେ ବାଟ ଭାଙ୍ଗି ଚାଲି ଯାଏ।ତୁ ତ ମୋ ସୁରକ୍ଷା କବଚ ଥିଲୁ। ସୁନ୍ଦର ରୂପ ମୋ ପାଇଁ କାଳ ହେଲା।ତୋ କୋଳ ରୁ ମୋତେ ଦୁରେଇ ଦେଲା।ହେଲେ ଯେଉଁ ଝିଅ ହାତ ରେ ଖାଇ ପାରୁ ନଥିଲା,ତାକୁ ନେଇ ବାହା ମଣ୍ଡପ ରେ ବସେଇ ଦେଲ ତୁମେ। ବାପା ଯାଇ ଆଗ ପୁଅ ଘର ଦେଖି ଆସିଥିଲେ।ରାଜମହଲ ପରି ଘର।ଚୁଲି ନ ଫୁଙ୍କି ଝିଅ ତୋର ଗ୍ୟାସ ଚୁଲା ରେ ରୋଷେଇ କରିବ।ପାଣି ଗିଲାସେ ହାତ ରେ ନ ପିଇ ହଜାରେ ପୋଇଲି,ପାଟେରା ଙ୍କୁ ରାଣୀ ପରି ଆଦେଶ ଦେବ। ପଡିସା ଙ୍କ ଦେହ ରେ ତ କିଏ ବିଛୁଆତି ବାଟି ବୋଲି ଦେଇଥିଲା।ମୋ ଭାଗ୍ୟ ଦେଖି ଖାଲି ଟୁପୁରୁ ଟାପୁରୁ କଥା ହେଉଥିଲେ।ସବୁ କୁ ବେଖାତିର କରି ବାହାଘର କରେଇଲୁ ତୁ।ତୋ ବିନା କେମିତି ବଞ୍ଚିବି ଭାବୁ ଭାବୁ ତୋ ହାତ ଧରି ଛାଡି ଆସିଲି ମୁଁ।କାନ୍ଦି କାନ୍ଦି ବେହୋସ ହୋଇ ଯାଉଥାଏ ମୁଁ ।ବାଲି ଘର ଭାଙ୍ଗି ଆସିଲି ଶାଶୁ ଘର।ସ୍ୱାମୀ କିଏ ଜାଣିବା ପୂର୍ବ ରୁ ହିଁ ବାହା ହୋଇ ଆସିଲି ମୁଁ। କି କଥା କହିବି ଲୋ ବୋଉ!ସ୍ୱାମୀ ମୋର ଭୋଳା ଶଙ୍କର।ପୂରା ଚାରି ଦଉଡି କଟା।ଦିନ ରାତି ମଦ,ଜୁଆ ନିଶା ରେ ବୁଡି ରହିଥିବେ।ଦିନେ ଦିନେ ତ ତାଙ୍କ ବେଲ୍ଟ ମାଡ଼ ମୋ ଶରୀର କୁ ଆବୋରି ନିଏ।ତୁ ବ୍ୟସ୍ତ ହ ନା।ତାଙ୍କ ମାଡ଼ ବି ମୋ ପାଇଁ ପ୍ରେମ ସଦୃଶ।ସେଇଆ କୁ ମୁଁ ନିଜର ଭାଗ୍ୟ ମାନି ନେଇଛି। ବାହାଘର ର ଚତୁର୍ଥୀ ପର ଦିନ।ସାନ ନଣନ୍ଦ ଆସି କହିଲେ,"ଭାଉଜ,ଆଜି ବାସନ ମଜା ଲୋକ ଆସି ନାହାନ୍ତି।ବାଡ଼ି ମୂଳ ରେ ପୂର୍ବ ରାତି ର ବାସନ ସବୁ ପଡିଛି।ଆମେ ଦୁଇ ଭଉଣୀ ତ କେବେ ମଜା ଶିଖି ନାହୁଁ।ବୋଉ ର ବି ଆଣ୍ଠୁ ଗଣ୍ଠି ରୋଗ।ତୁମେ ଟିକେ ମାଜି ଦିଅନ୍ତ ନାହିଁ?" ପ୍ରଥମ ଦିନ ନୂଆ ବୋହୁ ଟାକୁ କାମ କରେଇବା କହିଲେ,ମତେ ଅଡୁଆ ଲାଗିଲା।ହେଲେ ନିଜ ଘର ଆଉ ତୋ ଗୁରୁ ମନ୍ତ୍ର କୁ କାନ ରେ ରଖି ସାଙ୍ଗେ ସାଙ୍ଗେ ମାଜି ଦେବାକୁ ଗଲି ମୁଁ।ବଂଶ ଯାକ ର ସବୁ କୁଣିଆ ଅଇଁଠା ଖାଇ ପକେଇ ଥିଲେ।ସବୁ ବାସନ ମାଜି ମାଜି ଦିନ ଦିଇ ପହର ହୋଇ ଗଲା।କାମ ସାରି ଯେବେ ଆସିଲି,ସେବେ ସାନ ନଣନ୍ଦ ତୁ ଦେଇଥିବା ଖଇରି ପାଟ କୁ ପିନ୍ଧି ବାହାରିଲେଣି ନିଜ ଘର କୁ ଯିବେ ବୋଲି।ହଉ ଛାଡ଼,ନିଜ ନଣନ୍ଦ ତ!ଆଉ କେହି ବାହାର ଲୋକ ନୁହେଁ।କିନ୍ତୁ ତୁ ତ ଜାଣିଥିବୁ ନା,ସେ ପାଟ ଟା ତୋ ବାହାଘର ବେଳ ର।ଆଉ ତା ସାଥେ ମୋ କେତେ ସ୍ମୃତି ଜଡିତ ଥିଲା।ହେଲେ ତୁ ଶିଖେଇ ଥିବା ସଂସ୍କାର ପାଇଁ ଚୁପ ରହିଲି। ଆଉ ଗୋଟେ କଥା ଜାଣିଚୁ ବୋଉ,ନୂଆ ବୋହୁ ଆସିଛି ବୋଲି,ଘର ର ସବୁ ପୋଇଲି,ପାଟେରା ଙ୍କୁ ଛୁଟି ଦେଇ ଦେଇଛନ୍ତି ମୋ ଶାଶୁ।ଆଉ ଘରେ ବୋହୁ ଥାଉ ଥାଉ ଅଯଥା ରେ କଣ ପାଇଁ ଟଙ୍କା ଗଣିବେ!ସେଇଥିପାଇଁ ବୋଧେ ମୋତେ ରଖିଛନ୍ତି।ହଁ ଭଲ କଥା।ନିଜ ଘର କାମ ରେ କଷ୍ଟ କଣ?ସେମିତି ରେ ତୋ କଥା ମନେ ପଡି ଯାଏ।"ମୋ ଝିଅ କେବେ ବି ମୋ ନାଁ ତଳେ ପକେଇ ଫେରିବ ନାହିଁ।"ଏଇ କଥା ପଦକ ମୋ ପାଇଁ ଲକ୍ଷ୍ମଣ ଗାର ଲୋ ବୋଉ।ସେଇଥିପାଇଁ ତ ଅଷ୍ଟ ମଙ୍ଗଳ ପରେ ତୋ ଘର କୁ

ଯାଇ ନାହିଁ।ଥରେ ମୋତେ ନେଇ ଯାଇଥିଲେ ଯେ,ସେଦିନ କେତେ ଶରଧା ରେ ତୁ ଝିଅ ଜୋଇଁ ଆସିବେ ବୋଲି,ସକାଳୁ ପାଇଟି ରେ ଲାଗି ଥିଲୁ।ନ ତିଅଣ ଛ ଭଜା କରି ବାଢ଼ି ରଖିଥିଲୁ।ହେଲେ ତୁ କଣ ଜାଣିଥିଲୁ,ଇଏ ଏତେ ବଡ଼ ଆଇଁସ ରଙ୍କୁଣା ବୋଲି!ମାଛ ଟିକେ ହେଇ ନାହିଁ ବୋଲି,ସେଦିନ କେତେ ଯେ କୋପ କରି ନାକ ଛିଞ୍ଚାଡ଼ି ଖାଉ ଥିଲେ।ତୁ ବୋଧେ ବୁଝି ପାରିଲୁ।ସାଙ୍ଗେ ସାଙ୍ଗେ ବାପ ଙ୍କୁ ହାଟ କୁ ପଠେଇ ଛୋଟ ଚିଙ୍ଗୁଡ଼ି ଆଣି ସାଙ୍ଗେ ସାଙ୍ଗେ ଭାଜି ଦେଲୁ।ସେଦିନ ଟା ଚାଲି ଗଲା।ହେଲେ ବୋଉ!ଏଠି ଆସି ସେ କହିଲେ,"ଛୋଟ ଲୋକ ଘରେ ତ ବନ୍ଧୁ ବାନ୍ଧିଛ, କଣ ଆଉ ଖାଇବାକୁ ଦେବେ?"ବୋଉ ଲୋ!ଏଇ ପଦ କଥା ଟା ମୋତେ ଭାରି ବାଧିଲା।ଆରେ,ଝିଅ ଆଣିବାକୁ ସେମାନେ ଯାଇଥିଲେ ନା ଆମେ ଯାଇଥିଲେ ତାଙ୍କୁ ପ୍ରସ୍ତାବ ନେଇ!ଆମେ ତ ଆମ ମାଟି କୁଡ଼ିଆ ରେ ଶାନ୍ତି ରେ ଥିଲୁ।କିଏ କହୁଥିଲା,ମୋତେ ବାହା ହେବାକୁ?"ହେଲେ ମୁଁ କହି ପାରିଥାନ୍ତି କି?ମୁଁ ପରା ଶାଶୁ ଘରେ ଅଛି!ତୋ ନାଁ ପଡି ଯିବ ନାହିଁ କି?ଛାଡ ମୁଁ କିଛି କହି ତ ପାରିଲି ନାହିଁ,ହେଲେ ଶାଶୁ ମା ଙ୍କ ତିନି ଦିନ ଯାଏଁ ମୋତେ ତାଙ୍କ ପୁଅ ର ଅପମାନ ପାଇଁ ଉପାସ ରଖିବା ଟା କଣ ଭଲ ହେଲା?ଥାଉ ଥାଉ ବୋଉ ତୁ ରାଗିବୁ ନାହିଁ।କାରଣ ତୋ ଝିଅ ଭଲ ରେ ଅଛି।ତୁ ବ୍ୟସ୍ତ ହଅନା। ଏଇ ଆର ସପ୍ତାହ ବଡ଼ ନଣଦ ଆସିଥିଲେ,ତାଙ୍କ ଛୁଆ ପିଲା ଙ୍କ ସାଥେ।ସେ କୁଆଡେ କୁକୁଡ଼ା ମାଉଁସ ଖାଇବାକୁ ଭାରି ଭଲ ପାଆନ୍ତି।ସେଇଥିପାଇଁ ଇଏ ମୋର ସକାଳୁ ସକାଳୁ ଯାଇ ହାଟ ରୁ ସଜ ମାଂସ ଆଣିଥିଲେ।କେତେ ଯତ୍ନ ରେ ତାକୁ ମୁଁ ଦହି,ମସଲା ଦେଇ ରାନ୍ଧି ଥିଲି।ତୁ ତ ଜାଣିଛୁ,ମୁଁ ଭୋକ ସମ୍ଭାଳି ପାରେ ନାହିଁ।ହେଲେ ଏଇଟା ପରା ମୋ ଶାଶୁ ଘର!ଏଠି କିନ୍ତୁ ଅବେଳ ଆଉ ଖାଇ ହେଉ ନାହିଁ।ଭୋକ ବି ଦେହ ରେ ମରି ଯାଉଛି।ସେ ଠିକ ସମୟ ରେ ଆସି ପହଁଚିଲେ।ହେଲେ ମା ଝିଅ ଗପ ମାରି ମାରି ତିନି ଟା ବେଳ କୁ ସବୁ ଖାଇବାକୁ ଆସିଲେ।ଏଣୁ ତେଣୁ ଜଳଖିଆ ଖାଇ ତ ପେଟ ଫୁଲ,ହେଲେ ତାଙ୍କୁ ଅପେକ୍ଷା କରି କରି ମୁଁ ଯେ ଖାଇ ନାହିଁ,ଏକଥା କିଏ କହିବ!ଯାହା ହେଉ ଶେଷ କୁ ଆସିଲେ ସେମାନେ।ତାଙ୍କ କଥା ତ ମୁଁ ଜାଣିଚି।ସେଇଥିପାଇଁ ତାଙ୍କୁ ସବୁ ଭଲ ଭଲ ମାଂସ ଗୁଡା ଦେଇ ଦେଲି।ସମସ୍ତେ ଖାଇ ପିଇ ସାରିଲେ।ଶେଷ କୁ ମୋ ପାଇଁ ଖଣ୍ଡେ ମାଂସ କୁ ଦୁଇଟା ଆଳୁ,ଟିକେ ଝୋଳ ଥାଏ।ତାକୁ ଧରି ବାଢି ଖାଇବାକୁ ବସିଛି ତ,ଶାଶୁ ଆସିଗଲେ।କହିଲେ,"ଆଲୋ,ଆଲୋ କଣ କରୁଛୁ ବା ତୁ?ବାହାଘର ବର୍ଷେ ହେଇ ନାହିଁ,ତୁ କୁକୁଡ଼ା ଖାଇବୁ?ରଖ ତାକୁ।ଆମ ଘରେ ବୋହୁ ମାନେ କୁକୁଡ଼ା ଖାଆନ୍ତି ନାହିଁ।ବ୍ରତ କରୁଛୁ ପରା!"କହି ଦେଇ ଚାଲି ଗଲେ।ଏପଟେ ଭାରି ଭୋକ ହେଉ ଥାଏ।କିନ୍ତୁ ଶାଶୁ ଙ୍କୁ କଥା ବି ତ ମାନି ବାକୁ ପଡିବ ନା!ସେ ଚିକେନ କୁ ଘୋଡେଇ ନେଇ ଫ୍ରିଜ ରେ ରକହି,ପଖାଳ କଂସାଏ,ଲୁଣ,ଲଙ୍କା ଧରି ଗଣ୍ଡେ ଖାଇବାକୁ ବସିଲି।ଠିକ ଗୁଣ୍ଡା ମୁହଁ କୁ ନେବି କଣ,ବଡ଼ ନଣନ୍ଦ ଆସି ଗଲେ।ସାଙ୍ଗେ ସାଙ୍ଗେ ଦେଖୁ ଦେଖୁ କହିଲେ,"ଏ ଛୋଟ ଲୋକ ଘର ଝିଅ,କଣ ନିଜ ପାଇଁ ସବୁ ଭଲ ଭଲ ମାଂସ ରଖି ମୋତେ ଖାଲି ହାଡ଼ ଗୁଡା ଦେଲୁ?ହଁ ବାପ ଘରେ ତ ଲୁଣ,ପଖାଳ ଖାଇଥିବୁ ନା,ଏଠି ମାଂସ ଦେଖି ଲୋଭ କୁଆଡେ ସମ୍ଭାଳିବୁ?ରଖ ସେ ଖାଇବା,ଦେଖ ସମୟ ଆସି ପାଞ୍ଚ ଟା ହେଲାଣି।ମୋ ପାଇଁ ପକୁଡି ଛାଣି ଦେ।ମୋ ସନ୍ଧ୍ୟା ଖାଇବା ସମୟ ହେଲାଣି। ଏତେ କଥା କହି ଦେଇ ଚାଲି ଗଲେ ସେ।ହେଲେ ମୋ ପଖାଳ କଂସା ତାଙ୍କ ଆଖି କୁ ଦେଖା ଗଲା

ନାହିଁ।ସେଇଠି ହାତ ଧୋଇ ତାଙ୍କ ପାଇଁ ପକୁଡି ଛାଣି ଦେଲି।ଭୋକ ରେ ଆଖି ମାଡି ହେଇ ଯାଉଥାଏ।ହେଲେ ସେ କଷ୍ଟ କୁ ସହି ମୁଁ ତାଙ୍କ ପାଇଁ ଯେବେ ନେଇ ଗଲି,ସେବେ ମା ଝିଅ କଥା ହେଉଥିଲେ,"ମା ଏ ନୂଆ ବୋହୁ କୁ ଜମା ଆରାମ କରିବାକୁ ଦେବୁ ନାହିଁ।ଛୋଟ ଘର ର୍ ଝିଅ କଣ ଏଠି ରାଣୀ ହେଇ ରହିବ?ଜମା ନୁହେଁ।ତୁ ଆଉ କେବେ ଚାକରାଣୀ ରଖିବୁ ନାହିଁ।ସେ ଝିଅ ସବୁ କାମ କରିବ।" ତାଙ୍କ ମା କହିଲେ,"ହଁ ପରା।ଆଉ କଣ ମୋ ପୁଅ ର ପଇସା ଖାଇବ ବୋଲି ତାକୁ ଆଣିଛି କି?" ଆଖି ମାଡି ହେଇ ଯାଉଥାଏ।ଭୋକ କୁ ଏତେ ଟାଣ କଥା ସହି ପାରିଲି ନାହିଁ ଲୋ ବୋଉ।ତୁ କହ,ବଂଶ ଯାକ ର ସକଳ କାମ କରି ବି ମୁଁ କାମ ଚୋରଣି?କଣ ଗରିବ ଘରୁ ଯାଇଛି ବୋଲି ମୋର କିଛି ଇଜ୍ଜତ ନାହିଁ।ଯେବେ ଇଛା ମୋ ବାପା ମା ଙ୍କୁ ନିଜ ଇଛା ମତେ ଗାଳି ଦେବେ।ବଡ଼ ଘରେ ସିନା ବନ୍ଧୁ ବାନ୍ଧି ଦେଲ,ହେଲେ ଦିନେ କାଳେ ଆସିଲ ନାହିଁ ଦେଖିବା ପାଇଁ ମୋତେ କେମିତି ଅଛି ବୋଲି?ତୁମର କଣ ସାମର୍ଥ୍ୟ ଅଛି ଯେ,ମୋ ଶାଶୁ ଘରକୁ ଆସି ତାଙ୍କ ମନ ମୁତାବକ ଯୌତୁକ ଦେବ! ତୁ ବ୍ୟସ୍ତ ହଅ ନା ବୋଉ।ମୁଁ ନିଶ୍ଚୟ ଦିନେ ତୋ ପାଖକୁ ଯିବି।ଖାଲି ୟାଙ୍କୁ ଟିକେ କାମ ରୁ ଫୁରୁସତ ମିଳୁ।ବ୍ୟସ୍ତ ହେବୁ ନାହିଁ ନିଜର ଆଉ ବାପା ଙ୍କର ଯତ୍ନ ନେବୁ।ମୁଁ ଏଠି ଭଲ ରେ ଅଛି।ଆଜି ତୋ କଥା ଭାରି ମନେ ପଡିଲା।ସେଇଥିପାଇଁ ଏ ଚିଠି ଟା ଲେଖି ଦେଲି।ରହୁଛି। ।। ଇତି ।। ତୋ ଝିଅ ମାନି.........

**ହେ ଭଗବାନ , ସର୍ବତ୍ର କେବଳ ତୋତେ ହିଁ ଦେଖି ସମସ୍ତ କାର୍ଯ୍ୟ ଯଦି କରାଯାଏ , ଏହିଭାବେ ସମ୍ପୂର୍ଣ କାର୍ଯ୍ୟର ଉର୍ଦ୍ଧ୍ୱକୁ ଯଦି ଉଠି ଯାଇହୁଏ ସେ ସମ୍ବନ୍ଧରେ କୌଣସି ଦାବି ନରଖି ଯାହାକି ଆମ୍ଭମାନଙ୍କୁ ସଂସାର- କାରାଗାରରେ ଆବଦ୍ଧ କରେ ଏବଂ ଉତ୍ତରଣ ପଥରେ ଭାର ସ୍ୱରୂପ ହୁଏ ...**

# ଅମୃତର ସନ୍ଧାନେ...



ଚିରନ୍‌ଜିବି ସାହୁ
ନରସିଂପୁର, କଟକ

**ଜୀ**ବନ। ଜନ୍ମଠାରୁ ମୃତ୍ୟୁପର୍ଯ୍ୟନ୍ତ ଏକ ବିଶେଷ ଯାତ୍ରା। ମାତ୍ର ମୃତ୍ୟୁପରେ କଣ! ଏହିଯେଉଁ ଅନନ୍ତ ବିଶ୍ୱ ଓ ତହିଁରେ କେତେ ଦୃଶ୍ୟ-ଅଦୃଶ୍ୟ, ଜୀବନ୍ତ-ଜଡ଼, ସ୍ଥାଣୁ ଓ ସଚଳାଚଳ ସତ୍ତା। ସତ୍ତା ଯେବେ ବର୍ଦ୍ଧନଶୀଳ ଶରୀର ଧାରଣ କରେ ତାହା ହୁଏ ଅସ୍ତିତ୍ୱ। ଏହି ସତ୍ତା ଓ ଅସ୍ତିତ୍ୱର ତତ୍ତ୍ୱ ହିଁ ବିଜ୍ଞାନ। ପ୍ରାଚୀନ ଭାରତର ପ୍ରାଜ୍ଞ ଋଷିମୁନି ଯେଉଁ କଥାମାନ କହିଛନ୍ତି ତାର ମହତ୍ତ୍ୱ ଆଜିର ଜଟିଳ ଓ ଧ୍ୱଂସାଭିମୁଖୀ ଦୁନିଆରେ ସାମାନ୍ୟ ବୋଧ କରିହୁଏ। ଝଡ଼ି ଯା ନାହିଁ ଚୁଟି ପାଚିଲା। କର୍ପୂର ଉଡ଼ିଯାଇଛି ମାତ୍ର କନା ରହିଯାଇଛି। ଋଷିମାନେ ଥିଲେ ସଞ୍ଜୀବନୀର ସାଧକ, ଅମୃତର ସନ୍ଧାନୀ। ଆମେ ଭାବୁ ଯେ ଭାରତ ତ୍ୟାଗବାଦର ଦେଶବୋଲି। ମାତ୍ର ତାହା ନୁହେଁ। ଭାରତ ଭୋଗବାଦର ଦେଶ। ମାତ୍ର ସେଇ ବାସ୍ତବ ଭୋଗର ପରିଭାଷା ଓ କାଇଦା ଆମ ପୂର୍ବପୁରୁଷଙ୍କୁ ଜଣାଥିଲା। "ଯେତେ ଦେବ ସେତେ ପାଇବ" ଏହାହିଁ ଥିଲା ଭାରତୀୟ ଭୋଗବାଦର ଭୂମିକା। ସେଥିପାଇଁ ଶାସ୍ତ୍ରରେ କୁହାଯାଇଛି " ତେନ ତ୍ୟକ୍ତେନ ଭୁଞ୍ଜିଥା।" ଅର୍ଥାତ ଭୋଗପାଇଁ ହିଁ ତ୍ୟାଗ। ପୁଣି ସେଇ ଦେବା ସ୍ୱାର୍ଥଜନିତ ନୁହେଁ। ନିଜର ସାଧ ଓ ପାରିପାର୍ଶ୍ୱିକ ହିତକୁ ନଜର କରି ଦେବାର ଭାବ ହିଁ ଠିକ। କୌଣସି ମଣିଷ ମୃତ୍ୟୁକୁ ପସନ୍ଦ କରେନା। ବରଂ ଏପରି କୌଣସି ମୃତ୍ୟୁଦ୍ୱାରା ଯଦି ମଣିଷ ନିଜର ଅସ୍ତିତ୍ୱକୁ ଆହୁରି ଦୀର୍ଘଜୀବୀ ବା ଚିରସ୍ଥାୟୀ କରିପାରେ ତେବେ ସେଭଳି ମୃତ୍ୟୁ ହିଁ ଶ୍ରେୟସ୍କର ଓ ସେପରି ମୃତ୍ୟୁ ସମସ୍ତଙ୍କର କାମ୍ୟ। କେହି ଜରା, ବ୍ୟାଧି ପସନ୍ଦ କରେନା ତେଣୁ ଆୟୁର୍ବେଦ କିମ୍ବା ଚିକିତ୍ସାବିଜ୍ଞାନର ଉଦ୍ଭବ। କେହି ସ୍ୱଚ୍ଛନ୍ଦରେ ବଞ୍ଚିବାକୁ ଘୃଣା କରେନା ତେଣୁ ସମାଜତତ୍ତ୍ୱ, ଅର୍ଥନୀତିର ଉଦ୍ଭବ। ମଣିଷ ଜିଜ୍ଞାସୁ, ସୁଖଲିପ୍ସୁ, ଶାନ୍ତିକାମୀ। ତେଣୁ ବିଜ୍ଞାନ, ଦର୍ଶନ ଓ ଆଧ୍ୟାତ୍ମିକତାର ଉଦ୍ଭବ। ଅତଏବ ମଣିଷ ଜୀଇଁବାକୁ ଭଲପାଏ। ଏଥିରୁ ଅମୃତର ମହତ୍ତ୍ୱ ସହଜ ପରିଲକ୍ଷିତ। ଋଷିମୁନିଙ୍କ ଧାରଣାରେ ଅମୃତ କୌଣସି ବିଶେଷ, ବିରଳ ଦ୍ରବ୍ୟ ବା ରସାୟନ ନଥିଲା ଯାହାର ପାନରେ କେହି ଅମର ହୋଇଯିବ। ବରଂ ସେହି ଅମୃତ ଏକ ସାଧନା, ସେହି ଅମରତ୍ୱ ଏକ ସିଦ୍ଧି। ବୋଧେ ସେଥିପାଇଁ ଭାରତୀୟ ଦର୍ଶନ ଓ ଜୀବନପ୍ରଣାଳୀର ମୂଳରେ ରହିଛି 'ଭଗବତ୍ତା' ବା 'ମହାସତ୍ତା'ର ବୋଧ। କାରଣ ମଣିଷକୁ ସହଜରେ ବଡ଼ ହେବାର ପନ୍ଥା ଏହି ବଡ଼ ଅସ୍ତିତ୍ୱ। ଜବରଦସ୍ତି ଖାଦ୍ୟ ନଖାଇ ମୋତେ ଭୋକ ଲାଗୁନାହିଁ କହିବା ବାଚାଳତା। ବଡ଼ ହେବାର ନିଶା ମଣିଷର ଚିରକାଳରୁ ରହିଆସିଅଛି ଏଣୁ ଜୀବନରେ ଜଣେ ଆଦର୍ଶଙ୍କ ବା କେନ୍ଦ୍ରଙ୍କ ଆବଶ୍ୟକତା ଅତି ମହତ୍ତ୍ୱପୂର୍ଣ୍ଣ। ଆଜି ଦୁନିଆରେ ଅନେକ ସାଧୁ ବେଶଭୂଷାଧାରୀ ତ୍ୟାଗୀ ଅଛନ୍ତି ଯେଉଁମାନେ ବାସ୍ତବରେ ନା ତ କିଛି ତ୍ୟାଗ କରିପାରିଲେ ନା ଭୋଗ। ଭୋଗର ବସ୍ତୁକୁ ସାମ୍ନାରେ ରଖି ତ୍ୟାଗ ହିଁ ବାସ୍ତବ ତ୍ୟାଗ। ତେଣୁ ଅମରତ୍ୱର ଭିତରେ ରହିଛି ତ୍ୟାଗ ଓ ଭାରତୀୟ ତ୍ୟାଗବାଦର ଭିତରେ ରହିଛି କରି ପାଇବାର ସାଧନା। ତେଣୁ କୁହାଯାଇଛି ' କରିବା ହିଁ ପାଇବାର ଜନନୀ।' ଆମେ ଭାରତୀୟମାନେ ପୁନର୍ଜନ୍ମରେ ବିଶ୍ୱାସ କରୁ। ପୁଣି କେତେକ ବ୍ୟକ୍ତି ନିଜ ପୂର୍ବଜନ୍ମର କଥା ମନେରଖିଛନ୍ତି ଦେଖି ଏହା ବିଶ୍ୱାସ ମଧ୍ୟ ହୁଏ।

ଏହି ପୂର୍ବଜନ୍ମ ବା ଜନ୍ମଜନ୍ମାନ୍ତର ସ୍ମୃତି ମନେରଖିବାର ସକ୍ଷମତାକୁ କୁହନ୍ତି "ସ୍ମୃତିବାହୀ ଚେତନା"। ଓ ଯେଉଁମାନଙ୍କର ସ୍ମୃତିବାହୀ ଚେତନା ଜାଗ୍ରତ ହୋଇଅଛି ସେମାନେ 'ଜାତିସ୍ମର'। ସାଧନା ବଳରେ ପୂର୍ବଜନ୍ମର କଥା, ସମସ୍ତ ଜ୍ଞାନ ଓ ଅନୁଭୂତିକୁ ମନେପକାଇ ହୁଏ। ମାତ୍ର ଯଦି ମୃତ୍ୟୁସମୟରେ ମଣିଷ ଭୟାତୁର ଓ ପାର୍ଥିବ ମାୟାଗ୍ରସ୍ତ ନଥାଏ ତେବେ ସେ ଜୀବନର ସମସ୍ତ ସଞ୍ଚିତ କର୍ମକୁ ଭୁଲେନାହିଁ ଅର୍ଥାତ ସେ ନିଜର ଏହି ଜୀବନର ସମସ୍ତ କର୍ମ, ଭାବନା ଓ ଜାଣିବାକୁ ନିଜସହ ବହନ କରି ପରବର୍ତ୍ତୀ ଜନ୍ମଲାଭ କରେ। ଫଳରେ ତାର ନୂତନ ଜୀବନ ତ ଆରମ୍ଭ ହୁଏ କିନ୍ତୁ କୌଣସି କଥା ଭୁଲେନା। ସବୁକିଛି ଯେପରି ସେହିଠାରୁ ପୁଣି ଆରମ୍ଭ ହୁଏ।ଫଳରେ ଅସ୍ତିତ୍ୱ ଅକ୍ଷୁର୍ଣ୍ଣ ରୁହେ ଓ ସତ୍ତାର ଅବିରୋଧ ବିକାଶ ହୁଏ। ସେତେବେଳେ ଜନ୍ମମୃତ୍ୟୁ ଆଉ ବାଧକ ସାଜେନା, ଜୀବନର ଅବଧି ଏକ ପରିମାପକ ସାଜେନା। ଠିକ ଯେମିତି ଶିଶୁଟିଏ ବଡ଼ ହେଉ ହେଉ ଜୀବନର ନୂତନ ସ୍ୱାଦ ଚାଖେ, ଅନେକ ଜାଣିବା ଓ ପାଇବାର ଭିତରଦେଇ ତାର ଅସ୍ତିତ୍ୱର ବିକାଶ ହୁଏ ସେହିପରି ଗୋଟିଏ ଜୀବନରୁ ଆଉ ଗୋଟିଏ ଜୀବନ ବିକାଶର ସିଡ଼ି ମାତ୍ର ହୋଇଯାଏ। ସେମାନେ ସମାଜରେ ଦିବ୍ୟପୁରୁଷ ହୋଇ ବିବେଚିତ ହୁଅନ୍ତି। ଜନ୍ମସିଦ୍ଧତା ମଧ ତାଙ୍କ ବଶର ବିଷୟ। ତେବେ ସେହିପରି ଜୀବନର ସମସ୍ତ କର୍ମ ଓ ଚେତନା ନେଇ ମୃତ୍ୟବରଣ କରିବା କୌଣସି ଛୋଟ ବ୍ୟାପାର ନୁହେଁ। ଏଥିପାଇଁ ବରଂ ଜୀବନର ପ୍ରାରମ୍ଭରୁ ସାଧନା କରିବା ଆବଶ୍ୟକ। ଉଚ୍ଚ ବ୍ୟବହାର, ଆଚରଣ ଦ୍ୱାରା ଜିତେନ୍ଦ୍ରିୟ ଓ ନିର୍ଲିପ୍ତ ନିରାସକ୍ତ ହୋଇ ବଞ୍ଚିପାରିଲେ ହିଁ ତାହା ସହଜ ହୋଇପାରେ। ସହଜ ଭାବରେ କହିଲେ ଜଣେ ଶ୍ରେଷ୍ଠ ଆଦର୍ଶ ବା ଇଷ୍ଟଙ୍କୁ ଅନୁସରଣ କରି ନିଜର ବୃତ୍ତି-ପ୍ରବୃତ୍ତିଗୁଡିକୁ ନିୟନ୍ତ୍ରିତ କରି ସକଳ ସଂସ୍କାର ଓ ଗ୍ରନ୍ଥିର ନିରାକରଣ କରିପାରିଲେ ଜୀବନ ସାର୍ଥକ ହୁଏ, ମୃତ୍ୟୁ ଆଉ ବାଧକ ସାଜେନା, ମରଣ ପାଲଟେ ଏକ ସଂଯୋଗ ଦ୍ୱାର ଓ ତାହା ହିଁ ଅମୃତ। ଗ୍ରାମୀଣ ଲୋକକଥା ଅଛି ' ହନୁ ମଲାବେଳେ ସତ କୁହେ'। ଅର୍ଥାତ ମୃତ୍ୟୁ ସମୟରେ ଜୀବନକାଳର ସମସ୍ତ ଭଲମନ୍ଦ ଘଟଣା ଦୃଶ୍ୟମାନ ହୁଏ ଓ ଯେଉଁ ଭାବନାକୁ ଆଧାର କରି ପ୍ରାଣ ଯାଏ ସେହିପରି ପିଣ୍ଡ ଲାଭ ହୁଏ। ମୃତ୍ୟୁକାଳେ ଘଣ୍ଟ, ଘଣ୍ଟା, ଶଙ୍ଖ ଧ୍ୱନି ଆଦି ଶ୍ରବଣ ହୁଏ। ତେଣୁ ଆଧାତ୍ମିକ ସଂସ୍କୃତିରେ ସଂକୀର୍ତ୍ତନର କଥା କୁହାଯାଇଛି ଯାହା ଭିତରେ ନିହିତ ଅଛି 'ଧ୍ୱନି ବିଜ୍ଞାନ' ଓ ଅମରତ୍ୱର ଆକାଂକ୍ଷା। ମୃତ୍ୟୁବେଳରେ ଏସବୁ ତୀବ୍ର ନାଦଦ୍ୱାରା ମସ୍ତିଷ୍କର ସ୍ମୃତି କୋଷିକା ନଷ୍ଟ ହୁଏ। ଫଳରେ ଜୀବକାଳର ସମସ୍ତ ଘଟଣା ଭୁଲିହୋଇଯାଏ। ମାତ୍ର ଯଦି ଏହି ସବୁ ଶବ୍ଦ ତରଙ୍ଗ ସହ ମନୁଷ୍ୟ ସୁପରିଚିତ ଥାଏ ତେବେ ମୃତ୍ୟୁବେଳରେ ସେ ଧ୍ୱନି ଓ କମ୍ପନ ସବୁପାଇଁ ସ୍ମୃତି କୋଷିକା କ୍ଷୟପ୍ରାପ୍ତ ହୁଏନାହିଁ। ଏଥିରୁ ଆମ ସଂସ୍କୃତିରେ ଥିବା ଏହି ସାଧାରଣ କଥାର ଅସାଧାରଣ ଦିଗନ୍ତ, ବୈଜ୍ଞାନିକ ଭିତ୍ତିକୋଣ ଓ ସୂକ୍ଷ୍ମତତ୍ତ୍ୱର ଧାରଣା ମିଳେ। ତେଣୁ ଆସନ୍ତୁ ଆଗେଇଯିବା। ଆଉ ପଛଘୁଞ୍ଚା ଦେବାନି। ନିଜର ମୌଳିକ ପରିଚୟ ଓ ସଂସ୍କୃତିକୁ ଅକ୍ଷୁର୍ଣ୍ଣ ରଖି ଆପଣାର ବ୍ୟବସ୍ଥାକୁ ଆପଣେଇବା। ଆମେ ସେଇ ଋଷିମୁନିଙ୍କ ବଂଶଜ। ସେମାନଙ୍କ ବୈଶିଷ୍ଟ୍ୟ ଆମ ଜୈବକଣିକାରେ ପ୍ରବାହିତ। ଆମେ ଅମୃତର ସନ୍ଧାନୀ। ଅମର ପଥର ଯାତ୍ରୀ। ସେଇ ପରମପିତା ସେଇ ଅମୃତର ପସରା ଖୋଲି ବନ୍ଧୁର ପଥର କଡ଼ରେ ଦିଗଦ୍ରଷ୍ଟା ହୋଇ ହାତ ଠାରୁଛନ୍ତି। ତାଙ୍କର ଜ୍ୟୋତିଃ ଆଡ଼କୁ ପଛକରି ଆଉ ଅନ୍ଧକାର ଅନ୍ଧକାର ଚିତ୍କାର କରିବା ନାହିଁ।

# ମୌସୁମୀ ଦେଇଛି ଚିଠି...



ଭାବଗ୍ରାହୀ ତ୍ରିପାଠୀ
ବାଲିମେଲା, ମାଲକାନଗିରି,
ଓଡ଼ିଶା

ପୃଥିବୀ ପୃଷ୍ଠରୁ ଥିଲା ନିବେଦନ
ମୌସୁମୀଗୋ ଫେରି ଆ.
କର ମେଘ ସୃଷ୍ଟି ହେଉ ପୁଣି ବୃଷ୍ଟି
ଧରିତ୍ରୀ କର ସରସ ।।

ମୋର କିବା ଦୋଷମନୁଷ୍ୟ କହୁଛ
ବିଚିତ୍ର ମୌସୁମୀ ଗତି,
ଗଛକୁ କାଟିଲ କମ୍ପାନୀ କରିଲ
ବଢ଼ାଅ ଧରଣୀ ତାତି||

କରାଳ ତାଣ୍ଡବ ରଚୁଅଛ ଆଜି
ନିଜେ ଯେ ମଣିଷ ଭାଇ,
ନିଜ ଭୁଲ୍ ଟିକୁ ଏଡାଇ ଦେଇଣ
କରୁଛ ମୋତେ ଯେ ଦାୟୀ ||

ବୃକ୍ଷଲତା ସବୁ କାଟି ଯେ ଦେଉଛ
କରୁଛ ଜଙ୍ଗଲ ଧ୍ୱଂସ,
ପୃଥିବୀ ପୃଷ୍ଠରେ ରାଜୁତି କରୁଛ
କରୁଛ ତାକୁ ଅବଶ ||

ଗାଡି ଚଲାଇଲ ଭୁଲି ସାଇକେଲ
ଘରେ ଚଲାଇଲ ଏସି,
ଅଙ୍ଗାରକାମ୍ଳ ଯେ ବଢ଼ି ବଢ଼ି ଗଲା
ଚିନ୍ତାକର ବିଶ୍ୱବାସୀ ||

ଫେରିଯିବା ପାଇଁ ଇଚ୍ଛାମୋର ହୁଏ
ଉପାୟ ହୋଇଛି ଶୂନ୍ୟ,
ଧରଣୀ ପୃଷ୍ଠକୁ ଯିବା ପାଇଁ ଆଜ
ସବୁ ପଥ ମୋ ଦୁର୍ଗମ୍ୟ ||

ନିଜ କର୍ମ ଫଳ ନିଜେ ଭୋଗ କର
କରି ପାରିବିନି କିଛି,
ମୋହର ହସ୍ତରେ ନାହିଁ କିଛି ଆଉ
ଉପାୟ ଶୂନ୍ୟ ହୋଇଛି ||

ଶ୍ରେଷ୍ଠ ମନୁଷ୍ୟ ତୁମ କଥା ନିତି
ଭାବଇ କେତେ ମୁଁ ମନେ,
ତୁମ କଥା ରଖି ଆସିବି ମୁଁ ପୁଣି
ଭାବ ବନ୍ଧନରେ ଦିନେ ||

ଆସିବାକୁ ଯଦି ଚାହଁ ପୁନର୍ବାର
ଉପାୟ ଦେଉଛି କହି,
ଗଛଲତା ସବୁ ରୋପଣ ଯେ କର
ସୁନ୍ଦର ହେଉ ଏ ମହୀ ||

ବୃକ୍ଷ ଲଗାଇଲେ ପ୍ରକୃତି ହସିବ
ବରଷା ସମ୍ଭବ ହେବ'
ବରଷା ହୋଇବ ତାତି କମି ଯିବ
ଚାଷୀକୂଳ ଖୁସି ହେବ ||

ବିଜୁଳି ମାରିବ ମେଘ ବରଷିବ
ଶୀତଳ ହୋଇବ ମହୀ,
ଶସ୍ୟ ଶ୍ୟାମଳା ହୋଇବ ଧରଣୀ
ହସିବପୁଣି ଯେ ମହୀ ||

କହିବେନି କେହି ମୋସୁମୀ ପୁଣି
ହୋଇଯାଉଛି ଫେରାର,
ମନୁଷ୍ୟ ଉପରେ କରାଳ ସାଧୁଛି
କରୁଅଛି ଅତ୍ୟାଚାର ||

**ତଥାକଥିତ ମାନବୀୟ ବୁଦ୍ଧିମତାର ଯାବତୀୟ ଜଟିଳତାର ଉର୍ଦ୍ଧରେ ଦିବ୍ୟ ପରମକରୁଣାର ପ୍ରଭାମଣ୍ଡିତ ସରଳତା ଦଣ୍ଡାୟମାନ ହୋଇରହିଛି ଏବଂ ଆମେ ତାହାକୁ କ୍ରିୟା କରିବା ନିମନ୍ତେ ବାଟ ଛାଡ଼ିଦେବା ମାତ୍ରେକେହିଁ କାର୍ଯ୍ୟ କରିବ ବୋଲି ପ୍ରସ୍ତୁତ ହୋଇରହିଛି ||**

## ସାରସ୍ୱତ ସମ୍ପର୍କ...



ସିଦ୍ଧିପ୍ରସାଦ ସାହୁ
କଣିହାଁ, ଅନୁଗୁଳ

ଆରେ ଏ କଣ---? ସି ସି ଟିଭି ର ପ୍ଲେ ବ୍ୟାକ ଉପରେ ଆଖି ପକାଉ ପକାଉ ଶୈଳେନ୍ଦ୍ର ବାବୁ ଯାହା ଦେଖିଲେ ଆଖିକୁ ବିଶ୍ୱାସ କରିପାରିଲେ ନାହିଁ । ନିଜକୁ ନିଜେ ଧିକ୍କାର କଲେ । ଯାହା ତ ହେବାର ହେଉଥିଲା।ଘରେ ପଛେ ଚୋର, ଡକାୟତ ମାନେ ପଶି ସବୁ ଲୁଟି ନେଇଥାନ୍ତେ କାହିଁକି ଏ ସି ସି ଟିଭି ଲଗାଇ ନିଜ ପରିବାର ରେ ନିଜେ ନିଆଁ ଲଗାଇବାକୁ ଚେଷ୍ଟାକଲି ବୋଲି ପ୍ରଶ୍ନର ଉତ୍ତର ଖୋଜୁଥିଲେ ଶୈଳେନ୍ଦ୍ର ବାବୁ । ଯିଏ ମୋର କାୟା ସହିତ ସଦା ଛାୟା ପରି ଲାଗିରହୁଛି,ସେ କଣ କେବେ ଏପରି କାମ କରିପାରିବେ? ନିଜକୁ ନିଜେ ଏମିତି କେତେ ଅସମାହିତ ପ୍ରଶ୍ନ ପଚାରି ଶେଷ କୁ ଶୈଳେନ୍ଦ୍ର ବାବୁ କିଛି ନ ଜାଣିଲା ପରି ଏହାର ସତ୍ୟାସତ୍ୟ ଜାଣିବାକୁ ଚେଷ୍ଟାକଲେ । ରାଜ୍ୟସ୍ତରୀୟ ଏକ କବି ଓ ଲେଖକ ସମ୍ମିଳନୀରେ ଯୋଗଦାନ କରି ଫେରିବାପରେ ସ୍ତ୍ରୀ ମୈନିକା ଦେବୀ ଏବେ ସଦାସର୍ବଦା ଅନ୍ୟମନସ୍କା । କବିତା ମନସ୍କା  କବୀ ମୈନିକା ଦେବୀ ଏବେ ଅନ୍ୟମନସ୍କା ହେବାର କାରଣ ଖୋଜୁଥିବା ଶୈଳେନ୍ଦ୍ର ବାବୁ ଏବେ ସିସି ଟିଭି ର ପ୍ଲେ ବ୍ୟାକ ଦେଖି ତାଙ୍କର ସନ୍ଦେହ ମୋଚନ କିଛି ପରିମାଣରେ ହୋଇଗଲା।କିପରି ପଚାରିବେ ଏପରି ଏକ ସ୍ପର୍ଶ କାତର ବିଷୟକୁ ନିଜ ସ୍ତ୍ରୀ କୁ । ଯଦି ମୈନିକା କିଛି କରିବସିବେ ତେବେ ସବୁ ଶେଷ ହୋଇଯିବ । କଣ କରାଯିବ? ଧୈର୍ଯ୍ୟ ହରା ହେଲେନାହିଁ ଶୈଳେନ୍ଦ୍ର ବାବୁ ।ଗୋଟେ ଅନ୍ତର୍ଜାତୀୟ କମ୍ପାନୀ ର ଏମ,ଡି । ଜଣେ ଡିରେକ୍ଟର ଭାବରେ କେତେ ବଡ଼ବଡ଼ ସମସ୍ୟା ମାନଙ୍କର ସେ ସମାଧାନ କରିଛନ୍ତି,ଆଉ ଏ ଛୋଟ କଥାର କଣ ସେ ସମାଧାନ କରିପାରିବେ ନାହିଁ? କିଏ ଏହି ଶ୍ରୀମନ୍ତ? ଯାହାର ପ୍ରେମର ଉର୍ମିମାଳା ରେ ଥଳକୁଳ ପାଉନାହାନ୍ତି ମୈନିକା ଦେବୀ।ଏକାଏକା ବସି ଫେସବୁକ ର ପ୍ରୋଫାଇଲେ ଫୋଟୋ କୁ ବାରମ୍ବାର ଦେଖୁଛନ୍ତି ମୈନିକା ଦେବୀ ।କେତେବେଳେ ଫୋଟୋ ଉପରେ ଚୁମ୍ବନ ତ କେତେବେଳେ ମୋବାଇଲ କୁ ନିଜ ବକ୍ଷରେ ଆଲିଙ୍ଗନ ।ମୋବାଇଲ ଖୋଲି ପୁଣି କେତେବେଳେ ଏକା ଏକା ଶ୍ରୀମନ୍ତ ଙ୍କର ସ୍ୱର ରେକଡିଂ କୁ ଶ୍ରବଣ କରୁଛନ୍ତି ମୈନିକା ଦେବୀ।ସତେ ଯେପରି ମୈନିକା ଦେବୀ ଶ୍ରୀମନ୍ତ ଙ୍କ ପାଇଁ ପାଗଳ । ସିସି ଟିଭି ର ପ୍ଲେ ବ୍ୟାକ ରୁ ଏସବୁ ଦୃଶ୍ୟ ଦେଖି ସାରିବା ପରେ ଶୈଳେନ୍ଦ୍ର ବାବୁ ଚିନ୍ତାକଲେ,"ମୈନିକା ଙ୍କର ଏ ପ୍ରେମ ଏକତରଫା ନା ଉଭୟ ପକ୍ଷର ।" ସିସି ଟିଭି ଫୁଟେଜ ରୁ ଶୈଳେନ୍ଦ୍ର ବାବୁ ସବୁ ଦେଖି ସରିବା ପରେ ଖୋଜିଲେ ଶ୍ରୀମନ୍ତ ବାବୁ ଙ୍କର ଚରିତାବୃତ୍ତି ।ଶ୍ରୀମନ୍ତ ମଧ ମୈନିକା ଦେବୀ ପଢିଥିବା ଏକା କଲେଜ ରେ ସ୍ନାତକ।ରେଭେନ୍ସା ମହାବିଦ୍ୟାଳୟରେ ସ୍ନାତକୋତ୍ତର ଓ ଏକ ମହାବିଦ୍ୟାଳୟ ରେ

ଅଧାପକ।ମୈନିକା ଙ୍କର ମୋବାଇଲ କୁ ମୈନିକା ଙ୍କର ଅଲକ୍ଷ୍ୟରେ ଖେଳାଉ ଖେଳାଉ ଜାଣି ପାରିଲେ ଯେ ସେମାନଙ୍କର ଏ ବନ୍ଧୁତା ଅଳ୍ପ ଦିନ ର ।ରାଜ୍ୟ ସ୍ତରୀୟ କବି ଓ ଲେଖକ ସମ୍ମିଳନୀ ରୁ ଫେରିବା ପରେ ପରସ୍ପର ପରସ୍ପରକୁ ବନ୍ଧୁତା ର ହାତ ବଢାଇଛନ୍ତି ।ଆଉ ଏ ବନ୍ଧୁତା ଏବେ ପରସ୍ପର ପରସ୍ପର ର ସାନ୍ନିଧ ପାଇଁ ଆବେଗ ଆଡକୁ ଗତି କରୁଛି ।ଯଦିଓ ସେ ସାନ୍ନିଧରେ ଥିଲା ଦୈହିକ ମିଳନ ର ଅଳ୍ପ ଅଳ୍ପ ସଂକେତ କିନ୍ତୁ ମାନସିକ ଓ ତାତ୍ତ୍ୱିକ ମିଳନର ବେଶୀ ଆବେଗ । ରାଜ୍ୟସ୍ତରୀୟ କବି ଓ ଲେଖକ ସମ୍ମିଳନୀ ରେ ସେଦିନ ବକ୍ତା ଭାବରେ ଉପସ୍ଥିତ ଥାଆନ୍ତି ବହୁତ ରାଜ୍ୟ ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବି ଓ ଲେଖକ ବୃନ୍ଦ । କବିତା ପାଠ   ପାଇଁ ଉପସ୍ଥିତ ଥାନ୍ତି ଶତାଧିକ ସୁନାମ ଧନ୍ୟ ବିଭିନ୍ନ ଇଲାକା ରୁ ଆସିଥିବା କବି ଓ କବୀ ବୃନ୍ଦ ।ଏପରି ଏକ ମହାର୍ଘ୍ୟ ମୁହୂର୍ତ୍ତ କୁ ସଂଚାଳନା କରୁଥାନ୍ତି ଶ୍ରୀମନ୍ତ । ମୈନିକା ଙ୍କ ସମବୟସ୍କ ଶ୍ରୀମନ୍ତ ଯଦିଓ ବାଦାମୀ ରଙ୍ଗର, କିନ୍ତୁ ତାଙ୍କର ହସହସ ମୁଖମଣ୍ଡଳ, ସୌମ୍ୟକାନ୍ତ ଓ ବେଶ ପରିପାଟୀ ବେଶ ଆକର୍ଷଣୀୟ ଥିଲା । ଉପସ୍ଥିତ ମହାନ ଧୀ ଶକ୍ତି ଯୁକ୍ତ ସାରସ୍ୱତ ସାଧକ ବୃନ୍ଦଙ୍କ ଅଭିଭାଷଣ ଠାରୁ ବଳି ପଡୁଥାଏ ଶ୍ରୀମନ୍ତ ଙ୍କର ସଂଯୋଜନା ଶୈଳୀ । ସତେ ଯେପରି ଶ୍ରୀମନ୍ତ ନାମକୁ ସାର୍ଥକ କରିବା ପାଇଁ ଶ୍ରୀ , ବରଦା ଓ କାର୍ତ୍ତିକେୟ ଙ୍କର ଆଶୀର୍ବାଦ ଶ୍ରୀମନ୍ତ ଙ୍କ ଉପରେ ଅଜାଡି ହୋଇପଡିଛି । ଏପରି ଏକ ସଂଯୋଜକ ଙ୍କର ମୁଖ ନିଃସୃତ ପ୍ରତ୍ୟେକ ଟି କଥାକୁ ଓ ଛବିକୁ ନିଜ ମୋବାଇଲ ରେ ବାନ୍ଧି ରଖୁଥିଲେ ମୈନିକା ଦେବୀ । ଗୁଣଗ୍ରାହୀ ହିଁ କେବଳ ଗୁଣୀ ଜନ ର ଗୁଣ ଗାନ କରି ଜାଣେ । ଶ୍ରୀମନ୍ତ ଯେତେବେଳେ ମୈନିକା ଦେବୀ ଙ୍କର," ତୁମେ ତ କହିଲେ" କବିତାର ଶୀର୍ଷକ କୁ ନେଇ ସଂଯୋଜନା କଲେ ଓ ଉପସଂହାର ରେ ନିଜର ମନ୍ତବ୍ୟ ରେ କହିଥିଲେ ଯେ,"ଏପରି ପ୍ରତିଭାବାନ କବୀ ଙ୍କର ପ୍ରତ୍ୟକ ଟି କବିତା ଏକାଡେମୀ ର ସଭ୍ୟ ମାନଙ୍କୁ ଅନୁରୋଧ କରିବି ବିଶ୍ଳେଷଣ କରିବା ପାଇଁ, ସେତେବେଳେ ସଭାକକ୍ଷ ପ୍ରବଳ କରତାଳି ରେ ଉଚ୍ଛୁଳି ପଡିଥିଲା ।"ସେତିକିବେଳେ ମୈନିକା ଦେବୀ ଚିନ୍ତା କରୁଥିଲେ," ସାହିତ୍ୟ ଏକାଡେମୀ ନହେଲେ କଣ ହେଲା ଏହି କରତାଳି ତାଙ୍କୁ ଦେଇଛି ବିଶିଷ୍ଟ ଜ୍ଞାନପୀଠ ପୁରସ୍କାର।    ସଭାସାଙ୍ଗ ପରେ ପରସ୍ପର ପରସ୍ପରକୁ ସାକ୍ଷାତ ପରେ ଅଳ୍ପ ସମୟ ପାଇଁ ନିଜର ପରିଚୟ ଆଦାନ ପ୍ରଦାନ।ଏକା କଲେଜ ଓ ଏକା ବ୍ୟାଚ ର ବୋଲି ଜାଣିବା ପରେ ଦୁହେଁ ଦୁହିଁଙ୍କର ମୋବାଇଲ ନମ୍ବର ଆଦାନ ପ୍ରଦାନ ପରେ ଆଗେଇଚାଲିଲା ସୀମା ସରହଦ ଭିତରେ ରହି ପରସ୍ପର ପରସ୍ପରକୁ ଭଲପାଇବାର ସଂକେତ । ସବୁଠି ସବୁ ସମୟରେ ମୈନିକା ଦେବୀ ଅନାବିଳ ଚିତ୍ତରେ ଘୋଷଣା କରନ୍ତି,"ଶୈଳେନ୍ଦ୍ର ଙ୍କ ବ୍ୟତୀତ ତାଙ୍କର କିଛି ଅସ୍ତିତ୍ୱ ନାହିଁ ।"ମନ ଗହନ ର କୌଣସି ଗୋପନ କଥା ମୈନିକା ଦେବୀ ଶୈଳେନ୍ଦ୍ର ବାବୁଙ୍କୁ ଗୋପନ କରି ରଖିପାରନ୍ତି ନାହିଁ।ଏପରିକି କଲେଜ ଜୀବନର କୌଣସିଏକ ଦୁର୍ବଳ ମୁହୂର୍ତ୍ତ ର କଥା କୁ ମଧ ବୈବାହିକ

ଜୀବନର ସବୁଠାରୁ ମଧୁର ରାତି ରେ ଶୈଳେନ୍ଦ୍ର ଙ୍କ ଆଗରେ ପ୍ରକାଶ କରିଥିଲେ ମୈନିକା ଦେବୀ । ଶୈଳେନ୍ଦ୍ର ମଧ ହସି ହସି କହିଥିଲେ,"ଈଶ୍ୱର କେ ଧାମ ମେ ଏସାଭି ହୋତା ହେ ।" ଶୈଳେନ୍ଦ୍ର ମୈନିକା ଙ୍କୁ କୋଳ କୁ ଟାଣିନେଇ କହିଥିଲେ,"ଜନମ ଜନମ କା ସାଥ ସେ, ତୁମରା ହମାରା------।" ଏତିକି କଥାରେ ମୈନିକା ଦେବୀ ବୁଝିନେଇଥିଲେ ତାଙ୍କ ସ୍ୱାମୀ ଦେବତା ତାଙ୍କର ନାମ କୁ ସାର୍ଥକ କରି ହିମାଳୟ ପରି ମହାନ ।ଆଜି କିନ୍ତୁ କିପରି ତାଙ୍କ ହୃଦୟର ଗୋପନ ତଥ୍ୟକୁ ଜିଭରେ ଠେଲି ଶୈଳେନ୍ଦ୍ର ଙ୍କ ଆଗରେ ପ୍ରକାଶ କରିବେ ତାର କିଛି ଥଳକୂଳ ପାଇ ନଥାନ୍ତି ମୈନିକା ଦେବୀ । ସେଦିନ ଯେତେବେଳେ ମୈନିକା ଦେବୀ ସହର ର ସବୁଠାରୁ ବଡ଼ ବହି ଦୋକାନ ରୁ ଶ୍ରୀମନ୍ତ ଙ୍କ ରଚିତ ଥାକ ଥାକ ବହି କିଣି ଆଣି କାର ର ପଛ ସିଟ ରେ ଥୋଇଦେଲେ ଓ ଗୋଟିଏ ବହି କୁ ଆଣି ଶୈଳେନ୍ଦ୍ର ଙ୍କ ସହିତ ଆଜି ସିଟ ରେ ବସି ଶ୍ରୀମନ୍ତ ଙ୍କ ଫୋଟୋ କୁ ଦେଖୁଥାନ୍ତି ଓ ଅଲକ୍ଷ ରେ ମୈନିକା ଙ୍କ ଓଠରୁ ଚେନା ଚେନା ହସ ଝରିପଡୁଥାଏ ସେତେବେଳେ ଶୈଳେନ୍ଦ୍ର ବାବୁ ମନେ ମନେ କହୁଥିଲେ,"ମୈନିକା, ଏ ତୁମର ଦୋଷ ନୁହେଁ, ଏ ହେଉଛି ମଣିଷର ପ୍ରକୃତି। ନହେଲେ ସେଦିନ ଯାଜ୍ଞସେନୀ କାହିଁକି ଅର୍ଜୁନ ପରି ଧନୁର୍ଦ୍ଧର ବୀର ପୁଙ୍ଗବ ଙ୍କୁ ନିଜର ସ୍ୱାମୀରୂପେ ପାଇ ମଧ ବଂଶ ପରମ୍ପରା ଜଣାନଥିବା ସୁତପୁତ୍ର ରାଧେୟ ଙ୍କୁ ପାଇବା ପାଇଁ ଇଚ୍ଛା ପ୍ରକାଶ କରିଥାନ୍ତେ ।" ଦିନେ ମୈନିକା ଙ୍କର ମୋବାଇଲ କୁ ତାଙ୍କ ଅଲକ୍ଷ ରେ ଖେଳାଉ ଖେଳାଉ ଶୈଳେନ୍ଦ୍ର ଦେଖିଲେ ମୈନିକା ଶ୍ରୀମନ୍ତ ଙ୍କୁ ମେସେଜ ଦେଇଛନ୍ତି,"ଶ୍ରୀମନ୍ତ ତୁମେ କେବଳ ଶ୍ରୀମନ୍ତ ନୁହଁ, ବାଣୀ ବନ୍ତ ବି।ତୁମର ପ୍ରସିଦ୍ଧି ମୋର କାମ୍ୟ।ପାଖରେ ଥିଲେ ଖୁସି ହୋଇଥାନ୍ତି।" ଶ୍ରୀମନ୍ତ ଙ୍କର ପାଲଟା ମେସେଜ ଥିଲା,"ମୁଁ ବି ।" ଶୈଳେନ୍ଦ୍ର ବାବୁ ଦେଖିଲେ ଏ ବାର୍ତ୍ତା ର ବିଭିନ୍ନ ଦିଗ ଅଛି । କବି କବୀ ମଧରେ ସମ୍ପର୍କ ହେଉଛି ବୌଦ୍ଧିକ ସମ୍ପର୍କ । ନିଶ୍ଚିତ ପାଖରେ ଥିଲେ ଦୁଇ ଜଣ ସାରସ୍ୱତ ସାଧନା ଟେ ସର୍ବଦା ବ୍ୟସ୍ତ ଥାନ୍ତେ।ଏ ସମାଜ ଅଧିକ କିଛି ସେମାନଙ୍କ ନିକଟରୁ ପାଇଥାନ୍ତା । ଶୈଳେନ୍ଦ୍ର ଚିନ୍ତା କଲେ,"ଅନୁସୂୟା ଙ୍କୁ ଏ ସମାଜ ବେଶୀ ମନେ ରଖିଛି ତାର ତ୍ୟାଗ ପାଇଁ।" ଅନୁସୂୟା ନିଜ ସ୍ୱାମୀ ର ଜୀବନ ପାଇଁ ଯାହା ଜଣେ ସ୍ତ୍ରୀ କେବେ ବି କୌଣସି ମୁହୂର୍ତ୍ତରେ ତ୍ୟାଗ କରିବା ପାଇଁ ଇଚ୍ଛା କରିବ ନାହିଁ ସେ ପ୍ରକାର ତ୍ୟାଗ ଯଦି ଅନୁସୂୟା କରିପାରିଥିଲେ ତେବେ ଶୈଳେନ୍ଦ୍ର ଭାବିଲେ ତାଙ୍କ ସ୍ତ୍ରୀ ମୈନିକା ପାଇଁ ସେ କାହିଁକି ସେ ତ୍ୟାଗ କରିପାରିବେ ନାହିଁ । ଫେସବୁକ ରେ ଶୈଳେନ୍ଦ୍ର ଶ୍ରୀମନ୍ତ ଙ୍କର ପ୍ରତ୍ୟେକ ଟି କବିତା ଓ ଗଳ୍ପ ଉପରେ ସୁଚିନ୍ତିତ ମତାମତ ଦେଇ ବନ୍ଧୁତାର ହାତ ବଢାଇଲେ। ଏପରି ଜଣେ ସୁପାଠକ କୁ ବନ୍ଧୁ ଭାବରେ ପାଇ ଆନନ୍ଦରେ ବନ୍ଧୁତ୍ୱ ସ୍ୱୀକାର କଲେ ଶ୍ରୀମନ୍ତ ବାବୁ । ତାପରେ ଫୋନ ନମ୍ବର ଦିଆନିଆ ହୋଇ ନିତି ନିତି କଥାବାର୍ତ୍ତା । ମୈନିକା ଙ୍କ ଅଲକ୍ଷ୍ୟରେ ଚାଲିଥିବା ଏସବୁ କାମ ପରେ ଦିନେ ଶୈଳେନ୍ଦ୍ର ବାବୁ ଶ୍ରୀମନ୍ତ ଙ୍କୁ ନିଜ ବାସଭବନ କୁ ଆତିଥ୍ୟପାଇଁ ନିମନ୍ତ୍ରଣ

ଜଣାଇଲେ । ଧର୍ଯ୍ୟଦିନ ରେ କେବଳ ମୋର ଜଣେ ବନ୍ଧୁ ଆଜି ମଧାହ୍ନ ଭୋଜନ ପାଇଁ ନିମନ୍ତ୍ରଣ କରିଛି କହି ଶୈଳେନ୍ଦ୍ର ବାବୁ ଅଫିସ ଚାଲିଗଲେ । ଶୈଳେନ୍ଦ୍ର ବାବୁ ଯେତେବେଳେ ବନ୍ଧୁ ଶ୍ରୀମନ୍ତ ଙ୍କୁ ଧରି କାର ରୁ ଓହ୍ଲାଇ ଘରଭିତରକୁ ପାଛୋଟି ନେଲେ ଶ୍ରୀମନ୍ତ ବାବୁ ଙ୍କୁ ଦେଖି ମୈନିକା ଦେବୀ ବିସ୍ଫାରିତ ନୟନ ରେ କିଛି ସମୟ ପାଇଁ ନିର୍ବାକ ହୋଇଗଲେ ।ଶ୍ରୀମନ୍ତ ବାବୁ ମଧ ମୈନିକା ଦେବୀ ଙ୍କ ଉଦ୍ଦେଶ୍ୟ ରେ ହସ ହସ ବଦନ ରେ ଦୁଇ ହାତ ଯୋଡି ଦେଇ କହିଲେ,"ଆପଣ! ଏ କଣ ଆପଣଙ୍କ ଘର?ତେବେ ମୋର ଆଜି ପରମ ସୌଭାଗ୍ୟ ଯେ ମୋତେ ତ ଆଜି ଜଣେ ସୁନାମଧନ୍ୟା କବୀ ଙ୍କର ଦର୍ଶନ ମିଳିଲା ।"ଶ୍ରୀମନ୍ତ ବାବୁ ଙ୍କର କଥା କୁ ଛଡାଇ ନେଇ ମୈନିକା ଦେବୀ କହିଲେ," ନା ଆଜ୍ଞା ନା,ଆମ ଏ ଘର ଆଜି ଜଣେ ସୁଗାଳ୍ପିକ, କବି ଓ ମହାନ ସାରସ୍ୱତ ସାଧକ ଙ୍କର ପାଦସ୍ପର୍ଶ ରେ ଧନ୍ୟ ହୋଇଗଲା ।" ଏସବୁ କଥା ମଧରେ ଶୈଳେନ୍ଦ୍ର ବାବୁ ପ୍ରବେଶ କରି ମୈନିକା ଦେବୀଙ୍କୁ କହିଲେ,"ହେ ବିଦୁସୀ ରମଣୀ, ଆଗେ ବନ୍ଧୁ ଙ୍କର ଚର୍ଚ୍ଚା କରନ୍ତୁ, ତାପରେ ସାହିତ୍ୟ ଚର୍ଚ୍ଚା।" ମୈନିକା ଦେବୀ ଶ୍ରୀମନ୍ତ ବାବୁ ଙ୍କୁ ଅତିଥି କକ୍ଷ କୁ ପାଛୋଟି ନେଇ ସୋଫା ଉପରେ ବସାଇ ଦେଇ ଥଣ୍ଡା ପାନୀୟ ଆଣି ସମସ୍ତ ଙ୍କ ହାତକୁ ବଢ଼ାଇ ଶୈଳେନ୍ଦ୍ର ଓ ଶ୍ରୀମନ୍ତ ଙ୍କ ଆଗରେ ବସି ପଡିଲେ। ଏହି ସମୟରେ  ଶୈଳେନ୍ଦ୍ର ଙ୍କ ଫୋନ ରିଙ୍ଗ ଅଫିସ ରୁ ଆସୁଛି କହି ସଙ୍ଗେ ସଙ୍ଗେ ଅଫିସ କୁ ବାହାରିଗଲେ । ଅଫିସ ରୁ ଅଧ ଘଣ୍ଟାଏ ପରେ ଫେରି ଦେଖନ୍ତି ତ ସଫା ଉପରେ ପରସ୍ପର ମୁହଁା ମୁହିଁ ହୋଇ ବସିପଡିଛନ୍ତି ଓ ସୋଫା ଉପରେ ବହି ଥାକ ସବୁ ରହିଛି। ବିଭିନ୍ନ କବି ଙ୍କର କବିତା ଗୁଡିକୁ ଉଭୟ ସାରସ୍ୱତ ସ୍ରଷ୍ଟା ତର୍ଜମା କରିଚାଲିଛନ୍ତି। କେଉଁ କାବ୍ୟ ରେ ନାରୀ କୁ କେଉଁପ୍ରକାର ରେ ବର୍ଣ୍ଣନା କରାଯାଇଛି, ଫକୀର ମୋହନ ଙ୍କର ସାରସ୍ୱତ ସୃଷ୍ଟି କାହିଁକି କାଳଜୟୀ ହୋଇପାରିଛି ଇତ୍ୟାଦି ଇତ୍ୟାଦି ।   ଶୈଳେନ୍ଦ୍ର ଙ୍କ ଉପସ୍ଥିତ କୁ ମଧ ଶ୍ରୀମନ୍ତ ଓ ମୈନିକା ଦେବୀ ଅନୁଭବ କରିପାରୁନଥାନ୍ତି। ମନେ ମନେ ଶୈଳେନ୍ଦ୍ର ବାବୁ ନିଜକୁ ଲଜ୍ଜିତ ମନେ କରି କହୁଥାନ୍ତି,"ଛିଃ,ମୈନିକା ଙ୍କୁ ମୁଁ ମିଛଟାରେ ସନ୍ଦେହ କରୁଥିଲି ,ପୁଣି ପରବର୍ତ୍ତୀ ସମୟର ନିଜକୁ ଗର୍ବିତ ମନେକରି କହୁଥାନ୍ତି କେଉଁ ଜନ୍ମ ରେ କେଉଁ ପୁଣ୍ୟ ଯୋଗୁଁ ଜଣେ କବୀ ଙ୍କର ସ୍ୱାମୀ ହେବାର ସୌଭାଗ୍ୟ ଲାଭ କରିଛି ।ହଠାତ କିପରି ଶୈଳେନ୍ଦ୍ର ଙ୍କ ପାଟିରୁ ବାହାରି ପଡ଼ିଲା,"ବାସ୍ତବିକ ଏହାହିଁ ହୋଇଛି ସାରସ୍ୱତ ସମ୍ପର୍କ ।""

# ପ୍ରିୟକି ହେଲା ଅଯୋଗ୍ୟ...



ଡ.ପ୍ରିୟବ୍ରତ ସେଠୀ
ସମ୍ବଲପୁର,

ତୁମ ଉନ୍ମୁକ୍ତ ନାଭିର ବ୍ୟାସ ଚତୁର୍ପାଶ୍ୱେ

ଭ୍ରମଇ କଳା ଭ୍ରମର

କେଉଁ କୁସୁମର କେଶର ଭାବି ସେ

ଚୁମ୍ବଇ ଥରକୁ ଥର ।।୧।।

ମନେ ମନେ ଭାବେ ହାଏରେ ବିଧାତା

ଭ୍ରମର ର କି ଭାଗ୍ୟ

ଭ୍ରମର ରୂପରେ ଜନ୍ମ ପାଇବାକୁ

ପ୍ରିୟ କି ହେଲା ଅଯୋଗ୍ୟ ।।୨।।

ସପନ ବନରେ ଅନେକ କୁମାରୀ

ହୃଦୟ ବନେ କୁସୁମ

ସେଇ କୁସୁମକୁ ପ୍ରିୟ ଯେ ମଖାଏ

ଶାଶ୍ୱତ ପ୍ରେମ କୁଙ୍କୁମ ।।୩।।

ଅଂଶୁମାନ ଆଗମନେ

ଓଠ ରକ୍ତବର୍ଣ୍ଣ ସେ ନୀଳ ନୟନ

ସତେକି ରାଜକିଶୋରୀ

କାହାର ଜୋଛନା ବିଛି ହୋଇପଡ଼େ

ଭାବିବସେ ସର ମନେ ।।୪।।

ରୂପାଅଙ୍ଗେ ଯେବେ ହଳଦୀ ମାଖିସେ

ଅଙ୍ଗକୁ ପଖାଳେ ବସି

ଅନ୍ତରିକ୍ଷେ ଥାଇ ମେଘର ପଛରୁ

ଇର୍ଷାକରେ ଶ୍ୱେତ ଶଶୀ ।।୫।।

ତୁମ ପ୍ରେମ ପୁଷ୍କରିଣୀରେ କିଶୋରୀ

ଯେବେ ମୁଁ କରୁଛି ସ୍ନାହାନ

ସେ ରୂପ ଲାବଣ୍ୟେ ଭିଜିଯାଏ ପ୍ରିୟ

ସୁଧାମୟ ଲାଗେ ଜୀବନ ।।୬।

ଫେରି ଆସେ ସଞ୍ଜ ଚିଲିକାର ହ୍ରଦେ

ଏମିତି ତୁମ କବରୀ ।।୭।।

ରୁପା ଅଙ୍ଗ ମଧ୍ୟେ ଶ୍ୱେତ ପଦ୍ମ ହ୍ରଦେ

ଜାଗାଟିଏ ପ୍ରିୟ ଖୋଜେ

ତୁମ ମଧୁର ମୂର୍ଚ୍ଛନା ପୂର୍ଣ୍ଣ ଅଙ୍ଗରେ

ଅବିରତ ସ୍ୱପ୍ନେ ଭିଜେ ।।୮।।

ଝରୁ ଝରୁ ଆଜି ଝରିଗଲା ବୋଧେ

ମନ ମୟୂରୀର ଶୋଭା

ହାଏରେ ବିଧାତା ସତେକି ଗଢିଛୁ

ପ୍ରିୟ ପାଇଁ କେଉଁ ରମ୍ଭା ।।୯।।

ନିଝୁମ୍ ରାତିର ସ୍ୱପ୍ନ ଉପବନେ

ନେତ୍ର ମୋ ହୁଏ ପବିତ୍ର

ପ୍ରଭାତ ପ୍ରହରୁ ଅସ୍ଥିର ଏ ନେତ୍ର

ଆଙ୍କୁଥାଏ ତୁମ ଚିତ୍ର ।।୧୦।।

*ଜୀବନରେ ଚାରୋଟି ସତ୍ୟକୁ କେବେ ବି ଭଙ୍ଗ ନାହିଁ:-*

*ବିଶ୍ୱାସ, ସମ୍ପର୍କ, ହୃଦୟ, ପ୍ରତିଶୃତି*

*କାରଣ ଏମାନେ ଯେବେ ଭାଙ୍ଗନ୍ତି ଶବ୍ଦ ହୁଏନି, ହେଲେ ବହୁତ କଷ୍ଟ ହୁଏ ।।*

*ସର୍ବଦା ମନେରଖନ୍ତୁ ଯେ ଏକ ଖରାପ କାର୍ଯ୍ୟ ଆପଙ୍କ ମନରେ ଭରା ସଦୃଶ ହୋଇଥାଏ ଏବଂ ରହି ଭାରକୁ ସତକାର୍ଯ୍ୟ ଦ୍ୱାରା ହିଁ ନିବାରଣ କରିହୁଏ ।।*

# ମୋ ବାଲିଘରେ ତୁଇ ରେ ଜଗନ୍ନାଥ...



ମୃତ୍ୟୁଞ୍ଜୟ ଦାସ
ଶ୍ରୀକ୍ଷେତ୍ର , ପୁରୀ

ସାଗର ତୀରେ ତୋଳିଛି ପରା

ବାଲି ରେଣୁରେ ମୋ ଘର..,

ଚନ୍ଦନ ତୁଳସୀ ପିଣ୍ଡି ପକେଇ

ରଖିଛି ଆସନ ତୋହର ...

ଆରେ କଳା ସାଆନ୍ତ ରେ..

ବିଜେ କର ଥରେ ଶ୍ରୀ ଜଗନ୍ନାଥ ॥(0)

ମିଛ ମାୟାରେ ବଧି ଫେଣ୍ଟୁଛ..

ଘୋରଣ ଦଉଡି ନାହିଁ..

ଖାଇବ ବୋଲି ସର ଲବଣି

ପାଟି କର ହାଇଁ ଫାଇଁ..

କଳପ ତଳେ ଗଣେଶ ଆଗରେ

ଫେଂଟୁଛି ପରା ଦହି ରେ...

ଟିକେ ଚାଖିଦେ...

ସବୁ ଖାଇବୁନି ତୋ ସଂସାରେ

ଅଛନ୍ତି କେତେ ନାଗରିକ ।(1)

ଏକା ଯଦି ତୁହି ଖାଇବୁ

ଚେରୀ ଠୁଁ ଖୁନ୍ଦା ପାଇବୁ

ବିଡ଼ିଆ ପାନରେ ଦାନ୍ତ ପଖାଳି

ରତ୍ନ ପଲଙ୍କ ରେ ଶୋଇବୁ ॥

ସେଥିପାଇଁ ମୁଁ ଡାକିଲି ରେ

ବିଜେକର ମୋର ବାଲିଘରେ

ଯେତିକି ପାରିବି ସେବା କରିବି

ଆ ମୋ କାଳିଆ ସାଆନ୍ତରେ.... ॥

ମୁଇଁ ଅନାଥ ଦାସ ମୃତ୍ୟୁଞ୍ଜୟ

ଶରଣ ପଶିଚି ତୁରିତ

ଅରୁଣ ପଛରୁ ଓଳିକି ହେଉଛି

ଡାକି ତ୍ରାହି ଅଚ୍ୟୁତ ରେ...

ଜୟ ଜଗନ୍ନାଥ, ଜୟ ଜଗନ୍ନାଥ ॥

# ଝିଅ ସେ ସୁଲଭ ଶସ୍ତା ତାର ମନକକ୍ଷ...



ଡ.ପ୍ରିୟବ୍ରତ ସେଠୀ
ସମ୍ବଲପୁର

ଢ଼ଳିଗଲେ ରବି ନୂଆ ଏକ ଛବି
ଯାହା ମନେ ଆଙ୍କିହୁଏ,
ସାଜିଲେ ବି କବି କେମିତି ଲେଖିବି
ଥକା ମନ ଥକିଯାଏ ।।୧।।

ଲୁଚିଲେ ମୃଗାଙ୍କ ବଦଳେ ପ୍ରେମିକ
କୃତ୍ରିମ ତାର ସ୍ୱଭାବ,
ପ୍ରେମରେ କଳଙ୍କ କେମିତିକା ଅଙ୍କ
ଗଢ଼ିଛି ଦେଖ ଦଇବ ।।୨।।

ମିଛ ତାର ଭାବ ଝିଅ ସେ ସୁଲଭ
ଶସ୍ତା ତାର ମନ କକ୍ଷ,
ଅନେକ ବାଟୋଇ ବାଟବଣା ହୋଇ
ଖୋଜନ୍ତି ସେପରି ବୃକ୍ଷ ।।୩।।

ଭାରି ଅଲାଜୁକି ଏମିତି ତା ଆଖି
କଥା ତ ମଉନାବତୀ,
ଜାଳି ସେଇ ବତୀ
କରେସେ ପୀରତି
ନିଜକୁ ଭାବଇ ସତୀ ।।୪।।

ହାଏରେ ବିଧାତା କହ ଗୋଟେ କଥା
କେଉଁ ଜାତିର ସେ ନାରୀ,
ପଦ୍ମିନୀ ଚିତ୍ରୀଣି ଶଙ୍ଖିନୀ ହସ୍ତିନୀ
ଗଲା କି ଏଥିରୁ ବାହାରି ।।୫।।

ନିରୋଳାରେ ବସି ନୀରବରେ ହସି
ଭାବେ ମୁଁ ଗୋଟିଏ କଥା,
ଏମିତି ନାରୀ କୁ କେମିତି ପୁରୁଷ
ଜୁଟେଇବ ଏ ବିଧାତା ।।୬।

ଭାବି ପୂର୍ଣ୍ଣଜହ୍ନ ଯେଉଁ ନେତ୍ରହୀନ
ଧରିବ ସେ କନ୍ୟା ହାତ,
କିଛିଦିନ ପରେ ଜାଣିବ ଅଭାଗା
ତା ଇତିହାସ କଳଙ୍କିତ ।।୭।।

ସେଇ କିଛିଦିନ ନାଚିବ ତା ମନ
ପାଇଛି କି ଗଙ୍ଗାଜଳ,
ହତଭାଗା ହାଏ ବୁଡ଼ିକି ଉଠିଲେ
ଜାଣିବ ଏ ପଙ୍କ ଦଳ ।।୮।।

ନାହିଁ ଅବଶୋଷ ଦେଇନି ସେ ବିଷ
କହିକି ସୁଧା ଅମୃତ,
କାହିଁକି ନିନ୍ଦିବି ଚିକିତ୍ସା କରିବି
ଭରିଯିବ ହୃଦ କ୍ଷତ ।।୯।।

ହେ ମହାବାହୁ ଦୁଃଖ ସହୁ ସହୁ
ଢ଼ାଳି ହେଇଗଲା ଲୁହ,
ଆଉ କିଛି ଦୁଃଖ ଦିଅ ପଦ୍ମମୁଖ
ବାକି ରହିଗଲା କୋହ ।।୧୦||

*ଦୂରରୁ ଆମକୁ ଆଗକୁ ଥିବା ସମସ୍ତ ରାସ୍ତା ବନ୍ଦ ଦେଖାଯାଏ, କାରଣ ସଫଳତାର ରାସ୍ତା ଆମ ପାଇଁ ସେତେବେଳେ ଖୋଲିବ ଯେତେବେଳେ ଆମେ ଏହାର ନିକଟତର ହେବା |*

## *ମହାମନ୍ତ୍ର...*



***କିଶୋର ଚନ୍ଦ୍ର ଗିରି***
କ୍ରିଷ୍ଣା ବିହାର,ହାଉସିଂ
ସୋସାଇଟି, ଜାନୁଗଞ୍ଜ
ଗୋଲେଇ, ବାଲେଶ୍ୱର

ଆସ ମୁଁ ତୁମକୁ
ବଞ୍ଚିବାର ଏକ ନୂଆ ରାହା ଦେଖେଇବି,
ବନ୍ଧନର ଜୁଇ ଜାଳି
ମୁକ୍ତିର ମହାମନ୍ତ୍ର ଶିଖେଇବି !
ତମେ ଆଉ ଚିତ୍କାର କରିବନି
ମରିଗଲି, ମରିଗଲି,
ଅବା ଦୁଃଖ ଯନ୍ତ୍ରଣାରେ
ଭାସିଗଲି, ଭାସିଗଲି ବୋଲି !
ତମେ ପରା ସୁକ୍ଷ୍ମ ଚେତନ ଆତ୍ମା
ଅଜର ଅମର,
ଯାହାକୁ ପାରେନି କରି
ଦଗ୍ଧ ବୈଶ୍ୱାନର !
ନୀର, ସମୀର, ଯା' ରେ
କରେ ଆତ୍ମ ସମର୍ପଣ,
ଅବା ଯା' ରେ ପାରେ ନାହିଁ ଛୁଇଁ
ତୀକ୍ଷଣ ତୃଷିତ କୃପାଣ !
ତମେ ପୁଣି ମର
କେଉଁ ସର୍ତ୍ତ ଭାବାର୍ଥରେ,
ଚିତ୍କାର କର ବଞ୍ଚାଅ ବଞ୍ଚାଅ
ବୁଡିଗଲି ଅଥଳ ସାଗରେ !
ହେ ସୁଖ ଆନନ୍ଦ ସ୍ୱରୂପ ଆତ୍ମା
ତମେ ପୁଣି ଦୁଃଖ,
ଯନ୍ତ୍ରଣାରେ ?

ହେ ଶାନ୍ତ ଉଲ୍ଲସିତ ଆତ୍ମା
ତମେ ପୁଣି ଅଶାନ୍ତିରେ, ଉଦାସରେ ?
ହେ ଶକ୍ତି ପ୍ରେମର ସ୍ୱରୂପ
ତମେ ପୁଣି ବଳ ବୀର୍ଯ୍ୟ ହୀନ ?
ଇର୍ଷା ଦ୍ୱେଷ ଘୃଣାରେ ମଗନ
ପ୍ରୀତି ପ୍ରେମ ତୁମଠି ସପନ ?
ନାଁ ସବୁ ମିଛ
ଅମାବାସ୍ୟା ଜହ୍ନ ପରି,
ବନ୍ଧ୍ୟାର
ପ୍ରସବ ବେଦନା ପରି !

ତମେ ପରା ପରମାତ୍ମା
ଅମୃତ ସନ୍ତାନ,
ପ୍ରେମ ଶକ୍ତି ଶାନ୍ତି ଯା'ର
ଇଚ୍ଛାର ଅଧୀନ !
କିନ୍ତୁ ମାୟା ମୋହେ ମାତି
କୁସଂସ୍କାର ଅଜ୍ଞାନତା ହେତୁ
ଭୁଲିଅଛ ତମେ ଆଜି
ନିଜ ସତ୍ତା, ଅନନ୍ତ
ଶକତି !
ବୁଦ୍ଧ ସିନା କହିଗଲେ
କାମନାର ବିନାଶରେ ଦୁଃଖର ବିନାଶ
କିନ୍ତୁ କହିଲେନି
କାମନାର ମୂଳ ଉତ୍ସ ଦେହ ଅଭିମାନ ବୋଲି !

*ପୃଥିବୀରେ ଏମିତି କୌଣସି ବ୍ୟକ୍ତି ନାହିଁ, ଯାହାରକି କୌଣସି ସମସ୍ୟା ନାହିଁ।*

*ଆଉ ଏମିତି କିଛି ସମସ୍ୟା ନାହିଁ, ଯାହାରକି କୌଣସି ସମାଧାନ ନାହିଁ।।*

# କୃଷକ ଭାଇ...



କନକ ମଞ୍ଜରୀ ପଟନାୟକ
ବୋରିଗୁମ୍ମା

କୃଷକ ଭାଇର ଜୀବନ
କେଡ଼େ ଆନନ୍ଦମୟ,
ମେଢ଼ କି ମଣ୍ଡପ ନ ଥାଉ
ଫସଲ ତା ସପନ ।।
ସକାଳ ସୂରୁଯ ଉଇଁଲେ
ଘରୁ ବାହାରି ପଡ଼େ,
ହଳ ଲଙ୍ଗଳ ସାଥେ ନେଇ
ଚାଷ କାମ ସେ କରେ।।
ମାଟିକୁ ଯତନେ ଚଷିଣ
ଫସ ଫସିଆ କରେ,
ବରଷାରେ ଭିଜି ଭଜିକା
ବିହନ ବୁଣି ଚାଲେ।।
ତଳିକୁ ବାହାର କରିଣ
ବିଡ଼ା ବାନ୍ଧି ପକାଏ,
ମାଟିକୁ କାଦ କାଦ କରି
ରୁଆ କାମ ସରାଏ।।
ଧାନ ଗଛ ବଡ଼ ହୋଇଲେ
ଅନାବନା ଉପାଡ଼େ,
ଖତ ସାର ଯୋଗାଡ଼ କରି
କ୍ଷେତରେ ଢାଳୁ ଥାଏ।।
ପୋକ ମରା ଔଷଧ ଆଣି
ଜମିରେ ସେ ପକାଏ,
କେଣ୍ଡା କେଣ୍ଡା ହଳଦୀ ଧାନ
ଦେଖି ଆନନ୍ଦ ହୁଏ।।
ଧାନ କଟା ବେଳ ଆସିଲେ
ଧାନ ସେ କାଟି ଥାଏ ,
କଳରେ ଧାନକୁ ପକାଇ
ଦି ମୁଠା ଅନ୍ନ ଦିଏ।।

(ତେଣୁ ଆମେ ସମସ୍ତେ କହିବା – "ଜୟ ଜବାନ ଜୟ କିଷାନ")

# ଜଙ୍ଗଲ ସୁରକ୍ଷା...



ନିକୁଞ୍ଜ କୁମାର ଘୋଷ
ମାଧବପୁର, ଜଳେଶ୍ୱର ,
ବାଲେଶ୍ୱର

ଜଙ୍ଗଲ ସୁରକ୍ଷା ରହିଲେ ଆମର
ଜଗତ ପାଇଁ କି ହିତ,
ଯା ପାଇଁ ଖାଉଛୁ ଜୀବନ ଧରିଛୁ
ତା'ସଙ୍ଗେ କରିବା ମିତ ।।

କାଟୁଛି ଜଙ୍ଗଲ ଲଗାଉଛି ନିଆଁ
କାଳ ସାଜେ ତା ରକ୍ଷକ,
ଅମ୍ଳଜାନ ଅବା ଚାଷବାସ କ୍ଷେତ୍ରେ
ନିଜେ ନିଜର ଭକ୍ଷକ ।।

ଔଷଧୀୟ ବୃକ୍ଷ ନଷ୍ଟ ହୁଏ ପୁଣି
ଜଳର ସଂକଟ ଆସେ,
ଜଙ୍ଗଲ ରହିଲେ ପଶୁ,ପକ୍ଷୀ ସହ
ଆମରି ଜଗତ ହସେ ।।

ଶପଥ ନେବାରେ ରକ୍ଷା କରିବାକୁ
ପ୍ରକୃତି ରାଣୀକୁ ଆମ,
ତା'ହାତେ ରହିଛି ଜୀବନ ମରଣ
ବଞ୍ଚିବାକୁ କର କାମ ।।

ପ୍ରକୃତି ହସିଲେ ସଭିଏଁ ହସିବେ
ଫୁଲ ପରି ବାସ୍ନା ମିଳେ,
ଧ୍ରୁବ ସତ୍ୟ ଅଟେ ସୂର୍ଯ୍ୟ,ଚନ୍ଦ୍ର ପରି
ସଂକୋଚ ନାହିଁରେ ତିଳେ ।।

ସୁରକ୍ଷିତ ଥିଲେ ଜଙ୍ଗଲ ଆମରି
ପରିବେଶ ସନ୍ତୁଳନ,
ରୋଗ ବ୍ୟାଧି ଠାର ମୁକତି ମିଳଇ
ରହିଯାଏ ତ ଜୀବନ ।।

**ଜୀବନରେ ସବୁଠାରୁ କଠିନ ସମସ୍ୟା ହେଉଛି , ନିଜକୁ ଚିହ୍ନି ପରିବା ....**

# ମୋ ପାଖ ରୁ ତମ ପାଖ ସମ୍ଭବ କି?



ଇତୁସ୍ମିତା ବେହେରା
ତଳପଦା, ମୟୂରଭଞ୍ଜ

ତମେ ବିଶାଳ କୋଠା ଭିତରେ

ଯାହାର ଶିଖର ଆକାଶ ଛୁଇଁଯାଏ

ଯାହା ଚଟାଣ ରେ ରଙ୍ଗବେରଙ୍ଗ ଟାଇଲସ

ଯାହାର କାନ୍ଥ ସମୟେ ସମୟେ ଭ୍ରମ ଆଣେ

କିଂତୁ ମୁଁ କ୍ଷୁଦ୍ର କୁଡ଼ିଆ ରେ

ଚାଳ ଛପର ର ଭିତରେ

ଚଟାଣ ମୋର ଗବରେ ପୋଛା ହୁଏ

କାନ୍ଥ ମୋର ମାଟି ରେ ଲିପା ଯାଏ

ତମ ଘରେ ଚାରି ଚୁଲା ବିଶିଷ୍ଟ ଗ୍ୟାସ

ପିଜ଼ା, ବର୍ଗର ବିରିୟାନୀ ରେ ଦିନ ବିତୁଥାଏ

ବଳିଗଲେ କେବେ କିଛି ଡଷ୍ଟବିନ କୁ ଯାଏ

ସ୍ୱାଦିଷ୍ଟ ନ ହେଲେ ଜିହ୍ୱା ତମ ଥୁ ଥୁ କରୁଥାଏ

ମୋ ଘରେ କିନ୍ତୁ ତିନି ଝିଙ୍କା ର ଚୁଲି ଟିଏ

ଝଟା କାଠ ର ଜାଳେଣି ରେ ଭାତ ଫୁଟୁଥାଏ

ପଖାଳ ସାଙ୍ଗେ ପିଆଜ, ଧାନୁଆ ଲଙ୍କା ଚକଟା

ପିଜ଼ା,ବର୍ଗରପଛେ ତୁରାଣୀ ପାଇଁ କେତେ ହଟହଟା

ପକେଟ ଖର୍ଚ୍ଚ ତମକୁ ମାଗିବାକୁ ପଡ଼େନା

ଦରକାର ରୁ ଅଧିକ ତମକୁ ମିଳିଯାଏ

ପାଞ୍ଚ କହିଲେ ପଚାଶ ବଢ଼ାନ୍ତି

ସୁରଖୁର ରେ ତମ ଜୀବନ ବିତିଯାଏ

ପାକେଟ ଖର୍ଚ୍ଚ ବୋଲି ନାହିଁ ଆମଠି କିଛି

ପାଞ୍ଚ,ରେ ଦିଗୁଣା ପ୍ରଶ୍ନ ପଚରା ଯାଏ ଏଠି

ଚାରିଥର ମାଗିଲେ ଅଧା ଅଧା ମିଳେ

ଅଭାବ ଅନାଟନ ରେ ଗୁଜୁରାଣମେଣ୍ଟେ

ତମେ ସ୍ୱାଧୀନ ଚିନ୍ତା ଧାରା ର ମଣିଷ ଟିଏ

ମଉଜ ମସ୍ତି ରେ ତମ ଜୀବନ ବିତିଯାଏ

ବାଧା,ବନ୍ଧନ,ଆକଟ କ୍ଷୁଦ୍ର ଶବ୍ଦ ତମ ପାଇଁ

ସର୍ବତ୍ର ବିଚରଣ ନିର୍ଭୟ ରେ କରୁଥାଇ

କିନ୍ତୁ ମୁଁ ଜନ୍ମ ହୋଉ ହୋଉ ଅନ୍ୟ କାହା ସମ୍ପତି

ମାନ ସମ୍ମାନ ର ଶିକୁଳି ମୋ ପାଦେ ବନ୍ଧା ଯାଏ

ହାତେ ମାପି ଚାଖଣ୍ଡେ ଚାଲିବାକୁ ପରାମର୍ଶ ଦିଆଯାଏ

କାମଭୋଗ ରେ ଉନ୍ମତ୍ତ ମଦ୍ୟପ ଙ୍କୁ ମୋ ଭୟ ରହିଥାଏ

ତମେ ଆକାଶ ହେଲେ ମୁଁ ମାଟି

ତମେ ଚାଲାକ କିନ୍ତୁ ମୁଁ ଗାଉଁଲି ବୋକୀ

ତମେ ଉଚ୍ଚ ଶିକ୍ଷିତ କିନ୍ତୁ ମୁଁ ଦସ୍ତଖତ ରେ ସୀମିତ

ତମେ ବିହଙ୍ଗ କିନ୍ତୁ ମୁଁ  ତମ ସମ୍ମୁଖେ କ୍ଷୁଦ୍ର ପତଙ୍ଗ

ତମେ କୁହ but, yes, no, come, quick

ମୁଁ କିନ୍ତୁ  ଶୁଦ୍ଧ ଗାଉଁଲି ଭାଷା କହୁଥାଇ

ଏଥର ତମେ କୁହ ମୋ ପାଖରୁ ତମ ପାଖ

ଏହା କଣ ସତରେ ସମ୍ଭବ କି???

# ବିରହ...



ସୁଖର ମୁହୂର୍ତ୍ତ ସବୁ ଆଶ୍ୱସନା ଦେଉଛନ୍ତି

ଭବିଷ୍ୟର ଆଲୋକ ରଶ୍ମିର ଆଗମନର...।।

ଯେବେ କିଏ ପଚାରେ, ଠିକ୍ ଅଛ ତ !!

କେବେ କଣ ଠିକ୍ ଥାଏ ଜୁଇ ପାଉଁଶ ମିଶା ନଦୀ ଜଳ

ନା ଠିକ୍ ଥାଏ ସୁନାମିର ସାମ୍ନା କରିଥିବା ସହର ।।

*ଜୀବନ ପ୍ରଦୀପ ପ୍ରଧାନ*

ଭୋଗରା, ଦଶପଲ୍ଲା , ନୟାଗଡ

ରାତିରେ ଲୁହର ନୀରବ ଶୋଭାଯାତ୍ରା

ସଫେଦ ସ୍ୱପ୍ନ ଉପରେ ଧୂଳି ଜମାଇ

ଲୋଚାକୋଚା କରିପକାଏ ସ୍ମୃତି ସବୁକୁ...

ଇଛା ହୁଏ ପୁଣି ଧୋଇ କର୍ପୁରର ବାସ୍ନା ଦେଇ

ମନ ସିନ୍ଦୁକର ଦୁଃଖ ଆଉ ଦୁଃସ୍ଥିତି ଭିତରେ ରଖିଦେବାକୁ...।।

ସେ ଜହ୍ନ ସାକ୍ଷୀ ଅଛି

ଆକାଶର ତାରା ମାନେ ଗୁମୁରି ଗୁମୁରି କାନ୍ଦୁଛନ୍ତି ମୋ ସହ

ପ୍ରିୟଜନଙ୍କ ବିରହ ଶୋକରେ .....

ମୁଁ ସାଉଁଟି ଆଣିଥିବା ଅତୀତର ସ୍ମୃତି ସବୁ ଏବେ ବି ଜୀବନ୍ତ ମୋ କଗଜ ପୃଷ୍ଠାରେ...।। ।

# ଶରତ...



**ଶରତ ଚନ୍ଦ୍ର ପଣ୍ଡା**
ନଗୁଆଁ, ଦରକୁଣ୍ଡି, ଯାଜପୁର

ବରଷା ଗମନ୍ତେ ଏ ଧରା ଧାମରୁ
କ୍ରମେ ଶରତ ର ପ୍ରବେଶ
ସୁଜନେ...
ବହିଲା ମୃଦୁ ସମୀରଣ,,
ଶୁକଳ ମେଘ ଶୂନ୍ୟରେ ଦିଶୁଥାନ୍ତି
ସଧିରେ ବହେ ଜଳ ସ୍ରୋତ
ନଦୀରେ.......
ଶରଦ ଭୟେ ମେଘ ଗଣ..... ll

କେଣେ ପଳାଇଲେ ନିର୍ମଳ ଆକାଶ ଭାଙ୍ଗିଲା
ଜନ୍ତୁଙ୍କ ଗହଳ
ହରିଲା......
ଜଳରୁ ଯାହା ପଙ୍କ ମଳ,
ଜଳ ଛାଡ଼ି ଧରା ବକ୍ଷରେ ବାରିଦ
ସନ୍ତୋଷ ଚିତ୍ତେ ସଚୀପତି
ଦିଶିଲା........
ରବି କିରଣ ପରିମଳ ll

ଗଭୀର ଜଳରେ ଥିଲେ ମୀନ ଗଣେ
ଅରୁଣ କିରଣ ଅଭାବେ
ଚରନ୍ତି.....
ତୋଷଚିତ୍ତେ ନଦୀ ଉପର
ଶୁଖିଲେ ପଙ୍କ ଯେ ପଠାରୁ ସଧିରେ
ଶରଦଶଶି ମୁଖ ଚାହିଁ
ଭୂମିରେ........
ପାଦ ଥାପେ ଶାନ୍ତେ କାକର ll

ଶରଦ ଋତୁ ଗୁଣ ଗ୍ରାମ କୁ ଭେଦି
ନିଶ୍ଚଳ ହୋଇଲା ବାରିଧି
କୃଷକେ........
ଧାନ୍ୟ କ୍ଷେତେ ଜଳକୁ ବାନ୍ଧି,
ନିର୍ମଳ ଦିଶିଲା ଶୂନ୍ୟ ପଥ ଯେତେ
ଗ୍ରହ, ନକ୍ଷତ୍ର ନିଶିନାଥ
ଅଖଣ୍ଡ.....
ମଣ୍ଡଳେ ବାଦଲ କୁ ରୁନ୍ଧି ll

ଚନ୍ଦ୍ର କୁମୁଦ ମିଶାମିଶି ନିଶିରେ
ଗାଇ, ହରିଣୀ,ପକ୍ଷୀ, ନାରୀ
ଶରଦ........
ଋତୁ ଯୋଗେ, ସ୍ୱାମୀ ଇଛନ୍ତି
ପୁର,ପାଟଣା ଓ ଗ୍ରାମ, ଜନପଦ
ଖୁସିରେ.......
ଚନ୍ଦ୍ରଉତ୍ସବ କୁ ପାଳନ୍ତି ll

ଚନ୍ଦନେ
ଲେପନ୍ତି.......
ବୃନ୍ଦାବତୀ ସତୀ ଶ୍ରୀ ଅଙ୍ଗେ,
ଯେହ୍ନେ ସର୍ବ ସୁଖ ମିଳିବ ତାହାଙ୍କୁ
ମଙ୍ଗଳା ସମୀପେ ବଖାଣି
ପୂଜନ୍ତି......
କର୍ପୂର,ଅଗରୁ ବୃକ୍ଷାଙ୍ଗେ ll

ଅନୂଢ଼ା ଯୁବତୀ,
ଶରୀର ଆଚ୍ଛାଦି
ସୁମନ କରଷି

*ତୁମକୁ ଯଦି ଉପରକୁ ଉଠିବାକୁ ଇଚ୍ଛା ତେବେ, ତୁମକୁ ସେହି ସବୁ ଜିନିଷ ଛାଡିବାକୁ ପଡିବ ଯାହା ତୁମକୁ ତଳକୁ ଟାଣି ଧରୁଛି ||*

*ତୁମ ସଫଳତା ଉପରେ ମନ୍ତବ୍ୟ ଦେବା ବାଳି ଲୋକେ ଅନେକ ମିଳିବେ, ହେଲେ ତୁମେ ଧର୍ଯ୍ୟର ସହ ନିଜ କର୍ମପଥରେ ଆଗେଇ ଚାଲ ||*

# ଲୁହ...



ସତ୍ୟରଞ୍ଜନ ସ୍ୱାଇଁ
ଅବଦଲପୁର, ଯାଜପୁର

ତୁମ କାନ୍ଦ ଯମା  ଭଲ ଲାଗେ ନାହିଁ
ମୋ ହୃଦୟକୁ ଜାଳି ଦିଏ
ତୁମ ଆଖି ଲୁହ ସହି ମୁଁ ପାରେନା
ଶ୍ରାବଣ ଠୁ ଭାରି ସିଏ
ତୁମ କାନ୍ଦ ଯମା........... ୧

ସାଇତି ରଖିଥା ଆଖିର ଲୁହକୁ
ମୁଲ ତା ଅମୁଲ ମୁଲ
ସେ ଲୁହ ଟୋପାକୁ ସରି ହେବ କିଏ
କିଏ ହେବ ତାର ତୁଲ
ଲୁହ ନୁହେଁ ସିଏ ମୋ ପାଇଁ ମୁକୁତା
ଯାହାକୁ ମୁଁ ଭଲପାଏ
ତୁମ କାନ୍ଦ ଯମା.............. ୨

ତୁମରି ଆଖିରୁ ଝରିଲେ ଲୋତକ
ମୋ ଛାତିରୁ ଝରେ ଲହୁ
ତୁମ ମିଠା କଥା ଲାଗେ ସଦା ମତେ
ଅଦିନ କୋଇଲି କୁହୁ
କଥା ଦେଇଥିଲେ ମଥା ଆମେ ଛୁଇଁ
ହସିବା ଜିଇଁବା ଯାଏ
ତୁମ କାନ୍ଦ ଯମା  ଭଲ ଲାଗେ ନାହିଁ
ମୋ ହୃଦୟକୁ ଜାଳି ଦିଏ.........୩

# ସୁଇସାଇଡ ନୋଟ...



**ଲକ୍ଷ୍ମୀଧର ସାହୁ**
ଚାନ୍ଦୋଲ,କେନ୍ଦ୍ରାପଡ଼ା

**ନା**ନା ପ୍ରାଚୁର୍ଯ୍ୟ ମଧ୍ୟେ ସମ୍ପୂର୍ଣ୍ଣ ମୋ ଏହି ଜନ୍ମ । କିନ୍ତୁ ଗୋଟିଏ ହିଁ ବ୍ୟଥା ରହିଯାଇଛି । ସେଇଟି ଅବ୍ୟକ୍ତ । ମୋ ମୃତ୍ୟୁ ପରେ ଯଦି କେହି ଏହି ଚିଠି ଟି ପାନ୍ତି ତେବେ ଜାଣିବେ ମୁଁ ଏଠି ପାଇଁ କାହାକୁ ମଧ୍ୟ ଦାୟୀ କରି ନାହିଁ । ବୋଧେ ଆପତ୍ତି ଅଛି ଏ ଜୀବନ ର ମୋ ପ୍ରତି । ସେହି କାରଣ ହେତୁ ମୁଁ ବୋଧେ ଅଭିଶପ୍ତ । ଆଜି ମୋ ଆଗରେ ଅତଳାତଳ ଗଣ୍ଡ ର ବିଭୀଷିକା । ପାଦ କୁ ପଛକୁ ଠେଲିଲେ ଅନନ୍ତ ଭୁଭାଗ କିନ୍ତୁ ସେଠି ମଧ୍ୟ ଶାନ୍ତି ନାହିଁ । ମୋର ଏହି ଅବସ୍ଥା ବସ୍ତୁତଃ ଶାରୀରିକ ରୂପରେ ମାତ୍ର ନୁହେଁ ମାନସିକ ସ୍ତର ରେ ମଧ୍ୟ ମୋର ଅନୁରୂପ ଅବସ୍ଥା । ମୋ ପାଦ ଯୁଗଳ କୁ ଆଗକୁ ନେବି କି ପଛକୁ ନେବି ଜ୍ଞାତ ହେଉନି । ତଥାପି ମୋ କାହାଣୀ ର ପରିସମାପ୍ତି ବାଦ୍ ଏହି ତ୍ରିଷଙ୍କୁ ଅବସ୍ଥା ରୁ ମୁକ୍ତି ଯିବି ବୋଲି ଆଶା । ଶୁଣ ଶୁଣ ଏ ବଉଦ ତା ପାଖେ ସ୍ଥିତ ଅର୍ଦ୍ଧେନ୍ଦୁ । ଶୁଣ ହେ ନିହାରିକା ଗଣ । ଶୁଣ ରାତ୍ରି ଚର ମାନେ ମୋହର ବ୍ୟଥା ।

ମୁଁ ଅଙ୍କିତ । ଅଙ୍କିତ ସାମଲ । ସତରେ ବିଭୀଷିକା ତୁଳିର କୃଷ୍ଣ ଛିଟା ରେ ଅଙ୍କା ମୋର ଜୀବନ ପଟଚିତ୍ର । ଛୋଟ ବେଳେ ମୁଁ ସ୍ୱାଭାବିକ ଢଙ୍ଗ ରେ ମାତୃ ଉଦରୁ ପଡି ପାଦ ଥାପିଥିଲି ଏହି ଧରିତ୍ରୀ ରେ । ଜନ୍ମ ହେବ ମାତ୍ରେ ପୁରୀ ଉଠିଥିଲା ଗୃହ । ଚଞ୍ଚଳ ହୋଇ ଉଠିଥିଲା ପରିବେଶ । ମୋ ଜନ୍ମ ସମସ୍ତଙ୍କ ପାଇଁ ଅସାଧାରଣ ଥିଲେ ମଧ୍ୟ ଜନ୍ମସ୍ଥାନ ଅନୁରୂପ ଦିବ୍ୟ ନ ଥିଲା । ବାସ ମୋ ମା ଓ ମୋ ବାପା ଓ ମୋତେ ନେଇ ଥିଲା ସେଇ କୁନି ନୀଡ଼ ଟି । ବସ୍ତୁତଃ ଗୋଟେ କଥା କହିରଖେ ମୋ ବାପା ଥିଲେ ମାତା ପିତା ବିଚ୍ୟୁତ ଏକ ସନ୍ତାନ । ତେଣୁ ମୋତେ ପ୍ରତିତ ହେଉଥିଲା ସେ ମୁକ୍ତ ଜୀବନ କୁ ଅଧିକ ପସନ୍ଦ କରନ୍ତି । ମୋ ମା କିନ୍ତୁ ଥିଲେ ଏକ ଯୌଥ ପରିବାର ର ଝିଅ । ସେ ଏହି ପରମ୍ପରା ର ବରୋଧୀ ଥିଲା ଭଳି କୈଶୋର ରେ ଜଣା ପଡୁଥିଲେ । କିନ୍ତୁ ତାଙ୍କ ର ପରବର୍ତ୍ତୀ ରୂପ ଗଳ୍ପ ଗତିଶୀଳତା ଅନୁଯାୟୀ ପରେ ସ୍ପଷ୍ଟ ହେବ । ମୋ ବାପା ବାହାରେ ଏକ କମ୍ପାନୀ ରେ କାର୍ଯ୍ୟରତ ଥିଲେ ତେଣୁ ସେ ପ୍ରାୟତଃ ସପ୍ତାହରେ ଥରେ ମାତ୍ର ଘରକୁ ଆସୁଥିଲେ । ମୋ ମା ଥିଲେ ଗୃହିଣୀ । ଗୃହ କାର୍ଯ୍ୟ ରେ ନିପୁଣା କିନ୍ତୁ ସେ ଥିଲେ ନିଜ ମହାବିଦ୍ୟାଳୟ ର ଶ୍ରେଷ୍ଠ ବିଦ୍ୟାର୍ଥୀ । କିନ୍ତୁ ପରିବାର ଚାପ ରେ ସେ ପାଠ ପଢି ପାରି ନ ଥିଲେ ବୋଲି ଛୋଟ ବେଳେ ମୋତେ ପ୍ରାୟତଃ କହୁଥିଲେ । ତାଙ୍କ ଇଛା ଥିଲା ସେ ଡାକ୍ତର ହେବେ କିନ୍ତୁ ପରିବାର ପାଇଁ ତାଙ୍କୁ ଶୀଘ୍ର ବାହାଘର କରିବାକୁ ନିଷ୍ପତି ନିଆଗଲା ।

ସେ ଯେବେ ଜାଣିଲେ ଯେ ତାଙ୍କ ବାହାଘର ଅନ୍ୟ ଏକ ଯୌଥ ପରିବାର ରେ ହେବାକୁ ଯାଉଛି ସେ ହୋଇଗଲେ ଉତକ୍ଷିପ୍ତା । ସେ ଆତ୍ମ ସିଦ୍ଧାନ୍ତ ନେଲେ ଯେ ସେ ପରିବାର ରେ ତାଙ୍କ ଆଗାମୀ ସନ୍ତାନ କୁ କେବେ ମଧ ଗୁରୁତ୍ୱ ଦିଆଯିବ ନାହିଁ । ତେଣୁ ସେ ସ୍ପଷ୍ଟ ଭାବେ ମନା କରିଦେଲେ । କିନ୍ତୁ ପରିବାର ଚାପ । ଶେଷ ରେ ସେ ବାଛି ନେଇଥିଲେ ମୋ ବାପା ଙ୍କୁ । ସେ ତାଙ୍କ ହାତ ଧରି ଚାଲି ଆସିଥିଲେ ଏକ ନିର୍ଜନ ଇଲାକା କୁ । ମୋ ଜନ୍ମ ରେ ବସ୍ତୁତଃ ଅଜା ଆଇ ଖୁସି ହୋଇ ଆସିଥିଲେ କିନ୍ତୁ ମା ତାଙ୍କୁ ଗ୍ରହଣ କରିପାରି ନ ଥିଲେ ।

ମା ତାଙ୍କ ସ୍ୱପ୍ନ କୁ ମୋ ଦେହରେ ସଲ୍ଲୀନ ହୋଇ ଗତି ଶିଳ ହେବାର ଦେଖୁଥିଲେ । ଚୋତବେଳେ ଯେବେ ମୁଁ କଥା କହିବା ଶିଖିଲି ମୋ ପାଟିରେ ପ୍ରଥମେ ମା ଉଚ୍ଚାରିତ ହେଲା ମା ମୋତେ କହିଲେ ତୁ ଡାକ୍ତର ହେବୁ । ମୁଁ ମଧ ହଁ ଭରିଦେଲି । ଭାବୁଥିଲି ଏହା ଏକ ସରଳ ପ୍ରକ୍ରିୟା କିନ୍ତୁ.... ।

ମୁଁ ଯେତେବେଳେ ନୂଆ ନୂଆ ଚାଲିବା ଶିଖିଲି ମୋ ହାତ ନୂଆ ନୂଆ ବଦମାସୀ ପାଇଁ ଖୁରାକ ସାଉଁଟିବାକୁ ଇଛା କଲା ମୋ ଗୋଡ଼ ଦୌଡ଼ି ଦୈଡି ଶେଷ ସୀମାନ୍ତ ଲଙ୍ଘିବାକୁ ଇଛା କଲା । କିନ୍ତୁ ମୋ ମା ବାନ୍ଧିଦେଲେ ତାକୁ ଶିକୁଳି ରେ । ମୋ ହାତ ରେ ଚକ ଧରାଇ ଇଂରାଜୀ ବର୍ଣ୍ଣ ସବୁକୁ ଶିଖାଇଲେ । ଯେବେ ମୁଁ ସାଢେ ତିନି ବର୍ଷ ର ପ୍ରାୟ ସବୁ ବର୍ଣ୍ଣ ମିଶା ଣ ଫେଡ଼ାଣ ପଣକିଆ ହୋଇଯାଇଥିଲା । ମୋତେ କୈଶୋର ବଗିଚା ରେ ଖେଳିବା ବଦଳରେ କିନ୍ତୁ ମା ଛାଡିଦେଲେ ପ୍ଲେ ସ୍କୁଲ ରେ । ମୁଁ ମୋ ଛୋଟ ବେଳ କୁ ମନ ଭରି ଭଜିପାରିଲିନି । ସବୁବେଳେ ୬ ଘଣ୍ଟା ସ୍କୁଲ ରେ ପରେ ଘରେ ଆସି home work । ମୁଁ ଅଣନିଶ୍ୱାସୀ ପ୍ରାୟ ହୋଇଯାଇଥିଲି । କିନ୍ତୁ ମା ତ ବିଂଚୁଥିଲେ ସ୍ୱପ୍ନ ମୋର ଡାକ୍ତର ହେବାର । ପରେ ମା ମୋତେ ଇଂରାଜୀ ମାଧମ ବିଦ୍ୟାଳୟ ରେ ପଢ଼ାଇଲେ । ଏତେ ଛୋଟ ବୟସ ରୁ ମୋ ପାଇଁ ଦୁଇଟି ଟ୍ୟୁସନ ଓ ରାତ୍ରି ୯ ଟା ପରେ ନିଜେ ପଢ଼େଇଲେ । ପରେ ଗୃହ ପାଠ ଓ ସ୍କୁଲ ।

ବାପା ବେଳେ ବେଳେ ବିରୋଧ କରନ୍ତି କିନ୍ତୁ ମା ଶୁଣନ୍ତିନି । ଯେବେ ଅନ୍ୟ ପଡୋଶୀ ମାନେ ମା ଙ୍କୁ କୁହନ୍ତି, " ଦେଖ ତୁମ ପୁଅ କେତେ ଭଲ ପଢୁଛି " ମା ଟିକେ ଲାଲୀ ଆଖି କରି ମୋ ପଢ଼ା ସମୟ ନ ଥିଲେ ମଧ ମୋତେ ପଢିବାକୁ କୁହନ୍ତି । ଶେଷ ନିୟତି ଅଣନିଶ୍ୱାସୀ । ପୁଣି ଗୃହ ଶିକ୍ଷକ ମୋଟା ଅଙ୍କ ର ଦରମା ନିଅନ୍ତି କିନ୍ତୁ କିଛି ପଢ଼ାନ୍ତିନି କେବେଳ ବେତ ରେ ପାହାରେ ଦି ପାହାରେ ଦେଇ ନୋଟ ଡାକିଦେଲେ ସରିଗଲା । ମୁଁ ନିଜେ ନିଜେ ଯାହା ବୁଝେ ମୋ ମା ଯାହା ପଢ଼ାନ୍ତି । ଛାଡ଼ନ୍ତୁ ଏସବୁ ମଧ ରେ ବି ମୋ ଜୀବନ ଗତିଶୀଳ ହୋଇ ଗଲା । ମୁଁ ଶ୍ରେଣୀ ପରେ ଶ୍ରେଣୀ ଉଠିଲି ସବୁଥିରେ ପ୍ରଥମ । ଯେତେବେଳେ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ରେ ପୁରା ଦେଶ ରେ ତୃତୀୟ ହେଲି ମା ଙ୍କ ପାଦ ତଳେ ଲାଗିଲାଣି । ମୁଁ ଭାବିଲି ଏବେ ମୁକ୍ତି ମୋତେ ଆଉ କିଛି ଚାପ ଦେବେନି । କିନ୍ତୁ ଓଲଟା NEET ପରୀକ୍ଷା ପାଇଁ ମୋତେ

ଗୋଟେ ଗୃହ ରେ ବନ୍ଦୀ ପ୍ରାୟ ରଖିଲେ ଯେମିତି ମୁଁ ଟପର ହେବି । ମୋଟା ମୋଟା ବହି ରାତି ରାତି ଅନିଦ୍ରା ହେଇ ମୁଁ ସାରିଲି । କିନ୍ତୁ ମା ଆହୁରି ବୋଝ ଲେଦି ଦେଲେ । ସବୁବେଳେ ଗୋଟେ କଥା ମୁଁ କେମିତି ଟପ କରିବି । ତିନୋଟି କୋଚିଂ ପୁଣି କେଉଁଠି ପୁରା ରାତି ୫ ରେ କେଉଁଠି ସକାଳ ପାଞ୍ଚ ରେ । ମୁଁ କେବଳ ଦୌଡ଼ି ଚାଲିଛି ଦୌଡ଼ି ଚାଲିଥିଲି ।

କିନ୍ତୁ ମୋ ମନ ରେ ଭୟ ଥିଲା ମୁଁ ଟପ କରିବି ତ ! ତେଣୁ ମୁଁ ବାଛିନେଲି ଭିନ୍ନ ଏକ ପଥ । ପରୀକ୍ଷା ପ୍ରଶ୍ନ ପତ୍ର ଚୋରେଇବାର । ଜଣଙ୍କ ଉପରେ ଭରସା ରଖି ମୁଁ 25000 ଦେଇଥିଲି କିନ୍ତୁ ସେ...... ଧୋକାବାଜ ସଂଗ୍ରହ କଲାଣି । ପରେ ଫୋନ କଲେ କହୁଛି ମୋ ଅଡିଓ ପୋଲିସ କୁ ଦେଇଦେବ । ଏତେ ସବୁ ଭିତରେ ଚାପ ଭିତରେ ଏକ ଚିତ୍ର ପ୍ରତିଯୋଗିତା ଆସିଗଲା ଯେଉଁଟା ମୋତେ ସବୁଠୁ ପ୍ରିୟ । ମୁଁ କେବଳ ଦୁଇଦିନ କ୍ଲସ ବନ୍ଦ କରି ଯାଇଥିଲି କିନ୍ତୁ ମା ସଫଳତା ପତ୍ର ଦେଖି ଏତେ ଜୋରରରେ ମାରିଲେ ଯେ  ଛାଡ଼ନ୍ତୁ । ମୁଁ କେବଳ ପଢ଼ିଲି 18 ଘଣ୍ଟା । କିନ୍ତୁ ମା କହିଲେ ଆହୁରି ପଢ଼ ଆହୁରି ।
ଶେଷ ରେ ଆଜି ଆସିଗଲା ସେଇ ପରୀକ୍ଷା ର ଦିନ । ମୁଁ ପ୍ରଶ୍ନ ପତ୍ର ଧରିଲି । ପ୍ରଥମେ ନିରୀକ୍ଷୀ ଦେଖିଲି । ମୋତେ ଲାଗିଲା ଶବ୍ଦ ଗୁଡାକ ମୋ ଚାରିପଟେ ଘୁରୁଛନ୍ତି । ମୁଁ ଅଣନିଶ୍ୱାସୀ ହୋଇ ପଡିଲି,ମୋ ଆଖି ବନ୍ଦ ହୋଇଗଲା ।

ପରେ ଆଖି ଖୋଲିଲି ତ ଦେଖିଲି, " ମୁଁ ହସ୍ପିଟାଲ ରେ । ଡାକ୍ତର କହୁଥିଲେ ଅତ୍ୟଧିକ ଚାପ ଯୋଗୁଁ ମୁଁ ଏମିତି ମଝିରେ ମଝିରେ ବେହୋସ ହୋଇ ପଡୁଛି । ମାନେ ମୁଁ ପରୀକ୍ଷା ଦେଇନି । ମା ଜାଣିଲେ ମୋତେ ବୋଧେ.... କଣ କରିବେ ମୁଁ ନିଜେ ମଧ ଅବଗତ ନୁହେଁ । ଦିନେ ଏମିତି ହୋଇଥିଲା ସେ ସୋସାଇଟି ସାରା ବୁଲି ବୁଲି ମୋତେ ବାଡେଇ ଥିଲେ । ଆଜି ପୁଣି କଣ କରିବେ    ....
ଏହି ଶଙ୍କା ଆଶଙ୍କା ରଖି ମୁଁ ପହଞ୍ଚିଛି ଏଇ ଘାଇ ରେ ଧାର ରେ । ମୁଁ ଯାଉଛି ମା ମୋତେ କ୍ଷମା କରିଦେବ ମୁଁ ତୁମ ସ୍ୱପ୍ନ ପୁରା କରିପାରିଲିନି । ମୁଁ ଆଉ ଚାପ ସାହିପାରିବିନି । ନା ଆଉ ନୁହେଁ ।
ଅଙ୍କିତ ପାଦ ବଢ଼େଇ ଲମ୍ଫ ଦେଇଛି ସେଇ ବିଶାଳ ଘାଇ କୁ । କେବଳ ନଈ ର ପାଣି ଉଛୁଳିବା ସ୍ୱର ବ୍ୟତୀତ ଆଉ ସବୁ ନିର୍ବାକ । କେବଳ କେତେଟା ମଂକେଡ଼ା ପଥର ତଳେ ଚାପି ହେଇ ମୃଦୁ ସମୀର ରେ ଏକଡ଼ ସେକଡ଼ ହେଉଥିଲା ସେଇ ଆତ୍ମହତ୍ୟା ର ମୁକସାକ୍ଷୀ କାଗଜ ଟି ( suiside note )

# ମାନବ ସେବା ହିଁ ମାଧବ ସେବା...



ନିକୁଞ୍ଜ କୁମାର ଘୋଷ
ମାଧବପୁର, ଜଳେଶ୍ୱର, ବାଲେଶ୍ୱର

ମାନବ ସେବା ହିଁ        ମାଧବଙ୍କ ସେବା
    ଜୀବନର ବ୍ରତ ଏହି
ମାଧବ ଦର୍ଶନ        ମାନବ ହୃଦୟେ
    ପରମ କରମ ବହି ।।

ଗୀତାରେ ବର୍ଣ୍ଣିତ        ଶ୍ରୀମୁଖ ନିସୃତ
    ସର୍ବ ଘଟେ ନାରାୟଣ,
ଜଳ ଅବା ସ୍ଥଳ        ଦଶ ଦିଗ ଭାଗେ
    ସର୍ବ ଶାସ୍ତ୍ରେ ଏହା ଜାଣ ।।

ଭୋକିଲା ପେଟକୁ        ଅନ୍ନ ମୁଠାକ ଯେ
    ମାଧବଙ୍କ କୃପା ପରି,
ନର ସେବା କଲେ        ତୁମ ହାତେ ନିତି
    ପୂଜା ପାଉଥିବେ ହରି ।।

ଅନ୍ଧର ସାରଥି        ଆଶା ବାଡିଟିଏ
    ହୋଇବାକୁ ପଣ କର,
ଦୁଃଖିଲା ମୁହଁରେ        ଫୁଟାଇଲେ ହସ
    ସାର୍ଥକ ଜନମ ନର ।।

ଅସହାୟେ ସାହା        କରିଲେ ପାଇବ
    କୋଟି ଜନମର ଫଳ,
ଆଖିର ଲୁହକୁ        ପୋଛି ତ ପାରିଲେ
    ଅସହାୟ ପାଏ ବଳ ।।

ନିଃସ୍ୱାର୍ଥ ସେବାରେ        ବ୍ରତୀ ହେଲେ ନର
    ମାଧବ ଦର୍ଶନ ଲଭେ,
ଜୀବନର ମାନେ        ଯିଏ ବୁଝିଥାଏ
    ପର ହିତେ ଥାଏ ଭବେ ।।

# ଆଜି ମୁଁ ବୋଝ ନୁହେଁ!



**ଜୀବନ ପ୍ରଦୀପ ପ୍ରଧାନ**

ଭୋଗରା, ଦଶପଲ୍ଲା , ନୟାଗଡ

**ସ**ମୟ, ଜୀବନ ଅଭିଧାନ ଭିତରେ ଭାରି ନିଷ୍ଠୁର ଶବ୍ଦ ଟିଏ। ଚାଲିଯାଏ ପଛ କରି କେତେ ସ୍ମୃତିକୁ । କେତେ ଘଟଣା କୁ ଇତିହାସ କରିଦିଏ । କେବେ କେବେ ସ୍ମୃତିର ଅଳିଆ ଗଦା ଉପରେ ନିଆଁ ଲଗେଇଦିଏ। ସବୁ ବେଳେ ଯେ ସମୟ ସ୍ମୃତିର ଶତ୍ରୁ ଏଇୟା ନୁହେଁ। ବେଳେ ବେଳେ କିଛି ନୂଆ ରଙ୍ଗିନ ଫର୍ଦ୍ଦ ବି ଯୋଡିଦିଏ ଜୀବନ କାବ୍ୟରେ। କିଛି ନୂଆ ଚେହେରା କିଛି ନୂଆ ସ୍ଥାନ କିଛି ନୂଆ ମୁହୂର୍ତ୍ତ । କିନ୍ତୁ କେଉଁଠି ନା କେଉଁଠି ନୂଆ ଚେହେରା ଭିତରେ କିଛି ପୁରୁଣା ଚେହେରା ହଜିଯାଏ। ନୂଆ ମୁହୂର୍ତ୍ତ ଭିତରେ ବିତେଇ ସରିଥିବା ମୁହୂର୍ତ୍ତ ସବୁ ପାସୋରି ହୋଇଯାଏ। ନୂଆ ସ୍ଥାନ ସହ କିଛି ପୁରୁଣା ସ୍ଥାନ ସହ ଥିବା ଘନିଷ୍ଠତା ଅପସରି ଯାଏ।

ମାନେ ପାଠ ପଢ଼ା ଆରମ୍ଭ ହେବା ଦିନରୁ ଯେତେବେଳେ ବି ନାମଲେଖା ପ୍ରକ୍ରିୟା ହୁଏ ମୁଁ କେବେ ବି ନାମଲେଖା ଦିନ ସ୍କୁଲ୍ ଯାଇନି। ସେ ବାପା ନାମୀ ଦାୟିତ୍ୱସମ୍ପନ୍ନ ଚେହେରାଟି ସବୁ ବେଳେ ମୋ ବୋଝକୁ ବୋହି ନେଇଛି। ପ୍ରତି ବର୍ଷ ଯେତେବେଳେ ମୁଁ ଉଚ୍ଚ ଶ୍ରେଣୀକୁ ଯାଏ ସେତେବେଳେ ନାମଲେଖା ତ ବାପା କରିଦିଅନ୍ତି ହେଲେ ମନେ ମନରେ ପ୍ରଶ୍ନ ଆସେ, ' ଆଉ ଏକ ବର୍ଷ ବିତିଗଲା କିନ୍ତୁ ମୁଁ ଆଜି ବି ଛୋଟ ଛୁଆ ଭଳି ନିର୍ଭରଶୀଳ। ଆଉ କେତେ ଦିନ ?'

ସ୍କୁଲ୍ ସାରି ମୁଁ ଯେତେବେଳେ ଇଣ୍ଟର ରେ ଜଏନ କଲି। ସେତେବେଳେ ମୁଁ ଏକା ଥିଲି ଆଡ଼ମିଶନ ବେଳେ। ସେ କର୍ତ୍ତବ୍ୟନିଷ୍ଠ ଚେହେରାଟି ମାେ ବର୍ତ୍ତମାନଠାରୁ ବହୁତ୍ ଦୂରରେ ଅତୀତର କୋଉ ଦିଗବଳୟ ଭିତରୁ ମୋତେ କହୁଥିଲା , "ଆଜି ତୁ ବୋଝ ନୁହେଁ, ଆଜି ତୁ ବୋଝ ନୁହେଁ"।। ସେତେବେଳେ ମୁଁ ଅନୁଭବ କରି ପାରୁଥିଲି ଦାୟିତ୍ୱର ସଂଜ୍ଞା।

ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ଆଡ଼ମିଶନ ବେଳେ ମୁଁ ଏକା ଯାଏ କିନ୍ତୁ ଆଣିଥାଏ ଜୀବନରେ ଗୋଟିଏ ନୂଆଁ ଚେହେରାକୁ। ଐଶ୍ୱରିକ ଆଶୀର୍ବାଦ କି ସାମୟିକ ସମପତନ ହେଉ ମୁଁ ସବୁ ଆଡ଼ମିଶନ ଦିନ ଜଣେ ନୂଆ ଚେହେରାକୁ ଯୋଡେ। ଆଉ ସେଇ ଚେହେରା ମୋ ଅନ୍ତରଙ୍ଗ ହୋଇଯାଏ ବହୁତ୍ କମ୍ ସମୟ ଅନ୍ତରାଳେ। ଇଣ୍ଟର ଆଡ଼ମିଶନ

ବେଳେ ଏମିତି ଏକ ଚେହେରା ସହ ମୋର ସମ୍ପର୍କ ବଢିଥିଲା ଯିଏ ବର୍ତ୍ତମାନ ମୋ ଜୀବନ କାହାଣୀ ଭିତରେ ମୋଠୁ ବି ଅଧିକ ଦୃଶ୍ୟରେ ପରିଲକ୍ଷିତ ହୁଏ। ମୋ ଦୃଷ୍ଟି ଆଢୁଆଳରେ ଖୁସି ସାଉଁଟି ମୋ ପାଇଁ ସଂଗ୍ରହ କରେ ସେ। ଏମିତି ଏକ ବନ୍ଧୁ ଯିଏ ମୋ ଖୁସି ଭିତରେ ତା ଖୁସିକୁ ପାଇଯାଏ।

ଆଜି ସେ ମୋଠୁ ଦୂରକୁ ଚାଲିଗଲା, ତାର ଥିବା ଉଚ୍ଚ ସ୍ୱପ୍ନ କୁ ବାସ୍ତବତା ର ରୂପ ଦେବା ପାଇଁ ସହର ବଦଳେଇବା ନିହାତି ଜରୁରୀ ଥିଲା। ଆଉ ତା ସ୍ୱପ୍ନ ପୂରଣ ହେବା ମୋ ପାଇଁ ଜରୁରୀ ଥିଲା ତେଣୁ ଅଟକେଇ ନଥିଲି ତାକୁ। ଆଖିରେ ଲୁହ ନଥିଲା ହେଲେ ମନରେ କୋହର ଗୋଟେ ବାତ୍ୟା ମାଡ଼ ହେଲା ପରି ଲାଗୁଥିଲା। ସେ ଗଲାବେଳେ ମୋତେ ଗୋଟେ ଶବ୍ଦ ବି କହି ପାରି ନଥିଲା ହେଲେ ତା ଆଖି ମୋତେ କହୁଥିଲା," ଆଜି ତୁ ବୋଝ ନୁହେଁ" ।।

*ସମ୍ପର୍କ ସୃଷ୍ଟିହେଏ ସ୍ନେହରୁ,*

*ଜୀବିତ ରୁହେ ବ୍ୟବହାରରୁ ।*

*ଅନୁଭବ ହୁଏ ଯତ୍ନରେ,*

*ଅନୁଭୂତି ବସାବାନ୍ଧେ ହୃଦୟରୁ ।*

*ମଉଳିଯାଏ ସନ୍ଦେହରେ,*

*ଭାଙ୍ଗିଯାଏ ଅହଂକାରରେ ।*

# ଆସ ବର୍ଷା...



**କୃଷ୍ଣ ଚନ୍ଦ୍ର ବାରିକ**
ସାରସମାଲ, ସୁବର୍ଣ୍ଣପୁର

ବସୁନ୍ଧରା ବାସ ଉଜୁଡି ଗଲାଣି
ତୁମ ବିନେ ବର୍ଷା ରାଣୀ,
ବାସୁଦେବ ବାସ ଉଜାଡି ଯେମିତି
ଦେଇଥିଲେ ଠାକୁରାଣୀ ॥

ଆସ ଆସ ବର୍ଷା ବାସକୁ ମୋହର
ଚାହିଁଛି ଚାତକ ପରି,
ପ୍ରୀତି ଦାନ ଦେଇ ତୋଷ ମନ ମୋର
ତୁମେ ମୋ ପୀୟୂଷ ବାରୀ ॥

ଆସ ଗଳାମାଳି ଚପଳା ଚଞ୍ଚଳା
ଚତୁଃର୍ମେଘ ନେଇ ସାଥି,
ଦୁଃର୍ଦ୍ଦଶା ତମସା ଅପସରି ଯାଉ
ହୁଏ ମୁହିଁ ଫଳବତୀ ॥

ତୁମ ଠାରେ ମନ ମୋର ଅପଘନ
ଦେଇଅଛି ପରା ବିକି,
ସକଳ ସଜୀବ ନିର୍ଜୀବ ଜଗତ
ରକ୍ଷା କର ପ୍ରିୟ ସଖି ॥

ବିରହ ଅନଳେ ପଞ୍ଚ ପ୍ରାଣ ଜଳେ
ଦିଅ ସିଞ୍ଚି ପ୍ରୀତି ବାରୀ ,
ଜଗତ କାରଣେ ତୁମ୍ଭେ ପରା ମୋର
ଯୁଗ ଯୁଗ ମନୋହାରୀ ॥

# ସମୟ ସୁଅରେ ନିରୀହ ଜୀବନ



ନାରାୟଣ ସେଠୀ
ଟାକରଡା (ଗଞ୍ଜାମ)

**ଲ**କ ଡାଉନ ସମୟ ମଧ୍ୟରେ ଦେଶ ରେ ଅନେକ ସ୍ଥାନରେ ଲକ ଡାଉନ ର ପ୍ରଭାବ ପଡିଛି ! ଏଥିରେ କିଛି ଗରିବ ଲୋକ ବହୁତ ପ୍ରଭାବିତ ହୋଇଛନ୍ତି ! ସେଥି

ମଧ୍ୟରୁ ମମତା ଆଉ ତା ର ଛୋଟ ଛୁଆ ଟି ଗୁଜୁରାଟ ରେ ରହୁଥାନ୍ତି ! ସ୍ୱାମୀ ମନୁ କାମ କଲେ ପେଟ କୁ ଦାନ ମିଳୁଛି ଆଉ ଏଇ ଲକ ଡାଉନ ରେ ମନୁ ର କାମ ବନ୍ଦ ହେଇଛି ମନୁ ର ପରିବାର ବହୁତ କଷ୍ଟରେ ମନୁ ଓ ମମତା ଆଉ ତା ର ଛୋଟ ଛୁଆ ଟି ବହୁତ କଷ୍ଟ ରେ ରହୁଥିଲେ !

ଲକ ଡାଉନ ପାଇଁ ନା ଯିବା ଆସିବାର ବ୍ୟବସ୍ଥା ସବୁ ଠପ ରାସ୍ତା ବନ୍ଦ ଅଛି ଯାହାରି ଫଳରେ ମନୁ ଅନେକ ଅସୁବିଧା ରେ ସମୁଖୀନ ହୋଉଛନ୍ତି !

ଆଉ ସେ ସମୟରେ ମନୁ ର ଛୋଟ ଛୁଆ ଟି ର ଦେହ ଖରାପ ହେଇଛି ! କିନ୍ତୁ ମନୁ ଆଉ ମମତା କେତେ ଚେଷ୍ଟା କରୁଛନ୍ତି ! ଛୁଆ କୁ ସୁସ୍ଥ କରିବାକୁ ହେଲେ ପାଖରେ ପଇସା ନାହିଁ! ଆଉ ଏଇ ସମୟ ରେ ଅନେକ ଅସୁବିଧା ର ସମୁଖୀନ ହବାକୁ ପଡୁଛି !

ମନୁ ନିଜ ଛୁଆ କୁ ମେଡିକାଲ ନବାକୁ ଯାଇକି ମେଡିକାଲ ରେ ଅନେକ ସମୟ ଧରି ଡାକ୍ତର ଙ୍କୁ ଅପେକ୍ଷା ବି କରିଥାନ୍ତି !

ହେଲେ ଏଇ କୋରନା ପାଇଁ ଡାକ୍ତର ସାଧାରଣ ରୋଗୀ ଙ୍କୁ ଚିକିତ୍ସା କରିପାରୁନାହାନ୍ତି ! ତଥାପି ମନୁ ଛୁଆ ପାଇଁ ଡାକ୍ତର ଙ୍କୁ ଅପେକ୍ଷା କରିଥିଲା !

ଦିନ ସାରା ବିତିଗଲା ଡାକ୍ତର କୋରନା ରୋଗୀ ଙ୍କୁ ଦେଖୁ ଦେଖୁ ମନୁ ର ଛୁଆ କୁ ଚିକିତ୍ସା କରିବାରେ ବହୁତ ବିଳମ୍ବ ହେଇଗଲା ! ଯାଫଳ ରେ ଛୁଆ ର ଅବସ୍ଥାରେ ଖରାପ ହେବାରେ ଲାଗିଲା

ଧୀରେ ଧୀରେ ଛୁଆ ଟି ର ନିଶ୍ୱାସ ବନ୍ଦ ହେଇଗଲା ! ଡାକ୍ତର ସଂଧ୍ୟାରେ ରେ ଛୁଆ କୁ ଦେଖିଲେ ଆଉ ମୃତ୍ୟୁ ଘୋଷଣା କଲେ !

ମନୁ ଓ ମମତା ଦୁହେଁ ବହୁତ କାନ୍ଦିଲେ କାରଣ ସେମାନେ ଡାକ୍ତର ଙ୍କୁ ବି ଦୋଷ ଦେଇନଥିଲେ‘ ଏଇ ତ ସମୟ ର ସୁଅ ରେ ନିରୀହ ଜୀବନ‘ ଟା ଚାଲିଗଲା ! ଏବେ ଏଇ ଲକ ଡାଉନ ସମୟରେ କେତେ ଯେ ନିରୀହ ଜୀବନ ବିନା କାରଣ ରେ ଚାଲିଯାଉଛି ! ଏଇ କୋରନା ର ପ୍ରଭାବ ରେ ବହୁତ ମୂଲ୍ୟବାନ ଜୀବନ ଚାଲିଯାଉଛି

ଏକ ତ ଗରିବ ହେବା ଦୋଷ ! ଦ୍ବିତୀୟ ରେ ପୁଣି ଗରିବ କୁ ରୋଗ ହବା ବି ତା ଠୁ ବଡ଼ ଅପରାଧ ବୋଧେ ! ଗରିବ ର ଜୀବନ ଏବେ

ସମୟ ସୁଅ ରେ ନିରୀହ ଜୀବନ ମାନେ କିଛି ନୁହେଁ ! ବୋଧେ.........

***କେତେବେଳେ କାହା ଆଗରେ ସଫେଇ ଦେବନି...***

***କାରଣ ତୁମଉପରେ ଯାହାର ବିଶ୍ୱାସ ଅଛି ତାକୁ ଜରୁରୀ ନୁହେଁ,***

***ଆଉ ଯାହାର ତମ ଉପରେ ଭରସା ନାହିଁ,***

# ତୁମେ ଆସ ଫେରି...



ଅନିତା ବିଶ୍ୱାଳ
ସୁନ୍ଦରଗଡ଼

"ତୁମେ ଆସିବ ବୋଲି ଫେରି
କରିଛି ମୁଁ ତୁମ ଅପେକ୍ଷା...
ତମେ ମୋର ଧନ ସୁନା ସବୁ କିଛି
ତମେ ମୋ ଦୁନିଆ ମୋ ପୃଥିବୀ...
ତମେ କ୍ଷଣ ଟିଏ ଦୂରେଇ ଗଲେ ମୋ ଦୁନିଆ ଶୂନ୍ୟ ହୋଇପଡ଼େ
ହେ ଧନ ତମେ ଆସ ଫେରି...
ଯେତେ ଦିନ ଲାଗୁ ମୁଁ ତୁମ ପାଇଁ କରିବି ଅପେକ୍ଷା
ଆଜି ବି ବିଶ୍ୱାସ ଅଛି ତୁମେ ଦିନ ଫେରିବ...
ପ୍ରତି ଦିନ ମୁଁ ଖୋଜି ବୁଲେ ତମକୁ ମୋ ପାଶେ
ପୁଣି ଖୋଜି ଖୋଜି ନିରାଶ ଯେ ହୁଏ
ସତରେ କଣ ଧନ ଫେରିବନି ତମେ...
ତମେ ଆସିଲେ
ଫଗୁଣ ଆସିବ ମୋ ଦୁନିଆକୁ ଫେରି
ସୁରୁଜ ଉଇବ ମୋ ଅଗଣାରେ
ହେ ଧନ ତୁମେ ଆସ ଫେରି...
ଆଜି ବି ମୁଁ ଖୋଜେ ତୁମ ସହ ବିତାଇ ଥିବା କିଛି କ୍ଷଣ
ଅପେକ୍ଷା କରିବି ଧନ ତମେ ଦବ ମୋତେ ଦି ପଟ ଶଙ୍ଖା ଆଉ ଟୋପାଏ ନାଲି ସିନ୍ଦୂର
ଆଜି ବି ବିଶ୍ୱାସ ଅଛି ଫେରିବ ଯେ ଦିନେ
ମୋ ଭଲ ପାଇବା ତମକୁ ଦିନେ ଆଣିବା ଟାଣି ଯେ ମୋ ପାଶେ
ହେ ଧନ ଆସ ତମେ ଫେରି
ଆଜି ବି ତମ ଫେରିବା ବାଟକୁ କରେ ମୁଁ ପ୍ରତୀକ୍ଷା
ଆସ ତୁମେ ଫେରି ।"

# ବାରତା ଦେବୁ...



ଜୟଶ୍ରୀ ମହାରଣା

ବାଣପୁର,ଖୋର୍ଦ୍ଧା

ନୀଳାକାଶ ବକ୍ଷେ ମେଘମାଳା ନାଚେ
ପ୍ରେମିକ ପରାଣେ ପ୍ରୀତି ଜ୍ୱଳନ
ଦୂର ଦେଶୁ ବାହ୍ନି ବିରହ ସମ୍ବାଦ
ଅତି ଯତନରେ କରେ ପ୍ରେରଣ ।
ଭାସି ଭାସି ଯିବୁ କଳାମେଘ ତୁହି
ତେର ନଈ ସାତ ଦରିଆ ଡେଇଁ
ମୋ ପ୍ରିୟା ଗାଆଁରେ ବରଷି ବରଷି
ବାରତା ଦେବୁ ତୁ ତା'ପାଶେ ଯାଇ ।
ହୃଦୟ ବୀଣାରେ ପ୍ରୀତିର ମୂର୍ଚ୍ଛନା
ଅବ୍ୟକ୍ତ ଭାବନା ଯାଏ ସଞ୍ଚରି
ଅମାନିଆ ମନ ଅନାମନା ହୋଇ
ଭିଜୁଅଛି ମୁହିଁ ସ୍ମୃତିକୁ ଝୁରି ।
ବୁକୁ ଭେଦି ମିଠା ମିଳନର ଆଶା
କରୁଛି ବିଭୋର ହେ ପ୍ରାଣସହି
ପ୍ରତୀକ୍ଷାର ପୀଡ଼ା ସହିବାକୁ ମନା
ଅଦୃଶ୍ୟରେ କିଏ ଦେଉଛି କହି ।
ପ୍ରୀତି ଅନୁରାଗ ଧିକାରୁଛି ମୋତେ
ଦୂରେ ଦୂରେ କାହିଁ ରହିଛୁ ଏକା
ଏଇ ଫଗୁଣରେ ଫେରିବି ମୁଁ ପ୍ରିୟା
ସ୍ୱପ୍ନ ନୁହେଁ ସତ ହୋଇବ ଦେଖା ।

# ଏବେ ଏକା ବେସାହାରା...



ସୁହାଶିନି ପଟନାୟକ

ଏବେ ଏକା ବେସାହାରା,
ସବୁ କିଛି ଥାଇ ମଧ ଏହି ଶୂନ୍ୟତା ସତେ ଯେମିତି
ମାରି ଦେବାକୁ ଆଉ ବେଶି ବିଳମ୍ବ ନାହିଁ,

ସବୁ କିଛି ଅଛି ପାଖରେ ବୋଲି ମୋ ପରିବେଶ
ଚିତ୍କାର କରି କହୁଛି ହେଲେ,
ମୋ ଆଖି ଏମିତି ଶୂନ୍ୟ ଦୃଷ୍ଟା କାହିଁକି ?

ବୋଧେ ମୋ ସୁଖ ଓ ମୋ ଶାନ୍ତି ଏଠି ନୁହେ ଅଜଣା
ସହର ର ଅତିଥି ସଦୃଶ,

ସବୁ ଉଜ୍ୱଳ ସୁନ୍ଦରତା ମୋ ସାମନା ରେ ଆଜି ମଳିନ
କାହିଁକି ବୁଝି ହୁଏନା,

ଫେରି ଯାନ୍ତି ପୁଣି ମୋ ଖୁସି ଯୋଉଠି,
ଯୋଉଠି କେବଳ ମୋ ପାଇଁ ସବୁ କିଛି,

ବାଧ କିଏ କରୁଛି, ସମୟ ସାମାଜ, ଅନ୍ୟ କୁ ଦୋଷ
ଦେବାରେ ତ ଶାନ୍ତି ମିଳେ,

ସେହି କ୍ଷଣସ୍ଥାୟୀ ଶାନ୍ତି କୁ
ନେଇ ଟିକେ ବଞ୍ଚି ଉଠିବା
ର ଅଭିନୟ କରୁଛି,

ଅନ୍ୟ ପାଇଁ ବଞ୍ଚିଛି, ଅନ୍ୟ
ର ସାହାରା ରେ,
କହିବି ପାରେନା କାରଣ ବ୍ୟକ୍ତ କରିବା ରେ ମଧ
ବାରଣ ଅଛି.

ରଙ୍ଗିନ୍ ଏ ଜୀବନ କୁ ସୁନ୍ଦର୍ ଢଙ୍ଗ ରେ ମଧ
ଦେଖିବାକୁ ସାହାସ ନାହିଁ ନାହିଁ,
ତଥାବି ଜୀବନ ଜିଇଁଚି, ବଞ୍ଚିଛି ବୋଲି.

ଏପଟେ ଲୁହ ଧାର ରେ ହୃଦୟ ର ସବୁ କୋଣ ରେ
ଲହରି ନାଚୁ ଥିଲେ ମଧ,
ମିଛ ହସ ଅନ୍ୟ ଆଗରେ ଦେଖେଇ ନିଜେ ଲୁହ କୁ
ଲୁଚେଇବା ପାଇଁ ଚେଷ୍ଟା,
ସଫଳ ମୁଁ ନିଶ୍ଚୟ...

# ମଶାଣି...



ପୂଜା ବାରିକ
ବେଗୁନିଆ, ବାଲେଶ୍ୱର

ସମୟ ସୁଅରେ ହଜିଯିବ ଦିନେ
ରହିବନି କିଛି ଚିହ୍ନ...
ସମସ୍ତେ ଜୀବନେ ଏମିତି ଆସିବ
ଗୋଟିଏ ଅଫେରା ଦିନ ॥

ମରଣ ବୋଲି ଏଇ ତିନୋଟି ଅକ୍ଷର
ମସାଣି ତାର ଗାଁ, ମରିଗଲା ପରେ
ଆପେ ହଜିଯିବ
ଏ ସମାଜ ରୁ ନାଁ
ଆଜି କି ଜୀବନ କାଲି କି ନାହିଁ
ତଥାପି ଏ ମନୁଷ୍ୟ
ଏତେ ଗର୍ବ, ହିଂସା, ରଖିଛି କାହିଁ

ବଞ୍ଚିଥିବା ବେଳେ ମଶାଣି କୁ ଯାଇ
ଦେଖି ଆସ ଥରେ ଆଖିରେ
ମରିଗଲା ପରେ କିଏ କେତେ ଧନ
ନେଇକି ଯାଉଛି ସାଥିରେ

ଆସିଛୁ ଏକା ଯିବୁବି ଏକା
କେହି ଯିବେନି ସାଥିରେ
ନିଜ ଲୋକ ନେଇ ଯିବେ ଛଅ ଖଣ୍ଡ ବାଉଁଶରେ

ଜଳି ଯିବ ଏ ଶରୀର ହବ
ମୁଠେ ପାଉଁଶ
ଅଛି ପରିଚୟ ଅଛି
ଠିକଣା
ହେଲେ ସଭିଏଁ
ଜାଣିଛ ତ କୋଉଟା ଶେଷ ଠିକଣା
ଅଢେଇ ଦିନିଆଁ ଏ ଜୀବନ
ତା ହେଲେ କାହିଁକି ନିଜ ସେବା ଧର୍ମ ଭୁଲି
ପର ତଣ୍ଟି ଚିପି ଧନ ଠୁଳଉଛ
କଣ ନେଇକି ଯିବ ସାଥିରେ?
କଣ ଆଣିଥିଲ?
ତଥାପି ଏତେ ଖରାପ କାମ କଣ ପାଇଁ?

କିଛି ନୁହେଁ ସାର ସବୁ ତ ଅସାର
ଯିବ ଯଦି କିଛି ନେଇକି ତାହା ହଉଚି
ନିଜ ଭାବନା, ନିଜ କର୍ମ,
ସବୁ ମିଶି ଯିବ ମାଟିରେ
ଦିନେ ଚାଲିଯିବ ଆତ୍ମା ଛାଡି ଏ ଶାରୀର..

# ଦ୍ୱିତୀୟ ଈଶ୍ୱର...



ନର୍ମଦା ନାୟକ
କଳିଙ୍ଗ ବିହାର, ରାଉରକେଲା

କରୁଣାମୟ ବିଶ୍ୱ ସ୍ରଷ୍ଟାଙ୍କ ଆଶୀଷର ଫଳେ
ଧରାରେ ବହୁତପେ ଦୁର୍ଲଭ ନରଜନ୍ମ ମିଳେ ll
ସୃଷ୍ଟିକର୍ତ୍ତାଙ୍କ ରହସ୍ୟମୟ ଅଦ୍ଭୁତ ସର୍ଜନା
ପାଳନ ପୋଷଣେ ଦ୍ୱିତୀୟ ଅବତାର ଯୋଜନା ll
ମାନବ ଶରୀରେ ଖଞ୍ଜିଦେଲେ ଦୁରାରୋଗ୍ୟ ବ୍ୟାଧି
ଯନ୍ତ୍ରଣା ଲାଘବେ ଈଶ୍ୱରଙ୍କ ସତ୍ତା ଉପଲବ୍ଧି ll
ରୋଗଯନ୍ତ୍ରଣା ଜର୍ଜରିତ ଅବସନ୍ନ ପରାଣ
ଜୀବନ ଜିଇଁବା ଆଶା ସମାଧି ଲଭିଣ ll
ଶାରୀରିକ ମାନସିକ ସ୍ତରେ ଅସହାୟବୋଧ
ଦେବଦୂତ ସାଜିଣ କୋମଳ ବଚନେ ପ୍ରବୋଧ ll
ଉତ୍ତମ ଚିକିତ୍ସା ସହ ମାନବୀୟ ବ୍ୟବହାର
ନିଃଶୁଳ୍କ ସେବା ଶୁଶ୍ରୁଷା ଦାନେ ଦ୍ୱିତୀୟ ଈଶ୍ୱର ll
ଦେବତାଙ୍କ ପାଦୋଦକ ରୂପେ ଔଷଧ ସେବନ
ବ୍ୟାଧିମୁକ୍ତର ହୃଦୟରୁ କୃତଜ୍ଞତା ଜ୍ଞାପନ ll
ମାନବିକତାର ମନ୍ତ୍ରେ ଝଙ୍କୃତ ହେଉ ଜୀବନ
ମାନବ ସେବା ହିଁ ଈଶ୍ୱର ସେବାର ନିଦର୍ଶନ ll
ଅରୂପ ଅନନ୍ତ ନିରାକାରଙ୍କ ସତ୍ତା ସ୍ୱରୂପ
ଅନ୍ତଃକରଣେ ଅନୁଭବ ତାଙ୍କ ଜୀବନ୍ତ ରୂପ ll

# ଗୁରୁ...



ସ୍ମୃତିରାଣୀ ନାୟକ
ସେରଗଡ଼, ଗଞ୍ଜାମ

ହେ ଗୁରୁ ତୁମେ ଅଟ ମହାନ୍,
ମୋ ପାଇଁ ତୁମେ ଅଟ ଭଗବାନ୍ ।

ଦିନେ ତୁମେ ଥିଲ ମୋ ପାଇଁ ଅଜଣା,
ତୁମ ପାଇଁ ଦୁନିଆରେ ହେଲି ମୁଁ ଜଣାଶୁଣା ।

ଅନ୍ଧାର ରୁ ଆଲୋକ କୁ କେ ପାରିବ ଆଣି,
ତୁମ ପାଇଁ ସବୁକିଛି ପାରିଲି ମୁଁ ଜାଣି ।

ତୁମ ପାଇଁ ମୁଣ୍ଡ ଟେକି ଚାଲିପାରେ ବାଟ,
ହାତ ଧରି ଦିନେ ତୁମେ ଶିଖେଇଲ ପାଠ ।

ଅବାଟରୁ ବାଟ କୁ ଯେ ଆଣିପାର ତୁମେ,
ତୁମ ପାଇଁ ମଣିଷଟେ ହେଲୁ ଆଜି ଆମେ ।

ଛାତ୍ର ଟିଏ ମାଟି ପିଣ୍ଡୁଳା, ଶିକ୍ଷକ ଗଢନ୍ତି ତାକୁ,
ସେ ଛାତ୍ର ଦିନେ ଶିକ୍ଷକ ହୋଇ ଗଢେ ସେ କେତେ ଛାତ୍ରଙ୍କୁ ।

# ନିଦହୀନ ରାତି...



ସାଗର ସାହୁ

ଯାଜପୁର

**ସ**ମୟ ରାତ୍ର ୯ ଟା ବାଜି ତିରିଶି minutes | ରାତ୍ର ଭୋଜନ ସାରିବା ପରେ ସୋଇବା ଉଦେଶ୍ୟ ନେଇ ପଲଙ୍କ ଉପରେ ଗଡ଼ିପଡ଼ିଲି | mobile ଖୋଲେ ତ ଧଡ଼ାଧଡ଼ ତିନୋଟି msg ଆସିବାର ସଂକେତ ମିଳିଲା, whatsapp ଖୋଲି ଦେଖେତ ଏକ ଅଜଣା No. ରୁ msg ଆସିଥିଲା.. Hiii, ମତେ ଜାଣିପାରୁଛ ନା? ମାନେ ରଖିଛ ନା ଭୁଲିଗଲେଣି.... ଚିହ୍ନା ଚିହ୍ନା ଲାଗିଲା No. ଟି ତଥାପି ସନ୍ଦେହ ଘେରରେ ରହି ଉତ୍ତର ଦେଲି "Dp ଟା କିଛି ନାହିଁ ତା ଛାଡ ପରିଚୟ ଦେଲେ ତ ଜାଣିବା କଥା କହିବି "" ସେତେବେଳକୁ ସିଏ offline ହେଇଯାଇଥିଲା ସେଥିପାଇଁ ମୋ ପ୍ରଶ୍ନର ଉତ୍ତର ସେପଟୁ କିଛି ଆସିଲା ନାହିଁ, କିଛି ସମୟର ଅପେକ୍ଷା ପରେ ସେପଟୁ msg ଆସିଲା "" ମୁଁ ଦିବ୍ୟା ମୁଁ ତୁମ ଜୀବନକୁ ପୁଣି ଥରେ ଫେରିଯିବାକୁ ଚାହେଁ""" | msg ଟି ଦେଖିସାରିବା ପରେ ଫୋନ ଟିକୁ ଛାତି ଉପରେ ରଖିଦେଲି ହୃଦୟର ସ୍ପନ୍ଦନ ମୋର ଯେମିତି ବଢ଼ିବାରେ ଲାଗିଥିଲା ମୁଁ ଆଜି ସ୍ୱପ୍ନ ଦେଖୁନି ତ ଏ କଣ ଯିଏ ଦୀର୍ଘ ଦୁଇ ବର୍ଷ ତଳେ ମୋ ଚରିତ୍ର ଉପରେ ଆଙ୍ଗୁଳି ଉଠାଇ ମତେ ଅପମାନିତ କରି ଚାଲିଯାଇଥିଲା ସିଏ ପୁଣି ମୋ ଜୀବନକୁ ଫେରିଆସିବାକୁ ଚାଁହୁଛି | ତାର ତ ଚାଲିଯିବାର ଥିଲା ସେଥିପାଇଁ ମୋ ଚରିତ୍ର ଖରାପ ବୋଲି ଗୋଟେ ବାହାନା କରି ଚାଲିଗଲା | ମୁଁ ଶୁଣିଥିଲି ତାର ଅମିତ ସହ ସମ୍ପର୍କ ଅଛି ବୋଲି ଆଉ ମୋ ସହ ଅଭିନୟ କରୁଛି | କିନ୍ତୁ ମୁଁ ଅନ୍ୟମାନଙ୍କ କଥାକୁ ବିଶ୍ୱାସ କରିନଥିଲି ହେଲେ ସେ କଥା ସତ ଥିଲା | ଅଭିନୟ ଯେତିକି ମତେ ବାଧି ନଥିଲା ସେ ମୋ ଚରିତ୍ରକୁ ଯେଉଁ ଭଳି ଦାଗ ଲଗେଇ ଦେଇଥିଲା ତାହା ଅଧିକ କଷ୍ଟ ଦାୟକ ଥିଲା | ତା ପର ଠାରୁ କେତେ ଯେ ରାତି ମତେ ଅନିଦ୍ରା ରହିବାକୁ ପଡିଛି ତାର ହିସାବ ନାହିଁ | କେତେ ଲୁହ ନ ଗଡିଛି ଏ ଆଖିରୁ | ଦିବ୍ୟା ତମେ ଆଜି ପୁଣି msg କରି ମୋର ଅତୀତ ର ଘା କୁ ପୁଣି ତାଜା କରିଦେଲ | ମନେ ପଡିଗଲା ସେଦିନ ରାତିର କଥା ଯେବେଠାରୁ ତୁମେ ମତେ ଏକା କରି ଚାଲିଗଲା | ସେଦିନ ଯାହା ଘଟିଗଲା ସେଥିରେ ମୋର କିଛି ଭୁଲ ନଥାଇ ମଧ ସବୁ ଦୋଷ ତମେ ମୋର ଦେଇଦେଲ, ମତେ ଦୋଷୀ ସଜେଇବା ସହ ଅମିତ ସାମ୍ନାରେ ଅପମାନିତ କରି ତ ହାତ ଧରି ଚାଲିଗଲ, ଥରେ ବି ଭାବିଲ ନାହିଁ ମୋର ଅବସ୍ଥା କଣ ହେବ, ମୋ ହୃଦୟକୁ ତମେ ପଢ଼ିପାରିଲା ନାହିଁ ମୁଁ ତୁମ ପାଖରୁ କଣ ଚାହୁଁଥିଲି | ମୁଁ ସେଦିନ ହୋଟେଲରେ ରହିବାକୁ ଇଛା ପ୍ରକାଶ କରିନଥିଲି ପରିଛିତି ବାଧ କରିବାରୁ ରହିବାକୁ ପଡିଲା | ମୁଁ

ଦୁଇଟି ରୁମ book କରିବାକୁ କହିଲା ବେଳେ ତମେ କହିଲ ଏତେ ଲାଜ଼ କଣ ପାଇ ଗୋଟିଏ room ରେ adjust କରିଦେବା | ଯୌବନର ପାଦ ଦେଶରେ ନୂଆ ନୂଆ ପାଦ ଥାପିଥିବା ପ୍ରେମୀ ଯୁଗଳ ଆମେ ଥିଲେ, ଭୁଲ ଠିକ ବାଛିବାର ଶକ୍ତି ଆମ ପାଖରେ ନଥିଲା | ଗୋଟିଏ ପଲଙ୍କ ଉପରେ ଦୁଆଟି ବିପରୀତ ଲିଙ୍ଗର ପୁରୁଷ ନାରୀ ଏକାଠି ଶୋଇବା ସହ ଇଂଲିଶ ଫିଲ୍ମ ଦେଖିବା, ତାହା ଦ୍ୱାରା କିପରି ନିଜକୁ ଆୟତ କରିହୋଇଥାନ୍ତା | ଯାହା ଘଟିଗଲା ତାହା ଭୁଲବେଶତଃ, ସେଥିରେ କେବଳ ମୋର ଭୁଲ ନଥିଲା ତୁମର ମଧ ଥିଲା | ଏହାକୁ ଭୁଲ କହିଲେ ତ ଯୁକ୍ତିଯୁକ୍ତ ହେବ ନାହିଁ | ଏହା ବୟସର ଦୋଷ, ତୁମେ ସେସବୁ ବୁଝିଲ ନାହିଁ ମୋର ଖରାପ ଉଦେଶ୍ୟ ଅଛି ତଥା ତୁମ ଦେହ ପ୍ରତି ମୋର ଆକର୍ଷଣ ଅଛି ବୋଲି କହି ମତେ ଏକ କରି ଚାଲିଗଲ | କେତେ ରାତି ମୁଁ ତୁମକୁ ନ ଖୋଜିଛି ତୁମେ ଖାଲି ମୋ ପାଖରେ ଥାନ୍ତାକି ହାତ ଧରି ବୁଝେଇଦେଇଥାନ୍ତି ସବୁ କଥା ମୁଁ ତୁମ ଦେହକୁ କେବେ ଭଲପାଇ ନଥିଲି ତୁମ ହୃଦୟକୁ ଭଲ ପାଇଥିଲି | ଜୀବନରେ ସୁଖ ଦୁଃଖ ବାଣ୍ଟିବା ପାଇ ତଥା ଜୀବନ ସାରା ହାତଧରି ଚାଲିବା ଉଦେଶ୍ୟରେ ସାଥିଟିଏ ବୋଲି ଭାବିଥିଲି ତୁମକୁ | ସେଦିନ ତ ତୁମେ ମୋ କଥା ଭାବିଲ ନାହିଁ ଆଜି କାହିଁକି ମାନେ ପକେଇଲ | ହଠାତ ବାହାରେ କୁକୁର ମାନଙ୍କ ଭୁକିବା ଶବ୍ଦ ଶୁଣି ପ୍ରକୁଷ୍ଟିତ ହୋଇଉଥିଲି ଆଖିରୁ ଦୁଇ ଟୋପା ଲୁହ ଝରିଗଲା, ଲୁହ ପୋଛି ଫୋନ ଦେଖିଲା ବେଳକୁ 11 ଟା ବାଜି 45 minutes ଓ ହୋ ମୁଁ ଏତେ ସମୟ ହେଲା ଦିବ୍ୟା କଥା ଭାବୁଥିଲି, ସତରେ ଏ ନିଦ ବି ଭାରି ଅଜବ ଆସିଲେ ସବୁକିଛି ଭୁଲେଇ ଦବ ଆଉ ନ ଆସିଲେ ସବୁକିଛି ମନେପକେଇଦେବ | ଏ ଭିତରେ ମୁଁ ତାର msg ର ଉତ୍ତର ଦେବାକୁ ଭୁଲିଯାଇଛି, whatsapp ଖୋଲି ଉତ୍ତର ଦେବାକୁ ଯାଇ ଲେଖିଲି " ନାଇଁ ଦିବ୍ୟା ମୁଁ ଆଉ ପଛକୁ ଫେରିଯିବାକୁ ଚାହେଁନାହିଁ | ବିଶ୍ୱାସ ଥରେ ତୁଟିଗଲେ ଆଉ ସମ୍ପର୍କ ଗଢ଼ିହୁଅ ନାହିଁ | ତୁମେ ଗଲା ପରେ ମୁଁ ଏକା ବଂଚିବା ଶିଖିଯାଇଛି ଜୀବନରେ ଆଉ ସାଥିଟିଏ ଲୋଡ଼ା ନାହିଁ, ନିଜକୁ ମୁଁ ବହୁତ ଦୃଢ କରିଦେଇଛି କାହାର ସାହର ମତେ ଆବଶ୍ୟକ ନାହିଁ ତୁମେ ତୁମ ବାଟରେ ଚାଲିଯାଅ ମତେ ମୋ ଅତୀତକୁ ଭୁଲିଯିବାକୁ ଦିଅ " msg ତ କରିଦେଲି ସିଏ ଦେଖିଲା ମଧ ହେଲେ ସେପଟୁ କିଛି ଉତ୍ତର ଆସିଲା ନାହିଁ.... ଆଉ କିଛି ଚିନ୍ତା ନକରି ଶୋଇବାକୁ ଚେଷ୍ଟା କାଲି କିନ୍ତୁ ନିଦ କାଇଁ ଆସେ ସେଇ ପୁରୁଣା ଦିନର ଦିବ୍ୟା ସହ କାଟିଥିବା ଅନ୍ତରଙ୍ଗ ମୁହୂର୍ତ୍ତ ସବୁ ଆଖି ସାମ୍ନାରେ ନାଚି ଉଠୁଥିଲା.. ରାତି ଆସୁଥିଲା ହେଲେ ମୋ ଆଖିରେ ନିଦ ନଥିଲା ଯେବେଠାରୁ ଦିବ୍ୟା ମତେ ଏକା କରି ଚାଲିଯାଇଥିଲା | ନିଦହୀନ ରାତି ମୋର ବିତିଚାଲିଥିଲା |..

## ଆକାଶ...



ଜଗଦୀଶ ଶତପଥୀ

ଧର୍ମଶାଳା।

ଆକାଶ ଟା ଗୋଟେ ଭରା ଚଇତି ଗୋ,

ଜହ୍ନ ଖେଳେ ତାରା ମେଳେ।

ଆକାଶରେ କେବେ ବଉଦ ବି ଭାଷେ

ବିଜୁଳି ର ଅନ୍ତରାଳେ।

ଆକାଶ ଟା କେବେ ନୀଳ ବର୍ଣ୍ଣ ସାଜି

ଦେଖାଏ କେତେ ସପନ।

ଆକାଶ ଟା କେବେ ରୋଦ୍ରତାପ ରେ

ଶୋଷି ନିଏ ଯଉବନ।

ଆକାଶରେ କେବେ ମେଘକୁ ଦେଖିଲେ

ଅତୀତ ପଡ଼ଇ ମନେ।

ସେଦିନ ପ୍ରିୟାର କବରୀ ଉପରେ

ହସ ଖେଳୁଥିଲା ଦିନେ।

ଆଜିର ଆକାଶ ଶାନ୍ତ ସରଳ

ଭାବୁକ ବନାଏ କ୍ଷଣେ।

କେତେ ତାରକସି କାମରେ ଶୋଭିତ ଲଜ୍ଜା ଦିଏ ପ୍ରତି କ୍ଷଣେ।

## ମାନବିକତା...



ଇତିଶ୍ରୀ ଜାନା
ଏରସମା, ଜଗତସିଂହପୁର

**ମି**ନାକ୍ଷୀ ଦେବୀ ହସ୍ପିଟାଲରୁ ଫେରି ଚୁପ ହୋଇ ସୋଫା ଉପରେ ମୁଣ୍ଡ ରଖି ସୋଇଥିଲେ।ମିନାପାଣି ଗ୍ଲାସଟି ଆଣି କହିଲା-ମା ପାଣି ନିଅନ୍ତୁ।ମିନାକ୍ଷୀ ଦେବୀ ପାଣି ଗ୍ଲାସଟି ନେଇ ଢକ ଢକ କରି ପିଇଦେଲେ ଓ ଗ୍ଲାସଟି ମିନାକୁ ଧରାଇଦେଇ କହିଲେ-ବର୍ତ୍ତମାନ ପରିସ୍ଥିତି ଯାହା ହେଲାଣି ଲାଗୁଛି ପୃଥିବୀ ଆଉ ବେସିଦିନ ରହିବ ନାହିଁ।ଦିନକୁ କୁଢ଼ କୁଢ଼ କୋରୋନା ରୋଗୀ ବାହାରିବା ସଂଗେ ସଂଗେ,ମୃତ୍ୟୁ ମଧ ବହୁଳ ଭାବରେ ହେଉଛି।ସ୍ଥିତି ସୁଧୁରିବା ପରିସ୍ଥିତିରେ ମଧ ନାହିଁ।ଦୋକାନ ବଜାର ମଧ ସବୁକିଛି ବନ୍ଦ।ଯେଉଁମାନେ କେବଳ ଦୋକାନ କରି ଗୁଜୁରାଣ ମେଣ୍ଟାଉଥିଲେ,ସେମାନେଙ୍କ ଅବସ୍ଥା ଏବେ କିପରି ଥିବ କେଜାଣି।ଏ lock down ପାଇଁ ସବୁକିଛି ବନ୍ଦ ହୋଇଯିବା ଯୋଗୁଁ ରାସ୍ତାକଡ଼ରେ ରହୁଥିବା ଲୋକମାନେ କିପରି ବଞ୍ଚୁଥିବେ କେଜାଣି...? ମିନା ଟିକିଏ ସଂକୋଚ ପ୍ରକାଶ କରି କହିଲା-ମାଆ ମୋର କିଛି କହିବାର ଥିଲା।ମିନାକ୍ଷୀ ଦେବୀ ମିନାକୁ ଚାହିଁ କହିଲେ-କିରେ ତୋ ମୁହଁ ଏପରି ମଳିନ ପଡିଯାଇଛି କାହିଁକି...?ସବୁ କୁଶଳ ମଙ୍ଗଳ ଅଛି ତ...!।ମିନା କହିବାକୁ ଚାହୁଁନଥିଲେ ମଧ ତା ପରିବାର ପାଇଁ ମୁହଁ ଖୋଲି କହୁବାକୁ ବାଧ ହେଲା।ମାଆ ମୋର କିଛି ଟଙ୍କା ଦରକାର ଥିଲା।ମିନାକ୍ଷୀ ଦେବୀ ଟଙ୍କା କଥା ଶୁଣି ରାଗିଯାଇ କହିଲେ-କିଛିଦିନ ତଳେ ତୋତେ ତୋ ଦରମା ଦେଇଥିଲି ତୁ ପୁଣି ପଇସା ମଗୁଛୁ।ମୁଁ ଦେଖୁଛି ଏଇ କିଛି ଦିନ ହେବ ଦିନେ ଆସିଲେ ଦୁଇଦିନ ତୋର ଦେଖା ନାହିଁ।କାମ ତ ଠିକସେ କରୁନାହୁଁ ଆଉ ପଇସା କଣ ମଗୁଛୁ।

ମିନା କାନ୍ଦି କାନ୍ଦି ମିନାକ୍ଷୀ ଦେବୀଙ୍କ ପାଦ ଧରି ବସିପଡ଼ିଲା ଓ କହିଲା -ମାଆ ମୋତେ ଟିକିଏ ସାହାଯ୍ୟ କରନ୍ତୁ।ମୋ ସ୍ୱାମୀ ପାନ ଦୋକାନ ଟିଏ ବହୁତ କଷ୍ଟରେ କରିଥିଲେ।ହେଲେ ଏ lock down ପାଇଁ ସବୁକିଛି ବନ୍ଦ ପଡିଛି।ତାଙ୍କ ଗୋଡ କଟିଯିବା ପରଠୁ ସେ ଆଉ କିଛି କାମ କରିବାକୁ ସକ୍ଷମ ନୁହନ୍ତି।ଘର ଚଳେଇବାକୁ ପଇସା ମଧ ନାହିଁ।ସରକାରଙ୍କ ତରଫରୁ ଯାହା କିଛି ମିଳିଥାନ୍ତା ତାହା ଏ ରାଜନୀତିଆ ଲୋକଙ୍କ ପାଇଁ କିଛି ମିଳିଲା ନାହିଁ।ତାଙ୍କ ଆଗରେ କିଛି କହିବାକୁ ନା ଆମର ସାହସ ଅଛି ନା ସକ୍ଷମ ଅଛି।ଛୁଆ ଦୁଇଟା ମୋର ଭୋକ ଉପବାସରେ ରହୁଛନ୍ତି।ଗୋଟେ ଓଳି ଖାଇବାକୁ ହେଲେ ଦୁଇ ଓଳି ଉପବାସରେ ରହୁଛନ୍ତି।ମୁଁ ଯାହା ପାଇଟି କରି ପଇସା ଆଣେ ସେତିକିରେ ଘର ଚଳେ।ଆଉ ଏ ସମୟରେ କେହି ମଧ ଘରେ ପୁରାଉନାହାନ୍ତି,କାମ

ଦେବେ କଣ...?ଆପଣ ତ ଜଣେ ଡାକ୍ତରାଣୀ,ଆପଣ ଯଦି ଚାହିଁବେ ତାହାଲେ ମୋତେ ସେଇ ଡାକ୍ତର ଖାନାରେ ରଖିପାରିବେ।ମୁଁ ରୋଗୀଙ୍କ ସବୁ କାମ କରିବି,ଡାକ୍ତରଖାନାର ସବୁ ପୋଛାପୋଛି ମଧ କରିବି।ମୁଁ ମରିଗଲେ କିଛି ହେବ ନାହିଁ ମାଆ,କିନ୍ତୁ ମୋ ଛୁଆ ଦୁଇଟାଙ୍କୁ କିପରି ମାରିଦେବି...? ମିନା କଥା ଶୁଣି ମିନାକ୍ଷୀ ଦେବୀଙ୍କ ଆଖିରୁ ଲୁହ ଝରି ଆସିଲା ଓ ମନେ ମନେ ଚିନ୍ତାକଲେ-ପ୍ରକୃତରେ ଜୀବନ କେତେ ରହସ୍ୟମୟ।ପ୍ରତି କ୍ଷଣରେ କ'ଣ ସବୁ ଘଟିଥାଏ ତାହା ବର୍ଣ୍ଣନା କରିବା ଅସମ୍ଭବ।ଏହି ରହସ୍ୟମୟ ଜୀବନରେ ଜୀବ ଜନ୍ମ ହେବା ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଅନେକ ସଂଘର୍ଷ କରିଥାଏ।ଏହି ସଂଘର୍ଷମୟ ଜୀବନରେ କିଏ ବିଜୟ ପ୍ରାପ୍ତ କରିଥାଏ ତ କିଏ ଅବନତିର ଚରମ ସୀମାରେ ପଦାର୍ପଣ କରିଥାଏ।କିନ୍ତୁ ଏ ପରିସ୍ଥିତିରେ ବିଜୟ ପରାଜୟର କଥା ଚିନ୍ତା କରିବା ବୋକାମି,ବର୍ତ୍ତମାନ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ବୁଦ୍ଧିମାନର ପରିଚୟ।ମିନାକୁ ତଳୁ ଉଠାଇ କିଛି ଟଙ୍କା ଦେଇ କହିଲେ କାଲିଠୁ ତୁ ମୋ ସହ ଡାକ୍ତରଖାନା ଯିବୁ।ମୁଁ ତୋ ପାଇଁ ସେଠାରେ ଚାକିରୀ ଖଣ୍ଡେ କରାଇଦେବି।

***ସନ୍ତୁଷ୍ଟ ରୁହନ୍ତୁ, କିନ୍ତୁ ଜୀବନର ଆଶା ଛାଡ଼ନ୍ତୁ ନାହିଁ..***
***କାରଣ ଆଶା ଏମିତି ଏକ ଜିନିଷ,***
***ଜହାବିନା ମଣିଷ ବଞ୍ଚିପାରେନା||***

***ସଫଳତାର ଗୋଟିଏକୁ ନିୟମ,***
***ତୁମେ ନିଜର ଭୁଲ ସହିତ, ଅନ୍ୟର ଭୁଲ୍‌ରୁ ବି କିଛି ସେକହିବାକୁ***
***ଚେଷ୍ଟା କର ||***

# ଧରାବତରଣ...



ଐଶ୍ୱରିୟା ମହାରଣା

ନୟାଗଡ଼

କାଶତଣ୍ଡୀ ଫୁଲେ ଫୁଲେ ଅଶିଣର ଯାତ
କୁମୁଦ ମାଳା ବିଭୂଷିତା ମାତା ହୁଅ ପଦାର୍ପିତ ।।

ଆସ ଗୋ ମାଆ ଆସ ପୁଣି ଥରେ ହେଉ ଧରାବତରଣ
କଳୁଷ ଦୁନିଆରୁ ପୂର୍ଣ୍ଣ୍ୟ ହେଉଅଛି କ୍ଷୀଣ ।।

ସଞ୍ଚାରି ଦିଅ ସବୁ ପ୍ରାଣେ ପୂର୍ଣ୍ଣ୍ୟର ସେ ବାର୍ତ୍ତା
ପୂର୍ଣ୍ଣ୍ୟମୟୀ ହେଉ ଧରା ପାପ ହେଉ ଅପହୃତା ।।

ତୁମେ ଥାଉ ଥାଉ ଯେବେ ଅଧର୍ମ ହସିବ
ଦୁଃଖୀ,ତପି କି ତୋତେ ଆଉ ମାଆ ବୋଲାଇବ ।।

କୋଳେଇ ନିଅ ମାଆ ପାପ ଦୁଃଖ ହୋଇଯାଉ ଦୂର
ହସିବ ଧରମ ପୁଣି ପାପୀ ହେବେ ଯେ ଉଦ୍ଧାର ।।

ମା ଗୋ ଦୟାମୟୀ ତୁ ବିନ୍ଧ୍ୟବାସିନୀ
ସଙ୍କଟହାରିଣୀ ପୁଣି ପାପ ବିନାଶିନୀ ।।

ବୁଝାଇ ଦିଅ ମାଆ ନାରୀର ସାଧନ
ଆସ ଗୋ ମାଆ ଆସ ପୁଣି ଥରେ ହେଉ ଧରାବତରଣ।।

# ମୋହିନୀ ଚନ୍ଦ୍ରିକା...



**ସଂଘମିତ୍ରା ପୃଷ୍ଟି**
ଗୋପାଳପୁର, କଟକ

ମୋହିନୀ ମନ୍ଦ ହାସ୍ୟ ବଦନୀକା
ଶ୍ୟାମା ସୁଲୋଭ ତବ ମଧୁ ଯୌବନୀକା,
ତୋ ଚିତ୍ର ଚରିତ୍ରର ମାପ ପ୍ରମାଣ
ଅଦ୍ଭୁତ ଯେ ବିହି କରାଇଛି ତବ ଜାନୁ ନିର୍ମାଣ,
ଅଙ୍ଗେ ଅଙ୍ଗେ ରଙ୍ଗ ତରା ଝଲମଲ
ତାରପରେ ଶୁଭ୍ର ପାଟ ଦେହୀ ଶଙ୍ଖ ମଲମଲ,
ବଶୀକରଣବିଧି ବତ ରୂପର ପ୍ରକାଶ
ସର୍ବ ପ୍ରାଣୀ ଉଚାଟ ପ୍ରାପ୍ତେ ତବ କାନ୍ତ ପରସ,..

ମୋହନ ମନ୍ତ୍ର ତା ମଧୁମୃଦୁ ବାଣୀ
କୋଟି ବ୍ରହ୍ମାଣ୍ଡର ମାୟାମତ୍ତ ବତ ଚାହାଣି,
ନବବୟସ ଉନ୍ମୁକ୍ତ କେଶବିନ୍ୟାସ
ମଧୁ ଝରା ପୁଷ୍ପ ରସ ବତ ଅଧରରେ ହରଷ,
ତାର ଭାବ ଲତିକା ମଉଳା ଲାଜ
ତ୍ରିଭୁବନ ମୋହେ ମନ୍ଦିରା ମୋହନୀ ସଜ୍ଜ,
ସର୍ବ ସୁଖସୂତ୍ର ତବ ଆନନ୍ଦ ପୁତ୍ତଳି
ଯୌବନ ନନ୍ଦନବନ ର ପାରିଜାତ କଳି,..

ଅଜ୍ଞାତ ବାରେ ଏ କାର ନନ୍ଦିନୀ
କେଉଁ ମାତୃଗର୍ଭୁ ଜନ୍ମି ହୋଇଛି ସୃଜନୀ,
ଶୂନ୍ୟ ଭବନରେ ଶୋଭନା କମଳା
ମନୋଜ୍ଞ ମନ ମାୟାବିନୀ କୁଞ୍ଚିତ କୁନ୍ତଳା,

ଚାରୁ ରୂପରେକ କିଞ୍ଚିତେ ତୁଳନା
ଅପରୂପ କାନ୍ତଛବି ଦୃଶ୍ୟ ଛଳିତ ଲଳନା,
ଅନ୍ଧକାର ଭୁବନେ ମାଣିକ ଦୀପରେ
ତବ ଅମୋଦିତ ପାରିଜାତ ସୌରଭରେ,..

ଭକ୍ତି ଦୟା ପ୍ରୀତି ଯାର ଅଙ୍ଗଭୂଷଣ
କ୍ଷଣେ ଦିବ୍ୟରୂପ ପାଷାଣେ ଜଡିବ ପରାଣ,
ପଦ ପଙ୍କଜ ବତ କୋମଳ ସ୍ପର୍ଶରେଖା
ନୂପୁର ଝଙ୍କାର ଝରଣାର ସ୍ରୋତ ସୁରେଖା,
ଅକାତ ନାଉରୀ କାତ ଯା ହସ୍ତ ବେନି
ମଥା କୁଙ୍କୁମ ଚନ୍ଦ୍ରିକାର ଛାୟା ଦୃଶ୍ୟ ମୋହନୀ,
ପଦ୍ମାଳାକ୍ଷା ପଦ୍ମବତ ମୁଖ ମଣ୍ଡଳ ଦେଖି
ଅଳିଏ ମାୟା ମନ୍ତ୍ର ମୋହେ ମଜ୍ଜିଯାନ୍ତି ଲାଖି,..

ଚନ୍ଦ୍ର ବେଢ଼ି ତରା ବତ ବରାଙ୍ଗୀ

ବ୍ୟାକୁଳ ମଧୁପର ହୃଦ ହେବାକୁ ସଙ୍ଗୀ,

ଦୀପ୍ତ ଝଲମଲ ତାଟଙ୍କ ସ୍ୱର୍ଣ୍ଣିମ

କ୍ଷଣେ ଭରେ ଜ୍ୟୋତି ଭାସ୍କରେ ଭରମ

ନେତ୍ରାଞ୍ଜନ ଧାର ବଉଦ ଅନନ୍ତ

ଏପରି ସ୍ୱରୂପ ସ୍ୱୟଂ ଅଭୟର ନିଶାନ୍ତ,

ଅମ୍ବର ଦେଶର ପରୀ ନକ୍ଷତ୍ରେ ଜ୍ୟୋତିକା

ମନ୍ଦ ହାସ୍ୟରୋଳେ ଝଲମଲ ମୋହିନୀ ଚନ୍ଦ୍ରିକା ॥



# ପୋଡ଼ା ମନର ଗନ୍ଧ...



କ୍ଷିରାବ୍ଧି ଦାଶ
ଯୋଧପୁର, ରାଜସ୍ଥାନ

ନବେ ଦଶକର ପିଲା ମାନେ ପ୍ରକୃତରେ ବହୁତ୍ ଭାଗ୍ୟବାନ। ନୁହେଁ। ମୁଁ ତ ନିଜକୁ ସେମିତି ଭାବେ। କାହିଁକି ନା ଆମେ ସବୁ ଦେଖିଛୁ ସବୁ ଜାଣିଛୁ। ମଫସଲି ଚଳଣି ହଉ କି ସହରୀ ଚଳଣି। ପଖାଳ କଂସା ହଉ କି ବିରିୟାନି ପ୍ଲେଟ୍। ଚୁଡ଼ା ଗୁଡ଼ ଠାରୁ ଫାଷ୍ଟ ଫୁଡ୍ ଯାଏ। ଆମେ ଅଳ୍ପ ବହୁତେ ସବୁ ଜାଣିଛୁ। ସେମିତି ଏକ ଅନୁଭୂତି ବାଣ୍ଟି ବାକୁ ଯାଉଛି। ନବେ ଦଶକ ର। ମୁଁ ସେତେବେଳେ ଷଷ୍ଠ ଶ୍ରେଣୀରେ ରେ ପଢୁଥାଏ। ଆମ ଗାଁ ରେ ବ୍ରାହ୍ମଣ ବୋଲି କହିଲେ ଆମ ପରିବାର ଆଉ ଆମ ଦଦେଇ କକେଇ ପରିବାର ମିଶି ମାତ୍ର ଚାରି ଘର ରହୁଥାଉ। ସେତେବେଳେ ଆମ ସ୍କୁଲ କୁ ନୂଆ କରି ଜଣେ ଶିକ୍ଷୟତ୍ରୀ ଆସିଥିଲେ। ଚନ୍ଦ୍ରମଣି ଦେବୀ। ଗାଁ ରେ ସେତେବେଳେ ଭଡା ଘର ମିଳିବା କଷ୍ଟ। କିନ୍ତୁ ଆମ ଘର ପାଖରେ ଗୋଟେ ଘର ଖାଲି ଥିଲା। ତେଣୁ ସେ ସେଇଠି ରହିବାକୁ ନିଷ୍ପତ୍ତି ନେଲେ। ତାଙ୍କ ସ୍ୱାମୀ ମାନେ ସାର୍ ଆମ ଗାଁ ରେ ପଶୁଡ଼ାକ୍ତର ଥିଲେ। ତାଙ୍କର ଗୋଟିଏ ପୁଅ ଆଉ ଗୋଟେ ଝିଅକୁ ନେଇ ସଂସାର। ଦୁଇ ବଖରା ଘର ସହ ରୋଷେଇ। ଚାରି ଜଣ ଖୁସି ରେ ରହିପାରିବେ। ତାଙ୍କ ଝିଅ ମାନେ ସିମି ଅପା ମୋ ଠୁ ଗୋଟେ ବର୍ଷ ବଡ଼। କିନ୍ତୁ ଆମେ ଦି ଜଣ ବହୁତ୍ ଭଲ ସାଙ୍ଗ ଥିଲୁ। ସାଙ୍ଗ ହେଇ ବୁଲିବା, ଖେଳିବା, ପାଠ ପଢିବା, ଆମ୍ବ ଚୋରି କରି ଖାଇବା ଆଉ ଏକାଠି ଗାଳି ଶୁଣିବା ମଧ୍ୟ। ସେ କିନ୍ତୁ ପାଠ ପଢା ରେ ମୋ ଠୁ ଭଲ ଥିଲା। ସେଇଥି ପାଇଁ ସାର୍ ଆଉ ଗୁରୁମା ସିମି ଅପା କୁ ବହୁତ ଭଲ ପାଆନ୍ତି। ସବୁ ଜିଦ୍ ପୂରଣ କରନ୍ତି। ଯେତେବେଳ ଆମେ ଭଲ ଡ୍ରେସ ଖଣ୍ଡେ ପାଉ ନା ଥାଉ। ସେତେବେଳେ ସିମିଅପା ଖୁବ୍ ସୁନ୍ଦର୍ ସୁନ୍ଦର୍ ଦାମିକିଆ ଡ୍ରେସ ପିନ୍ଧେ। ତାର କ୍ଲିପ୍ ବିନ୍ଦି ରବର୍ ବାଣ୍ଡ ଦେଖିଲେ ତ ମୋର ଲୋଭ ଆସି ଯାଏ। ଭଳିକି ଭଳି ଚିକି ମିକିଆ ଚପଲ୍ ତାର। ସବୁଦିନ କିଛି ନା କିଛି ଆମିଷ ଲୋଡା ସିମିଅପା ର । ନ ହେଲେ ଭାତ ଯାଏ ନାହିଁ। ଖାଇବା ରେ ବହୁତ୍ ସୌଖିନ ସେ। ଭଲ ଖାଇବ ଆଉ ଭଲ ପିନ୍ଧିବ। ସାର୍ ଆଉ ଗୁରୁମା ବି କୋଉଥିରେ କମ୍ କରନ୍ତିନି। ପାଟି ରୁ ବାହାରିବା ଆଗରୁ ହୀ ସବୁ ଜିନିଷ ସଜ ହେଇ ରହି ଥାଏ ସିମି ଅପା ପାଇ। ଯେତେ ରାତି ହେଲେବି ସାର୍ ଫେରିଲା ବେଳେ ଅଣ୍ଡା କି ଚିକେନ ଯାହା ହେଲେ ନେଇ ଆସିଥିବେ ସିମିଅପା ପାଇ। ନିଜ ହାତରେ ତାକୁ ଖୁଆଇ ଦେବେ। ସମୟ ଗଡ଼ି ଚାଲିଲା। ସିମି ଅପା ନୂଆ ନୂଆ କେଲଜ ରେ ପାଦ ଦେଲା ଆଉ ମୁଁ ଦଶମ ରେ ପଢୁଥାଏ। ଦିନେ ଆମ କ୍ଲାସ୍ ରେ ସାହିତ୍ୟ

ପଢାଉ ଥାଆନ୍ତି ଚନ୍ଦ୍ରମଣି ଗୁରମା। ସମୟ ପ୍ରାୟ ଦିନ ସାଢ଼େ ଦୁଇ ଟା ହେବ।  ପିଅନ ଆସି କହିଲା କି ସାର୍ ମାନେ ତାଙ୍କ ସ୍ୱାମୀ ଆସିଛନ୍ତି। ତା ପରେ କଣ୍ ହେଲା କେଜାଣି। ତତ୍ କ୍ଷଣାତ ଦୁଇ ଜଣ ତାଙ୍କ ସ୍କୁଟର ରେ ଚାଲି ଗଲେ। ସ୍କୁଲ ଛୁଟି ପରେ ମୁଁ ଘର କୁ ଆସି ବୋଉ କୁ ପଚାରିଲି। କଣ ହେଲା କି। ଗୁରୁମା ଙ୍କ ଘରେ ସବୁ ଠିକ୍ ଅଛି ନା ନାହିଁ । ହଠାତ୍ ଏମିତି କ୍ଲାସ୍ ଅଧାରୁ ଛାଡ଼ି ପଳେଇ ଆସିଲେ ଯେ। ସେ ଯାହା କହିଲା ମୋ ପାଦ ତଳୁ ମାଟି ଖସିଗଲା। ଆମ ଗାଁ ର ଗୋଟେ ମେଣ୍ଢା ଚରାଳି ସହ ସିମି ଅପା ପଳେଇଛି। ମୁଁ କହିଲି ହଁ ଯାଉ। କଣ କାମ  ଥିବ ତାର। ଆସି ଯିବନି। ଜେଜେ ମା କହିଲା ନାଇଲୋ, ସେ କୁଆଡେ ସେ ଟୋକାକୁ ଲୁଚି ଲୁଚି ଭଲ ପାଉଥିଲା। ତା ସହ ପଳେଇଛି। ବିଚରା ସ୍ୱାମୀ ସ୍ତ୍ରୀ ଦି ଜଣ ଝିଅ ପାଇ କଣ୍ କରୁନଥିଲେ। ଖାଇବା ପିନ୍ଧିବା ଲଗେଇବା କୋଉଥିରେ କମ୍ ଥିଲା କେଜାଣି। ସେ ଅଲକ୍ଷଣି ଟା ଏମିତି କରି ବୋପା ମା ର ନାକ କାଟି ଦେଲା। ଗୁରୁମା ଙ୍କ ପାଖକୁ ଯିବାକୁ ସାହସ ନ ଥିଲା ମୋର। ପ୍ରକୃତରେ ସିମି ଅପା କଣ୍ ପାଇ ଏମିତି କଲା। ଗୋଟେ ଥର ଦେଖା ହେଲେ ପଚାରନ୍ତି। ଗଲା ତା ଗଲା। ପୁଣି ଗୋଟେ ମେଣ୍ଢା ଚରାଳି ସହ.....! ଏମିତି ନିଷ୍ପତ୍ତି ସେ କଣ ପାଇ ନେଲା।  ସତରେ କଣ ପ୍ରେମ ଅନ୍ଧ। ସେ କାହିଁକି ଏମିତି କଲା। ଏମିତି କେତେ କଣ୍ କଥା ମୋ ମୁଣ୍ଡକୁ ଆସୁଥିଲା।କିନ୍ତୁ କଣ୍ କରିବି। କାହାକୁ ପଚାରିବି। ଚୁପ୍ ରହିଲି। ଗାଁ ଲୋକ କେତେ ଟୁପୁରୁ ଟାପର ହେଉଥିଲେ। କେ କହୁଥିଲା ସେ ଟୋକା ଗୁଣୀ କରି ନେଇ ଯାଇଛି। କେ କହୁଥିଲା ସବୁ ଝିଅ ର ଭୁଲ। ଏମିତି କେତେ କଣ୍। ଏତେ କଥା ସାର୍ ଆଉ ଗୁରୁମା ଶୁଣି ପାରିଲେନି। ଗାଁ ଛାଡି ପଳେଇଲେ। ଆଉ ସେବେଠୁ କେବେ ଦେଖିନି କାହାକୁ। ନା ସିମି ଅପା କୁ ନା ତାଙ୍କ ପରିବାର ର ଆଉ କାହାକୁ।

ଆଉ ଆଜି ଏତେ ଦିନ ପରେ ବି ମୋଆଖି ସେମାନଙ୍କୁ ଖୋଜେ। ବିଶେଷ କରି ସିମି ଅପା କୁ। ଗୋଟେ ଥର ତ ମୋତେ ମୋ ପ୍ରଶ୍ନ ର ଉତ୍ତର ଦରକାର। ଏମିତି ଗୋଟେ ଦିନ ମୁଁ ବସ ରେ ବାଣୀବିହାର ରୁ କଟକ ଯାଉଥାଏ। ରସୁଲଗଡ଼ ରୁ ଝିଅ ଟିଏ ଆସି ମୋ ପାଖ ସିଟ୍ ରେ ବସିଲା। ଚିହ୍ନା ଚିହ୍ନା ଲାଗୁଥାଏ ମୋତେ । ମୁଁ ତାକୁ ବାର ବାର ଚାହୁ ଥାଏ। ସେ କିନ୍ତୁ ମୁହଁ ବୁଲେଇ ବସି ଥାଏ। ହଠାତ୍ ମୋ ପାଟିରୁ ବାହାରି ପଡ଼ିଲା "ସିମି ଅପା....!! ତୁ ସିମି ଅପା ନା...? ଆରେ ମୁଁ ତନୟା । ଆରେ ତୁ ମୋତେ ସୁନ୍ଦରୀ ଡାକୁ ନା। ସତ କହ " ସେ ମୋତେ ଦେଖି ମୁହ ଲୁଚେଇ ଦଉଥିଲା। କିନ୍ତୁ ମୁଁ ତାକୁ କୁଣ୍ଢାଇ ପକେଇଲି। ସେ ଆଉ ଲୁଚି ପାରିଲାନି। ସେ ବି କାନ୍ଦି କାନ୍ଦି ମୋତେ କୁଣ୍ଢାଇ ପକାଇଲା। ଆଗ ପରି ତା ମୁହଁରେ ସେ ତେଜ ନ ଥିଲା। ସେ ଖୁସି ତା ଆଖିରେ ନ

ଥିଲା। ସେ ପୁରା କଣ୍ଢା ହେଇ ଯାଇଥିଲା। ଗାଲ ଠକେରା ହେଇ ଯାଇଥିଲା। ମୁଁ ତାକୁ ପଚାରିଲି କଣ ହେଲା ଅପା...? କାହିଁକି ଏମିତି କଲୁ..?

ତୁ ଜାଣିଚୁ ସାର୍ ଆଉ ଗୁରୁମା କେମିତି ରହିଲେ ଏ ସବୁ ଶୁଣି...??ଏବେ କେମିତି ଅଛୁ...?? କୋଉଠି ରହୁଛୁ...?? ସାର୍ ଆଉ ଗୁରୁମା କେମିତି ଅଛନ୍ତି....?? ମୋର ଏତେ ସବୁ ପ୍ରଶ୍ନ ବର୍ଷା ରେ ସେ ଚୁପ୍ ହେଇ ଯାଇଥିଲା। ମୋତେ କହିଲା ତୋ ଫୋନ ନମ୍ବର୍ ଦେ ମୁଁ ତୋତେ ଫୋନ କରିବି। ମୁଁ କହିଲି ତୋତେ ମୋ ରାଣ ଅପା। ନିଶ୍ଚୟ ଫୋନ କରିବୁ। ତାର ଗନ୍ତବ୍ୟ ସ୍ଥଳରେ ସେ ଓହ୍ଲେଇ ପଡ଼ିଲା। ବସ ଆଗକୁ ଚାଲିଲା। ମୁଁ କିନ୍ତୁ ତା ଫୋନ ଅପେକ୍ଷା ରେ ରହିଲି। ଦୁଇ ଦିନ ପରେ ତା ଫୋନ ଆସିଲା। ମୋ ମୋବାଇଲ୍ ରେ। ବହୁତ୍ ଖୁସି ଲାଗିଲା। ଆଉ ଉତ୍ସୁକ ବି ଲାଗିଲା। "ହେଲୋ, ସିମି ଅପା। କହ । ମୁଁ ତନୁ କହୁଚି।"

— ହଲୋ, ତନୁ। କେମିତି ଅଛୁ।

— ତୁ କହ ଅପା।ତୁ କେମିତି ଅଛୁ। ଏବେ କୋଉଠି ରହୁଛୁ।

—କଣ୍ କହିବି ତନୁ। ମୋର ଗୋଟିଏ ଭୁଲ ଆଜି କେତେ ଗୁଡାଏ ଜୀବନ ନଷ୍ଟ ହେଇ ଗଲା। ବାବା ମାମା ଙ୍କୁ ଆଖି ଉଠେଇ ଚାହିବା ପାଇଁ ସାହସ ନାହିଁ ମୋର।

—ହଁ ଅପା। ବହୁତ୍ ବଡ଼ ଭୁଲ୍ କରିଛୁ ତୁ। ଏବେ କଣ୍ କରୁଚୁ।

— ମୁଁ ଭୁବନେଶ୍ୱର ପାଖ ଗୋଟେ ଗାଁ ରେ ରହୁଚି। ଭଗବାନ୍ ଙ୍କ ଦୟାରୁ ଗୋଟେ ପ୍ରାଇଭେଟ୍ ସ୍କୁଲ ରେ ଚାକିରି ଟେ କରିଛି। ଜାଣିଚୁ , ମୋର ଗୋଟେ ଝିଅ ଟିଏ ଅଛି। କ୍ଲାସ୍ ୭ରେ ପଢୁଛି।

—ଆଉ ଭାଇ।? ମାନେ....... ତୋର ସ୍ୱାମୀ...??

—ଯଉବନ ର ପ୍ରଥମ ପ୍ରେମ। ମୁଣ୍ଡରେ ଭୂତ ସବାର ଥିଲା। ତା ସହ ସୁରଟ ଚାଲି ଆସିଲି। ମୋତେ ଚାଲାଖି ରେ ନେଇ ଆସି ମୋ ବାପା ଙ୍କ ଠୁ ପଇସା ହଡ଼ପ କରିବା ପାଇ ଚହୁ ଥିଲା ସେ

—ହେ ଭଗବାନ୍। ତା ପରେ।

—ନେହୁରା ହେଲି। ଦୁଇ ଥର ବିଷ ବି ଖାଇଲି। ଭାବିଲି ତା ମନରେ ଟିକେ ତ ଭଲ ପାଇବା ଥିବା ମୋ ପାଇ। କିନ୍ତୁ ନା। ପ୍ରଥମେ ପ୍ରଥମେ ସେ ମୂଲ ଲାଗୁଥିଲା। ଯାହା କିଛି ଆସୁଥିଲା। ସେଥିରେ ଆମେ ଦୁଃଖେଶୁଖେ ଚଳି ଯାଉଥିଲୁ। କିନ୍ତୁ ପରେ ସେ ଅନ୍ୟ ସ୍ତ୍ରୀ ଲୋକ ସହ ସମ୍ପର୍କ ରଖିଲା। ମୋତେ ମାର୍ ଧର୍ ଆରମ୍ଭ କରିଦେଲା। ଦିନେ ଲୁଚି ମୁଁ ଓଡ଼ିଶା ଚାଲି ଆସିଲି। ସେତେବେଳେ ମୁଁ ଚାରି ମାସ ର ଗର୍ଭବତୀ ଥାଏ। ଜଣେ

ସହୃଦୟ ବ୍ୟକ୍ତି ମୋତେ ଦେଖି ଦୟା କଲେ। ଏଇଠି ପିଅନ ଚାକିରି ଖଣ୍ଡେ କରାଇଦେଲେ। ସେବେଠୁ ମୁଁ ଏଇଠି। ଛାଡ ମୋକଥା। ମାମା ବାବା କେମିତି ଅଛନ୍ତି କହ। ବାବା ଙ୍କ କଥା ବହୁତ୍ ମନେ ପଡୁଚି ଲୋ।

—ମାନେ? କଣ କହୁଚୁ ତୁ? ଗୁରୁମା ଆଉ ସାର୍....?

— ହଁ ଲୋ ତନୁ। ତତେ ମୋ ରାଣ। ତୁ ମୋତେ ଖାଲି ଏତିକି ସାହାଯ୍ୟ କର। ମୁଁ ଜାଣିଚି ମୋ ଝିଅ କୁ ଦେଖିଲେ ମାମା ବାବା ସବୁ ଭୁଲିଯିବେ। ମୁଁ ଟିକେ ଖାଲି ମାମା ବାବା ଙ୍କୁ ଦେଖିବି। ତାଙ୍କ ଆଗକୁ ପଛେ ଯିବିନି। ଲୁଚି ଲୁଚି ଟିକେ ଦେଖିବି। କଣ ଭାବୁଛୁ। କହୁନୁ। କରିବୁ ନା ଏତିକି ତୋ ସିମି ଅପା ପାଇ। କହୁନୁ।

—ଆରେ ଶୁଣ ଅପା ମୋ କଥା। ତୁ ଗଲା ପରଠୁ ସେମାନେ ବି ଚାଲି ଗଲେ। ଗାଁ ଲୋକଙ୍କ ଟାହି ଟପରା ଆଉ ଶୁଣି ପାରିଲେନି ଲୋ। ମୁଁ ଭାବିଲି କି ଆଜି କାଲି ର ସୋସିଆଲ ମିଡିଆରେ ମୁଁ ତାଙ୍କୁ ନ ହେଲେ ତୋତେ ପାଇଯିବି। କିନ୍ତୁ ମୁଁ କେବେ କାହାକୁ ପାଇନି। ଭଗବାନ୍ ଙ୍କ ଦୟାରୁ କେମିତି କେଜାଣି ତୋ ସହ ମୋର ଦେଖା ହେଇ ଗଲା। ମୁଁ ତ ଭାବିଲି କି ତୁ ଜାଣି ଥିବୁ ବୋଲି। କିନ୍ତୁ ତୁ ଓଲଟା ମୋତେ କଣ ପଚାରୁଚୁ?

—ହେ ଭଗବାନ! ମୁଁ କଣ କରିଦେଲି ତନୁ। ଗୋଟେ ସୁନ୍ଦର୍ ସଂସାର ମୋ ପାଇ ଭାଙ୍ଗି ଚୂର୍ ମାର୍ ହେଇଗଲା। ମୁଁ କେମିତି ଏବେ ନିଜକୁ କ୍ଷମା କରିବି । ଏମିତି କହି କାନ୍ଦିବାକୁ ଲାଗିଲା ସିମି ଅପା। ମୁଁ ବି ଦୁଃଖରେ ଥିଲି। କିନ୍ତୁ କଣ୍ ଯେ କରିବି। ମୁଣ୍ଡ କିଛି କାମ କରୁ ନ ଥାଏ। ସତରେ । କୋଉଠି ଥିବେ ସେମାନେ। କାନ୍ଦି କାନ୍ଦି ଅପା ଫୋନ ରଖିଲା। ନିଜକୁ ବହୁତ୍ ଦୋଷୀ ମନେ କରୁଥିଲା ସେ। ହଠାତ୍ ମୋର ମାନେ ପଡ଼ିଲା। ସିମି ଅପା ର ଗୋଟେ ଭାଇ ଥିଲା। କଣ ଯେ ତା ନାଁ ଟା।......? ପୁଣି ଫୋନ୍ କଲି ସୀମି ଅପା ପାଖକୁ। ଆଶିଷ କୁମାର ତ୍ରିପାଠୀ। ହଁ। ଏବେ ହୁୟେତ ସୋସିଆଲ ମିଡିଆରେ ମିଳି ଯାଇ ପରେ। କିନ୍ତୁ ଏତେ ଆଶିଷ ଭିତରେ କୋଉ ଆଶିଷ ଗୁରୁମା ଙ୍କ ପୁଅ। ଖୁବ୍ ଛୋଟ ଥିଲି ମୁ ସେତେବେଳେ। ମୁହ ବି ଠିକ୍ ରେ ମନେ ନାହିଁ। ଆଉ କିଛି ଫଟୋ ବି ନାହିଁ। ଶେଷରେ ସବୁ ଭଗବାନ୍ ଙ୍କ ଉପରେ ଛାଡ଼ିଦେଲି। ଯାହା ହେବାର ଥିବ ହେବ। କିନ୍ତୁ ସିମି ଅପା ସହ ମୋର ସମ୍ପର୍କ ଏବେ ଯାଏ ଅଛି। ଆଜି ଆମ ଆଖି ଚାରୋଟି ଖୋଜିବୁଲେ ସାର୍ ଗୁରୁମା ଆଉ ଭାଇ ଙ୍କୁ। ଆଜି ବି ମୁ ତା ସହ କଥା ହେଲା ବେଳେ ତା ପୋଡ଼ା ମନ ର ଗନ୍ଧ ଟାକୁ ଠିକ୍ ବାରି ପରେ। ସେ ବୁଝି ପାରୁଥାୟେ ବୋଧେ ପ୍ରେମ ର ପ୍ରଥମ ସଂଜ୍ଞା ପରିବାର ଠୁ ଆରମ୍ଭ ହୁଏ। ସମସ୍ତଙ୍କୁ

**( ଅନୁରୋଧ, କୌଣସି ନିଷ୍ପତ୍ତି ନେବା ଆଗରୁ ପ୍ରଥମେ ମା ବାପା ଙ୍କ କଥା ଭାବନ୍ତୁ। ପଢି ମତାମତ ନିହାତି ଦେବେ। )**

# ଲହରୀ...



ବାବାଜୀ ଚରଣ ସାହୁ

ଫୁଲନଖରା , କଟକ

ଜୀବନ ର ମାନ ସବୁ ବେଳେ ନୁହେଁ ଅଭିଯୋଗ ଅଭିମାନ
ସମ୍ପର୍କର ସେତୁ ରେ ଏ ଜୀବନ ପୁସ୍ତକର ହୋଇଛି ରଚନା
ସମ୍ପର୍କର ପୁଷ୍କରିଣୀ ସୃଷ୍ଟି ହୋଇ ଥାଏ ସ୍ୱର୍ଗ ରାଜ୍ୟ ରାଜଭବନ ରେ
ତାକୁ ଭାଙ୍ଗିବା ପାଇଁ ଶକ୍ତିଶାଳୀ କେହି ନାହିଁ ଏ ବସୁମତୀ ବୁକୁ ରେ।।
ଏ ଲହରୀ ଢେଉ ମାନଙ୍କର ରାଜ ନନ୍ଦିନୀ,,,,,,,,,
ଅଭୁଲା ମତୁଆଲା ମନର ଆୟୋଜନ ଆୟତ୍ତ ରେ ନାହିଁ ଏ ମନ
ବିବେକ ର ବିବେଚନା ରେ ତୋଳିଛି ତା ଜୀବନର ପରିମାଣ
ଭୁଲି ଗଲେ ତ ଭୁଲି ହୋଇଯାଏ ନିଜ ସମ୍ପର୍କରେ କର୍ତ୍ତବ୍ୟର ମାନ
ନିଜର ସ୍ୱାର୍ଥ କୁ ଜଳାଞ୍ଜଳି ଦେଲେ ସୌନ୍ଦର୍ଯ୍ୟରେ ସମ୍ପୂର୍ଣ୍ଣ ସଂସାର।।
ଲହରୀ କେତେବେଳେ ପୂର୍ଣ୍ଣ କେତେବେଳେ ଶୂନ୍ୟ,,,,,,

***ଜୀବନରେ କେବେ କାହାକୁ ଅଦରକାରୀ ଭାବନ୍ତୁ ନାହିଁ!***
***କାରଣ ବନ୍ଦ ପଡିରହିଥିବା ଘଡି ହିଁ ଦିନରେ ଦୁଇଥର ଠିକ ସମୟ କହିଥାଏ।।***

***ସବୁଠୁ ବଡ ଗୁରୁ-ମନ୍ତ୍ର ହେଲା, ଆପଣ କାହାକୁ ନିଜର ରାଜ କୁହନ୍ତୁ ନାହିଁ...***
***ନଚେତ ଯେ ଆପଙ୍କ ପାଇଁ ବରବାଦୀର କାରଣ ହୋଇପାରେ।।***

# ପ୍ରଥମ ପ୍ରେମ...



ବିଭୂତି କୁମାର ପଣ୍ଡା
ନିମାପଡା, ପୁରୀ

**ବା**ରୁଣୀ ଆକାଶ କୁ ରକ୍ତ ରଞ୍ଜିତ କରି ଅସ୍ତାଚଳ ଅଭିମୁଖେ ଆଗେଇ ଚାଲିଥାନ୍ତି ଆଦିଦେବ ସୂର୍ଯ୍ୟ ନାରାୟଣ | ଦଳବଦ୍ଧ ପକ୍ଷୀ ର କାକଳି ସହିତ ଦୂର ଦେବାଳୟ ରୁ ଭାସି ଆସୁଥିବା ପବିତ୍ର ଘଣ୍ଟ ଧ୍ୱନି ସୂଚାଇ ଦେଉଥାଏ ସନ୍ଧ୍ୟା ରାଣୀ ଙ୍କ ର ଆଗମନ କୁ | ନିକଟସ୍ଥ କାଗଜ କମ୍ପାନୀ ରୁ କ୍ଳାନ୍ତ ଶ୍ରାନ୍ତ ଶ୍ରମିକ ଗଣ ଦଳ ଦଲ ହୋଇ ପ୍ରତ୍ୟାବର୍ତ୍ତନ କରୁଥାନ୍ତି ନିଜ ନିଜର ବସା ଅଭିମୁଖେ | ଆଖି ଆଗରେ ତାଙ୍କର ପ୍ରତୀକ୍ଷାରତ ଅର୍ଦ୍ଧାଙ୍ଗିନୀ ଆଉ ନିଜ ସନ୍ତାନ ର ମୁହଁ ଭାଷି ଉଠିବାରୁ ଅବସନ୍ନ ମୁଖ ମଣ୍ଡଳ ରେ ସଞ୍ଚରି ଯାଉଥାଏ ଚେନାଏ ମିଠା ହସ ର ମହକ | କୁଳୁକୁଳୁ ନାଦ କରି ବହି ଯାଉଥିବା ନିକଟସ୍ଥ ନଦୀ ତଟ ରୁ ଭାଷି ଆସୁଥାଏ ମୃଦୁ ମନ୍ଦ ଶୀତଳ ସମୀର | କିନ୍ତୁ ବାତାୟନ ଦେଇ ଅପଲକ ନୟନ ରେ ବିଷାଦ ହାହାକାର ଦୃଷ୍ଟି ତୋଳି ବାହାର କୁ ଅନେଇ ରହିଥାଏ ସାଗର | ପ୍ରକୃତି ର ଏ ଯେଉଁ ଅପରୂପ ଦୃଶ୍ୟ ରାଜି ଦିନେ ଯେଉଁ ସାଗର ର ହୃଦୟ ରେ ସୃଷ୍ଟି କରୁଥିଲା ଉତ୍ତାଳ ତରଙ୍ଗ, ହୃଦୟ ତନ୍ତ୍ରୀ ରେ ତାର ବାଜି ଉଠୁଥିଲା ପ୍ରେମ ର ରାଗିଣୀ, ବାଧ କରୁଥିଲା ତାକୁ ପାଗଳ ଭଅଁର ଟିଏ ସାଜି ତାର ଫୁଲ ରାଣୀ ନିକଟ କୁ ଛୁଟି ଯିବା ପାଇଁ, ଆଜି ସେ ପ୍ରକୃତି ରାଣୀ ର ମନୋହର ଚିତ୍ରପଟ୍ଟ ମାନସ ର ମନ ମାନସ କୁ ସାମାନ୍ୟତମ ପ୍ରଭାବିତ କରିବାରେ ବି ସମ୍ପୂର୍ଣ୍ଣ ଅସମର୍ଥ | ହାହାକାର କରି ଉଠୁଛି ଆଜି ହୃଦୟ ତାର, ଯନ୍ତ୍ରଣା ରେ ଜଳି ଜଳି | କଣ କରିବ ଆଉ କଣ ନ କରିବ କିଛି ବି ବୁଝିବାକୁ ଅସମର୍ଥ ସେ ଆଜି | ଗୋଟେ ପଟେ ପିତା ଧର୍ମ, ପିତା ସ୍ୱର୍ଗ, ପିତା ହିଁ ପରମ ତପ ଆଉ ଅନ୍ୟ ପଟେ ତାର ମନ ର ମାନସୀ, ସ୍ୱପ୍ନ ର ନାୟିକା ତଟିନୀ | ଜୀବନ ର ଦୋଛକି ରାସ୍ତା ରେ ଠିଆ ହୋଇ ସେ କେବଳ କିଂକର୍ତ୍ତବ୍ୟବିମୁଢ଼ ହୋଇ ଭାବି ଚାଲିଛି ପଛକୁ ପଛକୁ | ଦ୍ରୁତ ଗତିରେ ମନ ତାର ଧାଇଁବାକୁ ଲାଗିଛି ଅତୀତ ର ଅତଳ ଗହ୍ୱର କୁ | ଅତୀତ ର ସୁମଧୁର ସ୍ମୃତିରାଜି ଚଳଚିତ୍ର ପରି ଭାଷି ଉଠୁଥାଏ ତାର ମାନସ ପଟ୍ଟଳ ରେ ଆଉ ଦୁଇ ଆଖିକୋଣ ରେ ଲୁହ ର ଦୁଇ ବୁନ୍ଦା ଜକେଇ ହୋଇ ଆସୁଥାଏ | ଆଜିକୁ ପ୍ରାୟ ଦେଢ଼ ବର୍ଷ ତଳ କୁ ଫେରି ଯାଉଥାଏ ସେ | ସାନ ନାନୀ ର ବିଭାଘର ହେତୁ ଅଫିସ ରୁ ପନ୍ଦର ଦିନ ଛୁଟି ନେଇ ଗାଁ କୁ ଆସିଥାଏ ସେ | ସେଦିନ ଥାଏ ମହା ଶିବରାତ୍ରି ର ପବିତ୍ର ଦିବସ,

ଆଉ ମହା ଅମାବାସ୍ୟା ର ମହାଫଳ ପ୍ରାପ୍ତି ନିମିତ୍ତ ଶିବାଳୟ ଯାଇଥାଏ ସେ | ମଙ୍ଗଳ କାମନା କରି ଜଳ ଲାଗି କରି ସାରିଲା ପରେ ବୁଲି ପଡି ପଛକୁ ଫେରି ଆସୁଥାଏ ସେ | କିନ୍ତୁ ଆଃ.... ଏକ ଅସ୍ପଷ୍ଟ ଯନ୍ତ୍ରଣା କାତର ଆର୍ତ୍ତନାଦ ଶୁଣି ଚମକି ପଡି ଅନାଇ ଦେଖେ ତ, ପାଦ ଦ୍ଵୟ ତାର ପଡି ଯାଇଛି ଦୁଇ ପଦ୍ମ ପତ୍ର ଉପରେ... ପଦ୍ମ ପତ୍ର ନୁହେଁ ତ ସେହି ଗାଁ ର ଅପରୂପା ରୁପସୀ ତଟିନୀ ର କୋମଳ ହସ୍ତ ଦ୍ଵୟ ଉପରେ | ଯନ୍ତ୍ରଣା ରେ ବିବର୍ଣ୍ଣ ହୋଇ ଉଠିଥାଏ ମୁନି ମନ ଜିଣା ସୁନ୍ଦର ମୁଖ ମଣ୍ଡଳ ତାର | ଚମକି ପଡି ସରି ବୋଲି କହି ମଥାନତ କରି ଅପରାଧୀ ଟିଏ ପରି ଠିଆ ହୋଇଥାଏ ସାଗର | କିଛି କ୍ଷଣ ପରେ ନିଜକୁ ସମ୍ଭାଳି ନେଇ ତଟିନୀ କହି ଉଠିଲା, ମଣିଷ ମାତ୍ରକେ ଭୁଲ ହୁଏ | ତମେ ତ ଜାଣି ଶୁଣି କିଛି କରିନ, ତମର କିଛି ଭୁଲ ନାହିଁ | ବୋଧ ହୁଏ ମୋର କିଛି ବଡ଼ ଦୁର୍ଘଟଣା ଘଟିବାର ଥିଲ ଯାହାକୁ ଭୋଳା ବାବା ତୁମ ମାଧ୍ୟମ ରେ ଛୋଟିଆ ଯନ୍ତ୍ରଣା ଟିଏ ଦେଇ ଲାଘବ କରିଦେଲେ କହି ହସି ଦେଇ ଚାଲିଗଲା ସେ | ଅପଲକ ନୟନ ରେ ବିସ୍ମିତ ଦୃଷ୍ଟି ତୋଳି ତଟିନୀ ର ଛନ୍ଦାୟିତ ଗତି ପଥ କୁ ଅନେଇ ରହିଥାଏ ସାଗର ଆଉ ଜୀବନ ରେ ଚବିଶ ଟି ବସନ୍ତ ଅତିକ୍ରମ କରିବା ପରେ ପ୍ରଥମ ଥର ପାଇଁ ହୃଦୟ ରେ ଅନୁଭବ କରୁଥାଏ କାହାପାଇଁ ଏକ ତୀବ୍ର ମଧୁର ଆକର୍ଷଣ, ଯାହାର ନାଁ ବୋଧ ହୁଏ ପ୍ରେମ | କନ୍ଦର୍ପ ର କାମ ବାଣ ରେ ଆହତ ହୃଦୟ ତାର ହୁତାଶନ ପରି ଜଳି ଉଠୁଥାଏ ଆଉ ମନେ ମନେ ତଟିନୀ ସହ ଆଉ ଥରୁଟିଏ ଦେଖା କରିଦେବା ପାଇଁ ଭଗବାନ ଙ୍କୁ ବ୍ୟାକୁଳ ପ୍ରାର୍ଥନା କରୁଥାଏ ସେ.... (କ୍ରମଶ)

*ମିଥ୍ୟା କହୁଥିବା ବ୍ୟକ୍ତି ସବୁବେଳେ ଫଡଫଡ଼ ହୁଏ, ହେଲେ, ସଫଳ ଏବଂ ସତ୍ୟ କହୁଥିବା ବ୍ୟକ୍ତି ବହୁତ ନିରବ ||*

# ବୟସର ଅପରାହ୍ନରେ...



**ଆଦିତ୍ୟ ନାରାୟଣ ପତି**
ତାଳପଡା , ତିହିଡି , ଭଦ୍ରକ

**କ**ବାଟ ଠକ ଠକ ଶୁଭିଲା । ଘର ଭିତରେ ନିଜ ଚେୟାର ଉପରେ ବସି ଥାଆନ୍ତି ରମାକାନ୍ତ ବାବୁ । କିଏ ବୋଲି ପଚାରିବା ଆଗରୁ ସେପଟୁ ଏକ ଭଦ୍ର ମହିଳାଙ୍କ କଣ୍ଠ ସ୍ୱର ଭାସି ଆସିଲା । ମୁଁ ପାର୍ବତୀ ଡାକୁଛି । ଘରେ କେହି ଅଛନ୍ତି । ଘର କହିଲେ ରାଜଉଆସ ଠାରୁ କିଛି କମ ନୁହେଁ । ଚାକର ବାକର ଦୁଇ ଚାରି ଜଣଙ୍କୁ ଛାଡ଼ି ଦେଲେ ଏତେ ବଡ଼ ଘରେ ଆଉ କେହି ନାହାନ୍ତି । ହଠାତ ହଡ଼ ବଡେଇ ଗଲେ ରମାକାନ୍ତ ବାବୁ ବା ରମାକାନ୍ତ ଛୋଟରାୟ । ଇଏ ସେହି ପାର୍ବତୀ ନୁହେଁ ତ ଯାହା ପାଇଁ ମୁଁ ଦଶ ବର୍ଷ ଅପେକ୍ଷା କରି କରି ଶେଷରେ ଘର ଲୋକ ଏବଂ ବନ୍ଧୁ ବାନ୍ଧବଙ୍କ କଥାରେ ବିବାହ କରିବା ପାଇଁ ବାଧ ହେଲି । ଏମିତି ଭାବି ଭାବି ଆସି କବାଟ ଖୋଲିଲା ବେଳକୁ ଆଶର୍ଯ୍ୟ ହେଇଗଲେ ରମାକାନ୍ତ ବାବୁ । ଆରେ ଇଏ ସେହି ପାର୍ବତୀ । ପାର୍ବତୀ ବି ଆଶର୍ଯ୍ୟ ହୋଇଗଲେ । ଦୁହେଁ ଦୁହିଁଙ୍କୁ କିଛି ସମୟ ନିସ୍ତବ୍ଧ ହେଇ ଚାହିଁ ରହିଲେ । ରମାକାନ୍ତ ବାବୁ କହିଲେ ପାର୍ବତୀ ତୁମେ । ପାର୍ବତୀ କହିଲେ ହଁ ରମାକାନ୍ତ ଛୋଟରାୟ, ମୁଁ ପାର୍ବତୀ । ୟା ଭିତରେ ବହୁତ ଅନୁତାପ କରିଛନ୍ତି ରମାକାନ୍ତ ବାବୁ । ବହୁତ ସମୟରେ ଏକା ଏକା ବସିଲେ ମନେ ପକାନ୍ତି । ଭାବନ୍ତି କିଛି ଭୁଲ ନଥିଲେ ବି ମୁଁ ସେଦିନ ତା ଭଲ ପାଇବାକୁ କାହିଁକି ପାଦରେ ଆଡ଼େଇ ଦେଇଥିଲି । ସେତେବେଳେ ସ୍ମାର୍ଟ ଫୋନ ନ ଥିଲା । କେବଳ ଚିଠି ହିଁ ଏକମାତ୍ର ମାଧ୍ୟମ ଥିଲା । ଅନେକ ଦିନ ଖୋଜିବା ପରେ ରମାକାନ୍ତ ବାବୁ ପାର୍ବତୀ ପ୍ରତି ଆଶା ଛାଡ଼ିଦେଲେ ବୟସ ବଢିବା ସହ ଦାୟିତ୍ୱ ମଧ ବଢ଼ିଲା । ଚାପରେ ପଡ଼ି ବିବାହ କରିବାକୁ ଇଛା ନ ଥିଲେ ବି ରମାକାନ୍ତ ବାବୁ ବିବାହ କଲେ । 20 ବର୍ଷ ପରେ..... ରମାକାନ୍ତ ବାବୁଙ୍କର ଦୁଇ ପୁଅ ବିଦେଶରେ ଚାକିରୀ କରି ସେଠାରେ ବିବାହ କରି ରହୁଛନ୍ତି । ଏକା ରମାକାନ୍ତ ବାବୁ ନିଜ ସହର ଉପକଣ୍ଠରେ ଥିବା ଘରେ ରହୁଛନ୍ତି । ଅଚଳାଚଳ ସମ୍ପତ୍ତି । ଆମେ ଆଗରୁ ଜାଣିଛନ୍ତି ରାଜଉଆସ ଠାରୁ ଘର କିଛି କମ ନୁହେଁ । ପିଲା ଛୋଟ ଥିଲା ବେଳେ ସ୍ତ୍ରୀ କେଉଁ ଅଜଣା ରୋଗରେ ଆକ୍ରାନ୍ତ ହୋଇ ବହୁ ଟଙ୍କା ଖର୍ଚ୍ଚ କଲେବି ବଞ୍ଚେଇ ପାରିଲେ ନାହିଁ । ଦ୍ୱିତୀୟ ବିବାହ ନ କରି ପିଲାଙ୍କ ମୁହଁକୁ ଚାହିଁ ରମାକାନ୍ତ ବାବୁ ଜୀବନ ଅତିବାହିତ କରିଦେଲେ । ଏବେ ବୟସ ପାଖା ପାଖି 70 । ପାର୍ବତୀଙ୍କୁ ଦେଖି ପଚାରିଲେ କେମିତି ଅଛ ପାର୍ବତୀ । ଘର ଭିତରକୁ ଆସ ।

ପାର୍ବତୀ କିନ୍ତୁ ଅରାଜି ହେଉ ଥାଆନ୍ତି । ରମାକାନ୍ତ ବାବୁ ବାଧ କରିବାରୁ ପାର୍ବତୀ ଭିତରକୁ ଗଲେ । ସେତେବେଳକୁ ଦୁଇ ଜଣ ଚାକର ଆସି ପହଂଚି ସାରି ଥାନ୍ତି ତାଙ୍କ ପାଖରେ । ରମାକାନ୍ତ ବାବୁ ସର୍ବତ ଆଣିବା ପାଇଁ କହିଲେ । କିନ୍ତୁ ପାର୍ବତୀ ମନା କଲେ । ପାର୍ବତୀ ପଚାରିଲେ କେମିତି ଅଛ ରମାକାନ୍ତ । ରମାକାନ୍ତଙ୍କ ଆଖିରେ ଲୁହ ଜକେଇ ଆସିଲା । କାରଣ ବୟସ ବାଢ଼ିଥିଲେ ବି ପାର୍ବତୀଙ୍କ କଣ୍ଠସ୍ୱର ଆଉ ତାଙ୍କ ନିରୀହ ଆଖି ବୟାନ କରୁଥିଲା ଆଜିବି ସେ କେତେ ଭଲ ପାଆନ୍ତି ରମାକାନ୍ତ ବାବୁଙ୍କୁ । ରମାକାନ୍ତ କହିଲେ ଦେଖୁଛ ତ ଆଉ । ପ୍ରତି ମୁହୂର୍ତ୍ତରେ କିଛି ନିଜର ଲୋକ ମନେ ପଡୁଛନ୍ତି, ଯାହାଙ୍କୁ ମୁଁ ଅତୀତରେ ଦୁରେଇ ଦେଇଥିଲି । ପାର୍ବତୀ ତୁମେ କେମିତି ଅଛ । ଦୀର୍ଘ ନିଶ୍ୱାସ ପକାଇ ପାର୍ବତୀ କହିଲେ, ସେଦିନ ଘଟଣା ପରେ ମୁଁ ଏ ସହର ଛାଡ଼ି ଚାଲିଗଲି । ତୁମେତ ଜାଣିଥିଲ ରୋଗୀଣା ମାଆ ଛଡ଼ା ମୋର ଆଉ ଏ ଦୁନିଆରେ କେହି ନ ଥିଲେ । ମାଆକୁ ସାଙ୍ଗରେ ନେଇ ରାତିରେ ବାହାରିଗଲି । ସେତେବେଳେ ଆଜିକାଲିକା ଭଳି ଟ୍ରେନ କି ବସ ର ସୁବିଧା ନଥିଲା ମୁଁ ବି ବାହାର ଦୁନିଆକୁ ଏତେ ପାଖରୁ ଦେଖି ନଥିଲି ଆଗରୁ । ମାଆକୁ ନେଇ ଏକ ଅଜଣା ଟ୍ରେନରେ ବସିଗଲି । ଭୟ ଲାଗୁଥିଲେ ବି ସାହସ ଜୁଟାଇ ଆଗକୁ ଚାଲିଥାଏ । ତୁମେତ ଜାଣ ମୁଁ ସେତେବେଳେ ହିନ୍ଦୀ ବୁଝି ପାରୁ ଥିଲେବି ସମ୍ପୂର୍ଣ କହି ପାରୁ ନଥିଲି । ଟ୍ରେନ ରହିଲା ପରେ ମାଆକୁ ବସେଇ ଦେଇ ଖାଇବା ଆଣିବା ପାଇଁ ଯାଇଥାଏ, ଆସିଲା ବେଳକୁ ମାଆ ସେ ଜାଗାରେ ନାହିଁ । ବହୁତ ଖୋଜା ଖୋଜି କଲା ପରେ ବି ମାଆକୁ ପାଇଲି ନାହିଁ । ଏ ଦୁଃଖକୁ ସେ ଦୁଃଖ ଆହୁରି ବଳିଗଲା । ସେଠାରେ ଜଣେ ଓଡ଼ିଆ ଲୋକ ମୋ ଦୁଃଖ ଜାଣି ତାଙ୍କ ଘରେ ରହିବା ପାଇଁ କହିଲେ । ଇଛା ନ ଥିଲେବି ମୋ ପାଖରେ ଆଉ କିଛି ଉପାୟ ନ ଥିଲା । ମନରେ ଭୟ ବି ଥିଲା । କିଛି ଦିନ ରହିଲା ପରେ ସେ ମୋ ପାଇଁ ଗୋଟେ ଚାକିରୀ ବୁଝିଦେଲେ । ବୟସ ଅଧିକ ହେଉ ଥିବାରୁ ଆଖପାଖ ଲୋକ ବିବାହ କରିବା ପାଇଁ କହିଲେ । ମୁଁ ମନାକଲେ ବି ମୋତେ ସେମାନେ ବାଧ କରାଇ ବିବାହ କରାଇଦେଲେ । ସେଇଠୁ ମୋର ଏକ ନୂଆ ଜୀବନ ଆରମ୍ଭ ହେଲା ଭଳି ଲାଗିଲା । କିଛି ବର୍ଷ ଗଲା ପିଲାମାନେ ବଡହେଲେ ଚାକିରୀ କଲେ, କିନ୍ତୁ ବାପ ମାଆଙ୍କୁ ଆଉ ମନେ ପକାଇଲେ ନାହିଁ । ଆମେ ଦୁହେଁ ଯାହା ଦୁଃଖେ ସୁଖେ ଚଳି ଯାଉଥିଲୁ । କିନ୍ତୁ ଦୁଇମାସ ତଳେ ଏକ ଗାଡ଼ି ଧକ୍କାରେ ତାଙ୍କର ଜୀବନ ଚାଲିଗଲା । ପିଲାମାନେ ଆସି ସମ୍ପତ୍ତି ନିଜ ନିଜ ଭିତରେ ବାଣ୍ଟି ନେଲେ, ଆଉ ମୋତେ ରାସ୍ତାରେ ଏକା କରି ଚାଲିଗଲେ । ମୁଁ ଅନ୍ୟ ଉପାୟ ନ ପାଇ ଶେଷରେ ଗାଁ ମୁଁହା ହେଲି । କିଛି ଆଜିକାଲିକା ପିଲା ମୋତେ ଜାଣି ପାରିଲେ ନାହିଁ, ଆଉ କିଛି ପୁରୁଣା ଲୋକ ଜାଣି ପାରିଲେ । ଶୁଣିଲି

ତୁମେ ଏକା ଅଛ ଟିକେ ଦେଖା କରିବାକୁ ଚାଲି ଆସିଲି । ସେତେବେଳକୁ ରମାକାନ୍ତ ବାବୁଙ୍କ ଆଖିରୁ ଧାର ଧାର ଲୁହ ଭାସି ଚାଲିଥାଏ । ନିଜ କୋହ ସମ୍ଭାଳି ନପାରି ରମାକାନ୍ତ ବାବୁ ଭୋ ଭୋ ହୋଇ କାନ୍ଦିଲେ । ଭାବୁ ଥାଆନ୍ତି କେତେବଡ ଭୁଲ ମୁଁ କରିଥିଲି ସେତେବେଳେ । ଏହି ସମୟରେ ରମାକାନ୍ତ ବାବୁଙ୍କୁ ଅତୀତକୁ ଭୁଲି ଯିବା ପାଇଁ ବୁଝାଇ ପାର୍ବତୀ ପ୍ରସ୍ଥାନ କଲେ ।

*ଯଦି ରଖିବା ନିମନ୍ତେ ଆମ ନିକଟରେ ସହନଶୀଳ ପୃଥିବୀ ଟିଏ*
*ନାହିଁ, ତା 'ହେଲେ ସୁନ୍ଦର ଘରଟିଏ ତୋଳିବାରେ ଲାଭ କଣ?*

## ଜୀବନ...



ରବିନ୍ଦ୍ର ନାଥ ସାହୁ
କବିସୂର୍ଯ୍ୟନଗର, ଗଂଜାମ

ଜୀବନ!...
ତିନୋଟି ଅକ୍ଷର ମାତ୍ର
କିନ୍ତୁ, ମର୍ମ ତା'ର ବୁଝିବାକୁ
ମୁନୀଋଷିମାନେ ବିତାଇଲେ ଶହ ଶହ ବର୍ଷ,

ଜୀବନ!...
ଭଗବାନଙ୍କର ଯେ ଅଶେଷ ଦାନ
ସତେ ଅବା ବିଚିତ୍ର
ଜନ୍ମଠାରୁ ମୃତ୍ୟୁ ଯାଏଁ
ଚଢ଼ିଥାଏ ସୁଖ ଦୁଃଖର ଅନେକ ସୋପାନ,

ଜୀବନ!...
ଅଟେ ଏକ ପାଣିର ଫୋଟକା
କ୍ଷଣକେ ମିଳିଯାଏ ଅନନ୍ତ ବାରିଧିରେ
କିନ୍ତୁ ସେହି ସମୟ ମଧ୍ୟରେ
ଛାଡ଼େ ନାହିଁ ଆତ୍ମ ବଡ଼ିମାର ଗାଥା
କହିବୁଲେ ମୁଁ ଜ୍ଞାନୀ ପ୍ରଥମ ଶ୍ରେଣୀର
ମାତ୍ର କାଳ ଯେବେ କରିନିଏ ବଶ
ଲୀନ ହୋଇଯାଏ ଠିକ୍ ପାଣି ଫୋଟକା ପରି

ତେଣୁ...
ହେ ମୋର ସମସ୍ତ ଭାଇଭଉଣୀ!

ଚେଷ୍ଟା କର ବୁଝିବାକୁ ମହତ୍ତ୍ୱ ଜୀବନର

ତ୍ୟାଗ କରି ଅହଂ ଭାବ

ସମାଜ ମଙ୍ଗଳେ ହୁଅ ଅଗ୍ରସର

ପାଳି ନିଜ ଧର୍ମ, କର୍ମ

ଦେଶସେବାରେ ନିୟୋଜିତ କର

ଜନତାଙ୍କ ମାନସ ପଟରେ ବଞ୍ଚି ରୁହ ନିରନ୍ତର

ଆତ୍ମମାନଙ୍କ କର୍ମ ଓ ଧର୍ମ ହେଉ ସେବା

ସେହି ସେବା ହେଉ ସତ୍ୟ ଓ ନିଷ୍ଠାପର

ହେ ପରମେଶ୍ୱର!...

ସର୍ବେ ନିମଗ୍ନ ହୁଅନ୍ତୁ ନିଃସ୍ୱାର୍ଥପର ସେବାରେ

ସକଳ ହୁଅନ୍ତୁ ଆଗବର

ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣେ ଏତିକି ପ୍ରାର୍ଥନା ମୋହର...

ହଁ ଖାଲି ଏତିକି ପ୍ରାର୍ଥନା ମୋହର...।

*ଦୁନିଆର ସବୁଠୁ ବଡ ରୋଗ:-*

*ଲୋକେ କହିବେ କଣ?*

*ଯେଉଁ ଲୋକ ବିପଦରେ ଟିକେ ସାହାର୍ଯ୍ୟ ତା ଦୂରର କଥା,*

*ନିଜର ପରିଚୟ ବି ଲୁଚେଇବାକୁ ପଛନ୍ତି ନାହିଁ।।*

# ନୂଆ ଜୋତା...



ଅର୍ଚ୍ଚନା ସାହୁ
ନିଆଳୀ, ଖୋର୍ଦ୍ଧା

(ପଥମେ ସମସ୍ତ ପାଠକ ପାଠିକା ମାନଙ୍କୁ ମୋର ହୃଦୟ ର ପ୍ରଣାମ । ଆଶା କରୁଛି ଏହି ଗଳ୍ପ ଟି ଆପଣ ମାନଙ୍କୁ ଭଲ ଲାଗିବ । )

**ଇ**ତି ଖୁସି ରେ କୁରୁଳି ଉଠି କହି ପକେଇଲା :-ଏ ସାନ ମାଆ ! ଏହା କ'ଣ ତୁମର ନୂଆ ଜୋତା କି ? ଭାରି ଭଲ ଲାଗୁଛି । କେତେ ଟଙ୍କା ପଡିଲା କି ? ଗୋଟିଏ ଶକ୍ତ ଚାପୁଡ଼ା ରେ ଇତି ର ସେ ନୂଆ ଜୋତା ଉପରୁ ଧ୍ୟାନ ଭାଙ୍ଗିଗଲା । ଥଙ୍ଗ ମଙ୍ଗ ହେଇ କହିଲା , ସାନ ମାଆ ! ମୋର ଭୁଲ୍ ହେଇଯାଇଛି । ସାନ ମାଆ ରାଗିକି କହିଲେ,"ତତେ କେତେ ଥର କହିଲିଣି ସେ ସବୁ ରେ ହାତ ମାରେନା ବୋଲି । " ଏମିତି ଅତୀତ କୁ ଭାବି ଭାବି ଇତି ଦୁଇ ଟୋପା ଲୁହ ଗଡଉଥିଲା । ଆଉ ଭାବୁଥିଲା ସେଇ ବିଗତ ଦିନ ମାନଙ୍କର କଥା ସବୁକୁ । ଦିନ ଥିଲା ତା' ପାଖରେ ଗୋଟେ ଚପଲ ବି ନଥିଲା । ଆଉ ଏ ହାଇ ହିଲ୍ ନୂଆ ଜୋତା ଆସିବ କୋଉଠୁ ? ଯେବେ ତା' ମାଆ ଆଉ ବାପା ଅଲଗା ହେଇଗଲେ । ସେବେ ଠୁ ସେ ତ ଅନାଥ । ମାଆ ଆଉ ଗୋଟେ ନୂଆ ବାପା ଙ୍କ ସହ ଚାଲିଗଲେ । ଆଉ ବାପା ନୂଆ ମାମା ଙ୍କ ସହ .....। ମଝିରେ ଇତି ହଁ ବଳି ପଡ଼ିଗଲା। କୁନି ଝିଅ ଇତି ର ବା ଦୋଷ କ'ଣ ? ପରେ ଇତିକୁ ତା'ର ସାନ ମାଆ ଆପଣେଇ ନେଲେ ନିଜ କୋଳ କୁ । ହେଲେ ପ୍ରତି କଥା ରେ ଗାଳି ଆଉ ମାଡ଼ । କୌଣସି ଜିନିଷ ରେ ହାତ ମାରିଲେ ସାନ ମାଆ ବହୁତ ଗାଳି କରନ୍ତି ବେଳେବେଳେ ବହୁତ ମାଡ଼ ବି ମାରନ୍ତି । ଇତି ତାଙ୍କର ଶାସନ କୁ ନିରବ ରେ ସହି ଯାଏ । ଯାହା ହେଲେ ବି ସେ ତ ସାନ ମାଆ । ସତ କଥା, ତାଙ୍କ ଜୋତା ରେ ହାତ ମାରିବା ଭୁଲ୍ କଥା । ଭାରି ଦାମୀକିଆ ହେଇଥିବ ବୋଧେ .....। ଏସବୁ ଭାବି ଇତି କିଛି କୁହେନି କାହାକୁ । ହେଲେ ମନେ ମନେ ନିଜକୁ ଖୁବ୍ ଏକୁଟିଆ ଅନୁଭବ କରେ । ଏଇ ସମୟରେ ଅମିତ୍(ଇତିଙ୍କ ସ୍ୱାମୀ) ଇତିର କାନ୍ଧରେ ହାତ ପକେଇ କହିଲେ, ଆରେ ଇତି ! ଏତେ କଣ ଭାବୁଛ ଯେ ? ଚାଲନା ମତେ ଟିକେ ଖାଇବାକୁ ଦେବ । ଇତି ହଁ କହି ଉଠି ଗଲା ରୋଷେଇ ଘରକୁ । ଡାଇନିଂ ଟେବୁଲ ରେ ଖାଇବା ବଢ଼ିଦେଇ ଇତି କହିଲା ,ଅମିତ୍ ! ମୁଁ କଣ କହୁଥିଲି କି ... ଅମିତ ଖାଇବା ପାଟିରେ ପୁରେଇ କହିଲେ,ଉଁ ..କ'ଣ କହିବ ? କୁହ ....ରହିଗଲ କାହିଁକି ? ଇତି ଥଙ୍ଗ ମଙ୍ଗ ହେଇ କହିଲା, ଟିକେ ସାନ ମାଆ କୁ ଦେଖିବାକୁ ଗଲେ କେମିତି ହୁଅନ୍ତା.....?

ଅମିତ୍ ନିଜ ଖାଇବା ଥାଳି ରୁ ମୁହଁ ଉଠେଇ ଆଶ୍ଚର୍ଯ୍ୟ ର ସହ କହିଲେ, ତମେ ପୁଣି ସେଇ ଜାଗା କୁ ଯିବାକୁ ଚାହୁଁଛ ? ଯେଉଁଠି ଦିନେ ତୁମର ନର୍କ ଥିଲା....। ଇତି ଗୋଟିଏ ଦୀର୍ଘ ଶ୍ୱାସ ନେଇ କହିଲା, ଯେତେ ଯାହା ହେଲେ ବି ସେ ମୋ ସାନ ମାଆ । ତାଙ୍କୁ ଟିକେ ଦେଖିବାକୁ ମୋର ଭାରି ଇଚ୍ଛା ହେଉଛି । ତମେ ଯାହା କୁହ । ମୁଁ ଟିକେ ଯିବି ତାଙ୍କୁ ଦେଖା କରିବାକୁ । ଅମିତ୍ ମୁହଁ ଟାକୁ ଟିକେ ଆମ୍ବିଳା କରି କହିଲେ, ଇତି ତମର ବୋଧେ ସେଇ ବର୍ଷା ରାତି କଥା ମନେ ନାହିଁ .....। ଇତି ଅତି ସ୍ୱାଭାବିକ ଭାବରେ କହିଲା,ହଁ ବାବା ମୋର ସବୁ କଥା ମନେ ଅଛି । ତଥାପି ମୋର ସାନ ମାଆ କୁ ଦେଖିବାକୁ ଭାରି ଇଚ୍ଛା ହେଉଛି । ୟା ଭିତରେ ଦଶ ବର୍ଷ ବିତି ଗଲାଣି । ସେ ଏବେ କେମିତି ଥିବେ ? କ'ଣ କରୁଥିବେ ? କେଜାଣି...? ବର୍ଷା ଅଳ୍ପ ଅଳ୍ପ ପକଉଛି । ଇତି ବାହାରିଗଲା ତା' ସାନ ମାଆ ଙ୍କୁ ଦେଖା କରିବା ପାଇଁ । ଅମିତ୍ ଆଉ କ'ଣ ବା କରିବେ ? ବାଧ ହେଇ ଇତି ଙ୍କୁ କାର୍ ରେ ବସେଇ ଚାଲିଲେ କଟକ ର ଅଭିମୁଖେ । ବାଟରେ ଦୁହେଁ କଥା ହେଉଥିଲେ । ହେଇ ଦେଖ ଅମିତ୍ ମୋ ଚିହ୍ନା ପରିଚିତ ରାସ୍ତା ଆସିଗଲା । ହେଇ ଦେଖ ସେଇ ଦୋକାନ ରୁ ସଉଦା ନେଲାବେଳେ ,ମୁଁ ସବୁବେଳେ ଚକଲେଟ ଖାଉଥିଲି । ଆଉ ସାନ ମାଆ ମତେ ଗାଳି ଦେଉଥିଲେ । ହେଇ ଦେଖ ସେ ମୋ ସ୍କୁଲ । ତା' ଆଗକୁ ମୁଁ ଆଉ ଯାଇନି । ଅମିତ୍ କହିଲେ , ବାପ୍ ରେ ! ଖାଲି ବିଦ୍ୟାଳୟ ପାଠ ପଢି ତମେ ଗୋଟେ ବଡ ଜୋତା କାରଖାନା କରିଛ । ଆଉ ଯଦି ଆଗକୁ ପଢ଼ିଥାନ୍ତ ତେବେ ? ଦୁହେଁ ହସି ପକେଇଲେ ଏକା ଥରକେ ..... କାର୍ ଟି କଟକ ର ଗଳି ଭିତରେ ପଶି ଗୋଟେ ଘର ସାମ୍ନା ରେ ରହିଲା । ଇତି କାର୍ ର ଡୋର୍ ଖୋଲି ବାହାରକୁ ପାଦ କାଢ଼ିଲା । ସେ ବାହାରିବା ଆଗରୁ ତା' ପାଦ ରେ ଚକମକ କରୁଥିବା ନୂଆ ଜୋତା ପ୍ରଥମେ ବାହାରି ରାସ୍ତା ଉପରେ ପଡ଼ିଲା । ଅମିତ୍ କାର୍ କୁ ପାର୍କିଂ କରି , ଇତି ସହ ସେ ଘର ଭିତରକୁ ପଶିଲେ । ଘର ଟି ବେଶ୍ ବଡ଼ ହେଇଥିଲେ ମଧ୍ୟ ଆଜି ପୁରା ଶୁନ୍ ଶାନ୍ ଲାଗୁଥିଲା । ଇତି ଧୀରେ ଧୀରେ ଡାକିବାକୁ ଲାଗିଲା, ସାନ ମାଆ ! ସାନ ମାଆ ! ଘର ଭିତରୁ ପାଟି ଶୁଣା ଗଲା ।

ଇତି ....ମାଆ ମୋର .....ଆଃ ମୋ ପାଖକୁ ଆଃ...... ଇତି ଧୀରେ ଧୀରେ ତା' ସାନମାଆ ଙ୍କ ପାଖକୁ ଗଲା । ସାଙ୍ଗରେ ଅମିତ୍ ବି ଥାଆନ୍ତି । ଇତି ଙ୍କ ସାନ ମାଆ ଇତି କୁ ଦେଖି ଖୁସି ରେ ଫାଟି ପଡିଲେ । ମୁଣ୍ଡ ଆଉଁସି ଦେଇ କହିଲେ, ସେ ଦିନ ବର୍ଷା ରାତିରେ ସାମାନ୍ୟ ଜୋତା ପାଇଁ ତତେ ମାଡ଼ ମାରି ଘରୁ ବାହାର କରିଦେବା ମୋର ସବୁଠୁ ବଡ ଭୁଲ୍ ଥିଲା ରେ ମାଆ । ମତେ ତୁ କ୍ଷମା କରିଦେ ରେ ମାଆ । ମୁଁ ଜାଣିନଥିଲି ତୁ ସତରେ ଘର ଛାଡ଼ି ଚାଲିଯିବୁ ବୋଲି । ସେଇ ଦିନ ଠାରୁ ମୁଁ ଏକା....। ମୋ ପାଖରେ ତମେ ଦୁହେଁ କିଛି

ଦିନ ରହିଲେ ହୁଅନ୍ତାନି । ବେଶୀ ନାହିଁ ମ । ମାତ୍ର ଗୋଟିଏ ମାସ ରହିଯାଅ ଭଲା..... ଇତି କହିଲା, ହଁ ସାନ ମାଆ ! ମୁଁ ରହିବି ତମ ପାଖରେ । ମୁଁ ତ ରହିବାକୁ ହିଁ ଆସିଛି ଏଠିକୁ । ଆଉ ତମର କିଛି ଭୁଲ୍ ନାହିଁ । ସବୁ ଦୋଷ ମୋର । ସେଦିନ ଯଦି ମୁଁ ତମ କଥା ମାନି ସେ ଜୋତା ରେ ହାତ ମାରି ନଥାନ୍ତି ତେବେ ଏତେ କଥା ହେଇ ନଥାନ୍ତା । ଅମିତ୍ ହସି ଦେଇ କହିଲେ, ହଁ ମୁଁ ବି ମୋ ମାଲିକାଣି ପାଖରେ ସବୁଦିନ ପାଇଁ ରହିଥାନ୍ତି । ଇତିର ସାନ ମାଆ ମୁହଁ ରେ ଖୁସିର ଜୁଆର ଆଣି କହିଲେ , ତା' ମାନେ ତୁ ସେଇ ଅମିତ୍ । ଯିଏ ମୋ ଘରେ ଥିଲା । ଅମିତ୍ ହସି ଦେଇ କହିଲେ, ହଁ ମାଲିକାଣି ମୁଁ ସେଇ ଅମିତ୍ । ଯିଏ ତମ ଘରେ କାମ କରି ପାଠ ପଢୁଥିଲା । ତେବେ ତମେ ଦୁହେଁ ଆଉ ମୋ ପାଖରୁ ଯାଅନି କୁଆଡେ ... ଦୁହେଁ ହସି ହସି କହିଲେ , ନା ନା ଆମେ କୁଆଡେ ଯିବୁନି ତୁମକୁ ଛାଡି...... ମୋ ସୁନା ପୁଅ .... ଏବେ ମୋ ଘର ପୁରା ପୁରା ଲାଗିବ ରେ ......ଆହାଃ ଆଜି କି ଶାନ୍ତି ଲାଗୁଛି ମୋ ଘର....... ଇତି ତା' ସାନ ମାଆ କୁ ଖୁଆଇ ଦେଉ ଦେଉ କହିଲା, ସାନ ମାଆ ଚାଲନା ତମେ ମୋ ଘରେ ରହିବ । ମୁଁ ଏବେ କଲିକତା ରେ ରହୁଛି । ଆମେ ସାଙ୍ଗ ହେଇ ସେଇଠି ରହିବା......। ସେଠି ଆମର ଜୋତା କାରଖାନା ଅଛି । ସାନ ମାଆ ମୁହଁ ରେ ଏକ ବିଚିତ୍ର ଭାବ ଫୁଟେଇ କହିଲେ, ହଁ ରେ ମାଆ ମୁଁ ଯାଇଥାନ୍ତି ଯଦି ମୋର ଆୟୁଷ ଥାଆନ୍ତା । ଇତି ଆଉ ଅମିତ୍ ଦୁହେଁ ଅଜବ ଭାବରେ କିଛି ନବୁଝିଲା ପରି ଏପଟ ସେପଟ ଚାହିଁ କହିଲେ, ସାନ ମାଆ ! ତମେ ଏମିତି କ'ଣ କହୁଛ ? ସାନ ମାଆ ଟିକେ ହସି ଦେଇ କହିଲେ , ହଁ ଆଉ ଦୁଇ ମାସ ମୋର ଆୟୁଷ । ମୋ ପାଖରେ ଦୁହେଁ ରୁହ । ଆଉ ମାତ୍ର ଅଳ୍ପ ଦିନ ର କଥା.......ଖୁସି ମୋ ପାଖକୁ ଶେଷ ସମୟରେ ଆସିଲା...କଣ କରିବି ମୋ ଭାଗ୍ୟ ରେ ସୁଖ ଲେଖା ଥିଲା । ହେଲେ ମୁଁ ନିଜେ ତ ତାକୁ ଦୂରକୁ ଠେଲି ଦେଲି । ଏବେ କହିଲେ ,କ'ଣ ହେବ ? ଇତି କାନ୍ଦି ପକେଇଲା ସାନ ମାଆ ର କଥା ଶୁଣି ..... ଚାହୁଁ ଚାହୁଁ ସମୟ ବିତିଗଲା । ଦିନେ ସଞ୍ଜ ବେଳେ ଇତି ତା'ସାଂ ମାଆ ର ନୂଆ ଜୋତା କୁ ଜାବୁଡି ଧରି ବସିଥିଲା । ଅମିତ୍ ଆସି କହିଲେ, ଇତି ଏବେ ଚାଲ ଘରକୁ ଯିବା । ଯାହା ପାଇଁ ତ ଆସିଥିଲେ, ସେ ତ ଆଉ ନାହାନ୍ତି । ଏଠି ରହିଲେ କିଛି ଲାଭ ହେବନି । ଇତି କାନ୍ଦ କାନ୍ଦ ହେଇ ସେ ଘର ଛାଡିଲା । ଆଉ ଯିବା ବେଳେ ତା' ସାନ ମାଆ ଙ୍କ ର ସେଇ ଜୋତା ବି ସାଙ୍ଗରେ ନେଇ ଗଲା । ସେ ନୂଆ ଜୋତା ଆଉ ନୂଆ ହେଇ ନାହିଁ ,ସେଥିରୁ ରଙ୍ଗ ଛାଡି ଯାଇଛି , ଠାଏ ଠାଏ ଚମଡା ବି ତା'ର ଆଉ ନାହିଁ । ହେଲେ ସେଥିରେ ସାନ ମାଆ ର ବାସ୍ନା ତ ଅଛି.... । ସ୍ନେହ ଅପେକ୍ଷା ଶାସନ ଅଧିକା ହେଇ ଯାଇଥିଲା । ହେଲେ ରକ୍ତ ର ବନ୍ଧନ କଟିବ କିପରି ? ଶେଷ ସ୍ନେହ

ଟିକକ ବି ତ ଥିଲା , କ୍ୟାନ୍ସର ପିଡିତା ସାନ ମାଆ ର ସେଇ ଶେଷ ମୂହୁର୍ତ୍ତରେ ..... ଏ ସବୁ ଭାବନା ଭିତରେ ଅମିତ୍ ଇତି ଙ୍କୁ ହଲେଇ ଦେଇ କହିଲେ, ଇତି ! କ'ଣ ଭାବୁଛ ? ଆସ ଘର ଭିତରକୁ ଯିବା .....

ଭୁଲ କରିବାରେ ଦୋଷ ନାହିଁ,

କିନ୍ତୁ ଭୁଲ ରୁ ଠିକ ନ ସେକହିବାରେ ଦୋଷ ରହିଛି...

ଗୋଟିଏକୁ ଭୁଲ କୁ ବାରମ୍ବାର ଦୋହରେଇବା

ଅ-କ୍ଷମଣିଅ ||

ଜୀବନରେ କେବେହେଲେ କାହାରିକୁ ଦୋଷଦେବା

ଠିକ ନୁହେଁ...

କାରଣ ଭଲ ଲୋକ ମାନଙ୍କ ଠୁଁ  ଆମକୁ ଖୁଶି

ମିଳିଥାଏ,

# ପ୍ରେମଭରା ରାତି...



**ତୋଷାରାଣୀ ସାହୁ**
ଗଞ୍ଜାମ , ବ୍ରହ୍ମପୁର

**ମ**ନ ରେ ଖୁସି ନ ଥାଏ କିନ୍ତୁ ଜୀବନ ତ ବିତାଇବାକୁ ପଡିବ । ନୂଆ ନୂଆ ବିବାହ ତା ପୁଣି ଜଣେ ଅଜଣା ଲୋକ ସହିତ ନା କେବେ କଥା ହେଇଛି ନା ସେ କେବେ କଥା ହବାକୁ ଚେଷ୍ଟା କରିଛନ୍ତି , ବିବାହ ର ମାସେ ପରେ ଘର ଲୋକ କହିବାରୁ ଆଜି ସେ କହିଲେ ସନ୍ଧ୍ୟା ରେ ପ୍ରସ୍ତୁତ ହେଇକି ଥିବ ହନିମୁନ ରେ ଯିବା ,ଭାବିଲି ଏଇଟା ପୁଣି କଣ ଯେ ,,,, ଯେଉଁ ମଣିଷ ମୋ ସହିତ କଥା ହବାକୁ ସମୟ ପାଉନି ସେ ପୁଣି ମୋତେ ହନିମୁନ ରେ ନେବେ । କହିଲେ ଯେତେବେଳେ ଯିବାକୁ ପଡ଼ିବ , ସେ ଜାଣି ଥିଲେ କେବଳ ପଇସା କମେଇବା ତା ଛଡା ସେ କେବେ ତାଙ୍କ ବାପା ମା ଙ୍କ ସହିତ ମିଶିକି ବସିକି କଥା ହବାର ବି ଦେଖିନି । ବିବାହର ତିନି ଦିନ ରେ ହିଁ ଅଫିସ ଚାଲି ଯାଇଥିଲେ । ଆଜି ଯଦି କହିଛନ୍ତି । ଯିବାକୁ ପଡ଼ିବ ବାହାରିଲୁ ସନ୍ଧ୍ୟା ସାତ ଟା ରେ ବୁଲେଟ ମୋର ଭାରି ପସନ୍ଦ ମୋତେ ଲାଗୁଥିଲା ବୋଧେ ସେ ମୋ ପସନ୍ଦ ଜାଣିଛନ୍ତି । ସନ୍ଧ୍ୟା ସମୟ ରେ ବାଇକ ରେ ବସିକି ବୁଲିବା ମଜା କିଛି ଅଲଗା ଥାଏ , ମୋର ତ ବହୁତ ପସନ୍ଦ କିନ୍ତୁ କଣ ହବ ନା ପାଟି ରେ କଥା ଅଛି ନା ମନ ରେ ଖୁସି ମୋର ସବୁ ପ୍ରଶ୍ନ ର ଉତ୍ତର ତାଙ୍କର ହଁ ରେ ଶେଷ ହେଇ ଯାଉଥିଲା । ରାତି ପ୍ରାୟ ୯ ଟା କୁଆଡେ ନେଉଛନ୍ତି କେଜଣା , ମୁଁ ତ କେବଳ ପଛପଟେ ଭୁତ ପରି ବସିକି ଅଛି । ତଥାପି ଏହି ଶୀତଳିଆ ପବନ କୁ ଅନୁଭବ କରି ପାରୁଛି । ମନ ର ଖୁସି କୁ ଦେଖେଇ ପାରୁନି । ହଠାତ ଗାଡି ଟା ଅଟକି ଗଲା କଣ ବୋଧେ ଖରାପ ହେଇଗଲା । ରାସ୍ତାର ଚାରିପଟେ ଭରି ଭରି ଗଛ ଚାରିଆଡେ ଅନ୍ଧାର । ଟିକେ ଆଗକୁ ଆସିଲୁ ଗାଡି କୁ ଗଡେଇ ଗଡେଇ ଚାଲି ଚାଲି ଛୋଟ ଆଲୁଅ ଟେ ଦେଖା ଗଲା , ବାଇକ କୁ ରାସ୍ତା ର କଡ଼ରେ ରଖିଦେଇ ମୋ ହାତ ଧରି ଆଗକୁ ଚାଲିଲେ । କେବଳ ପାଞ୍ଚ କି ସାତ ଘର ଲୋକ ରହୁଥିବେ ସେଠି କିନ୍ତୁ ଅତିଥି ସେବା ଭଲ କରି ଜାଣିଛନ୍ତି । ପ୍ରଥମ ଘର କୁ ଠକ ଠକ କଲୁ କିଏ ଜଣେ ଆସିଲେ ପଚାରିଲେ କିଛି ଅସୁବିଧା ହେଇଛି କି ଯେ କହିଲେ ଗାଡି ଖରାପ ହେଇଗଲା ରାତି ରେ କୁଆଡେ ଯିବୁ ମୁଣ୍ଡ ରେ ବୁଦ୍ଧି ଆସୁନି ସେ କହିଲେ ହଉ ବାବୁ ଆସନ୍ତୁ ଆଜି ରାତି କ ପାଇଁ ଏଇଠି ରହି ଯାଆନ୍ତୁ । ଦେଖିବାକୁ ଟିକେ ଅଜବ କିନ୍ତୁ ଆମ ମଣିଷ ପରି କିନ୍ତୁ ବହୁତ ସେହ୍ନି ଅଟନ୍ତି । ସମସ୍ତେ ମିଶିକି ଖାଇ ବସିଲୁ ତାଙ୍କର ଦୁଇଟି ଛୁଆ ଦୁଇଟି ଝିଅ ଦେଖିବାକୁ ବହୁତ ସୁନ୍ଦର । ମନ ରେ ତାଙ୍କର ଟିକେ ଗର୍ବ ନାହିଁ । ଆମେ ଅଜଣା ଜାଣିକି ମଧ ଆମକୁ ରାତି କାଟିବାକୁ ସୁରକ୍ଷିତ ଜାଗା ଟିଏ ଦେଲେ । ସବୁ ଏକାଠି ମିଶି ଖାଇ ବସିଲୁ , ଲାଗିଲା ସତ ରେ ଯୋଉ ମଜା ତିନି

ଚାରିଟା ଆଇଟମ ରେ ନ ଥାଏ ତାହା ଏହି ସେହ୍ନ ଆଉ ଦୁଇ ରୁଟି ରେ ଅଛି । ବହୁତ ଖୁସି ଲାଗୁଥାଏ ମିଶିକି ଖାଇ ବସିବା । ଲାଗିଲା ଏଇ ଟଙ୍କା ପଇସା ର ମୂଲ୍ୟ ଏହି ଲୋକ ଙ୍କ ଖୁସି  ଆଗରେ ତୁଚ୍ଛ । ରାତି ରେ ଶୋଇବା ପାଇଁ ଆମ କୁ ଘର ଛାଡିଦେଲେ ସେ ବାରଣ୍ଡାରେ ଶୋଇଲେ କିନ୍ତୁ ଏ ସବୁ ୟାଙ୍କୁ( ସେହ୍ନ ରେ ପତି କୁ ୟାଙ୍କୁ ଡକାଯାଏ ) ଭଲ ଲାଗିଲାନି ସେ କହିଲେ ଝିଅ ମାନେ ଘର ଭିତରେ ଶୋଇଯିବେ ଆମେ ବାହାରେ ଶୋଇଯିବା , ଆମେ ଝିଅ ମାନେ ଘର ଭିତରେ ଶୋଇଲୁ ସେମାନେ ବାରଣ୍ଡାରେ ସୋଇଲେ , ସେଠିକାର ସ୍ତ୍ରୀ ଜଣକୁ ପଚାରିଲି କିଛି ଅସୁବିଧା ହଉନି ଏଠି!! ଏଠି ତ ଫେନ ନାହିଁ ଲାଇଟ ନାହିଁ , ସେ ହସିକରି କହିଲେ ଏଇ ଗଛ ପବନ ଏଇ ସୂର୍ଯ୍ୟ କିରଣ କୋଉ ବିଜୁଳି ଠୁ କମ ଆଉ ଖାଇବାରେ କେବେ ଅସୁବିଧା ହୁଏନି କି ?? ସେ କହିଲେ ଅସୁବିଧା କାହିଁକି ଯୋଉ ଦିନ ଖାଇବା ମିଳିବ ଖାଉଛୁ ଆଉ ଯୋଉଦିନ ନ ମିଳେ ଏଇ ଛୋଟ ପରିବାର ସହିତ ହସି ହସି ଶୋଇ ପଡୁଛୁ କେବେ ଜଣା ପଡିନି ଭୋକ । ଏଇ କଥା ପଦକ ସତ ରେ ବହୁତ ଦୁଃଖ ଦେଇଥିଲା କାହାକୁ ସେହ୍ନ ଅଭାବ ତ କାହାକୁ ପଇସା ଅଭାବ କିନ୍ତୁ ପଇସା ଦେଇ କଣ ସେହ୍ନ କିଣି ହବ ?? ଏମିତି କଥା ହଉ ହଉ କେତେବେଳେ ଆଖି ରେ ନିଦ ହେଇଯାଇଛି । ରାତି ପହିଲା ଉଠିକି ଦେଖିଲି ସବୁ ଉଠି ଗଲେଣି ୟେ ମଧ ଗାଡି ବନେଇକି ଆଣି ଦେଇଥିଲେ।  ଆମେ ନିତ୍ୟକର୍ମ ସାରି ସେଠୁ ବାହାରି ପଡ଼ିଲୁ ଇଛା ହଉ ନ ଥାଏ ସେହି ଜାଗା ଛାଡିବାକୁ କିନ୍ତୁ ଯିବାକୁ ହବ । ଆସିଲା ବେଳେ ସବୁ ମିଶିକି ଗୋଟେ ଫୋଟ ଉଠେଇଲୁ ଆଉ ହାତ ହଲେଇ ବିଦାୟ ନେଇ ଚାଲି ଆସିଲୁ , ରାସ୍ତା ରେ ସେ କହିଲେ ଶୁଣ ମୁଁ ଧୀର ପାଟି ରେ ହଁ ମାରିଲି ସେ କହିଲେ ଡ଼ରୁଛ କି ମୋତେ ମୁଁ ନାଇଁ କରିଲି ସେ କହିଲେ ଡ଼ରୁନ ମୋତେ ମୁ କହିଲି ଡରୁଛି । କହିଲେ ଡରନି ମୁଁ  ପଇସା ପାଇଁ ଏହି ଛୋଟ ଛୋଟ ଖୁସି କୁ କେବେ ଅଧ ଅନୁଭବ କରି ପାରୁନଥିଲି , କେତେ ସୁନ୍ଦର ନା ସେମାନଙ୍କ ପାଖରେ କିଛି ନ ଥାଇକି ବି ସେମାନେ ବହୁତ ଖୁସି ରେ ଅଛନ୍ତି , କିନ୍ତୁ ଆମ ପାଖରେ ସବୁ ଥାଇକି ମଧ ଆମ ସେ ସବୁ ଜାଣି ଜାଣି ହରେଇ ଦେଉଛୁ। ସତ ନା ,,,,, ଏଇ କଥା ଶୁଣିବା ପରେ ମୁଁ ବହୁତ ଖୁସି ହେଇ ଯାଇଥିଲି , ସେ ମୋ ହାତ ଦୁଇ ଟାକୁ ତାଙ୍କ ପେଟ ଉପରେ ଛନ୍ଦି ଦେଲେ କହିଲେ ଡରନି ବହୁତ ଖୁସି ଦେବି ମୁଁ ତୁମକୁ । ରାତିର ଲଙ୍ଗ୍ ଡ୍ରାଇଭ ବହୁତ ଆକର୍ଷଣୀୟ ଥିଲା ଆଉ ଅଭୁଲା ଥିଲା ,,, ଭାବିଲି ସତ ରେ ମଣିଷ କୁ ବଦଳେଇବା ପାଇଁ ରାଗ ରୁଷା ନାହିଁ ଏଇ ଛୋଟ ଛୋଟ ଖୁସି ହିଁ ଦରକାର । ମନ ରେ ଖୁସି ଥିଲେ  ଅସୁନ୍ଦର ଜିନିଷ ମଧ ଅପୁର୍ବ ଲାଗିବ ।

# ଅକୃତଜ୍ଞ ବୁଢା...



**ସୁଶ୍ରୀୟା ପରିଡା**
(ସହ-ସଂପାଦିକା – ମହ୍ଲାର ଇ-ପତ୍ରିକା)
ସାନମଙ୍ଗ, କେନ୍ଦ୍ରାପଡା

**ଘ**ରେ ଗୋଟାଏ ଚହଳ ପଡିଗଲା । ଘରଣୀଙ୍କର ଦାମିକା ଟାଇଟନ୍ ହାତଘଡିଟି କଉଠି ମିଳୁନାହିଁ । ଦୁଇ ଦିନ ତଳେ ପିଉସୀ ଝିଅର ବାହାଘର ପାର୍ଟିରେ ନିମନ୍ତ୍ରଣ ରକ୍ଷା କରି ସିଏ ତାଙ୍କ ଘରକୁ ଭୋଜି ଖାଇ ଯାଇଥିଲେ । ସେଥିପାଇଁ ଆଲମାରୀ ଭିତରୁ ଗହଣାପତ୍ର ବାହାରି ଥିଲା ଓ ତାହା ସହ ହାତଘଡିଟି ବି । ବିଦେଶରୁ ତାଙ୍କ ଭାଇ ଆଣି ଦେଇଥିବା ଦାମିକା ଓ ସୁନ୍ଦର ହାତଘଡିଟିଏ ।

ଘରେ ସମସ୍ତଙ୍କର ମନ ଫିକା ପଡିଯାଇଛି । ରହି ରହି ସମସ୍ତଙ୍କ ସନ୍ଦେହପୂର୍ଣ୍ଣ ଦୃଷ୍ଟି ବୁଲି ଆସୁଥିଲା ସେଇ ଜଣକର ମୁହଁ ଉପରେ । ସମସ୍ତେ ଭାରି ସତର୍କ ଭାବରେ ତାହାର ଗତିବିଧି ଓ ଚଳପ୍ରଚଳକୁ ଲକ୍ଷ କରି ଦେଖୁଥିଲେ । ହଁ, ନୀତିଆ ମଉସାର ମୁହଁଟା ପ୍ରକୃତରେ କେମିତି କେମିତି ଦେଖାଯାଉଛି । ଯିବାଆସିବା କଲାବେଳେ ସିଏ ଏତେ ଫେରି ଫେରି ପଛକୁ ଅନାଉଛି କାହିଁକି ? ଘରଣୀଙ୍କର ପୁରା ସନ୍ଦେହ ସେଇ ନୀତିଆ ମଉସାଠାରେ । ରାଗରେ ଓ ଘୃଣାରେ ସିଏ ସତେଅବା ଟକମକ ହେଇ ଫୁଟିବାରେ ଲାଗିଥାନ୍ତି । ତାଙ୍କର ସେହି ଗୋଟାଏ ଜିଦ୍ - ନୀତିଆ ମଉସାକୁ ଧମକ ଦିଆଯାଇ ପଚରାଯାଉ, ନଚେତ ଦରକାର ହେଲେ ତାକୁ ଥାନାକୁ ଚାଲାଣ କରି ନିଆଯାଉ । ସୁଧୀରବାବୁ ସେହି ଏକା ପ୍ରକାରରେ ମୁଣ୍ଡ ଟୁଙ୍ଗାରୁଛନ୍ତି, କହୁଛନ୍ତି , "ସୁନନ୍ଦା, ତୁମେ ଆଉଥରେ ଟିକିଏ ଭଲକରି ବାକ୍ସ ଆଉ ଆଲମାରୀ ଭିତରେ ଖୋଜି କରି ଦେଖ ଘଡିଟା କାଳେ କେଉଁଠି ରହିଯାଇ ଥାଇପାରେ ।"

ତାତିଲା ଘିଅରେ ପାଣି ପଡିଲା ପରି ସୁନନ୍ଦା ରାଗରେ ଜଳି ଉଠିଲେ ଏବଂ କହିଲେ, "ସବୁକଥା ନବିଚାରି ମୁଁ ତୁମକୁ କିଛି କହୁଛି ବୋଲି ମୋତେ ଭାବନାହିଁ । ମୁଁ ସେମିତିକା ନୀଚ ପ୍ରକୃତିର ମଣିଷ ନୁହେଁ ବୁଝିଲ ! ମୋ କଥା ମାନ ତାକୁ ଡାକି ସବୁକଥା ପଚାର, ନେହେଲେ ଥାନାବାଲାଙ୍କୁ ଖବର ଦିଅ, ସେ ଆସି କଥା ବାହାର କରିବେ ତା ଠୁ । ଆଜି ହାତଘଡି ନେଲା କାଲି ଆଉ କ'ଣ ନେବ, ଚୋରଟାକୁ ଘରେ ରଖି ଚଳିଲେ ଆଉ ରକ୍ଷା ଅଛି ? ଆଜି କାଲି ବେଳ ବଜାର ଯାହା ହେଲାଣି କାହାକୁ କଣ ବିଶ୍ୱାସ କରିବ କୁହ ।"

କଥାଟା ପ୍ରକୃତରେ ଠିକ୍ । ନୀତିଆ ମଉସାକୁ ଛାଡିଦେଲେ ଘରେ ବାହାର ଲୋକ ଆଉ କେହି ନାହାନ୍ତି । ତେବେ ଘରୁ ଜିନିଷଟା ପୁଣି ଗଲା କୁଆଡେ ?.... ତେବେ ସୁଦ୍ଧା ବୁଢାକୁ ଚୋର ବୋଲି ଭାବିବାକୁ

ସୁଧୀରବାବୁଙ୍କର ମନ ଯାଉ ନଥାଏ । ଏଇଟା ହୁଏତ ତାଙ୍କ ମନର ଏକ ଦୁର୍ବଳତା ହୋଇପାରେ । ନୀତିଆ ମଉସାଙ୍କ କଥା ଭାବିଲା କ୍ଷଣି ତାଙ୍କ ଆଖି ଆଗରେ ଭାସି ଉଠୁଥାଏ ସେଦିନର ସେହି ଛବିଟି । ନବରଙ୍ଗପୁର ଜିଲ୍ଲାରେ ମରୁଡି ଆଉ ଦୁର୍ଭିକ୍ଷର କରାଳ ଛାୟା, ରିଲିଫ୍ ବାଣ୍ଟିବାର ଦାୟିତ୍ୱରେ ସୁଧୀରବାବୁ ସେଠାକୁ ଯାଇଥିଲେ । ଗାଆଁକୁ ଗାଁ ଶୂନ୍ୟ ହୋଇ ଯାଇଥାଏ । ଭୟରେ ହେଉ ନଚେତ୍ ଖାଦ୍ୟ ପାଇବା ଆଶାରେ ହେଉ, ଲୋକେ ଘରଦ୍ୱାର ଛାଡି ଚାଲି ଯାଇଥାନ୍ତି ।

ସେହିପରି ଗୋଟିଏ ଗାଆଁରେ ଦିନେ ଗୋଟିଏ କୁଡ଼ିଆଘରେ ସୁଧୀରବାବୁ ଭେଟି ଥିଲେ ଏହି ନୀତିଆ ମଉସାଙ୍କୁ । ଖାଦ୍ୟ ଅଭାବରୁ ନିଜେ କଙ୍କାଳସାର ହୋଇ ଯାଇଥିଲେ ମଧ୍ୟ ନିଜର ଶଯ୍ୟାଶାୟିନୀ ପତ୍ନୀ ଆଉ ନାତୁଣୀ ଝୁମୁରିକୁ ଛାଡି ଚାଲି ଯାଇନଥିଲେ । ଚାରି ବର୍ଷ ପୂର୍ବରୁ ହଇଜାରେ ପୁଅ ବୋହୂ ଆଗପଛ ଡକାଡାକି ହେଇ ଆରପାରିକୁ ଚାଲି ଯାଇଛନ୍ତି । ନାତୁଣୀଟା ମୁହଁକୁ ଚାହିଁ ଦିନ କାଟି ଦିଅନ୍ତି ବୁଢା ବୁଢ଼ୀ ଦି ଟା ।ମୃତ୍ୟୁ ପରି ଦାରୁଣ ବିଭୀଷିକାମୟ ସେହି ନିର୍ଜନତା ମଧ୍ୟରେ ସେହି ବୃଦ୍ଧ ଜଣଙ୍କର ପତ୍ନୀ ଆଉ ନାତୁଣୀ ପ୍ରତି ସ୍ନେହ ଆଉ କର୍ତ୍ତବ୍ୟ ପରାୟଣତା ଦେଖି ସୁଧୀରବାବୁ ସ୍ତବଧ୍ ହେଇ ଯାଇଥିଲେ । ପତ୍ନୀ ତାର ଦି ବର୍ଷ ହେବ ପକ୍ଷପାତ ରୋଗରେ ବିଛଣା ଧରିଛି । ପଚାରିଲାରୁ କହିଲେ, ସାତ କଳସ, ଆଠ ଦୀପ ମାଡି ହାତଧରି ଥିଲି ପରା, ଆଉ ଦଶଦିଗପାଳଙ୍କୁ ସାକ୍ଷୀ ରଖି ସାତ ଜନ୍ମ ପାଇଁ ସାଥୀ ହୋଇ ରହିବୁ ବୋଲି କଥା ଦେଇଥିଲୁ ପରସ୍ପରକୁ । ଆଉ ଆଜି ସେ ଅପାରଗ ହେଇଗଲା ବୋଲି ତାକୁ ଛାଡି ଚାଲିଯିବି ? ଆଛା ବାବୁ କହିଲ, ଯଦି ଆମର ଏମିତି ଅବସ୍ଥା ହେଇଥାନ୍ତା ତାହେଲେ କଣ ଆମ ସ୍ତ୍ରୀ ମାନେ ଆମକୁ ଛାଡି ଚାଲି ଯାଇଥାନ୍ତେ ?

ଆଗକୁ ଆଉ କିଛି ପ୍ରଶ୍ନ କରିବାକୁ ସୁଧୀରବାବୁଙ୍କ ବିବେକ ବାଧା ଦେଲା ତାଙ୍କୁ । ତାଙ୍କରି ଉଦ୍ୟମରେ ସେଦିନ ତିନେହେଁଙ୍କୁ ଜିପ୍ ଗାଡ଼ିରେ ଅଣା ଯାଇଥିଲା ଭବାନୀପାଟଣାରେ ଥିବା ଡାକ୍ତରଖାନାକୁ । ସେହିଠାରେ ତାର ସ୍ତ୍ରୀକୁ ଆଡିମିଶନ କରାଗଲା ଆଉ କେତକ ସହକାରୀ ଏନ୍. ଜି. ଓ ସଂସ୍ଥାଙ୍କ ମିଳିତ ଉଦ୍ୟମରେ ତାଙ୍କ ନାତୁଣୀ ଏକ ସେବାଶ୍ରମରେ ରହିବାର ସୁଯୋଗ ପାଇଲା । କିଛିଦିନ ଡାକ୍ତରଖାନାରେ ରହଣି ଭିତରେ ସୁଧୀରବାବୁ ନିୟମିତ ଯାଇ ବୁଢାକୁ ସାହାଯ୍ୟ ସହଯୋଗ କରୁଥିଲେ । ଏମିତି ପନ୍ଦରଟା ଦିନ ଖଣ୍ଡେ ବୁଢ଼ୀ ସେଠି ରହିଲା ପରେ ଶେଷ ନିଶ୍ୱାସ ତ୍ୟାଗ କଲା, ନାତୁଣୀର ତ ସେବାଶ୍ରମରେ ରହିବା ଖାଇବା ସହିତ ପାଠପଢାର ବନ୍ଦୋବସ୍ତ ହେଇ ଯାଇଥିଲା । ତେଣୁ ଏକୁଟିଆ ବୁଢାଟା ଆଉ ଯିବ କୁଆଡେ ସୁଧୀରବାବୁଙ୍କ ଗୋଡ଼ହାତ ଧରି ବହୁତ ନେହୁରା ହେଇ କହିଲା, ବାବୁ ମୋତେ ଆପଣ ଏମିତି ବେସାହାରା କାହା ଭରସାରେ ଛାଡି ଯିବ ବାବୁ ?

ବରଂ ମତେ ନିଜ ସାଥିରେ ନେଇ ଚାଲନ୍ତୁ ମୁଁ ଆପଣଙ୍କ ଘରେ ଭଲମନ୍ଦ ସବୁକାମ କରିବି । ଆପଣ ଯାହା ମୁଣ୍ଡ ଗୁଞ୍ଜିବାକୁ ଚାଳ ଟିକେ ଆଉ ଖାଇବାକୁ ପେଟକୁ ମୁଠାଏ ଦାନା ଦେବେ ସେଇଥିରେ ଆପଣଙ୍କର ବହୁତ ମଙ୍ଗଳ ହେବ ବାବୁ । ସୁଧୀର ବାବୁ ବି ଆଉ ତା କଥାକୁ ଏଡେଇ ଦେଇ ପାରିଲେନି । ସେଇଦିନୁ ସେ ସୁଧୀର ବାବୁଙ୍କ ସାଙ୍ଗରେ ତାଙ୍କ ଘରକୁ ଆସିଲା ।

ସୁନନ୍ଦା ଦେବି ସେଥିରେ କୌଣସି ଆପତ୍ତି କରିନାହାନ୍ତି । ବରଂ ଆଜିକାଲି ଭଲ ଚାକରଟିଏ ମିଳିବା ଯେମିତି କଷ୍ଟକର ହୋଇ ପଡ଼ିଛି, ସେଥିରେ ନୀତିଆ ମଉସା ପରି ବିଶ୍ୱସ୍ଥ ଚାକରଟିଏ ମିଳିବା ଭାଗ୍ୟର କଥା ବୋଲି ସିଏ ଭାବିଛନ୍ତି । ଆଉ ନୀତିଆ ମଉସା ମଧ ତାଙ୍କ ମନକୁ ଯୋଗାଇ ଯାହା ଯେତେବେଳେ ତାକୁ କରିବାକୁ କୁହାଯାଇଛି, ତାହା ନିର୍ବିବାଦରେ କରି ଯାଇଛନ୍ତି । ଏଥିଭିତରେ ସିଏ ଏକାଧାରରେ ବାବୁ ଆଉ ମାଆଙ୍କ ଲାଗି  ଚମତ୍କାର ପରିଚାରକ ପାଲଟିବା ସହ ପିଲାମାନଙ୍କ ଯତ୍ନ ନେବା ସହ ତାଙ୍କ ଖେଳରେ ଖେଳ ସାଥିଟିଏ ମଧ ହେଇ ପାରିଛି । ନିଜର ନାତି ନାତୁଣୀ ମାନଙ୍କ ପରି ଗେଲ୍ହା କରିବା, ପିଠିରେ ନାଉ କରିବା ଆଉ ପିଲାଙ୍କ ପାଇଁ ଘୋଡା ହେବା ଏତିକିରେ ବହୁତ ଆନନ୍ଦ ମିଳୁଥିଲା ତାକୁ । ପିଲାମାନଙ୍କ ଭିତରେ ସେ ତା ନାତୁଣୀକୁ ପାଉଥିଲା । ବେଳେବେଳେ ସୁଧୀର ବୁଢାକୁ ନେଇ ତା ନାତୁଣୀ ସହ ଦେଖା କରେଇ ଆଣନ୍ତି । ତାକୁ ପାଇ ସୁଧୀର ଏବଂ ସୁନନ୍ଦା ଦେବୀ ଏକାବେଳକେ ନିଶ୍ଚିତ ହୋଇ ଯାଇଥିଲେ ।

ତାକୁ ସେମାନେ ପ୍ରକୃତରେ କେତେ ବିଶ୍ୱାସ କରୁ ନଥିଲେ.. ! ଶେଷରେ ସେ ଏଇଆ କଲା, ଯଉ ଥାଳିରେ ଖାଉଥିଲା ସେଇଥାଳିରେ ଧୂଳି ଦେଲା । ହଁ ମନେ ପଡିଲା ଏଇ ଦୁଇମାସ ତଳେ ତା ନାତୁଣୀ ପାଇଁ ଏକ ହାତଘଡ଼ିଟିଏ କିଣିଦେବାକୁ ସୁଧୀର ବାବୁଙ୍କୁ ସେ ନେହୁରା ହେଇଥିଲା । ଏଇ ରଜ ସଂକ୍ରାନ୍ତି ଦିନରେ ତା ନାତୁଣୀର ଜନ୍ମଦିନ ପଡିବ ଆଉ ସେଇଟିକୁ ସେ ତାକୁ ଦେଖା କରିବା ଦିନ ଗଲେ ଉପହାର ଭାବେ ଦେଇଥାନ୍ତା । କହୁଥିଲା, "କଣ ବା ମୁଁ ତାକୁ ଏ ବୁଢ଼ା ବୟସରେ ଦେଇ ପାରିବି, ନିଜେ ତ ପର ଅନୁକମ୍ପାରେ ପଡି ରହିଛି । ଦଇବ ତ ପିଲାଟା ଉପରୁ ବାପା ମାର ଆଦରବୋଳା ହାତ କାଢି ନେଲେ ଆଉ ଅନାଥ ସଜେଇ ଦେଲେ । ମୁଁ ତା ଜେଜେ ବୁଢା ବଞ୍ଚି ଥାଉ ଥାଉ ତାକୁ ଆଜି ଅନାଥ ଆଶ୍ରମରେ ଦିନ କାଟିବାକୁ ପଡୁଛି ।" କଣ କରିବା ବାବୁ,"କପାଳ ଲିଖନ, କେ କରିବ ଆନା...।" ତାହେଲେ କଣ ନୀତିଆ ମଉସା ସତରେ ଆଉ ....!! ନାଁ ନାଁ ନୀତିଆ ମଉସାର ଏପରି କରିବାଟାକୁ ସହଜରେ ମାନିନେଇ ପାରୁନଥିଲେ ସୁଧୀର ବାବୁ ।

"ଚୋରକୁ କିଛି ଶାସ୍ତି ନଦେଇ ଚୁପଚାପ ରହିବାର ଅର୍ଥ ହେଉଛି ତାର ସାହସ ବଢାଇବା, ବୁଝିଛଟି ? ଫୋନ କର ଥାନାକୁ, ପୋଲିସବାଲାଙ୍କୁ ଦେଖିଲେ ସେ ଭୟରେ ସବୁ ସତକଥା ମାନିଯିବ ବୋଲି ମୋର ମନ ହେଉଛି । ମାଡକୁ ତ ମହାଦେବ ଡରନ୍ତି.... ଇଏ ତ କଉ ଛାର.... ସୁନନ୍ଦା କହିଲେ ।" ଥାନାକୁ ଫୋନ କରିବା ପୂର୍ବରୁ ସୁଧୀର ବାବୁ ଶେଷଥର ପାଇଁ ନୀତିଆ ମଉସାକୁ ଡାକି କଥାଟା ବାହାର କରିବାକୁ ଚେଷ୍ଟା କଲେ । ନୀତିଆ ମଉସା ସେମିତି ମୁହଁ ପୋତି ଠିଆ ହେଇଥାଏ । ତା ମୁହଁରେ ସେଇ ଗୋଟିଏ କଥା,... ସିଏ ଘଡି ନେଇନାହିଁ ।

"ଭଲଗତି ଅଛି ତ ମାନିଯାଆ କହୁଛି ଆଉ ଜିନିଷଟାକୁ ବି ବାହାର କରି ଦେ, ନହେଲେ ପୋଲିସ୍ ବାଲା ଆସି ଥାନାକୁ ନେଇଯିବେ । ଗୁଡ଼ାଏ ମାଡ଼ ଖାଇବୁ, ଜେଲ୍ ରେ ରହିବୁ, ସେଇଟା କଣ ଭଲ ହେବ... ?

ସେମିତି ମୁହଁ ପୋତି ନୀତିଆ ମଉସା କହିଲା, "ମୁଁ ଘଡି ନେଇନି ବାବୁ !"

"ତେବେ ଘରୁ ଜିନିଷଟା ଗଲା କୁଆଡେ ?

ନୀତିଆ ମଉସା ନୀରବ ରହିଲା ।

କିରେ ଘର ଭିତରୁ ଜିନିଷଟା ଗଲା କୁଆଡେ କହୁନୁ ?

ଆଉ କିଏ ନେଲା ?

ନୀତିଆ ମଉସା ଆହୁରି ତଳ ଆଡକୁ ଝୁଙ୍କାଇ ଆଣିଲା । ତା'ର ମୁହଁକୁ ଦେଖି ପାରିବା ଆଉ ସହଜ ହେଲା ନାଇଁ ।

ସୁନନ୍ଦା କହିଲେ, "ଆମେ ଯାକୁ କେତେ ବିଶ୍ୱାସ କରୁ ନଥିଲେ କହିଲ ? ଏସବୁ ଖୋଇ ତାର କେବେଠାରୁ ଆରମ୍ଭ ହେଲାଣି ?ଶେଷକୁ ମୋ'ର ହାତଘଡ଼ିଟା ଉପରେ ଯାଇ ନଜର ପଡ଼ିଲା ? ଦେଖ୍ ବୁଢା ! ମୁଁ ଏବେ ବି ତତେ କହୁଛି, ତୁ ମୋ' ଘଡ଼ିଟା କଉଠି ଲୁଚେଇ ରଖିଛୁ ଦେଇଦେ, ନହେଲେ ମୋଟେ ଭଲକଥା ହେବନାହିଁ । ମୋ ଘଡିଟା ନମିଳିବା ପର୍ଯ୍ୟନ୍ତ ତୁ ଥାନାରୁ ମୋଟେ ଛାଡ଼ ପାଇବୁନାହିଁ ମାଡ଼ରେ ପିଠି ଫାଟିଯିବ । ଏ ବୟସରେ ଏମିତି ପ୍ରକୃତି କାଇଁ କରୁଛୁ କହିଲୁ ? ବାବୁଙ୍କ ପରି ସେଠି ତୋ ସାଙ୍ଗରେ କେହି କଅଁଳେଇ କଥା କହିବେ ବୋଲି ଭାବୁଚୁ କି ? ତୁ ଭଲରେ ଭଲରେ ମାନି ଯା, ଘଡିଟା କଉଠି ରଖିଛୁ ଆଣି ଦେଇଦେ' ।

ବୁଢା ସତେଅବା ଗୋଟିଏ ପଥରମୂର୍ତ୍ତି ପରି ନୀରବ ହୋଇ ଠିଆ ହୋଇ ରହିଥାଏ । ସିଏ ଟିକିଏ ହେଲେ ହଲଚଲ ହେଲାନାହିଁ କି ମୁହଁ ଟେକିଲା ନାହିଁ । ସୁଧୀରବାବୁ ଓ ସୁନନ୍ଦାଙ୍କର ମନେ ହେଲା, ସତେ ଯେପରି ଅବାଧତା ଆଉ ଅନମନୀୟତାର ଗୋଟାଏ ଜୀବନ୍ତ ପ୍ରତିମୂର୍ତ୍ତି ।

ଶେଷରେ କରିବା ନକରିବାର ଦୋ ଦୋ ପାଞ୍ଚ ଭିତରେ ସୁଧୀରବାବୁ ଫୋନ୍ ଲଗାଇଲେ ଥାନାକୁ । ପୋଲିସ୍ ଜିପ୍ ଆସି ଘର ଫାଟକ ପାଖେ ଲାଗିଲା ।

ସେମିତି ମୁଣ୍ଡଟାକୁ ପୋତି ରଖି ସବ୍‌ଇନିସ୍ପେକ୍ଟର୍ ଓ ଜମାଦାରଙ୍କ ସାଙ୍ଗରେ ଥାନାକୁ ଚାଲିଗଲା ନୀତିଆ ମଉସା । ଟିକିଏ ହେଲେ ଆଗପଛ ହେଲା ନାହିଁ ବୁଢାଟା, ଟିକିଏହେଲେ ବି ଡରିଲା ନାହିଁ । ଥରକ ପାଇଁ ମଧ ଭୟାତୁର ଆଖି ଟେକି ଚାହିଁଲା ନାହିଁ । କିନ୍ତୁ ସେଦିନ ରାତିରେ ସୁଧୀରବାବୁଙ୍କର ଆଖିକୁ ମୋଟେ ନିଦ ଆସିଲାନି ।ବିଛଣା ଉପରେ ପଡି ସିଏ ଖାଲି ଏକଡ଼ ସେକଡ଼ ହେବାରେ ଲାଗିଥାନ୍ତି । ବୁଢା ନୀତିଆ ମଉସାଟା ତେଣେ ପୋଲିସ୍ ହାତରେ କେତେ ନିର୍ଯାତନା ଭୋଗ କରୁଥିବ, ଏ ବୟସରେ ଏତେ ଯନ୍ତ୍ରଣା ବାକି ଥିଲା ବୁଢାଟାର ! ସେକଥା ଭାବି ଭାବି ତାଙ୍କର ଅନ୍ତର କଣ୍ଟକିତ ହେଇ ଯାଉଥାଏ । ସିଏ ଯେପରି ରହି ରହି ଗୋଟିଏ କରୁଣ କଣ୍ଠର ଅସ୍ପଷ୍ଟ ବିଳାପଧ୍ୱନି ଶୁଣିବାକୁ ପାଉଥାନ୍ତି । ସେହି ଧ୍ୱନି ବାହାର ଜଗତର କୌଣସି ଧ୍ୱନି ନୁହେଁ, ଅନ୍ତରର ଗଭୀରତମ ପ୍ରଦେଶରେ କିଏ ଯେପରି ଖାଲି ବାହୁନି କାନ୍ଦିବାରେ ଲାଗିଥାଏ । ମୃତ୍ୟୁର ଅପେକ୍ଷା କରି ରହିଥିବା ଗୋଟିଏ ଅସହାୟା ପତ୍ନୀର ଦୀନ ଆତୁର ଦିଓଟି ଆଖି ଯେପରି ତାଙ୍କ ହୃଦୟପ୍ରାନ୍ତର ସେପାଖରୁ ଉଙ୍କି ମାରି ଆସୁଥାଏ । ଓଃ ହତଭାଗା ବୁଢାଟା କାହିଁକି ଏପରି ଗୋଟାଏ କାମ କରି ବସିଲା ଏବଂ ତାଙ୍କୁ ଏପରି ଏକ ଯନ୍ତ୍ରଣାରେ ଭାଗିଦାରୀ କରାଇଲା ?

ଘଟଣା ବେଳେବେଳେ ଠିକ୍ ଏହିପରି ବିଚିତ୍ର ହୋଇଥାଏ । ତାହାକୁ ଭାଗ୍ୟର ପରିହାସ ବୋଲି କୁହା ଯାଇପାରେ । ଦୁଇଦିନ ପରେ ରଜ ପର୍ବ ପାଇଁ ଘର ସଫାସୁତୁରା ଚାଲିଥାଏ ଆଉ ନିଜେ ସୁନନ୍ଦା ହିଁ ହଜିଥିବା ଘଡିର ଆବିଷ୍କାର କରିଥିଲେ । ବାକ୍ସ ଗୁଡିକ ଥାକଥାକ ହେଇ ଥୁଆ ହୋଇଛି, ଘଡିଟି ତାହାରି ପଛପଟକୁ ଖସି ପଡିଥିଲା । ବାକ୍ସ ଗୁଡିକ ଉପର ଝାଡ଼ି ସଫା କରିବାକୁ ଉଠେଇଲା ସମୟରେ ଆଖିରେ ପଡିଲା ସୁନନ୍ଦାଙ୍କର ।

ତ୍ରୁଟି ସୁନନ୍ଦାଙ୍କର । ଟେବୁଲ ଉପରେ ରଖିବା ବଦଳରେ ସିଏ ଘଡିଟିକୁ ହୁଏତ ବାକ୍ସ ଉପରେ ରଖି ଦେଇଥିଲେ, ଏବଂ ସିଏ କିମ୍ବା ଆଉକେହି ଅନ୍ୟମନସ୍କ ଭାବରେ ବାକ୍ସଟିକୁ ଖୋଲିବା ସମୟରେ ଘଡିଟି ପଛପଟକୁ ଖସି ପଡିଛି ।

ଘଡିଟିକୁ ହାତରେ ଧରି ସୁନନ୍ଦା ଦେବୀ ସ୍ତବ୍ଧ ହୋଇ ବସି ରହିଲେ ସୁଧୀରବାବୁ ଅଫିସ୍ ରୁ ଘରକୁ ଫେରିବା ଯାଏ ।

ପ୍ରହାରରେ ଜର୍ଜରିତ ଓ ଜ୍ୱରରେ ଅଚେତନ ବୁଢାଟା ଏକା ଏକା ଜେଲ୍ କାନ୍ଥ ସେପାଖେ ଥାଇଥାଇ ଚିତ୍କାର କରୁଛି, "ନେଇନି, ବାବୁ ମୁଁ ନେଇନି ।

ସୁଧୀରବାବୁ ଓ ସୁନନ୍ଦା ଦେବୀ ତା'ପରେ କୌଣସି ପ୍ରକାର ତ୍ରୁଟି କରି ନାହାନ୍ତି । ନିଜେ ଥାନାକୁ ଯାଇ ବୁଢା ନୀତିଆ ମଉସାକୁ ଘରକୁ ଆଣିଛନ୍ତି । ଚିକିତ୍ସକ ଡକାଇଛନ୍ତି, ନିଜେ ବରଫ ବ୍ୟାଗ୍ ଦେଇ ତା'ର ମୁଣ୍ଡ ଉପରେ ଚିପି ଧରିଛନ୍ତି, ତା'ର ଶୁଖିଲା ଆଉ ତାତିଲା ଓଠରେ ପାଣି ଢାଳିଛନ୍ତି, ପଥି ଢାଳିଛନ୍ତି । ତଥାପି ବୁଢା ସାଷ୍ଟାମ ହୋଇ ବସିଲା ବେଳକୁ ପନ୍ଦରଦିନ ଗତ ହେଇ ଯାଇଥିଲା ।

ଷୋହଳ ଦିନ ସକାଳୁ ସେମାନେ ନିଦରୁ ଉଠି ଦେଖିଲେ, ନୀତିଆ ମଉସାର ବିଛଣା ଖାଲି ପଡିଛି । ପିନ୍ଧିବା ଲୁଗାଖଣ୍ଡିକ ଛାଡି ଦେଲେ ଏହି ଘରେ ଏକମାତ୍ର ସମ୍ପତ୍ତି ନାଲିଆ ଗାମୁଛା ଖଣ୍ଡିକ ନେଇ ସିଏ ଚାଲି ଯାଇଛି । କ୍ଷୋଭରେ ଉଚ୍ଚାରଣ କଲେ ସୁନନ୍ଦା ଦେବୀ, ଘରର ଲୋକ ପରି ଆମେ ତାକୁ ଏତେ ସେବା ଯତ୍ନ କରି ଭଲ କଲୁ.... ଆଉ ସିଏ ଚାଲିଗଲା । କେଡେ ଅକୃତଜ୍ଞ ବୁଢାଟା କେଜାଣି.... !!

ସବୁ ହୃଦୟଙ୍ଗମ କରିପାରୁଥିବା ସୁଧୀରବାବୁ ଭାରାକ୍ରାନ୍ତ ମନରେ ଦୀର୍ଘ ନିଶ୍ୱାସଟାଏ ଛାଡି ଚଷମା ଖୋଲି ଆଖି ପୋଛୁଥିଲେ, ଆଉ ମନକୁ ମନ କହୁଥିଲେ, ଠିକ କରିଛ ନୀତିଆ ମଉସା ତମେ ଚାଲି ଯାଇଛ... ! ହୁଏତ ମୋ କଳାକର୍ମ ପାଇଁ ତୁମ ସହ ମୁଁ କେବେ ବି ନଜର ମିଶେଇ ପାରି ନଥାନ୍ତି....।

***ନିଜ ସୁଖ ପାଇଁ କରାଯାଇଥିବା କର୍ମ ସୀମିତ ସୁଖ ଦେଇଥାଏ,***
***କିନ୍ତୁ ପରୋପକାର ପାଇଁ କରାଯାଇଥିବା କର୍ମ ନିତ୍ୟ ନୂତନ ଆନନ୍ଦ ଦେଇଥାଏ ।***

# ଅଧା ଲେଖା ଚିଠି...



ଯାମିନୀ ଜ୍ୟୋତି ଜେନା
ଓଡିଶା

ଆଜି ଜହ୍ନ ଆଖି କୁ ନିଦ ନାହିଁ ରାତି ସାରା କଡ଼ ଲେଉଟଉଛି | ବାପ ତାର ମଝିରେ ମଝିରେ ଉଠି ପଚାରୁଛନ୍ତି"ଆଲୋ ଏ ଜହ୍ନ କଣ ହେଇଛି ଶୋଉନୁ ରାତି ସାରା ଏକଡ଼ କୁ ସେ କଡ଼ କଣ ପାଇଁ ହେଉଛୁ? " ହେଲେ ଜହ୍ନ କେମିତି କହିବ ପ୍ରିୟତମ ତାର ଯାଉଛନ୍ତି ସହର କାମ ଖୋଜିବାକୁ |

ହଠାତ କରି ଉଠି ବସିଲା ହୋ ବାପା ଉଠିଲ ତୁମେ ଉଠ ମୁଁ ସୋଇପାରୁନି ମାନେ ତୁମକୁ ଶୁଆଇ ଦେବିନି | ଜହ୍ନ ର ବାପା ଉଠି ବସିଲେ ଆଲୋ ହଉ ଯେ କଣ ହେଇଛି କହ ? କହିଲେ ସିନା ଡାକ୍ତର ଖାନା ଯିବା ଏଇଟା ତ ସହର ନୁହେଁ ନା କି ସବୁବେଳେ ଡାକ୍ତରଖାନା ଖୋଲା ଯିବାକୁ ହେଲେ କେତେ କଥା କରିଆକୁ ପଡିବ |

-ଓଃ ବାପା ମୋର କିଛି ହେଇନି କାଲି ପରା ବାଦଲ ସହର ଯାଉଛି କାମ ଖୋଜିବାକୁ |

-ହଁ କଣ ହେଲା ଭଲ ନା...... ସେ କାମ ଖୋଜି କି ତତେ ନେଇଯିବ ସହର ରେ ରହିବୁ | କେଡେ କେଡେ ଘର ସେଠି ଦେଖିବୁ ଆଉ ବାପା ପାଇଁ ଅସିଲାବେଳକୁ କେତେ କଣ ଆଣିବୁ...|

-କେଜାଣି ତୁମ ପାଇଁ କଣ ଆଣିବି କି ନାହିଁ | ସିଏ ସହର ଯିବ ଆଉ ଯାଇ ଯଦି ଭୁଲିଗଲା ତେବେ? ତାକୁ ଯଦି କେହି ଏମିତି ମିଳିଗଲା କି ସେ ମୋତେ ଭୁଲିଯିବ ତେବେ? ପିଲାବେଳୁ ତା ବାପା,ମା କହିଛନ୍ତି ବାହାଘର କରିବେ ସେ ବି ମୋତେ ପସନ୍ଦ କରେ ହେଲେ ଯଦି ସେ ସହର ରୁ ନ ଫେରିଲା ସେ ମାଗୁଣି ର ବଡପୁଅ ସୁକାନ୍ତ ପରି..... ସେଇଠି ରହିଗଲା ତେବେ?

-ଓଃ ଏତେ ପ୍ରଶ୍ନ ପଚାରେ ନା ସୁଅ ସକାଳୁ ବାଦଲ ଆସିବ ଦେଖା କରିଯିବ ତତେ....

ହଉ ଶୋଉଛି କହି ଶୋଇଗଲା ଜହ୍ନ....| ସକାଳ ପାହୁ ପାହୁ ବାଦଲ ପହଁଚିଲା ଜହ୍ନ ର ଘରେ... ଏ ଜହ୍ନ ରାଣୀ କଣ ଖାଇବାକୁ ଦେବୁ ନା ନାହିଁ? ଲୁହ ପୋଛୁ ପୋଛୁ ମୁହଁ ଫୁଲେଇ କହିଲା କାହିଁ ସହର ଯିବୁ ସହରୀ ଝିଅ ଦେଖିବୁ ସେଇଠି ଖାଇନେବୁ ମୋତେ ଭୁଲିଯିବୁ... ଯା ଏଠୁ | ବାଦଲ ଭିଡି ଆଣିଲା ଜହ୍ନ କୁ ନିଜ ବାହୁ ବନ୍ଧନ କୁ "ଏ ପାଗେଳୀ ପିଲା ଦିନ ରୁ ବାପା, ମା ତୋ ସହ ବାନ୍ଧି ଦେଇଛନ୍ତି ତୁ ତ ମତେ ଏମିତି ରଖିଛୁ ମୁଁ ମୁକୁଳି ପୋଖରୀ ତୁଠ ଯିବାକୁ ତତେ ପଚାରେ ଆଉ କେମିତି ଭୁଲିଯିବି ମୋ ଜହ୍ନ ଫୁଲେଇ କୁ "

ଜହ୍ନ ଅଳ୍ପ ହସି କହିଲା ସତରେ ନା କେବେ ଭୁଲିବୁନି କାମ ହଉ ହଉ ଚିଠି ଦେବୁ ନହେଲେ ସେ ମାଗୁଣି ର ଦୋକାନ ରେ ଯୋଉ ଟଙ୍କା କିଆ ଫୋନ ଲାଗିଛି ସେଇଠିକୁ ଫୋନ ଦେବୁ...।ଏବେ ଆସେ ଖାଇବୁ ତୋ ପାଇଁ ଆଜି କଣ ବନେଇଛି ଦେଖ ଖେଚୁଡ଼ି, ବେସର, ବାଇଗଣ ଛୁଙ୍କ ସୋରିଷ ଦେଇକି ମ.....

ବାଦଲ ଖାଇଦେଇ ଜହ୍ନ କୁ ପାଖକୁ ଡାକିଲା ଓ କହିଲା "ଜହ୍ନ ତୁ ମୋର ଭାରି ପସନ୍ଦ ଲୋ ତୋ ପରି ସହର ରେ କଣ ମିଳିବେ ମିଳିଲେ ବି ମୁଁ ମୋ ଜହ୍ନ ର..

ଭଲସେ ରହିବୁ ରାତି ହେଲେ ଅନିଦ୍ରା ହେବୁନି ମୁଁ ୨ ମାସ ରେ ଥରେ ଚିଠି ଦେବି କାମ ଭଲ ଚାଲିଲେ ପଇସା ହେଲେ ନେଇ ଆସିବି ଆଉ ବାହା ହେଇ ତତେ ନେଇଯିବି ସହର । ଜହ୍ନ ଆଖିରୁ ଲୁହ ବହୁଥାଏ ବାଦଲ ମଥାରେ ଚୁମ୍ବନ ଟିଏ ଆଙ୍କି ଦେଇ ଜହ୍ନ କୁ ବିଦାୟ ଦେଇ ଆସୁଥିଲା...। ଜହ୍ନ ପଛରୁ ଅଟକାଇଲା ବାଦଲ କୁ....

ଏ ଶୁଣ ,, ହଁ କହ କଣ କହୁଛୁ....?

ଏଇ ନେ ମନ ର ସବୁ କଥା ଲେଖିଦେଇଛି ଏ ଚିଠି ରେ ଆଉ ରହ ଟିକେ । ଅପେକ୍ଷା କରିବାକୁ କହି ଜହ୍ନ ଦୌଡ଼ି ଗଲା ବାରି ପଟକୁ କିଛି ମଲ୍ଲୀ ଫୁଲ ଆଣି ହାତ ରେ ମକଚି ଦେଲା ଆଉ ବୋଳିଦେଲା ସେ ଚିଠି ରେ....। ବାଦଲ ଆଶ୍ଚର୍ଯ୍ୟ ହୋଇ ପଚାରିଲା ଆଲୋ ଏ କଣ କଲୁ?

ଆରେ ବୋକା ମୋ ପାଖରେ ସହରୀ ଅତର ନାହିଁ ସେଇଲାଗି ଏ ମଲ୍ଲୀ ଫୁଲ କୁ ମକଚି ଲଗେଇଦେଲି ବାସ୍ନା ହେବ ତୁ ବ୍ୟସ୍ତ ହ ନା.... ଯେବେ ଯେବେ ଏ ଚିଠି ଦେଖିବୁ ଏ ଚିଠି ର ମହକ ମୋ କଥା ମନେପକାଇବ ଆଉ ତୁ ଶୀଘ୍ର ଫେରିଆସିବୁ...। ପାଗେଳୀ ଟା ତୁ ବାଦଲ ହସି ହସି କହି ଚାଲିଗଲା ...

ବିଦାୟ ଦେଇ ଜହ୍ନ ଗାଁ ମୁଣ୍ଡ ରେ ଛାଡି ଦେଇ ଆସିଲା ବାଦଲ କୁ...। ଏଇ ଭିତରେ ମାସେ ୨ ମାସ ହେଇଗଲାଣି ବାଦଲ ର ଗୋଟିଏ ଚିଠି ଆସିଛି "ଜହ୍ନ ଲୋ ଆଉ ୨ ମାସ ଛାଡି ଗାଁ କୁ ଯିବି ବାପା, ବୋଉ ଆଉ ତତେ ନେଇ ଆସିବି ଅମର ବାହାଘର ହେବ ଗାଁ ରେ... ତା ପରେ ଏଠାକୁ ଆସିଯିବା.... ମୁଁ ତୋ ପାଇଁ ଗୋଲାପୀ ରଙ୍ଗ ର ଶାଢ଼ୀ ଟିଏ କିଣିଛି ଆଉ ସହରୀ ଅତର ମଧ୍ୟ ଏ ଚିଠି ଟି ରେ ଟିକେ ମାରିକି ଦଉଛି ଗାଁ ମହକିବ ଆମର...। ଏଠାରେ ବହୁତ ଭଲ କାମ ମିଳିଛି ମୋତେ ଆଉ ତା ସହ କୁ ମାଲିକ କହିଛନ୍ତି ମୋ. ଅଧା ଥିବା ପଢା କୁ ଆଗେଇବାକୁ ବହୁତ ଭଲ ଲୋକ ସେ " ଆଉ ତୋର ବାଦଲ...।

ଚିଠିଟିକୁ ପଢି ଶୁଣାଇଦେଲା ଜହ୍ନ , ବାଦଲ ର ବାପା, ମା ଙ୍କୁ ଆଉ ଖୁସି ରେ ନାଚି ଉଠିଲା ବାଦଲ ମୋର ଚିଠି ଦେଇଛି | ଚିଠି ଟି ମହକୁ ଥିଲା ସହରୀ ଅତର ର ବାସ୍ନା ରେ... ଆଉ ଜହ୍ନ ହଜେଇଦେଇଥିଲା ନିଜକୁ ସେ ଚିଠି ରେ..... କି ବାଦଲ ଆସିବ ଆଉ ବାହାଘର ହେବ....|

ଏମିତି ଦିନ ପରେ ଦିନ ବିତି ଚାଲିଲା ଚାହୁଁ ଚାହୁଁ ବର୍ଷ ଟିଏ ରୁ ୯ ବର୍ଷ ବିତିଗଲା ଗୋଟିଏ ଚିଠି ଛଡା ଆଉ ଆସିନାହିଁ କେବେ ବାଦଲ ର ଚିଠି... ଏଇ ଭିତରେ ଚାଲିଗଲେଣି ଜହ୍ନ ର ବାପା ଆଉ ବାଦଲ ର ବାପା, ମା ପଡିରହିଛନ୍ତି ଶେଜ ରେ | ସେବା କରୁଛି ଜହ୍ନ ତାଙ୍କୁ ନିଜର ଶାଶୁ ଶ୍ୱଶୁର ଭାବି....ହେଲେ ବାଦଲ ର ମା କହୁଛନ୍ତି...ସେ କୁଳାଙ୍ଗାର ତ ତତେ ଭୁଲିଗଲା ତୁ କାହିଁକି ଆମର ସେବା କରୁଛୁ ଲୋ ଜହ୍ନ ଯା ପଳେଇଯା ତୁ ଆମ କୁ ଆମ ଅବସ୍ଥା ରେ ଛାଡ଼ିଦେ | କେତେ ଶୁଣୁଛୁ ଗାଁ ଲୋକ ଙ୍କର ଟାହି ଟାପରା କେମିତି ସହୁଛୁ ଏତେ କଥା ତୁ?

କିଏ ଜାଣିଥିଲା ସେ ସହରୀ ଅତର ତାକୁ ମହକ ରେ ବାନ୍ଧିଦେବ... କେତେ ଚେଷ୍ଟା କଲେ ହେଲେ ତାର ଖୋଜ ଖବର ନାହିଁ | ମାଗୁଣି ର ବଡ଼ ପୁଅ ଯେ ସହର ରେ ଅଛି ସେ କୁଆଡେ କହିଲା ସେ ବାହା ସାହା ହେଇଗଲାଣି ବୋଧେ....| ଜହ୍ନ ହୃଦୟ ଭାଙ୍ଗି ଯାଉଥିଲା କୋହ ସମ୍ଭାଳି କହିଲା

-ମା 'ତମେ ଏମିତି କହିବନି ମୋ ବାଦଲ ସେମିତି ନୁହେଁ , ହଁ ମାନୁଛି ସହର ରୁ ଆଉ ଚିଠି ଦେଇନି ତା ବୋଲି କଣ ବାହା ହେଇଗଲା....ମୋତେ ଭୁଲିଯିବ ହେଲେ ତମକୁ କଣ ସେ ଭୁଲିପାରିବ?

ତୁମେ ସୋଇଥାଅ ମୁଁ ଆସୁଛି ଗାଈ କୁ ଘାସ ପକେଇ..... ଦୌଡ଼ି ଚାଲିଗଲା ଜହ୍ନ ଭୋ ଭୋ ହୋଇ କାନ୍ଦିଚାଲିଲା ମନେ ମନେ କହୁଥିଲା କଣ ସତରେ ତୁମେ ଆଉ କାହାର ହେଇଗଲ ଆଉ ଖବର ଦେଲନି ମୋତେ... ମୋ ଚିଠି ର ମହକ କଣ ମୋ କଥା ମନେ ପକେଇଲାନାହିଁ....?

ଏମିତି ଜହ୍ନ ର ଦିନ କାଟିଚାଲିଲା ଭୁଲିବାକୁ ଚାହିଁଲା ସେ ବାଦଲ କୁ...| ହେଲେ କିଏ ଭୁଲିପାରେ ପ୍ରଥମ ପ୍ରେମ କୁ ଯେ ସେ ଭୁଲିବ?

ଦିନେ ସନ୍ଧ୍ୟା ରେ କେହି ଜଣେ ଜହ୍ନ କୁ ଖୋଜି ଖୋଜି ଆସି ପହଁଚିଲେ | ଜହ୍ନ ଦେଖେ ତ ବୁଟ, ସୁଟ ମରା ବାବୁ ଜଣେ ...

-ଆପଣ ଜହ୍ନ?. -ହଁ ମୁଁ ଜହ୍ନ ଆପଣ କିଏ?

-ଏଇ ନିଅନ୍ତୁ ଏ ପ୍ୟାକେଟ ଟା କ୍ଷମା କରିବେ ଜହ୍ନ ମାଡାମ... ଏ ୯ ବର୍ଷ ତଳ ର ଘଟଣା ଆମ ଅଫିସ ର ସମସ୍ତ କର୍ମଚାରୀ ଙ୍କୁ ବମ୍ବେ ର ଏକ ସାଇଡ କୁ କାମ ପାଇଁ ପଠାଯାଇଥିଲା ଆଉ ସେଠାରେ ଏକ କୋଠା ଭାଙ୍ଗି ଆମର ସମସ୍ତ କର୍ମଚାରୀ ପ୍ରାଣ ହରାଇଥିଲେ | ସେଥିରେ ସମସ୍ତଙ୍କ ଘରକୁ ଆମେ ଖବର ଦେଇଥିଲୁ ହେଲେ କେବଳ ଜଣଙ୍କର ଠିକଣା ଆମକୁ ମିଳିନଥିଲା... ସେ ହେଉଛନ୍ତି ବାଦଲ.....

ଆଜି ସାର ଙ୍କୁ ଏକ ପୁରୁଣା ଲଫାପା ରୁ ବାଦଲ ର ପରିଚୟ ପତ୍ର ମିଳିଲା ମୋତେ ସାର ପଠାଇଛନ୍ତି...| ଆଉ ତାଙ୍କର ଜିନିଷ ପତ୍ର ସବୁ ସଜାଡି ରଖାଯାଇଥିଲା...ସେଥିରୁ ଜହ୍ନ ବୋଲି ଜଣଙ୍କର ନାମ ଲେଖାଥିଲା ସେଇଲାଗି ଖୋଜି ଚାଲିଆସିଛି | କ୍ଷମା କରିବେ ବହୁତ ଡେରି ହୋଇଗଲା.... ଏଇ ନିଅନ୍ତୁ କିଛି ଟଙ୍କା......|

ପ୍ୟାକେଟ ଟା ଛଡେଇ ନେଇ ଜହ୍ନ ଖୋଲି ପକାଇଲା.... ଆଉ ପାଦ ତଳୁ ସବୁ ଖସିଗଲା ପରି ଲାଗିଲା ଲଥ କରି ବସିପଡ଼ିଲା ମାଟି ଉପରେ.....ପ୍ୟାକେଟ ରେ ଥିଲା ଗୋଟିଏ ଶାଢ଼ୀ, ଅତର ବାଦଲ ର ସାର୍ଟ ଆଉ ସେ ଗଲାବେଳେ ଜହ୍ନ ଦେଇଥିବା ସେହି ଚିଠି ଖଣ୍ଡକ ଆଉ ଖଣ୍ଡିଏ ଅଧା ଲେଖା ଚିଠି.......ଯାହା ବୋଧ ହୁଏ ସେ ଭାବିଥିଲା କାମ ସାରି ଆସିଲେ ପଠାଇବ ବୋଲି.... ହେଲେ ସେ କଣ ଜାଣିଥିଲା ସେ ଅଧା ଲେଖା ଚିଠି ଟି ଅଧା ରେ ରହିଯିବ ବୋଲି.....| କାଗଜି ଦେଇଥିବା ସେ ଚିଠି ରୁ ଏବେ ବି ମଲ୍ଲୀ ଫୁଲ ର ବାସ୍ନା ଭାସି ଆସୁଥିଲା....|

ସହରୀ ବାବୁ ଜଣଙ୍କ କ୍ଷମା ମାଗି ଚାଲିଯାଇଥିଲେ... ସନ୍ଧ୍ୟା ଗଡି ରାତି ହେଇଆସୁଥିଲା କଳବାଦଲ ଜହ୍ନ କୁ ଢାଙ୍କି ଦେଇ ଚାରିଆଡେ ଅନ୍ଧାର କୁ ଗାଢ଼ କରୁଥିଲା...| ଜହ୍ନ ମନେ ମନେ କହୁଥିଲା କହୁଥିଲି ନା ମୋ ବାଦଲ ସେମିତି ନାହିଁ.... କହୁଥିଲି ନା ବାଦଲ ସେମିତି ନାହିଁ.... କହୁଥିଲି ନା.... ବାଦଲ.... ସେମିତି ନାହିଁ.... ଗାଁ ଦାଣ୍ଡ ରେ ଦୌଡ଼ି ଦୌଡ଼ି ଅଧା ଲେଖା ଚିଠି ଟିକୁ ଧରି ପାଗେଳୀ ପରି କହି ଚାଲୁଥିଲା...||

# ଜଗଧାତ୍ରୀ...



ଶିଶିର କୁମାର ସାମଲ
(ସମ୍ପାଦକ , ମହ୍ଲାର ଇ –ପତ୍ରିକା)
କଣ୍ଟିପୁର, ବିଂଝାରପୁର, ଯାଜପୁର

ଶରତ ଆସିଲା ପାର୍ବଣ ସାଥିରେ
ଖିଲିଖିଲି ହସେ ଧରା,
ମା' ବିରାଜିଲେ କେଶରୀ ପିଠିରେ
ଆସିଗଲା ଦଶହରା ।।
ଚଉଦିଗ କମ୍ପେ ପାର୍ବଣ ଋତୁରେ
ପୁଲକିତ ହୁଏ ମନ,
ମଣ୍ଡପ ସଜାରେ ଆଲୋକ ମାଳାରେ
କମ୍ପିଉଠେ ତ୍ରି-ଭୁବନ ।।
ନବରାତ୍ର ପୂଜା ମାତାଙ୍କର ହୁଏ
ଉଡ଼ଇ ବିଜୟ ଧ୍ୱଜା ,
ଦଶହରା ଦିନ ରାବଣ ପୋଡିରେ
ପୂଜାର ଆସଇ ମଜା ।।
ଦଶମୀ ଦିନରେ ରାବଣ ନାସିଲେ
ପୂଜି ସେ ମାତା ପୟର ,
ରାମଙ୍କ ଭକ୍ତିରେ ମାତା ସାହାହେଲେ
ହୋଇଲେ ସୀତା ଉଦ୍ଧାର ।।

ତ୍ରୀ-ଦେବ କ୍ରୋଧରୁ ଜାତ ହୋଇ ମାତା
ସାଜିଲ ମହିଷା ମର୍ଦ୍ଦିନୀ,
ମହିଷାସୁର ର ବଧ କରି ମାତା
ହୋଇଲେ ଜଗତ ଜନନୀ ।।

ଅଧର୍ମ ପାପକୁ ମୂଳରୁ ନାଶିଲ
ଅଭୟ ଦାୟନି ତୁହି,
ତୋ ପାଦେ ଶରଣ ଆଜି ଭକ୍ତଗଣ
ପାଇବାକୁ ଟିକେ ତ୍ରାହି ।।
ଦଶଭୁଜା ଧରି ଫେରିଆସ ମାତା
ପାପ କୁ ନାଶିବା ପାଇଁ ,
ଏ କଳିକାଳରେ ପାପର ରାଜୁତି
ପୁଣ୍ୟ କିଛି ଦିଶେ ନାହିଁ ।।
ଜଗତର ହିତ ପାଇଁ ତୁମେ ଜାତ
ନାମ ତୁମ ଜଗଧାତ୍ରୀ ,
ପାପୀ ର ପାପ କୁ ବିନାଶିବା ଲାଗି
ଦିଅ ହେ ମାତା ଶକତି ।।

# ଅପେକ୍ଷା ରେ...



ଯାମିନୀ ଜ୍ୟୋତି ଜେନା
ଓଡିଶା

ହାତ ଥରିଯାଏ ତୁମ ବର୍ଣନା ରେ
ହୁଏ ମୁଁ ଶବ୍ଦ ବିହୀନ,
ବାର ବାର ଆଖି କାଗଜ ଭିଜାଏ
ଓଦା ହେଇଯାଏ ମନ...||

ଲକ୍ଷେ ପ୍ରଶ୍ନ ର ଅନ୍ତରାଳେ ଭାବେ
ତୁମ ପାଇଁ କିଛି ଲେଖିବି,
ତୁମ ପ୍ରତାରଣା କାହିଁକି ଯେ ଥିଲା
ଉତ୍ତର ମୁଁ ଖୋଜି ବୁଲିବି...||

ମନ କୋହ ସାଥେ ଆଖି ଲୁହ ମୋର
ସାଥି ହୋଇ ବହିଯାଏ,
କାଗଜ ଉପରେ ଅତି ସହଜ ରେ
ବୋହି ପୁଣି ଶୁଖିଯାଏ..||

ଲୁହ ସିନା ସୁଖି ଯାଏ ପ୍ରିୟ ମୋର
କୋହ ମୋର ଥମେ ନାହିଁ,
କାହିଁକି ଦେଲ ଏ ବିରହ ଯନ୍ତ୍ରଣା
ଥରେ ଆସି ଦିଅ କହି..||

ତୁମ ପାଇଁ ପରା ସ୍ୱପ୍ନ ଦେଖିଥିଲି
ହାତେ ତୁମ ହାତ ଥୋଇ,
ସ୍ୱପ୍ନ କୁ ମୋହର ରଙ୍ଗୀନ କରି
ଚାଲିଗଲ ତୁମେ କାହିଁ...||

ଲକ୍ଷେ ଚେଷ୍ଟା କରେ ତୁମ ପାଇଁ ଆଜି
ଚିଠି ପଦେ ଲେଖିବାକୁ,
ଆଖି ଲୁହ ମୋର ବୋଲ ମନେ ନାହିଁ
ଭିଜାଏ ସେ କାଗଜକୁ...||

ଆଜି ବି ରହିଛି ତୁମ ଅପେକ୍ଷାରେ
ଯେମିତି ପଞ୍ଜୁରୀ ସାରି,
ଉଡିବାକୁ ଚାହେଁ ତୁମ ଡେଣା ତଳେ
ଆସି ଖୋଲିଯାଅ ଡୋରି...||

# ପ୍ରୀତି ପାର୍ବଣ...



**ସୁଶ୍ରୀୟା ପରିଡା**

(ସହ-ସଂପାଦିକା – ମହ୍ଲାର ଇ-ପତ୍ରିକା)

ଆଶ୍ୱିନ ଆସିଲେ ଲାଜର ନଈରେ
ମୁହଁ ଧୁଏ ନୀଳକଇଁ,
ବୟସ ଜୁଆର ଉଠେ ତା ଦେହରେ
ଜହ୍ନ ଆଡେ ଦେଲେ ଚାହିଁ... !!

ଆସିଅଛି ଆଜି ପ୍ରୀତି ପାର୍ବଣ ଯେ
ପାଦରେ ଘୁଙ୍ଗୁର ନାଇ,
ରୁଣ୍ଝୁଣ୍ଣ ବାଜେ ଝୁମୁକୁ ଝୁଣ୍ଟିଆ
ଶୁଭେ ଶୁଭ ସାହାନାଇ.... !!

ମଙ୍ଗଳ ଦୀପାଳି ଜାଳି ରଖିଲାଣି
ଆକାଶେ ପାହାନ୍ତି ତାରା,
ଶେଫାଳୀ ଚାମେଲୀ ଫୁଲ ଝୁଲଣରେ
ଦୋଳି ଖେଳୁଛି ଅଶିଣ ଖରା.... !!

କାଶତଣ୍ଡୀ ଫୁଲର ଶରଧା ବାଲିରେ
ଶୋଇଛି କଅଁଳ ଖରା,
ବଡ଼ି, ମରୁଡିର ତାଣ୍ଡବକୁ ଭୁଲି
ଅଣ୍ଟା ସଳଖୁଛି ଏବେ ଧରା.... !!

ଅଭିମାନୀ କଇଁ ସଜେଇ ରଖିଛି
ଆଖିରେ ସପନ ତାର,
କାକର ପଖଳା ନିଶିଶେଷେ
ପ୍ରିୟ
ଆସିବେ ବୋଲି ତା
ଘର.... !!

ବିହଙ୍ଗ କୁଜନେ ଧରଣୀ ନାଚୁଛି
ହସୁଛି ଗାଁ, ପଠା, ବନଭୂଇଁ,
କୁଳୁକୁଳୁ ସ୍ୱରେ ଗୀତ ଗାଇଲେଣି
ଲାଜେଇ ଅଳସି ନଈ... !!

କିଆ କେତକୀର ଫୁଲ ପାଖୁଡ଼ାରେ
ଶରତ ଲେଖେ ତା ନାଁ,
ଧରଣୀ ରାଣୀର ଏ ନବ କଳେବର
କେବଳ ତୁମରି ପାଇଁ ଗୋ ମା... !!

ଦୁର୍ଗତିନାଶିନୀ ଆହେ ମା ଭବାନୀ
ଆସ ଅବତରୀ ମା,
ନିମନ୍ତ୍ରଣ ରଖି ପାପିଙ୍କୁ ସଂହାରୀ
ଧରିତ୍ରୀ ବାସୀଙ୍କୁ ହୁଅ ସାହା .... !

# ମେଘପୁଷ୍ପ ...



ସଂଘମିତ୍ରା ପୃଷ୍ଟି
କଟକ

ଭୂଖଣ୍ଡ ଭୂକମ୍ପିତ ଭୂଧର ଧାରା'
ତୃଷ୍ଣା ତୁଣ୍ଡେ ତୃପ୍ତି ଜିମୂତ ଝରା ॥
ନିର୍ଝରିଣୀ ନିଶାନ୍ତ ନିଃସ୍ୱାର୍ଥ ଦେହୀ,
ଶୀତଳ ସୁକାନ୍ତି ଶୋଭିତ ସହୀ ॥
ଶୂଳି ଶିରୁ ସୁନ୍ଦର ସର୍ଜ୍ଜନା ଗଙ୍ଗେ,
ପବିତ୍ର ପୁରବୀ ପ୍ରଭାସ ଭୁଜଙ୍ଗେ ॥
ନିଦାଘ ନର୍ମଦା ବତ ନିଶ୍ଚଳ ମରୁ,
ଶ୍ରାବଣ ସିନ୍ଧୁ ସୁରମା କ୍ଷଣକେ ଭରୁ ॥
ଗ୍ରୀଷ୍ମ ଗୋଦାବରୀ ଗାନ ମଧୁର ଶିଶିର,
ଶଶାଙ୍କ ସନ୍ଦେଶ ଆବର ॥
ଚୈତ୍ର ଚନ୍ଦ୍ରଭାଗା ଚନ୍ଦ୍ରିକା ର ଜ୍ୟୋତି,
ଶୀତ ସୁବର୍ଣ୍ଣରେଖା ସୁଗମ୍ୟ ମୋତି ॥
ଭାଦ୍ରବେ ଭାର୍ଗବୀ ଭବ ମୋହିନୀ,
ବସନ୍ତ ବୈତରଣୀ ବନପ୍ରିୟ ଧୁନୀ ॥
ଶରତ ସାବରୀ ସତ ମଞ୍ଜୁ ମଳୟ,
ବିହଙ୍ଗମେ ବିହରୀ ଦୂର ଦିଗବଳୟ ॥
ଋଷିକୂଲ୍ୟା ରଣୀ ରଙ୍ଗୀତ ଢେଉ,
ଯୁଗେ ଯୁଗେ ଧାତ୍ରୀ ସତ ନାମ ଧାଉ ॥
ଯମୁନା ଜାହ୍ନବୀ ଜଳଧି ତରଙ୍ଗ ମାଳା,
ସରସ୍ୱତୀ ସ୍ରୋତସ୍ୱତୀ ସ୍ରୋତ ତୋଳା ॥
ନିମଗ୍ନା ନିଶାନ୍ତେ ନୀଳ ନୟନା,
ବାରିଧର ବତ ବନ୍ଧୁ ତବ ତୁଳନା ॥
କାସାର, କୂପ କଳେ ଆଶିଷ ତୁହି,
ମନସା ମଣୋଇ ମନ୍ଦ ଅଶ୍ରୁଳେ ରହି ॥
ପଞ୍ଚଭୂତ ପଞ୍ଚମା ପାଞ୍ଚାଳୀ ଆଭାଷ୍ପ,
ଅମୃତ ଅବନୀ ଅମ୍ବରେ ମେଘପୁଷ୍ପ ॥

# ଅନୁଭବ ଓ ତୁମେ...



ଅମରଜୀତ ସାହୁ

କେନ୍ଦ୍ରାପଡ଼ା, ଓଡିଶା

ସବୁ ପ୍ଲାନ ଓ ଆୟୋଜନ କରି ଆମେ ବସିଥିଲୁ ସମୟ ର ଅପେକ୍ଷାରେ । "କରୋନାକୁ ରୋକିବା ପାଇଁ, ଜିରୋ ନାଇଟର ଉତ୍ସୁକତା ଓ ମେଳକୁ ନଜର ରେ ରଖି, ଦୁଇଦିନ ପାଇଁ ସହରରେ କର୍ଫ୍ୟୁ "। ଏଇ ସମାଚାର ଟା ବୋଧ ହୁଏ ଆମ ସମସ୍ତଙ୍କୁ ଆବାକ କରି ଦେଇଥିଲା । କାରଣ କର୍ଫ୍ୟୁରେ କ୍ଲବ ସବୁ ବନ୍ଦ ତେବେ, ଜିରୋ ନାଇଟ ପାର୍ଟୀ କେମତି ସମ୍ଭବ ?

ଏ ସବୁ ଭିତରେ , ତମେ ସଙ୍ଗେ ସଙ୍ଗେ କହିଲ ଠିକ ଅଛି, " ପାର୍ଟୀ ତ ହବ!

" ହେଲେ କୋଉଠି ? " :- ତପନ ପଚାରିଲା !

ସମୀର :- ଆମ କ୍ଲବ ଘରେ ।

ତେଣୁ ସମସ୍ତେ ଚାଲିଲେ ପୂରା ସରଞ୍ଜାମ ଧରି , ନିର୍ଦ୍ଧାରିତ ଜାଗାକୁ ,ଏବଂ ଯଥା ସମୟରେ ଆରମ୍ଭ ହେଇଯାଇଥିଲା । ଏଇ ସବୁ ମୁହୁର୍ତ୍ତ ଭିତରେ ତମେ ଠିକ ରୂପେ ଜାଣିପରିଥିଲ , କି ତପନ ର ବ୍ୟବହାର ମୋତେ ହଇରାଣ କରୁଥିଲା । ତମେ ମୋତେ ଦୂରରୁ ରହି ଇଶାରା କରୁଥିଲ ତା ଠାରୁ ଜଗି ରହି ଏନଜୟ କରିବା ପାଇଁ ।

କିନ୍ତୁ, ତପନ ଗୋଟେ ଦୁଇ ଗ୍ଲାସ ନିଶାରେ, ଏକଦମ ହଜେଇ ଦେଇଥିଲା ନିଜକୁ ଓ ସଜିଯାଇଥିଲା ଏକ ଲୋଲୁପ ବିଲୁଆ ପରି । ଯେକି କେବଳ ଲୋକ ଗହଳି ଦେଖି ନିଜ ଆଶା ଉପରେ ଅଙ୍କୁଶ ଲଗାଇଛି, ନଚେତ କେବେଠାରୁ ସେ ବଣକୁ ନେଇ ତାର ଲୋଭର ଚିହ୍ନ ଦେଇ ସାରନ୍ତାଣି ! ବେଳେ ବେଳେ ବୁଝି ହୁଏନି, କଣ ସବୁ ନାରୀ କେବଳ ମାଂସ ପିଣ୍ଡୁଳା ନେଇ ଜନ୍ମ ହେଇଚି, ସର୍ବଦା ପୁରୁଷର ଆହାର ପାଇଁ ? ଇଛା ଓ ଅଭିଳାଷର ଅଧିକାର କଣ ନାରୀର ନାହିଁ ? କେମତି ଲାଗନ୍ତା ଯଦି ଜଣେ ନାରୀ ସେ ପରି ଦୃଷ୍ଟିରେ ସବୁ ଲୋକମାନଙ୍କ ଭିତରେ ତମ ଉପରେ ନଜର ପକାଏ? ଯଦି ସେ ସେମତି ହେଇଗଲା ତେବେ, ସେ ଅଶ୍ଳୀଳ । ଆଉ ଯଦି ସେ ଚୁପ ରହିଲା ପ୍ରତିବାଦ ନ କରି ତେବେ ଭୋକିଲା କୁକୁର ପରି ଦେଇ ଯିବେ ଦାଗ ତା ଦେହରେ ଆଉ ସରମର ବିଷଟା କେତେ ପ୍ରଭାବଶାଳୀ, ସେଇଟା ଯେବେ ନିଜ ବଂଶରେ ହୁଏ ତା ଠିକ ଜାଣି ହୁଏ । ଏଇ ଭଳି ଭୋକିଲା ବିଲୁଆ ଜଙ୍ଗଲରେ ମୁଁ ଏକ ନାରୀ , ଯେ କି ତାର ମନର ରାଜକୁମାରକୁ ଦୂରରୁ ହିଁ ରହି ଅନୁଭବ କରୁଚି ।

ତମ ଆଖିର ରକ୍ଷା କବଚ, ମୋତେ ମନେପକାଇ ଦେଇଥିଲା, କଲେଜ ଯିବା ସମୟରେ , କଣ୍ଡକ୍ଟର ର ଲୋଲୁପ ଦୃଷ୍ଟିରୁ ବଞ୍ଚେଇ ଦବାର ଦୃଷ୍ୟ ଓ ଅନୁଭବ ।

ଏଇ ସମୟରେ ତପନର ବ୍ୟବହାର ଅଧିକ ମୁଣ୍ଡ ଚଢି ଯିବାରୁ, ତମେ ମୋତେ ଟାଣି ନେଇଥିଲ କ୍ଲବର ଗୋଟେ କୋଣକୁ ଆଉ କହିଲ, ମୋତେ ଶୀଘ୍ର ବାହାରି ସେ ଜାଗା ଛାଡି ଘରକୁ ଯିବା ପାଇଁ । ତମେ କହିଦେଇ ଯିବା ପରେ , ମୁଁ ବାହାରି ଆସିଥିଲି ଆଉ ସାଥିରେ ସାଉଁଟି ଅଣିଥିଲି ତିନୋଟି ଜିନଷ :- ତମେ, ମୁଁ ଆଉ "ତମ ଅନୁଭବ" ମୋତେ ନେଇ ॥

# ସମୟ ତମେ...



ବାବାଜୀ ଚରଣ ସାହୁ
ଫୁଲନଖରା , କଟକ

ସମୟ ତମେ ବଦଳି ଗଲ ଦୁଃଖ କୁ ତମେ ସୁଖ ଭାବିଲ
ଲୁହକୁ ତମେ ତୁମ୍ଭର ନୟନ ଧାରେ ହସ ଭରି ଦେଲ
ବୁଝି ପାରିଲିନି ହୃଦୟ ଭିତର କୋଣରେ କାନ୍ଦୁଛି ସଂସାର
ଏମିତି କାହିଁକି ବିନାହସରେ ଭାଙ୍ଗିଗଲା ସୁଖ ର ସୁନ୍ଦର ଜୀବନ।।

ସମୟ ତମେ ବଦଳି ଗଲ ପୂର୍ଣ୍ଣିମା ରେ ଅନ୍ଧାର ଦେଲ,
ତୁମ ପାଇଁ ଆକାଶ ରେ ବିନା ମେଘରେ ବର୍ଷା ର ଅଦ୍ଭୁତ ଆକର୍ଷଣ
ଦେହର ସୃଷ୍ଟି ନଥାଇ ମଧ୍ୟ ଯୌବନ ର ଏତେ କାହିଁକି ଶିହରଣ
ପରିବର୍ତ୍ତନ ହୋଇ ଗଲା କି ଭୂଗୋଲକର ଭୂଗୋଳ
ମାଡି ଆସିଲା କି ପୃଥିବୀର ତାଣ୍ଡବଲୀଳା ର ସେ ଆରମ୍ଭ ସମୟ।।

ସମୟ ତମେ ବଦଳି ଗଲ ବିନା ଆଲିଙ୍ଗନ ରେ ପ୍ରେମ ଭରିଲ,
ମେଘ ମହ୍ଲାରର ସେ ସ୍ମୃତି ରହିଛି ମନର ଦେଶ ଭିତରେ
ଫୁଲ ନଥାଇ ବି ମନ ଉପବନେ କାହିଁକି ହୃଦୟ ଅଳସୀ ଭାଙ୍ଗେ
ପ୍ରେମ ର ଏହି ଅକୁହା କଥା ଶବ୍ଦ ॥

# ପ୍ରେମର ଦୁଇଟି ରଙ୍ଗ...



ଅମରଜୀତ ସାହୁ
କେନ୍ଦ୍ରାପଡ଼ା

**ସଂ**ଧ୍ୟା ସମୟରେ ନଇଁ ଯାଉଥିବା ସୂର୍ଯ୍ୟର, ଇନ୍ଦ୍ରଧନୁର ରଙ୍ଗ ଶାଖା ପରି, ଆଜିର ଏ ବିଜ୍ଞାନ ଭରା ଦୁନିଆରେ, ସାଧାରଣ ଭାବରେ ସାତଟି ମୁଖ୍ୟ ରଙ୍ଗର ହିଁ ଆଜି ଯାଏଁ ଆବିଷ୍କାର ହେଇଚି ବୋଧେ । କାରଣ ମୁଁ ତ ହେଲି ସାହିତ୍ୟିକ ମଣିଷଟେ, ତେବେ.... ବିଜ୍ଞାନ ବିଷୟରେ ଏତେ ଗବେଷଣା ଜଣା ନାହିଁ ଯଦିଓ, ସ୍କୁଲ ବେଳେ ଚିତ୍ରାଙ୍କନ ପରୀକ୍ଷାରେ ଯାହା ଜାଣିଥିଲି । କିନ୍ତୁ ଯୁବକ ଅବସ୍ଥାରେ ପାଦ ଦେବା ପରେ ଓ ସାହିତ୍ୟର ଶବ୍ଦ ମାନଙ୍କୁ ଅନୁଭବ କଲା ପରେ, ଦୁନିଆରେ ଅଷ୍ଟମ ରଙ୍ଗର ଉପଲବ୍ଧି ଜାଣିପାରିଲି ଏବଂ ତାର ନାଁ ଥିଲା...... "ପ୍ରେମ"। ଯାହାର କାୟା ଅଛି କିନ୍ତୁ ନାହିଁ ଛାଇ, ଯାହାର ଉତ୍ପତି ଅଛି କିନ୍ତୁ ନାହିଁ ଅନ୍ତ , ଆଉ ହଁ.....ସେ ଅନ୍ୟ ସବୁ ବଦଳିଲା ରଙ୍ଗ ଭଳି, ସେ ପ୍ରେମ ରଙ୍ଗର ଚିହ୍ନ ନାହିଁ କିନ୍ତୁ ଥାଏ ଖାଲି...... ମନରେ ଗୋଟେ ମିଠା ଛାପ । ହେଲେ ସେ ପ୍ରେମ ଭି ଦୁଇଟି ରଙ୍ଗର ସମଷ୍ଟି, ତାହା ଏ ବାସ୍ତବ ଓ କଳ୍ପନା ମିଶ୍ରିତ କାହାଣୀର ଅନ୍ତ ରେ ଜାଣି ପାରିବେ ।

ବହୁତ ପ୍ରତିକ୍ଷା ପରେ, ଅଫିସର ପ୍ରଥମ ଛୁଟିରେ , ମୁଁ ମୋର ପରିଚିତ "ମା ଜାଗୁଲେଇ" ବସ ଧରିଲି, କଟକ ବାଦାମ ବାଡି ଷ୍ଟାଣ୍ଡରୁ ଘରକୁ ଯିବା ପାଇଁ, କେନ୍ଦ୍ରାପଡା ପଟାମୁଣ୍ଡାଇ । ବସ ବାହାରିବାକୁ କିଛି ସମୟ ଥାଏ, ମୁଁ ଅନ୍ୟମାନସ୍କ ଭାବରେ ମୋ ସିଟରେ ନ ଯାଇ ଆଉ ଗୋଟେ ସିଟରେ ବସି ଯାଇଥିଲି ଭୁଲରେ । " କ'ଣ କରିବି ଆଜ୍ଞା....., ଭାବୁକ ମଣିଷଟା ତ.....ଟିକେ ଏମତି ହେଇଯାଏ ଆଉ.......।" କିଛି ସମୟ ପରେ ଜଣେ ଯୁବତୀ ଆସିଲେ ଓ ମୋତେ କହିଲେ ସିଟ ଖାଲି କରିବାକୁ , ମୁଁ କାହିଁକି ବୋଲି ପଚାରିବାରୁ କହିଲେ କି " ଏଇଟା ମୋ ସିଟ " ଏବଂ ଟିକେଟ ଦେଖେଇ କହିଲେ "୯ ନଂ ମୋ ସିଟ" । ଟିକେଟ ଦେଖିବା ପରେ ମୁଁ ସେ ସିଟ ଛାଡି, ତିନିଟିକିଆ ସିଟର ଅନ୍ୟ ପ୍ରାନ୍ତରେ ବସିଲି ।

ପ୍ରିୟ ପାଠକ ମଣ୍ଡଳୀ, ଆପଣ ଭାବୁଥିବେ ତିନି ଟିକିଆ ସିଟରେ ମୁଁ ଏକ ଦମ ଆରପାଖ ସିଟକୁ କାହିଁ ଆସିଲି ? ଆଜ୍ଞା, ଯା ପଛରେ ତିନିଟି କାରଣ ଥିଲା, ପ୍ରଥମଟି ହେଲେ, ନାରୀ ଜାତିକି ସମ୍ମାନ । ଯେମତି ମୋର କୌଣସି ହରକତ ପାଇଁ, ଯୁବତୀ ଜଣକ ବସ ଭିତରେ ଅସହଜ ନ ହୁଅନ୍ତୁ । ଦ୍ୱିତୀୟ ଟି ହେଲା କେବଳ ପ୍ରେମ କାହାଣୀ ପସନ୍ଦ କରେ କିନ୍ତୁ ବାସ୍ତବ ଜୀବନରେ ମୁଁ ନାରୀ ଜାତି ଠାରୁ ଚାରିହାତ ଦୂରରେ ଚାଲେ, ଆଜିର ବାସ୍ତବ

ସମାଜର, କିଛି ଅସଭ୍ୟ ପୁଅ ମାନଙ୍କୁ ନେଇ ସୃଷ୍ଟି ହେଇଥିବା କଳଙ୍କ ପାଇଁ । ଆଉ ତୃତୟଟି ହେଉଛି, କଣ୍ଡକ୍ଟର ଅନ ଭାଇ , ମୋ କଲେଜ ବେଳର ପାନ ଖିଆ ବନ୍ଧୁ । ମୁଁ ବସ ଧରିଲେ ମୋ ଠାରୁ ପାନ ଖାଇବା ଆରମ୍ଭ ହେଇଯାଏ ଆଉ, ଏଣୁ ତେଣୁ ଗପୁ ଗପୁ ରାସ୍ତା ବି କଟିଯାଏ ।

ବସ ଠିକ ବାଦାମ ବାଡି ଗୋଲେଇ ଛକ ଅତିକ୍ରମ କରୁଥାଏ....ହଠାତ୍ ଜଣେ ସୁନ୍ଦର ଯୁବକ, ଗୋଟେ ଗୋଲାପରେ ସଜ୍ଜା ହେଇଥିବା ପତ୍ର ସହ ଧରି ଆସି ମୋ ପାଖ ସିଟରେ ବସିପଡିଲେ ।

ସତ କହିବାକୁ ଗଲେ ବୋଧ ହୁଏ ପୂରା ବସରେ ସେ ଦୁହେଁ ଅନ୍ୟମାନଙ୍କ ଠାରୁ ବାରି ହେଇ ପଡୁଥିଲେ । ଜଣେ ବର୍ଷା ପୂର୍ବର ଶୀତଳ ମଳୟ ତ, ଆଉ ଜଣେ ସେ ଅଦିନିଆ ବର୍ଷା ଦିନର ଜଳ ବିନ୍ଦୁ । ଜଣେ ସବୁଜ ରଙ୍ଗର ପତ୍ର ଭରା ଡାଳ , ତେବେ ଆର ଜଣ ସେ ଡାଳର ଲାଲ ରଙ୍ଗର ରକ୍ତ ଗୋଲାପ । ବଗିଚାର ଗୋଟେ କୋଣରେ, ଗୋଟେ ଶ୍ୱେତ ରଙ୍ଗର କୁଣ୍ଡ  ପରି ମଳୟରାଜ ପଟ୍ଟନାୟକ ( ମଳୟ ) ଓ ସେ କୁଣ୍ଡ ଭିତରେ ନିଶ୍ଚିତ  ସୁରକ୍ଷିତରେ ଥିବା ଗୋଟେ ଲାଲ ରଙ୍ଗର ଗୋଲାପ ପରି ବର୍ଷାରାଣୀ ମହାପାତ୍ର ( ବର୍ଷା ) ଧରିଥିଲେ ମଳୟର ହାତକୁ ଜନସମାଜର ଆଢୁଆଳରେ ଓ ହଜି ଯାଇଥିଲେ ନିଜ ନିଜ ଭାବନା ରାଇଜରେ ।

ଗାଡି ମହାନଦୀ ପୋଲ ପାର କରି ଜଗତପୁର ରେ ପହଞ୍ଚି ସାରିଥାଏ, ହେଲେ ଏବେ ବି ମଳୟ କୁ ଦେଖି ବର୍ଷା ଆଖିର ଯେଉଁ ଝଲକ ଓ ମୁଖମଣ୍ଡଳର ସତେଜତା ତାହା ଅବିଚ୍ଛିନ ଥାଏ । ସତେ ଯେପରି ଗ୍ରୀଷ୍ମର ତାପର ନିଷ୍ଠୁରତା ପରେ ଅକସ୍ମାତ, ମୟୂର ବହୁ ପ୍ରତିକ୍ଷିତ ବର୍ଷାର ଏକ ସୂକ୍ଷ୍ମ ଛିଟାର ସ୍ପର୍ଶ ଅନୁଭୂତ କରିଛି ।

ଗାଡି ଆଗକୁ ନିଜ ଲକ୍ଷ୍ୟରେ ଗଡି ଚାଲିଥାଏ, ଆଉ ଲୋକମାନେ ବି ନିଜ ନିଜ ଲକ୍ଷ୍ୟ ଚିହ୍ନଟ କରି ବିଦାୟ ନେଉଥାନ୍ତି । ଯୁବତୀକୁ ବାନ୍ତି ଲାଗିବାରୁ, ମଳୟ ମୋ ଠାରୁ ପାଣି ବୋତଲ ନବାକୁ ଇଚ୍ଛା କଲା । ପାଣି ଟିକେ ଢୋକି ଦେଇ ଯୁବତୀ ଜଣକ ଶୋଇପଡିଲେ ଏବଂ ତା ପରେ ଆରମ୍ଭ ହେଇ ଗଲା ମୋର ଓ ମଳୟଙ୍କ ଭିତରେ ବାର୍ତ୍ତାଳପ ।

ଯାହା ଜାଣିବାକୁ ପାଇଲି, କଥାଟି ହେଲା ଏହି ପରି କି ; ମଳୟ ଭାରତୀୟ ସେନାରେ ଏକ ସୈନିକ ରୂପେ କାର୍ଯ୍ୟରତ ଓ ବର୍ଷା ବାଣିଜ୍ୟ ବିଭାଗରେ ,ଭୁବନେଶ୍ୱରରେ ଅଧ୍ୟୟନରତ । ପ୍ରଥମେ ଦୁହେଁ କେବଳ ବନ୍ଧୁଥିଲେ କିନ୍ତୁ ଦୁହେଁ ପରସ୍ପରକୁ ଭଲପାନ୍ତି କି  ନା,  ଜାଣନ୍ତି ନାହିଁ । ଘରେ ବଡ ନାନି ର ବାହାଘର ପାଇଁ, ବର୍ଷାର ମାମୁଁ ପୁଅ ଭାଇ ବାଦାମବାଡି ଷ୍ଟାଣ୍ଡକୁ ଆସିଥିଲେ, ବର୍ଷାକୁ ଗାଁକୁ ଯାଉଥିବା ବସରେ  ବସେଇବା ପାଇଁ । ଦୀର୍ଘ ଦଶମାସର ବ୍ୟବଧାନ ପରେ, ମଳୟ ଆସିଥାଏ ଛୁଟି ଗାଁକୁ ଯିବା ପାଇଁ । ଯେହେତୁ ପ୍ରେମକୁ ନେଇ ଥିବା ଦୁଇଟି

ରଙ୍ଗ ଗୋଟେ "ସଙ୍କୋଚ" ଓ ଆରଟି ହେଉଚି "ପ୍ରେମ" ନିଜେ, ମେଳ ଖାଉ ନଥାଏ ଆଉ ଭାଇଙ୍କ ଡର କାରଣରୁ, ବର୍ଷା ଆଉଗୋଟେ ସିଟ ରିଜର୍ଭ କରିଥିଲା ମଳୟ ପାଇଁ , ସେ ବି ଭାଇଙ୍କ ଅଜାଣତରେ । ମଳୟ ସହ ବହୁତ କଥା ହବା ପରେ ମୋତେ ଚୋରାପିରତୀ  ମାନେ ଘର ଲେକଙ୍କ ଅଜାଣତରେ ପ୍ରେମିକାକୁ ଭେଟିବାର ମଜା ଆଉ ସେଥିରେ ପ୍ରେମିକାର ସହୋଯୋଗ କରିବା , ଯେମତି ଗୋଟେ ଅନନ୍ୟ ଖୁସିର ଅନୁଭୂତି ଆଣି ଦେଉଥିଲା । କିନ୍ତୁ ବର୍ଷାଙ୍କ ଘରେ ଯେ ସୈନିକଙ୍କ ର କୌଣସି  ସ୍ଥାନ ନଥିଲା , ସେ କଥାଟା ଜାଣିଲା ପରେ, ମୁଁ ଯେ କ'ଣ କହିବି ମଳୟକୁ, ମୁଁ ବୁଝିପାରି ନଥିଲି । ସାଧାରଣତଃ ଅାମ ଓଡିଶାରେ ସାହାସୀ ପସନ୍ଦ କିନ୍ତୁ ସେ ସାହସିକାତାକୁ କେହି ନିଜର କରିବାକୁ ଚାହାନ୍ତି ନାହିଁ । ଯେପରି ମଳୟ ର ପ୍ରଭାବରେ ସାଧାରଣ ବୃକ୍ଷଟି ସୁଗନ୍ଧିତ ଚନ୍ଦନ ବୃକ୍ଷରେ ପରିଣତ ହୁଏ, ସେଇ ମଳୟର ଗୋଟେ ଝୋକା ଦିନେ ବର୍ଷାର ପରିବାରର ମନରେ ପରିବର୍ତ୍ତନ ଆଣିବ ବୋଲି, ସେଦିନ ସୋଲଜର ମଳୟର ଆଖିରେ ସେ ବିଶ୍ବାସକୁ ମୁଁ ଦେଖି ପାରିଥିଲି।

ଗାଡି ପଛାମୁଣ୍ଡାଇ ହେବାରୁ , ମଳୟ ଆଗେ ଗାଡିରୁ ଓହ୍ଲେଇ ପଡି ଚାଲିଯାଇଥିଲା ଓ କହି ଯାଇଥିଲା ବର୍ଷାକୁ " ବାପାଙ୍କୁ ଫୋନ କର ଓ ବଜାରରେ ବେସି ସମୟ ନ ରହି ସିଧା ଘରକୁ ଯିବ । ଆଉ ହଁ  ପହଞ୍ଚିକି ମୋତେ ଫୋନ କରିବ, ମୁଁ ଆପେକ୍ଷାରେ ଥିବି !" ଗୋଟେ ସ୍ମିତ ହସ ସହ ବର୍ଷା ଉତ୍ତର ଦେଇଥିଲା "  ହଁ ବାବା.....ମୁଁ ଶୀଘ୍ର ଘରକୁ ଯିବି ଓ ତମକୁ ଫୋନ କରିବି ।"

ଏହି କମ ସମୟର ଓ ଶୀଘ୍ରତା ଭିତରେ ଥିବା ଏଇ ବର୍ତ୍ତାଳାପଟି ଥିଲା ପ୍ରେମର ଆଉ ଦୁଇଟି ରଙ୍ଗର ଗୋଟେ ପ୍ରେମ ଭରା ଛାପ ଯାହାକୁ ମଳୟ ଓ ବର୍ଷା ଦୁହେଁ ନେଇଥିଲେ ସେଦିନ ବସରୁ ଯିବା ସମୟରେ, ନିଜ ନିଜ ହୃଦୟରେ ସାଇତିକି । ଗୋଟେ ଥିଲା "ଭଲପାଇବାର ସମ୍ମାନ"(ସମାଜରେ ଇଜ୍ଜତ ) ଓ ଅନ୍ୟଟି ଥିଲା ଭଲପାଇବାର ଯତ୍ନ ( କେୟାରିଙ୍ଗ ) ।

( କଥାଟିଏ.......ମୋ ନିଜସ୍ୱ ଅନୁଭୂତି !!!! )

# ସମୟ ର ବେଗ...



**ସୁମିତ୍ରା ନାୟକ**
ବାଜପୁର , ମାହାଙ୍ଗା, କଟକ

ସମୟ ର ବେଗେ ଦିନେ ମାଟିରେ ମିଶିବା॥
ଜନମ ହୋଇଛେ ନିଶ୍ଚେ ମୃତ୍ୟୁ
ଆବୋରିବା॥

କାହା ପାଇଁ ମନେ କ୍ରୋଧ କାହିଁକି ଆଣିବା॥
ଇର୍ଷା ଗର୍ବ ହିଂସା ଭାବ ମନୁ ଦୁରୁଁ ଦେବା॥
ଭଲ ପାଇବା ର ଚାରା ସମସ୍ତେ ବୁଣିବା॥
ଦିନ ଦୁଃଖୀ ଜନ ଙ୍କୁ ସହଆୟ ହୋଇବା॥
କରୁଣା ର ଭାବ ମନେ ଜାଗ୍ରତ କରିବା॥

ସମୟ ର ବେଗେ ଦିନେ ମାଟିରେ ମିଶିବା॥
ଜନମ ହୋଇଛେ ନିଶ୍ଚେ ମୃତ୍ୟୁ
ଆବୋରିବା॥

ମନେ କ୍ଷମା ଭାବ ନିଶ୍ଚେ ଆବୃତ ରଖିବା॥
ଯେଝା କର୍ମେ ଯେଝା ସର୍ବେ ନିବୃତ୍ତ ରହିବା॥
କର୍ମ ହିଁ ଇଶ୍ୱର ସୂତ୍ରେ କର୍ମ କରିଯିବା॥
ଫଳ ଆଶା ନରଖି କର୍ମେ ଯୋଗ ଦେବା ॥
ଇଶ୍ୱର ଙ୍କ ଉପେ ସଦା ଭରଷା ରଖିବା॥

ସମୟ ର ବେଗେ ଦିନେ ମାଟିରେ ମିଶିବା॥
ଜନମ ହୋଇଛେ ନିଶ୍ଚେ ମୃତ୍ୟୁ
ଆବୋରିବା॥

ମନୁଷ୍ୟ ଜନମ ତେବେ ସାର୍ଥକ ହୋଇବ॥
ଯେବେ କାର୍ଯ୍ୟ ସବୁ ଅନ୍ୟ ହିତରେ ସାଧିବ॥
ସ୍ୱାର୍ଥ ହିଂସା ଇର୍ଷା ଗର୍ବ ମନୁ ତ୍ୟାଗୀଦେବ॥
ତେବେ ମନୁଷ୍ୟ ଜନ୍ମ ର ମହତ୍ତ୍ୱ ରଖିବ ॥
ମୃତ୍ୟୁ ପରେ ମଧ ଯୁଗେ ଅମର ରହିବ ॥

ସମୟ ର ବେଗେ ଦିନେ ମାଟିରେ ମିଶିବା॥
ଜନମ ହୋଇଛେ ନିଶ୍ଚେ ମୃତ୍ୟୁ
ଆବୋରିବା॥

# ଫେରେଇ ପାରିବ କିଏ ?



ରୋଜି ଭୋଇ ପ୍ରଧାନ
ତୁଂଡଲା , କେସିଙ୍ଗା , କଳାହାଣ୍ଡି

ଏ ଜିବନ ଯଉବନ ସବୁଗଲା ଚାଲି,

ଜୀବନେ ମୋ ପିଲାଦିନ ପାରିବିକି ଭୁଲି ॥

ଫେରାଇ ପାରିବ କିଏ ମୋ ପିଲାଦିନ,

ଖୋଜିଆଣି ଦେବ କିଏ ହଜିଲା ଜୀବନ ॥

ମାଆ ପଣତର ବାସ୍ନା ତା" ହାତ ପରଶ,

ଦିନରାତି ଖୋଜିହୁଏ ମନ ମୋ ଉଦାସ ॥

ଗୁଣ୍ଠୁଣିର ଧନ ଥିଲି ମୁହିଁ ପିଲାଦିନେ,

କେତେ ଅଲି ଅରଦଳି କରିଛି ଜୀବନେ ॥

ମା"ହାତଧରି ଚାଲିଶିଖେ ଅଛି ମୋର ମନେ,

ସନ୍ଧ୍ୟାକାଳେ ଜହ୍ନଦେଖେ ମୁଁ ଖୋଲାଗଗନେ ॥

ନାନା ବାୟା ଗୀତ ଶୁଣେ ମଧୁର ସ୍ୱରରେ,

କେତେବେଳେ ନିଦଆସେ ମା"ର କୋଳରେ ॥

ଅମୂଲର ମୂଳ ଲାଗେ ମା" କୋଳ ମତେ,

ତାରାମେଳେ ଜହ୍ନ ଖିଲିଖିଲି ହସେ କେତେ ॥

ଜେଜେ ମା"ର ଟୁଆଁ ଟୁଇଁ ବାଘମାମୁଁ ଗପ,

ଗୁଣ୍ଡିଗୁଆପାନେ ଜେଜେଙ୍କ ପଡୁଥାଏ ଥୋପ ॥

ମୋ ଗାଁ ସ୍କୁଲୁ ଚାଟଶାଳୀ ପାଠ,

ବାପାଙ୍କ ରାଗକେତେ ଭାଙ୍ଗିଛି ମନ ହାଡ଼ ॥

ମନେପଡେ ଗୁରୁଜୀଙ୍କ ବେତବାଡି କଥା,

ଅଙ୍କକଷା ପଣିକିଆ ଘୋଷା ମିଛ ମୁଣ୍ଡବଥା ॥

ରହ ଆରେ କାଠୁରିଆ ନ ପକାଅ ହାଣି,

ଆଜିବି ମନେ ଅଛି ଭୁଲି ମୁଁ ଯାଇନି ॥

ତୁମପରି ଛୋଟ ପିଲାଟିଏ ଯେ ପଦ୍ୟାଂଶ,

ଅନର୍ଗଳେ ଗାଇଯାଏ ମୂଳରୁ ମୁଁ ଶେଷ ॥

ମୋଗାଁ ମୋ ନଈଁନାଳ ମୋ' ପାଣିପବନ,

ମୋ ବନିଶିରେ ମାଛଧରା ମୋର ପିଲାଦିନ ॥

ଫେରେଇ ପାରିବ କିଏ ସାଙ୍ଗ ସାଥୀ ମେଳ,

ବହୁଚୋରି ଖୋକୋ କବାଡି ଲୁଡୁପଟା ଖେଳ ॥

ଆମ୍ବ ଚୋରି କାକୁଡି କିଆରୀରେ ଲୁଚକାଳି,

ସମୟ ସାଥିରେ ଆଜି ମୁଁ ସବୁ ଭୁଲିଗଲି ॥

ବୋହିଗଲା ପାଣି ଆଉ ଫେରିବ କି ସିଏ,

ସେ ପିଲାଦିନ ଚୋରିକରି ନେଇଗଲା କିଏ ॥

କୁଆଁକୁଆଁ ରାବଠୁ ଭଜେ ଆଜି ହରି ନାମ,

ଫେରେଇ ଦେବ କିଏ ମୋ ପିଲାଦିନ ॥

ମୋହ ମାୟା ମିଛସବୁ ଏ ସାରା ଦୁନିଆଁ,

ଏନ୍ତୁଡିର ନିଆଁ ଆଜି ସାଜେ ଯୁଇନିଆଁ ॥

# ଆସିଣ ଆସିଛି...



**ଶିଶିର କୁମାର ସାମଲ**
(ସମ୍ପାଦକ , ମହ୍ଲାର ଇ –ପତ୍ରିକା)
କଣ୍ଟିପୁର, ବିଂଝାରପୁର, ଯାଜପୁର

ଏଇ ଦେଖ ଆସିଣ ଆସିଛି ପୁଣି
କାଶତଣ୍ଡୀ ଫୁଲକୁ ସାଥିରେ ନେଇ ,

ମା'ଙ୍କ ଆଗମନେ ଧାରା ବି ହସୁଛି
ନିଜ ତନୁକୁ ସଜେଇ ଦେଇ ||

ପ୍ରୀତି ପାର୍ବଣ ଯେ ଉଭା ହୋଇଅଛି
ପାଦରେ ଅଳତା ନାଇ ,
ଚାରିଦିଗୁ ସତେ ଶୁଭଉଅଛି ଖାଲି
ଶୁଭ ଶଙ୍ଖ ସାହାନାଇ ||

କଇଁ ବି ନିଜକୁ ସଜାଇ ରଖୁଛି
ଆଖିରେ ସପନ ନେଇ ,
ବୟସ ଜୁଆର ଖେଳୁଛି ତା' ଦେହେ
ଜହ୍ନ ଆଡେ ଦେଲେ ଚାହିଁ ||

ମନ ଆକାଶରୁ ଝାଡୁଅଛି ତା'ର
ରୂପ ଜୋଛନାର ରେଣୁ ,
ନୂଆ ଏକ ଛନ୍ଦେ ସୁର ତୋଳୁଅଛି
ଉଷାର ମୋହନ ବେଣୁ ||

ଆହେ ଦଶଭୁଜା ମାଗୋ ଅନଳ ସୁତା
ଆଶା ପୁଣି ଅବତରି ,
ତୁମ ଅଗମାନେ ସବୁ କ୍ଳାନ୍ତମାନୁ
ଦୁଃଖ,କ୍ଲେଶ ଯାଉ ଅବତରି ||

ନିଜେ ଆସି ଥରେ ଦେଖିଯାଅ ଏଠି
ନର ମହିଷ ମାନଙ୍କ ଲୀଳା ,
ଆଜିବି ଏଠାରେ ଅସୁରକ୍ଷିତା ଯେ
ଅଯଶ୍ର ତନୟା, ସରଳା ||

ଯେଉଁ ଆଡେ ଚାହଁ ଦୁର୍ଗତି ଦୁଷ୍କର୍ମ
ହିଁସା,ଦୋଷ ,ହୀନ ବୃତ୍ତି ,
ବହୁ କଷ୍ଟଦାୟକ ଏ ଜନ ବିମୁଖତା
ତୋ'ର ପୂଜା ଭକ୍ତି ପ୍ରତି ||

ଜାଳିଦିଅ ମାଗୋ ଦିବ୍ୟଚେତନାର ଶିଖା
ମନର ଗଭୀର ଜଳେ ,
ଦୂରେଇ ଯାଉ ଗୋ ଅନ୍ଧ ତମସା
ସର୍ବ ଅନ୍ତର ତଳେ ତଳେ ||

# ଏ ସଂସାର ପାନ୍ଥଶାଳା...



କବି ଛନ୍ଦବାକ୍ ଶ୍ରୀ ନନ୍ଦକିଶୋର ପ୍ରଧାନ

କବିସୂର୍ଯ୍ୟନଗର, ଗଞ୍ଜାମ

(ରାଗ - ଚୋଖି)

ଏ ସଂସାର ପାନ୍ଥଶାଳା ବନ୍ଧୁ ବାନ୍ଧବ ମଉଳା
ପତ୍ନୀ ପୁତ୍ର ପୁତ୍ରୀ ମେଳା କ୍ଷଣ ଭଙ୍ଗୁର
ବସିଥିଲେ ସାଙ୍ଗ ହୋଇ ସମୟ ଶ୍ରମ ତୁଟାଇ
କାଳ କବଳରେ ଯାଇ ଶମନପୁର
କର୍ମ ବନ୍ଧନ ଗଲେ ତୁଟି
କେ କାହାକୁ ଆଉ ପରା ନପାରେ
ଭେଟି।।୧।।

ଯେପରିକି ନଦୀ ସ୍ରୋତରେ ଭାସନ୍ତି
ଶୁଷ୍କପତରେ
ଯୋଡ଼ି ହୋଇ ସଙ୍ଗତରେ କ୍ଷଣକ ପାଇଁ
ମୃତ୍ୟୁ ଭଉଁରୀରେ ପଡ଼ି ଛାଡ଼ ଯାଇ ଯେହ୍ନେ
ଯୋଡ଼ି
ଫରକ ହୋଇ ଯାଉଛି ଜୀବନ ତହିଁ
ଏହି ପରି ପ୍ରାଣୀଙ୍କ ଗତି
ଭବନଦୀ ପାଣିରେ ସମସ୍ତେ ଭାସନ୍ତି।।୨।।

ବିଷୟା ମାୟାର ଫାଶ ପାତି କରି କାଳ ଦାସ
ମୀନ ରୂପି ମାନବଙ୍କୁ କରନ୍ତି ନାଶ
ସମ୍ପଦ ଜଳରେ ଭାସି କାମନା ଜମ୍ବାଳେ ପଶି
ଲୋଭ ମୋହ ଦଳ କୋଳେ କରିଛି ବାସ
ଏପରି ସଂସାର ବିଳାସ
ପାଶୋରି ଭଜରେ ମନ ଶ୍ରୀ ଜଗଦୀଶ।।୩।।

ମାୟା ଖୋଲିବ କବାଟ ଦିଶିବ ମୁକ୍ତିର ବାଟ
ହରିନାମ ମୁଖେ ରଟ ସଞ୍ଜ ସକାଳେ
ନିଷ୍କାମ କରମ କରି କାମନା ବାସନା ହରି
ଲୋଭ ମୋହକୁ ସହଁରି ଅବଶ କାଳେ
କାଳକୁତ କେ ନାହିଁ ବଳି
କିର୍ତ୍ତୀ ସଜ୍ଜିବତୀ କାଳ ନପାରେ ଦଳି।।୪।।

କିର୍ତ୍ତୀ ଏକା ଚିରଞ୍ଜିବୀ ଧରି ରଖିଥାଏ ଭୁବି
ରବି ଦିବି ଶଶୀ ଛବି ବିକାଶୁ ଥାଇ
ଏଣୁ ମହତ୍ତ୍ୱ ପୁରୁଷ ପଉରୁଷ ନୁହେଁ ଶେଷ
ଅମର ଅକ୍ଷୟ ଯଶ ସୁଗୁଣ ଗାଇ
ମରି ଆମେ ଅମର ହେବା
କହେ ନନ୍ଦ ଜ୍ଞାନନନ୍ଦ କର୍ମ କରିବା।।୫।।

ପରମାତ୍ମାଙ୍କର ଅଂଶ ଅଟୁରେ ତୁହି ମଣିଷ
ଏ ଶରୀର ଧୂଳି ପାଂଶ ଯିବ ଉଡ଼ାଇ
ପର ଉପକାର ସ୍ୱର୍ଗ ପର ପୀଡ଼ନ ଦୁର୍ଯୋଗ
ମହାପାପ ନର୍କ ଭୋଗ ଶାସ୍ତ୍ର କହଇ
ଆପ୍ତବାଣୀ ମନରେ ଗୁଣି
ଆତ୍ମା କଲ୍ୟାଣରେ ଲଗା ହୃଦ ଏକ୍ଷଣୀ।।୬।।

# ଅଷ୍ଟକଳା ନାଗ...



ହିମାଳିନୀ ହୋତା
ବ୍ରହ୍ମପୁର , ଓଡିଶା

ପିଲା ଦିନୁ ଦେଖିଆସିଛି ମୋ ଅଜା ଙ୍କ ଘରେ ନାଗ ଦେବତା ଙ୍କୁ ପୂଜା କରାଯାଏ।ଦଶହରା ସମୟ ରେ ଏବଂ ବାହା ଘର,ବ୍ରତ ସମୟରେ ପ୍ରଥମେ ନାଗ ଦେବତା ଙ୍କୁ  ପୂଜା କରିବା ତାଙ୍କ ଘର ର ନିୟମ ଥିଲା।ସାଧାରଣତଃ ବ୍ରାହ୍ମଣ ପରିବାର ରେ ନାଗ ଦେବତା ଙ୍କୁ ଘର ର ଇଷ୍ଟ ଭାବେ ପୂଜା କରାଯାଇନଥାଏ  ତେଣୁ ଘଟଣା କଣ ଜାଣିବା ପାଇଁ ମନ ରେ କୌତୁହଳ ଜାତ ହେଲା।ସନ୍ଦେହ ମୋଚନ ପାଇଁ ବୋଉ ଙ୍କ ଆଗରେ ଜିଜ୍ଞାସା ରଖି ପଚାରିଲି ଏବଂ ବୋଉଙ୍କ ଠାରୁ ଶୁଣିଲି ତାଙ୍କ ପୂର୍ବ ପୁରୁଷ ର କାହାଣୀ।

ଅଜା ଙ୍କ ପୂର୍ବ ପୁରୁଷ  ମାନେ ବହୁତ ସମ୍ଭ୍ରାନ୍ତ ଥିଲେ।ଓ ସେମାନେ ରାଜ ଦରବାରରେ କାର୍ଯ୍ୟ କରୁଥିଲେ।ସେହି ମାନଙ୍କ ମଧ୍ୟରୁ ଜଣେ ଦମ୍ପତି ଙ୍କ ର ଦ୍ଵିତୀୟ ଗର୍ଭ ରେ ଦୁଇଟି ଯମଜ ନାଗ ସନ୍ତାନ ଜନ୍ମ ଲାଭ କରିଥିଲେ।ପ୍ରଥମ ରେ ସେମାନଙ୍କ ଗୋଟିଏ କନ୍ୟା ସନ୍ତାନ ଥିଲା।ନାଗ ଛୁଆ ଦୁଇଟି ର ଜନ୍ମ ପରେ ସେମାନଙ୍କୁ ଦେଖି ସମସ୍ତେ ଭୟ କଲେ।କିନ୍ତୁ ମା ତ ସବୁବେଳେ ମା ସେ କିପରି ତାର କର୍ତବ୍ୟ ରେ ସ୍ନେହ ମମତା ଦେବା ରେ ଅବହେଳା କରିପାରିବ,ଛୁଆ ଦୁଇଟି କୁ ମା ତାର ଅତି ଯତ୍ନ ରେ ଲାଳନ ପାଳନ କଲା।ପାଞ୍ଚ ଦିନରେ ପଞ୍ଚୁଅତି କଲା ଆଠ ଦିନ ରେ ଆଠୁଆରୀ ପାଣି ଗାଧେଇଲା ,ଏକୋଇଶ ଦିନରେ ଏକୋଇଶିଆ ବିଧି ମତେ ପାଳନ କଲା।ଅଷ୍ଟ କଳା,ଚନ୍ଦ୍ର କଳା ବୋଲି ଦୁଇ ପୁତ୍ର ଙ୍କ ନାମକରଣ କଲା।ଦୁଇଟି ଦୋଳି ପକାଇ ପିଲା ଦୁଇଟି  କୁ ସୁଆଇଲା।ଏହିପରି କେତେ ଦିନ ବିତିଗଲା।ଦିନେ ମା ଟି ଝିଅ କୁ କହିଲା ଝିଅ ମୁ ଗାଧେଇବା କୁ ଯାଉଛି,ଚୁଲି ରେ କ୍ଷୀର  ଗରମ କରି ରଖିଛି,ଭାଇ ଦୁଇଟି ଯଦି ଉଠିପଡିବେ କ୍ଷୀର ପିଇବା କୁ ଦେବୁ।ଛୋଟ ଝିଅ ଟି ମା କଥାରେ ହଁ କଲା।ମା ଯିବା ପରେ ଛୋଟ ନାଗ ଛୁଆଟି ଉଠିପଡ଼ି ଭଉଣୀ ର ଗୋଡ଼ରେ ଗୁଡେଇ ହୋଇ ଖାଇବା କୁ ମାଗିଲା।ଗୋଡ ରେ ଗୁଡେଇ ହୋଇ ପଡିବାରୁ ଝିଅ ଟି ଭୟ ଭୀତ ହୋଇ ମା କହିବା ଅନୁସାରେ ଗରମ କ୍ଷୀର ଗିନା ଟା ନାଗ ଛୁଆ ଆଗରେ ରଖି ଦେଇ ଦୌଡ଼ି ପଳେଇଲା।ନାଗ ଛୁଆ ଟି ସାଙ୍ଗେ ସାଙ୍ଗେ କ୍ଷୀର ଗିନା ଭିତରେ ମୁହଁ ପୁରେଇଦେଲା କ୍ଷୀର ପିଇବା ପାଇଁ।ଫୁଟିଲା କ୍ଷୀର ରେ ମୁହଁ ମାରିବା ଯୋଗୁ ନାଗ ଛୁଆ ଟି ସାଙ୍ଗେ ସାଙ୍ଗେ ମରିଗଲା।ମା ଟି ଗାଧେଇ ସାରି ଘର କୁ ଆସିଦେଖିଲା ଗୋଟେ ଛୁଆ ଦୋଳି ରେ ନାହିଁ।ବ୍ୟସ୍ତ ହୋଇ ଚାରିଆଡେ ଖୋଜିଲା ,ଦେଖିଲା ବେଳକୁ ଛୁଆ ଟି

ପିଲା ଦିନୁ ଦେଖିଆସିଛି ମୋ ଅଜା ଙ୍କ ଘରେ ନାଗ ଦେବତା ଙ୍କୁ ପୂଜା କରାଯାଏ।ଦଶହରା ସମୟ ରେ ଏବଂ ବାହା ଘର,ବ୍ରତ ସମୟରେ ପ୍ରଥମେ ନାଗ ଦେବତା ଙ୍କୁ  ପୂଜା କରିବା ତାଙ୍କ ଘର ର ନିୟମ ଥିଲା।ସାଧାରଣତଃ ବ୍ରାହ୍ମଣ ପରିବାର ରେ ନାଗ ଦେବତା ଙ୍କୁ ଘର ର ଇଷ୍ଟ ଭାବେ ପୂଜା କରାଯାଇନଥାଏ  ତେଣୁ ଘଟଣା କଣ ଜାଣିବା ପାଇଁ ମନ ରେ କୌତୁହଳ ଜାତ ହେଲା।ସନ୍ଦେହ ମୋଚନ ପାଇଁ ବୋଉ ଙ୍କ ଆଗରେ ଜିଜ୍ଞାସା ରଖି ପଚାରିଲି ଏବଂ ବୋଉଙ୍କ ଠାରୁ ଶୁଣିଲି ତାଙ୍କ ପୂର୍ବ ପୁରୁଷ ର କାହାଣୀ।

ଅଜା ଙ୍କ ପୂର୍ବ ପୁରୁଷ  ମାନେ ବହୁତ ସମ୍ଭ୍ରାନ୍ତ ଥିଲେ।ଓ ସେମାନେ ରାଜ ଦରବାରରେ କାର୍ଯ୍ୟ କରୁଥିଲେ।ସେହି ମାନଙ୍କ ମଧ୍ୟରୁ ଜଣେ ଦମ୍ପତି ଙ୍କ ର ଦ୍ୱିତୀୟ ଗର୍ଭ ରେ ଦୁଇଟି ଯମଜ ନାଗ ସନ୍ତାନ ଜନ୍ମ ଲାଭ କରିଥିଲେ।ପ୍ରଥମ ରେ ସେମାନଙ୍କ ଗୋଟିଏ କନ୍ୟା ସନ୍ତାନ ଥିଲା।ନାଗ ଛୁଆ ଦୁଇଟି ର ଜନ୍ମ ପରେ ସେମାନଙ୍କୁ ଦେଖି ସମସ୍ତେ ଭୟ କଲେ।କିନ୍ତୁ ମା ତ ସବୁବେଳେ ମା ସେ କିପରି ତାର କର୍ତବ୍ୟ ରେ ସ୍ନେହ ମମତା ଦେବା ରେ ଅବହେଳା କରିପାରିବ,ଛୁଆ ଦୁଇଟି କୁ ମା ତାର ଅତି ଯତ୍ନ ରେ ଲାଳନ ପାଳନ କଲା।ପାଞ୍ଚ ଦିନରେ ପଞ୍ଚୁଅତି କଲା ଆଠ ଦିନ ରେ ଆଠୁଆରୀ ପାଣି ଗାଧେଇଲା ,ଏକୋଇଶ ଦିନରେ ଏକୋଇଶିଆ ବିଧି ମତେ ପାଳନ କଲା।ଅଷ୍ଟ କଳା,ଚନ୍ଦ୍ର କଳା ବୋଲି ଦୁଇ ପୁତ୍ର ଙ୍କ ନାମକରଣ କଲା।ଦୁଇଟି ଦୋଳି ପକାଇ ପିଲା ଦୁଇଟି  କୁ ସୁଆଇଲା।ଏହିପରି କେତେ ଦିନ ବିତିଗଲା।ଦିନେ ମା ଟି ଝିଅ କୁ କହିଲା ଝିଅ ମୁ ଗାଧେଇବା କୁ ଯାଉଛି,ଚୁଲି ରେ କ୍ଷୀର  ଗରମ କରି ରଖିଛି,ଭାଇ ଦୁଇଟି ଯଦି ଉଠିପଡିବେ କ୍ଷୀର ପିଇବା କୁ ଦେବୁ।ଛୋଟ ଝିଅ ଟି ମା କଥାରେ ହଁ କଲା।ମା ଯିବା ପରେ ଛୋଟ ନାଗ ଛୁଆଟି ଉଠିପଡ଼ି ଭଉଣୀ ର ଗୋଡ଼ରେ ଗୁଡେଇ ହୋଇ ଖାଇବା କୁ ମାଗିଲା।ଗୋଡ ରେ ଗୁଡେଇ ହୋଇ ପଡିବାରୁ ଝିଅ ଟି ଭୟ ଭୀତ ହୋଇ ମା କହିବା ଅନୁସାରେ ଗରମ କ୍ଷୀର ଗିନା ଟା ନାଗ ଛୁଆ ଆଗରେ ରଖି ଦେଇ ଦୌଡ଼ି ପଳେଇଲା।ନାଗ ଛୁଆ ଟି ସାଙ୍ଗେ ସାଙ୍ଗେ କ୍ଷୀର ଗିନା ଭିତରେ ମୁହଁ ପୁରେଇଦେଲା କ୍ଷୀର ପିଇବା ପାଇଁ।ଫୁଟିଲା କ୍ଷୀର ରେ ମୁହଁ ମାରିବା ଯୋଗୁ ନାଗ ଛୁଆ ଟି ସାଙ୍ଗେ ସାଙ୍ଗେ ମରିଗଲା।ମା ଟି ଗାଧେଇ ସାରି ଘର କୁ ଆସିଦେଖିଲା ଗୋଟେ ଛୁଆ ଦୋଳି ରେ ନାହିଁ।ବ୍ୟସ୍ତ ହୋଇ ଚାରିଆଡେ ଖୋଜିଲା ,ଦେଖିଲା ବେଳକୁ ଛୁଆ ଟି ଛୁଆ ଟି ଗରମ କ୍ଷୀର ରେ ପଡ଼ି ମୃତ୍ୟୁ ବରଣ କରିଛି।ବିକଳରେ କ୍ରନ୍ଦନ କଲା ମା ଟି ।ବିଧି ର ବିଧାନ ଏଇଆ ଥିଲା ଭାବି କାନ୍ଦି କାନ୍ଦି ଅନ୍ୟ ଛୁଆ ଟି କୁ ଯତ୍ନ ରେ ଲାଳନ ପାଳନ କରି ରହିଲା।ତା ପରେ ପରେ ଆଉ ଚାରଟି ପୁତ୍ର ସନ୍ତାନ ର ଜନନୀ ହେଲା ମା ଟି ।ପିଲାମାନେ ଧୀରେ ଧୀରେ ବଡ଼ ହେଲେ ,ତାଙ୍କ ସହ ନାଗ ଛୁଆ ବି ବଡ଼ ହେଲା।ନାଗ ପୁତ୍ର ଟି କାହାକୁ କିଛି ନ କଲେ ମଧ୍ୟ ଆକାରରେ ବଡ଼ ହେଇଯିବାରୁ ସମସ୍ତେ ଭୟ କଲେ ତାକୁ

।ଏପରିକି ସାଇ ପଡିଶା ମଧ୍ୟ ।ସମସ୍ତେ ତାକୁ ଘରୁ ବାହାର କରିଦେବାକୁ କହିଲେ।ମା ଟି ବହୁତ କାନ୍ଦିଲା।ନିଜ ଛାତିରୁ କ୍ଷୀର ଖୁଆଇ ବଡ଼ କରିଛି ତାକୁ ।କେମିତି ତାକୁ ଘରୁ ବାହାର କରିବ।କିନ୍ତୁ ସମସ୍ତେ ତାକୁ ବାଧ କରିବାରୁ ସେ ଦିନେ କାନ୍ଦି କାନ୍ଦି ନାଗ ପୁତ୍ର କୁ କହିଲା--- ବାପା ତୁ ବଡ଼ ,

ହେଇଯିବାରୁ ସମସ୍ତେ ତତେ ଦେଖି ଭୟ କରୁଛନ୍ତି,କିଏ ତତେ ମାରିଲେ ମୁଁ ସହ୍ୟ କରିପାରିବିନି ତେଣୁ ତୁ ଆଉ ଏ ଘର ଭିତରେ ନରହି ବାଡ଼ି ପଟ ବିଲା ରେ ଯାଇ ରହ। ଆଉ ମୋ ଆଖି ସାମ୍ନା ରେ ରହ।ନାଗ ପୁତ୍ର ଟି ମଧ୍ୟ ମା ର ଲୋତକ ପୂର୍ଣ ଆଖି କୁ ଦେଖି ସବୁ ବୁଝିପାରିଲା ପରି ବାଡିପଟ ବିଲା କୁ ଚାଲିଗଲା।

କାଳକ୍ରମେ 4 ପୁତ୍ର ଓ କନ୍ୟା ବଡ ହେଲେ।ଏ ଦମ୍ପତି ମଧ୍ୟ ବାର୍ଦ୍ଧକ୍ୟ ରେ ଉପନୀତ ହେଲେ,ନିଜର ସବୁ ସମ୍ପତି କୁ ଭାଗ କରି ପୁତ୍ର ମାନଙ୍କ ମଧ୍ୟ ରେ ବାଣ୍ଟି ଦେବା କୁ ମନସ୍ଥ କଲେ।ଭଦ୍ର ଲୋକ ଙ୍କ ସାମ୍ନା ରେ ଧନ ରତ୍ନ ସବୁ  ଚାରି ଭାଗ କରି ରଖାଗଲା।ଏହି ସମୟ ରେ ମା ଟି ବାଡ଼ି ପଟ କୁ ଯାଇ  ବାହୁନି ବାହୁନି କାନ୍ଦିଲେ ଓ ନାଗ ଛୁଆ ଙ୍କ ଉଦେଶ୍ୟ ରେ କହିଲେ ---ତୁ ଯଦି ଆଜି ମଣିଷ ଜନ୍ମ ପାଇଥାନ୍ତୁ ତେବେ ତୋ ନା ରେ ମଧ୍ୟ ଆଜି ସମ୍ପତି ଭାଗ ହେଇଥାନ୍ତା।ତୁ ମୋର ଜ୍ୟେଷ୍ଠ  ପୁତ୍ର ହୋଇ ମଧ୍ୟ ନାଗ ଜନ୍ମ ପାଇ ଥିବାରୁ କିଛି ବି ପାଇଲୁ ନାହିଁ।ମା ଙ୍କ ର କ୍ରନ୍ଦନ ଶୁଣି ନାଗ ପୁତ୍ର କୁଆଡେ ଥିଲା ପଳେଇ ଆସି ଯେଉଁ ଭାଗ ଟି ଜ୍ୟେଷ୍ଠ ପୁତ୍ର ନାମ ରେ କରାଯାଇଥିଲା ସେ ଭାଗ ଟି କୁ କୁଣ୍ଡଳୀ କରି ଠିଆ ହୋଇପଡିଲା।ଅନ୍ୟ ଭାଇ ମାନେ ଏସବୁ ଦେଖି ଭୟ ରେ ଛିନ୍ନଛତର ହୋଇ ଦୌଡ଼ି ପଳେଇଲେ।(ପୂର୍ବରୁ ମୁ କହିଥିଲି ପୂର୍ବ ପୁରୁଷ ମାନେ ବହୁତ ଧନୀ ଥିଲେ ତେଣୁ ସୁନା,ରୁପା ,ଅଳଙ୍କାର ସବୁ ଗଦା କରି ରଖି ଭାଗ କରାଯାଇଥିଲା।)ଶେଷରେ ଭାଇ ମାନେ ନାଗ ଭ୍ରାତା । ଶେଷରେ ଭାଇ ମାନେ ନାଗ ଭ୍ରାତା ଙ୍କୁ କହିଲେ--ଏ ଜନ୍ମ ରେ ତ ଭାଇ ତୁମେ ଏ ସବୁ ଭୋଗ କରିପାରିବ ନାହିଁ ତେଣୁ ଆମେ ତୁମ ଭାଗ ର ସମସ୍ତ ସମ୍ପତି କୁ ହାଣ୍ଡି ରେ ପୋତି ରଖି ଦେଉଛୁ ଏବଂ ତୁମେ ଯେବେ ମଣିଷ ଜନ୍ମ ପାଇବ ସେତେବେଳେ ଏ ସମ୍ପତି ଭୋଗ କରିବ।

ଭାଇ ମାନେ ସେମାନଙ୍କ କଥା ଅନୁସାରେ ସାତ ଟି ହାଣ୍ଡି ରେ

ସବୁ ସୁନା ରୁପା ରଖି ପୋତି ଦେଲେ ଘର ମଝିରେ।ନାଗ ପୁତ୍ର ମଧ୍ୟ ସେ ଜାଗା ଛାଡି ପୂର୍ବ ଜାଗା କୁ ଚାଲିଗଲେ।କାଳ କ୍ରମେ ସମୟ ଅତିକ୍ରାନ୍ତ ହେଲା।ତାଙ୍କ ପର ଠାରୁ ପୁରୁଷ ପୁରୁଷ ଧରି ଏହି ବଂଶ ର ଲୋକ ମାନେ ଅଷ୍ଟ କଳା ନାଗ ଙ୍କୁ ଘର ଇଷ୍ଟ ଭାବେ ପୂଜା କରି ଆସିଲେ।

ଧୀରେ ଧୀରେ ଏହି ସତ୍ୟ ଘଟଣା ଟି କାହାଣୀ ରେ ପରିଣତ ହେଲା।କେହି କେହି କଥା ଟିକୁ ଗପ ଭାବି ହସି ଉଡେଇଲେ ମଧ

ସେତେବେଳ କୁ ଅଜା ଙ୍କ ର ଯୁବକ ସମୟ ।ଅଜା ଙ୍କ ର ଥିଲେ ୩ ଭାଇ,ଅଜା ଙ୍କ ର ବାପା ଘର ତିଆରି କରିବା ପାଇଁ ମନସ୍ଥ କଲେ,ଅଜା ଙ୍କ ର ଅନ୍ୟ ଦୁଇ ଭାଇ ଏହି କାହାଣୀ ର ସତ୍ୟତା ପରୀକ୍ଷା କରିବା ପାଇଁ ଗୃହ ମଝିରେ ଖୋଳିବା ପାଇଁ ମନସ୍ଥ କଲେ।ପୁରା ଘର ଖୋଳ ହେଲା।କାରଣ କାହାଣୀ ରେ ବର୍ଣ୍ଣିତ ଅଛି ଯେ ପ୍ରଥମେ ଗୋଟେ ଚଟାଣ ଅଛି ଓ ତା ତଳେ ହାଣ୍ଡି ଗୁଡିକ ଧାଡି ରେ ପୋତା ହେଇଅଛି।ବହୁତ ଖୋଳିଲା ପରେ ଚଟାଣ ଟି ବାହାରିଲା ଓ ତା ପରେ ହାଣ୍ଡି ଗୁଡିକ ମଧ।ହାଣ୍ଡି କୁ ଖୋଲି  ଦେଖିଲା ବେଳକୁ ଦେଖାଗଲା ସେଥିରେ ମୁଣ୍ଡା ମୁଣ୍ଡା ଅଙ୍ଗାର ଭର୍ତ୍ତି ହୋଇଅଛି।ଯେହେତୁ ନାଗ ଦେବତା ଙ୍କ ଭାଇ ମାନେ କହିଥିଲେ ନାଗ ପୁତ୍ର ମଣିଷ ଜନ୍ମ ପାଇଲା ପରେ ହିଁ ସମ୍ପତି ଭୋଗ କରିପାରିବ ତେଣୁ ୩ ଭାଇ ଯାକ ଅଙ୍ଗାର ଗୁଡିକୁ ଛୁଇଁ ଦେଖିଲେ କାଳେ ସେମାନଙ୍କ ମଧରୁ କିଏ ନାଗ ପୁତ୍ର ହୋଇଥିବ,ଅଙ୍ଗାର ଗୁଡିକୁ ଛୁଇଁଲେ ସୁନା ମୁଣ୍ଡା ରେ ପରିଣତ ହେବ କିନ୍ତୁ ସେପରି କିଛି ହୋଇନଥିଲା।

ତେଣୁ ହାଣ୍ଡି ଗୁଡିକୁ ଯେମିତି ଥିଲା ସେମିତି ରଖି ମାଟିରେ ପୋତି ଦେଇ ତା ଉପରେ ଗୃହ ନିର୍ମାଣ କରିଦେଲେ।କାହାଣୀ ର ସତ୍ୟତା ଉପଲବ୍ଧି କରିଥିଲେ ସେମାନେ।କାଳ କ୍ରମେ ଅଜା ମଧ ଚାଲିଗଲେ ଆରପାରିକୁ।ତାଙ୍କ ଭାଇ ମାନେ ମଧ ଚାଲିଗଲେ।ମାମୁଁ ମାନେ ସମସ୍ତେ ଉଚ୍ଚ ପଦବୀ ରେ ଥିବାରୁ ଗାଁ ଘର କୁ ବିକ୍ରି କରି ସହର ରେ ରହିବ କୁ ମନସ୍ଥ କଲେ।ଗୃହ ବିକ୍ରି କରିବା ଦିନ ଦେଖିଲେ ବାଡିପଟ ଘର କାନ୍ଥ।
ଦେଖିଲେ ବାଡିପଟ ଘର କାନ୍ଥ ର କାଠ ରେ ଝୁଲୁଛି ନାଗ ସାପ।ଶତଚେଷ୍ଟା ପରେ ମଧ ସାପ ଟି ନ ଯିବା ରୁ ବାଧ ହୋଇ କେଳା କୁ ଡାକି ସାପ କୁ ହସ୍ତାନ୍ତର କରି ଗୃହ ବିକ୍ରି କରି ଯେ ଯାହାର ଭାଗ ନେଇ ସହର କୁ ପ୍ରତ୍ୟାବର୍ତ୍ତନ କଲେ।

ଏହି ଘଟଣା ର ପ୍ରାୟ ୨୦ ବର୍ଷ ପରେ

ଦିନେ ହଟାତ ମୋ ସାନ ଭଉଣୀ କୁ ସ୍ୱପ୍ନ ହେଲା ----ଗୋଟେ ନାଗ ସାପ ପୁରା ଦୁର୍ବଳ ଶରୀର ଫଣା ଟେକି ପାରୁନି ବନ୍ଦୀ ହୋଇ ରହିଛି ଏବଂ ଆକୁଳ ରେ କହୁଛି ମୁ ଜନ୍ମ ନେବା କୁ ଚାହୁଁଛି ମତେ ମୁକ୍ତି ଦିଅ ।ସେତେବେଳେ କୁ ଭଉଣୀ ର କେରିଂ ଷ୍ଟେଜ ୭ ମାସ ଚାଲୁଛି ।ପ୍ରାୟ ସବୁଦିନେରାତିରେ ଏକା ପ୍ରକାର ସ୍ୱପ୍ନ ହେବାରୁ ବ୍ୟସ୍ତ ହୋଇପଡିଲେ ଭଉଣୀ,ଭିଣେଇ।ସମସ୍ତଙ୍କୁ କହିଲେ ବିଭିନ୍ନ ଲୋକ ବିଭିନ୍ନ ମତ ଦେଲେ ।କେହି କେହି ହସି ଉଡେଇଦେଲେ ।କିଛି ବି ସିଦ୍ଧାନ୍ତରେ ପହଞ୍ଚି ପାରିଲେ ନାହିଁ।ଶେଷରେ ଜଣେ ମନ୍ଦିର ପୂଜକ ପରାମର୍ଶ ଦେଲେ,ଯଦି ଗୟା ରେ ନାଗ ଦେବତା ଙ୍କ ର ଶ୍ରାଦ୍ଧ ଦିଆଯାଇପାରିବ ତେବେ ଯାଇ ସେ ମୁକ୍ତି ପାଇ ପାରିବେ।କିନ୍ତୁ ଏ ଶ୍ରାଦ୍ଧ ତାଙ୍କ ବଂଶ ର ଲୋକ ଦ୍ୱାରା ହି କରିବାକୁ ହେବ। ଇଏ ବି ଗୋଟେ ସମସ୍ୟା କିନ୍ତୁ ଅନୁରୋଧ ରକ୍ଷା କରି ମାମୁଁ ସ୍ୱପ୍ନ ର ସତ୍ୟତା ଉପଲବ୍ଧି କରି ଗୟା ଯାଇ ୧୦୮ ପୁରୁଷ ଙ୍କୁ ବିଧି ମତେ ଶ୍ରାଦ୍ଧ ଦେଲେ।ଏବଂ ସେ ଦିନ ଠାରୁ ଆଜି ଯାଏ ଆଉ କୌଣସି ସ୍ୱପ୍ନ କେହି ଦେଖିନାହାନ୍ତି।ବିଶ୍ୱାସ ନ ହେଲେ ବି କଥାଟି ସତ୍ୟ ଅଟେ ।।

# ଯଶୋଦା ଙ୍କ ଶୋକ...



ରୀନା ପରିଡ଼ା
ଛକଡିପୁର , ବିରିବାଡି ,ଖୋର୍ଦ୍ଧା

କାନ୍ଦି ନନ୍ଦରାଣୀ ବୋଲଇ ବାଣୀ
ଛାଡିଗଲୁ କାହିଁ ମୁରଲୀପାଣି
ଯେବେ ବିହି ତୋତେ ମୋ କୋଳେ ଦେଲା ଆଣି |
କ୍ଷୀରପାନ ଦେଲି ବକ୍ଷ ଚିରିଦେଇ
ତୋ ପାଇଁ ରେ ଜୀବଧନ
ଗଲା ଦିନୁ ଗଲୁ କହି
ଆସିବୁ ରହି ତୁ ଚାରିଦିନ |
ଘର କଲୁ ଯାଇ ମଥୁରାପୁରେ
ତୋ ବିନୁ ମନ ଲାଗୁନାହିଁ କେଉଁଥିରେ
ଜୀବଧନ ମୋ କୃଷ୍ଣ ରେ |
ତୋର ପିତା ନନ୍ଦ କରୁଥିଲେ ନାହିଁ
ମଥୁରା କୁ ଯିବା ପାଇଁ
ନ ମାନି କଥା ତୁ ସେହି କ୍ଷଣି
ବସିଲୁ ରଥରେ ଯାଇ |
ପଛକୁ ଅନାଇ ଟିକେ ଚାହିଁଲୁନି
ଚିନ୍ତାରେ ତନୁ ମୋ କ୍ଷୀଣ
ଛାଇ ମୋର ଥିଲୁ ତୁହି
ନ ଦେଖିଲା ତତେ ମୋ ନୟନ |
ଝୁରୁଝୁରୁ ଦିନ ସରୁନାହିଁ ମୋର
କହିବି କାହା ଆଗର
ଯେବେ ଛାଡିଚାଲିଗଲୁ ତୁ ମୋ ଶରୀର |

କେତେ ନିଷ୍ଠୁର ହୃଦୟ ତୋହର
ନିମିଷକେ କଲୁ ଅନ୍ତର |
ନୀରୀମାଖି ମୋର ଏଇ ଦୁଇ ଆଖି
ଝୁରେ ନିତିଦିନ ଅବା ସଞ୍ଜସକାଳ
ଚାହିଁ ଚାହିଁ ଆଖି ଗଲା ଲାଖି
ଟାଣପଣ ହେଲା ଚୂର୍ଣ୍ଣ |
ଥବୀର କାଳରେ ମୋର
ଅନ୍ତର ହେଲୁରେ କୃଷ୍ଣ ମୋର
ରହିବ କି ତୋ ବିନୁ ଏ ଶରୀର |
ଦିନେ ନ ଦେଖିଲେ ତୋତେରେ କୃଷ୍ଣ
ବରଷକ ଯେହ୍ନେ ଲାଗଇ ପୂର୍ଣ୍ଣ |
ଦୂତ ପଠାଇ କଂସ ରାଜନ
ନେଲା ତୋତେ ଯୋଉ ଦିନ
ନିଶି ଦିବସରେ ଲୋତକ ଝରେ ମୋ ନୟନ
ଦାରୁଣ ଦୁଃଖ କି ଦେଲୁରେ କୃଷ୍ଣ |
ରାମକୃଷ୍ଣ ବେନି ଭାଇ

ରହିଲ ମଧୁପୁରେ ଯାଇ
ମୋ ପିଣ୍ଡୁ ପ୍ରାଣକୁ କାଢିଦେଇ ।
ନ ଶୁଭଇ ତୋତେ ମୋ ରୋଦନ
ନ ଦିଶଇ ମୋ ଲୋତକୁ ନୟନ ।
କେମନ୍ତେ ବଞ୍ଚିବି ରେ ଧନ
କହ ତୁ ମତେ ବୁଝାଇ ରେ କୃଷ୍ଣ ।

ମହ୍ଲାର



ଧନ୍ୟବାଦ